# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ମାର୍ଚ୍ଚ ୯/୨୦୨୧ (୧୬ ପୃଷ୍ଠା) | Dhenkanal, Tuesday, March 9/2021 | ★★★★★

୧୭ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସ୍ୱର୍ଣ୍ଣ ଜିତିଲେ ସ୍ୱସ୍ତି**

ନଭି ମୁମ୍ବାଇରେ ଅନୁଷ୍ଠିତ ଜାତୀୟ ସିନିୟର ରୋଡ୍ ସାଇକ୍ଲି ଚାମ୍ପିୟନଶିପ୍‌ର ମହିଳା ୬୦ କିମି ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ୧୬

୧୪ **ଏଲିଙ୍କ ସହ ରୋମାନ୍ସ କରିବେ ଆମିର**

ବଲିଉଡ୍ ଅଭିନେତା ଆମିର ଖାନ୍ ଏଥର ଅଭିନେତ୍ରୀ ଏଲି ଆବ୍ରମଙ୍କ ସହ ରୋମାନ୍ସ କରିବାକୁ ଯାଉଛନ୍ତି। ଏନେଇ ଏଲି ବହୁତ ଖୁସି।



# ନିଆଁ ନିୟନ୍ତ୍ରଣ ପାଇଁ ଟାସ୍କଫୋର୍ସ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ରାଜ୍ୟବ୍ୟାପୀ ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବା କାର୍ଯ୍ୟରେ ଓଡ୍ରାଫ୍‌କୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟରେ ବନାଗ୍ନି ପରିଚାଳନା ପାଇଁ ୯ ଜଣିଆ ଟାସ୍କଫୋର୍ସ ଗଠନ କରାଯାଇଥିବା

- ଅଗ୍ନି ନିର୍ବାପନରେ ସାମିଲ ହେବ ଓଡ୍ରାଫ୍
- ପ୍ରତିଦିନ ସନ୍ଧ୍ୟା ୬ଟା ସୁଦ୍ଧା ରିପୋର୍ଟ ଦେବେ ଡିଏଫ୍ଓ
- କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ସାମିଲ କରାଯାଇ ନାହିଁ

ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବତନ ପ୍ରଧାନ ବନ ସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ ଟାସ୍କଫୋର୍ସର ଅଧ୍ୟକ୍ଷ ରହିଥିବା ବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ☞ପୃଷ୍ଠା-୪

# ‘ବିଶ୍ୱ ଆନ୍ଦୋଳନରେ ପରିଣତ ହେବ ମିଶନ ଶକ୍ତି’

ଭୁବନେଶ୍ୱର, ୮।୩(ବ୍ୟୁରୋ)

ମିଶନ ଶକ୍ତି ଏକ ବଡ଼ ସାମାଜିକ ଓ ଅର୍ଥନୈତିକ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଗାଁ ଅର୍ଥନୀତିକୁ ଚଳ ଚଞ୍ଚଳ କରିପାରିଛି। ମିଶନ ଶକ୍ତି କେବଳ ଦେଶରେ ନୁହେଁ, ସାରା ବିଶ୍ୱରେ ସବୁଠାରୁ ବଡ଼ ଆନ୍ଦୋଳନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

ସୋମବାର ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ କହିଛନ୍ତି, ୨୦୦୧ ମାର୍ଚ୍ଚ ୮ ତାରିଖରେ ଲାଗିଥିବା ଗୋଟିଏ ଚାରା ଆଜି ମହାଦ୍ରୁମରେ ପରିଣତ ହୋଇଛି। ୮୦ ଲକ୍ଷ ମା’ମାନଙ୍କ ଆଶାର ବୃକ୍ଷ ହୋଇପାରିଛି। ଏହି ମହାଦ୍ରୁମର ପ୍ରତିଟି ପତ୍ରରେ ରହିଛି ଗୋଟିଏ ଗୋଟିଏ ସଫଳ କାହାଣୀ। ସେହି କାହାଣୀ ହେଉଛି ଆମର ମିଶନ ଶକ୍ତି। ମିଶନ ଶକ୍ତିର ଏ ସଫଳତା ଅଧିକରୁ ଅଧିକ ମା’ମାନଙ୍କୁ ପ୍ରେରଣା ଦେବ। ଏହା ଖୁବ୍‌ଶୀଘ୍ର ୧ କୋଟି ମହିଳାଙ୍କ ଏକ ବିରାଟ ଆନ୍ଦୋଳନରେ ପରିଣତ ହେବ। ଓଡ଼ିଶାରେ ଘରେ ଘରେ ସଶକ୍ତ ଓଡ଼ିଶାର ବାର୍ତ୍ତା ଦେବ। ମିଶନ ଶକ୍ତି ସ୍ୱତନ୍ତ୍ର ବିଭାଗ ନିଷ୍ପତ୍ତିକୁ ମା’ମାନେ ସ୍ୱାଗତ

**ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**



କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍‌ର ଆହ୍ୱାନ ବେଳେ ମା’ମାନେ ହିଁ ସରକାରଙ୍କ ମୁଖ୍ୟ ସହଯୋଗୀ ହୋଇ ମହାମାରୀ ମୁକାବିଲାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମିଶନ ଶକ୍ତିର ମା’ମାନଙ୍କ ଠାରୁ ଆରମ୍ଭ କରି ଅଙ୍ଗନୱାଡି, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ସବୁଠାରୁ ଅଧିକ ଦାୟିତ୍ୱର ସହ କାମ କରିଛନ୍ତି। ପରିବାରକୁ ସଚେତନ ମଧ୍ୟ କରିଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାର ସବୁବେଳେ ମିଶନ ଶକ୍ତିର ମା’ମାନଙ୍କ ପାଇଁ ନିଷ୍ଠାର ସହ କାମ କରୁଛନ୍ତି। ସେମାନଙ୍କ ☞ପୃଷ୍ଠା-୧୩





ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ ଅଞ୍ଚଳରେ ଲାଗିଥିବା ନିଆଁ।

- କିଛି ସ୍ଥାନରେ ଲୋକେ ଲଗାଇଛନ୍ତି: ଜଙ୍ଗଲ ମନ୍ତ୍ରୀ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ଶିମିଳିପାଳର ୧,୪୨୮ ସ୍ଥାନରେ ନିଆଁ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ଓ ଲିଭାଇବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଆମ ରାଜ୍ୟରେ ସାଧାରଣତଃ ପ୍ରତ୍ୟେକ ବର୍ଷ ଫେବୃୟାରୀ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ‘ଅଗ୍ନି ଋତୁ’ ବୋଲି ବିବେଚନା କରାଯାଇଥାଏ। ବିଗତ କିଛିଦିନ ହେବ ଶିମିଳିପାଳ ସମେତ ରାଜ୍ୟର ବିଭିନ୍ନ ଜିଲାର ଜଙ୍ଗଲରେ ନିଆଁ ଲାଗିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଗତ ୩୦ ଦିନ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ମୋଟ ୧,୪୨୮ ସ୍ଥାନ ତଥା ଫାୟାର ପଏଣ୍ଟରେ ନିଆଁ ଲାଗିଥିଲା। ଏ ସମସ୍ତ ଫାୟାର ପଏଣ୍ଟକୁ ଲିଭାଇବା ପାଇଁ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ଉଚ୍ଚ ତାପମାତ୍ରା ସହ ଶୁଖିଲା ପାଗ ଯୋଗୁ ଏହି ଜଙ୍ଗଲରେ ନିଆଁ ଲାଗିବା ବୃଦ୍ଧି ପାଇଛି। କେତେକ ସ୍ଥାନରେ ଖଳପ୍ରକୃତିର ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ଜଙ୍ଗଲରେ ନିଆଁ ଲଗାଉଥିବା ନଜରକୁ ଆସିଛି। ସେମାନଙ୍କୁ ତୁରନ୍ତ ☞ପୃଷ୍ଠା-୪

# ସୌମେନ୍ଦ୍ର ନୂଆ ପୋଲିସ କମିଶନର

## ବରିଷ୍ଠ ଆଇପିଏସ୍ ଅଫିସରସ୍ତରରେ ଅଦଳବଦଳ

ଭୁବନେଶ୍ୱର,୮।୩(ବ୍ୟୁରୋ)


କଟକ-ଭୁବନେଶ୍ୱରର ପୋଲିସ କମିଶନର ହେଲେ ୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରାଯାଇଥିବାବେଳେ କ୍ରାଇମବ୍ରାଞ୍ଚ ଏଡିଜି ଭାବେ କାର୍ଯ୍ୟରତ ସୌମେନ୍ଦ୍ରଙ୍କୁ ନୂଆ ପଦ ମିଳିଛି। ତେବେ ଦେଢବର୍ଷ ଧରି ଟୁଇନ୍‌ସିଟି ପୋଲିସ କମିଶନର ଥିବା ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ସୁଧାଂଶୁ ଷଡଙ୍ଗୀଙ୍କୁ ବଦଳି କରାଯାଇ ପୂର୍ବ ସ୍ଥାନକୁ ଫେରାଇ ନିଆଯାଇଛି। ତାଙ୍କୁ ଓଡ଼ିଶା



ସୌମେନ୍ଦ୍ର ପ୍ରିୟଦର୍ଶୀ

- ପୂର୍ବ ସ୍ଥାନକୁ ଫେରିଲେ ସୁଧାଂଶୁ ଷଡ଼ଙ୍ଗୀ
- ଏମ୍. ଅକ୍ଷୟ ହେଲେ ଅଗ୍ନିଶମ ଡିଜି

ଷ୍ଟେଟ୍ ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି)ର ସିଏମ୍‌ଡି ଭାବେ ଅବସ୍ଥାପିତ କରାଯାଇଛି। ☞ପୃଷ୍ଠା-୪




## ଯୁକ୍ତ୨ ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଯୁକ୍ତ୨ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଫର୍ମ ପୂରଣର ଶେଷ ତାରିଖ ମାର୍ଚ୍ଚ ୩ ଥିବାବେଳେ ଅନେକ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଫର୍ମ ପୂରଣ ପାଇଁ ଆଉ ଦୁଇଦିନ ସମୟ ଦିଆଯାଇଛି। ଆସନ୍ତା ୯ ଓ ୧୦ ତାରିଖରେ ଛାତ୍ରୀଛାତ୍ରମାନେ ଫର୍ମ ଦାଖଲ କରିପାରିବେ। ଏଥିସହିତ ଏହି ଦୁଇଦିନ ମଧ୍ୟରେ ଫି’ ମଧ୍ୟ ଦାଖଲ କରିବାକୁ କୁହାଯାଇଛି। ତେବେ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ୩୫୦ଟଙ୍କା ଫାଇନ ଦେବାକୁ ପଡ଼ିବ। ସମସ୍ତ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ ଶିକ୍ଷାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ ବୋଲି ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଜିର ସମ୍ପାଦକୀୟ**

**ବନାଗ୍ନି**

ପାଣି ପାଇଁ ମହିଳାଙ୍କ ଚକାଜାମ୍ ........୫........

# କହୁଛନ୍ତି ନିୟନ୍ତ୍ରଣ ନାହିଁ, ଅଟକିଛି କେମିତି?



| ଦେଶ | ପେଟ୍ରୋଲ (ଲିଟର ପିଛା ଟଙ୍କାରେ) | ମୁଣ୍ଡ ପିଛା ଆୟ (ବାର୍ଷିକ ଟଙ୍କାରେ) |
| --- | --- | --- |
| ଭାରତ | ୯୩ | ୧.୫୫ ଲକ୍ଷ |
| ପାକିସ୍ତାନ | ୫୨ | ୧.୧୨ ଲକ୍ଷ |
| ନେପାଳ | ୬୮ | ୭୯ ହଜାର |
| ଆଫଗାନିସ୍ତାନ | ୪୪ | ୩୯ ହଜାର |
| ଆମେରିକା | ୫୮ | ୪୮ ଲକ୍ଷ |
| କାନାଡା | ୮୨ | ୩୪ ଲକ୍ଷ |
| ବ୍ରିଟେନ | ୧୨୬ | ୩୧ ଲକ୍ଷ |
| ଭେନେଜୁଏଲା | ୧.୪୬ | ୯.୫୩ ଲକ୍ଷ |

ଭୁବନେଶ୍ୱର/ନୂଆଦିଲ୍ଲୀ, ୮।୩(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଲୋକଙ୍କ ପକେଟ ଖାଲି କରିବାରେ ଲାଗିଛି। ଅନେକ ରାଜ୍ୟରେ ପୋଟ୍ରୋଲ ଲିଟର ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଏହି ମୂଲ୍ୟ ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ବଢୁଛି। ଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦରଦାମ ମଧ୍ୟ ଆକାଶ ଛୁଉଁଛି। ତେବେ ଲଗାତର ବଢ଼ି ବଢ଼ି ଚାଲିଥିବା ତେଲ ଦରରେ ସପ୍ତାହେ ହେଲା ହଠାତ୍ ବ୍ରେକ୍ ଲାଗିଯାଇଛି। ଫେବୃୟାରୀ ୯ରୁ ୨୦ ପର୍ଯ୍ୟନ୍ତ କ୍ରମାଗତ ୧୨ ଦିନ ଧରି ଇନ୍ଧନ ମୂଲ୍ୟ ବୃଦ୍ଧି ପାଇ ରେକର୍ଡ ସୃଷ୍ଟି କରିଥିଲା। ଫେବୃୟାରୀ ୨୭ରେ ପେଟ୍ରୋଲ ଲିଟର ପିଛା ୨୪ ଓ ଡିଜେଲ ଉପରେ ୧୬ ପଇସା ବୃଦ୍ଧି ଘଟିଥିଲା। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ୯୧.୯୦ ଟଙ୍କା ଓ ଡିଜେଲ ୮୮.୬୮ ଟଙ୍କାରେ ପହଞ୍ଚିଲା। ସେବେଠୁ ସପ୍ତାହେ ହେଲା ତେଲ ଦର ଅପରିବର୍ତ୍ତିତ ରହିଛି। ଆଗକୁ ବଢ଼ୁନି କି ପଛକୁ ଘୁଞ୍ଚୁନାହିଁ। ଫେବୃୟାରୀ ୨୬ରେ ଭାରତର ନିର୍ବାଚନ କମିଶନ (ଇସିଆଇ) ୪ ରାଜ୍ୟ ପଶ୍ଚିମବଙ୍ଗ, ☞ପୃଷ୍ଠା-୪




## ୩୨ ଆତଙ୍କବାଦୀ ନିହତ

ଆଫଗାନିସ୍ତାନ ସେନା କାର୍ଯ୍ୟାନୁଷ୍ଠାନରେ ଗତ ୨୪ ଘଣ୍ଟାରେ ୩୨ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ, ଏୟାର ଷ୍ଟ୍ରାଇକ୍ ଯୋଗୁ ଆହୁରି ୨୩ ଆତଙ୍କବାଦୀ ଗୁରୁତର ହୋଇଛନ୍ତି। ଆଫଗାନ ଜାତୀୟ ପ୍ରତିରକ୍ଷା ଓ ସୁରକ୍ଷା ବଳ(ଏଏନ୍‌ଡିଏସ୍‌ଏଫ୍) ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ଭର୍ତ୍ତି ବାହନକୁ ନଷ୍ଟ କରିଛି। ଆର୍ମିର ଇଞ୍ଜିନିୟରିଂ ଟିମ୍ ପକ୍ଷରୁ ୫୦ ରାଉଣ୍ଡ ଲ୍ୟାଣ୍ଡମାଇନ ଓ ଆଇଇଡିକୁ ଅକାମୀ କରାଯାଇଛି।

### ସଂକ୍ଷେପରେ

## ହାଜତରେ ସ୍ୟୁ ଚୀଙ୍କ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ

**ନେପିତାଓ, ୮।୩:** ଅଙ୍ଗ ସାନ୍ ସ୍ୟୁ ଚୀଙ୍କୁ ମ୍ୟାନମାର ସେନା ସରକାରରୁ ହଟାଇବା ପରେ ଏହା ପ୍ରତିବାଦରେ ଦୀର୍ଘ ଦିନ ହେଲା ସେଠାରେ ବିକ୍ଷୋଭ ଜାରି ରହିଛି। ଏପରି ସ୍ଥିତିରେ ପୋଲିସ ହେପାଜତରେ ଥିବା ସ୍ୟୁ ଚୀଙ୍କ ଦଳର ଜଣେ କାର୍ଯ୍ୟକର୍ତ୍ତା ଖିନ ମଙ୍ଗ୍ ଲଟ୍‌ଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ମଙ୍ଗ୍ ପିନ୍ଧିଥିବା ପୋଷାକ ରକ୍ତରେ ଭିଜିଥିବା ଦେଖାଯାଇଥିଲା। ସରକାର ଭାଙ୍ଗିବା ପୂର୍ବରୁ ପାର୍ଲାମେଣ୍ଟର ସଦସ୍ୟ ଥିବା ସିଥୁ ମଙ୍ଗ୍ ଏକ ଫେସ୍‌ବୁକ ପୋଷ୍ଟରେ କହିଛନ୍ତି, ଖିନଙ୍କୁ ଗତ ଶନିବାର ରାତିରେ ୟାଙ୍ଗନରୁ ପୋଲିସ ଉଠାଇ ନେଇଥିଲା। ଅନ୍ୟପକ୍ଷରେ ମ୍ୟାନ୍‌ମାର ସେନା ପକ୍ଷରୁ ଆନ୍ଦୋଳନକାରୀଙ୍କ ଉପରେ ବର୍ବରତା ଜାରି ରହିଛି। ସେନା କାର୍ଯ୍ୟାନୁଷ୍ଠାନରେ ଏବେ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିସାରିଲାଣି।

## ରାମମନ୍ଦିର ଚାନ୍ଦା ନ ଦେବାରୁ ଚାକିରି ଗଲା

**ବାଲିଆ (ୟୁପି),୮।୩:** ଅଯୋଧାରେ ରାମମନ୍ଦିର ନିର୍ମାଣ ଲାଗି ଉତ୍ତରପ୍ରଦେଶର ଜଣେ ଶିକ୍ଷକ ଚାନ୍ଦା ଦେବାକୁ ମନା କରିବାରୁ ତାଙ୍କ ଚାକିରି ଯାଇଛି। ଯଶୱନ୍ତ ପ୍ରତାପ ସିଂ ବାଲିଆ ଜିଲାର ଜଗଦୀଶପୁରଠାରେ ଥିବା ଆର୍‌ଏସ୍‌ଏସ୍ ପରିଚାଳିତ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକତା କରୁଥିଲେ। ରାମମନ୍ଦିର ନିର୍ମାଣ ଲାଗି ଚାନ୍ଦା ସଂଗ୍ରହ କରିବାକୁ ତାଙ୍କୁ ଏକ ରସିଦ୍ ବହି ଦିଆଯାଇଥିଲା। ସେ ୮୦,୦୦୦ ଟଙ୍କା ସଂଗ୍ରହ କରି ଜମା ଦେଇଥିଲେ। ଆର୍‌ଏସ୍‌ଏସ୍‌ର ଜିଲା ପ୍ରଚାରକ ସତ୍ୟେନ୍ଦ୍ର ଶିଶୁମନ୍ଦିରକୁ ଆସିଥିବାବେଳେ ହଜାରେ ଟଙ୍କା ଚାନ୍ଦା ଦେବା ପାଇଁ ଯଶୱନ୍ତଙ୍କ ଉପରେ ଚାପ ପକାଇଥିଲେ। ସେ ଦେବାକୁ ମନା କରିବାରୁ ସ୍କୁଲ୍ କର୍ତ୍ତୃପକ୍ଷ ତାଙ୍କୁ ଶିଶୁମନ୍ଦିରରୁ ବାହାର କରିଦେଇଥିଲେ। ତାଙ୍କର ୮ ମାସର ବେତନ ସ୍ଥଗିତ ରଖାଯାଇଥିବା ଯଶୱନ୍ତ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଯଶୱନ୍ତ ସ୍ୱଇଚ୍ଛାରେ ଇସ୍ତଫା ଦେଇଥିବା ସ୍କୁଲ୍ ପ୍ରିନ୍ସିପାଲ କହିଛନ୍ତି।



## ଶିକ୍ଷକଙ୍କୁ ବିବାହ କଲେ ସ୍କଟ୍

**ୱାଶିଂଟନ୍, ୮।୩:** ଇ-କମର୍ସ କମ୍ପାନୀ ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ପୂର୍ବତନ ସ୍ତ୍ରୀ ମାକେଞ୍ଜି ସ୍କଟ୍ ମାରିସ୍(୫୦) ପୁଣି ବିବାହ କରିଛନ୍ତି। ୫୩.୫ ବିଲିୟନ ଡଲାର ସମ୍ପତ୍ତି ଥିବା ବିଶ୍ୱର ୨୨ତମ ଧନୀ ସ୍କଟ୍ ବିଜ୍ଞାନ ଶିକ୍ଷକ ଡେନ୍ ଜିଓ୍ୱେଟଙ୍କ ହାତ ଧରିଛନ୍ତି। ଡେନ୍ ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତାଙ୍କ ସମ୍ପତ୍ତିର ଅଧିକାଂଶ ଭାଗ ଚ୍ୟାରିଟିକୁ ଦାନ କରିଦେବାକୁ ପୂର୍ବରୁ ସ୍କଟ୍ ଘୋଷଣା କରିଥିଲେ। ୨୦୧୯ରେ ସ୍କଟ୍ ଓ ବେଜୋସ୍‌ଙ୍କ ଛାଡ଼ପତ୍ର ହୋଇଥିଲା। ଗତ ବର୍ଷ ସ୍କଟ୍ ପ୍ରାୟ ୬ ବିଲିୟନ ଡଲାର ଦାନ କରି ଚର୍ଚ୍ଚାକୁ ଆସିଥିଲେ।

## ଛଟେଇ ହେଉଛନ୍ତି ଗର୍ଭବତୀ

ୱାଶିଂଟନ୍, ୮।୩

କରୋନା ମହାମାରୀ ଯୋଗୁ ଅନେକ ଦେଶରେ ଲିଙ୍ଗଗତ ଅସମାନତା ବୃଦ୍ଧି ପାଇଛି। ମହିଳା ହିଂସା ବଢ଼ିବା ସହ ମାତ୍ର ୩ ଚତୁର୍ଥାଂଶ ମହିଳାଙ୍କ ପାଖରେ ଆଇନଗତ ଅଧିକାର ରହିଛି ବୋଲି ବିଶ୍ୱ ବ୍ୟାଙ୍କର ପ୍ରମୁଖ ଅର୍ଥନୀତିଜ୍ଞ କାର୍‌ମେନ ରେନହାର୍ଟ କହିଛନ୍ତି। ପ୍ରାୟ ୪୦ରୁ ଅଧିକ ଦେଶରେ ଗର୍ଭବତୀ ହେବା କାରଣରୁ ମହିଳା ଛଟେଇର ସମ୍ମୁଖୀନ ହେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। କୋଭିଡ୍-୧୯ ପରଠାରୁ ଏହି ସମସ୍ୟା ବଢ଼ିଛି। ଏଥିସହ କରୋନା ଯୋଗୁ ଚଳିତ ଦଶକରେ ନାବାଳିକା ବିବାହ ସଂଖ୍ୟା ବୃଦ୍ଧି ପାଇ ୧ କୋଟିରୁ ଅଧିକ ହୋଇପାରେ ବୋଲି ୟୁନିସେଫ୍ ଏକ ରିପୋର୍ଟ ପ୍ରକାଶ କରିଛି।



# ପାର୍ଲାମେଣ୍ଟରେ ତେଲ ତାତି

ନୂଆଦିଲ୍ଲୀ,୮।୩ (ପି.ଟି.)

### ଉଭୟ ଗୃହ ମୁଲତବୀ

ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଥିବାବେଳେ ତୈଳ ଓ ରନ୍ଧନ ଗ୍ୟାସ୍ ଦର ବାରମ୍ବାର ବୃଦ୍ଧିକୁ ନେଇ ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ପୂର୍ବାହ୍ନରେ ରାଜ୍ୟ ସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳଗୁଡ଼ିକ କ୍ରମାଗତ ତୈଳ ଦର ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଉପରେ ଆଲୋଚନା ଦାବି କରିଥିଲେ। ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇଥିବାବେଳେ ଭାରତରେ କ୍ରମାଗତ ଭାବେ ଦର ବଢ଼ିଚାଲିଛି। ତେଣୁ ଗୃହର ସମସ୍ତ କାର୍ଯ୍ୟକୁ ବନ୍ଦ ରଖି କେବଳ ତୈଳ ଓ ଗ୍ୟାସ୍ ଦର ସମ୍ପର୍କରେ ଆଲୋଚନା କରିବାକୁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ନୋଟିସ ଦେଇଥିଲେ। ପେଟ୍ରୋଲ ଦର ୧୦୦ ଟଙ୍କା ପାଖାପାଖି ହୋଇଥିବାବେଳେ ଡିଜେଲ ୮୦ ଟଙ୍କାରୁ



ମଲ୍ଲିକାର୍ଜୁନ ଖାର୍ଗେ

ଅଧିକ ରହିଛି। ଏଲ୍‌ପିଜି ଦର ମଧ୍ୟ ବୃଦ୍ଧି ପାଇଛି। ୨୦୧୪ ପରେ ପେଟ୍ରୋଲ ଦର ପାଖାପାଖି ୮୨୦ ପ୍ରତିଶତ ବଢ଼ିଥିବାବେଳେ ଏହା ଉପରେ ଉତ୍ପାଦ ଶୁଳ୍କ ୨୫୮ ପ୍ରତିଶତ ବୃଦ୍ଧି ପାଇଥିବା ଖାର୍ଗେ କହିଥିଲେ। ତୈଳ ଦର ବୃଦ୍ଧି ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ତେଣୁ ସବୁ କାର୍ଯ୍ୟକୁ ବନ୍ଦ ରଖି ତୈଳ ଦର ପ୍ରସଙ୍ଗରେ ଆଲୋଚନା ହେଉ ବୋଲି ଖାର୍ଗେ ଦାବି କରିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଏହାକୁ ଗ୍ରହଣ ନ କରିବାରୁ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଉପଯୁକ୍ତ ବିଲ୍ ଆଲୋଚନା ବେଳେ ତୈଳ ଦର ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଭେଙ୍କାୟା କହିଥିଲେ। ପ୍ରବଳ ହଟ୍ଟଗୋଳ ମଧ୍ୟରେ ଗୃହ କାର୍ଯ୍ୟ ଚାଲି ନ ପାରିବାରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଥିଲା। ୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ବନ୍ଦନା ଚଭନ ରାଜ୍ୟ ସଭାକୁ ୧୫ ମିନିଟ ଲେଖାଏ ଦୁଇଥର ଓ ପରେ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଲୋକ ସଭାରେ ମଧ୍ୟ ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା। ଅପରାହ୍ନ ୪ଟାରେ ଲୋକ ସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ତେଲ ଦର ବୃଦ୍ଧି ବିରୋଧରେ ସରକାରଙ୍କୁ ଘେରିଥିଲେ। ଗୃହକାର୍ଯ୍ୟ ଚାଲି ନ ପାରିବାରୁ ବାଚସ୍ପତି ପ୍ରଥମେ ୫ଟା ପର୍ଯ୍ୟନ୍ତ, ଏହା ପରେ ରାତି ୭ଟା ପର୍ଯ୍ୟନ୍ତ ଏବଂ ଶେଷରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁତଲବୀ ଘୋଷଣା କରିଥିଲେ।

## ନିର୍ବାଚନ ପୂର୍ବରୁ ଶେଷ ହୋଇପାରେ ଅଧିବେଶନ

ନୂଆଦିଲ୍ଲୀ,୮।୩ (ପି.ଟି.)

### ଆଜିଠୁ ପୂର୍ବାହ୍ନ ୧୧ରୁ ଗୃହ କାର୍ଯ୍ୟ



ପାର୍ଲାମେଣ୍ଟର ବଜେଟ ଅଧିବେଶନ କାଟଛାଣ୍ଟ ହୋଇପାରେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମାର୍ଚ୍ଚ ୨୭ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଅଧିବେଶନ ଶେଷ ହୋଇପାରେ ବୋଲି ଜଣାପଡ଼ିଛି। ମଙ୍ଗଳବାରଠାରୁ ଉଭୟ ଗୃହ ସ୍ୱାଭାବିକ ଭାବେ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୮ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବାକୁ ପୂର୍ବରୁ ସ୍ଥିର ହୋଇଥିଲା। ତେବେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ କାଟଛାଣ୍ଟ କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏସମ୍ପର୍କରେ ଗୃହରେ ବିଭିନ୍ନ ଦଳର ନେତାମାନଙ୍କ ସହ ଆଲୋଚନା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି।

କରୋନା ମହାମାରୀ କାରଣରୁ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ମୌସୁମୀ ଅଧିବେଶନଠାରୁ ଲୋକ ସଭା ଓ ରାଜ୍ୟ ସଭା ଅଧିବେଶନ ଅଲଗା ଅଲଗା ଶିଫ୍ଟରେ ହେଉଥିଲା। ଏଥର ଶୀତ ଅଧିବେଶନ ଡକାଯାଇ ନ ଥିଲା। ମଙ୍ଗଳବାରଠାରୁ ଏମ୍‌ପିମାନଙ୍କୁ କୋଭିଡ୍ ଟିକା ଦିଆଯିବାକୁ ଥିବାବେଳେ ଗୃହ କାର୍ଯ୍ୟସମୟ ସ୍ୱାଭାବିକ କରିବା ଲାଗି ସୋମବାର ନିଷ୍ପତ୍ତି ନିଆଯାଇଛି।

# ଦେଶ ମୋଦିଙ୍କ ନାମରେ ହେବା ଦୂର ନୁହେଁ

କୋଲକାତା,୮।୩ (ପି.ଟି.)

ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଥ୍ୟା ଓ ଗୁଜବ ପ୍ରସାର କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏଥର ସମସ୍ତ ୨୯୪ ଆସନରେ ଲଢ଼େଇ ଦିଦି ବନାମ ଭାଜପା ହେବ ଏବଂ ସେ ତୃତୀୟ ଥର ପାଇଁ କ୍ଷମତାକୁ ଫେରିବେ ବୋଲି କହିଛନ୍ତି। ଷ୍ଟାଡିୟମକୁ ମୋଦି ନିଜ ନାମରେ ନାମିତ କରାଇଛନ୍ତି। କୋଭିଡ୍ ସାର୍ଟିଫିକେଟରେ ମୋଦିଙ୍କ ଫଟୋ ଛପାଯାଉଛି। ଦେଶକୁ ମୋଦି ଦିନେ ନିଜ ନାଁରେ ନାମିତ କରିଦେଇପାରନ୍ତି। ସେଦିନ ଆଉ ବେଶି ଦୂର ନୁହେଁ ବୋଲି ତୃଣମୂଳ କଂଗ୍ରେସ ଅଧକ୍ଷା କହିଛନ୍ତି। ଭାଜପା ନେତାମାନେ କେବଳ ନିର୍ବାଚନ



ମମତା ବାନାର୍ଜୀ

ସମୟରେ ଆସି ମିଥ୍ୟା ପ୍ରଚାର କରୁଛନ୍ତି। ମୋଦି ମହିଳା ସୁରକ୍ଷା ସମ୍ପର୍କରେ କହୁଛନ୍ତି। ଭାଜପା ଶାସିତ ରାଜ୍ୟରେ ମହିଳାଙ୍କ ସ୍ଥିତି କ'ଣ ବୋଲି ଅନ୍ତର୍ଜାତୀୟ ମହିଳା ଦିବସରେ ଉଦ୍‌ବୋଧନ ଦେଇ ମମତା ପ୍ରଶ୍ନ କରିଥିଲେ।

## ଭାଜପାରେ ୫ ଟିଏମ୍‌ସି ବିଧାୟକ

ନୂଆଦିଲ୍ଲୀ,୮।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସିର ୫ ଜଣ ବିଧାୟକ ସୋମବାର ଦଳ ତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ସେହି ବିଧାୟକମାନେ ହେଲେ ସୋନାଲି ଗୁହା, ଶୀତଲ ସର୍ଦ୍ଦାର, ଦିପେନ୍ଦୁ ବିଶ୍ୱାସ, ରବୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଏବଂ ଜତୁ ଲାହିରି। କୋଲକାତାରେ ଭାଜପା ପଶ୍ଚିମବଙ୍ଗ ସଭାପତି ଦିଲୀପ ଘୋଷ, ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଧରିଛନ୍ତି। ଏହା ବ୍ୟତୀତ ପୂର୍ବତନ ଟିଏମ୍‌ସି ନେତା ସରଳା ମୁର୍ମୁ ମଧ୍ୟ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ଟିଏମ୍‌ସି ଆଗାମୀ ନିର୍ବାଚନ ଲାଗି ସରଳାଙ୍କୁ ହବିବ୍‌ପୁର ଆସନରୁ ପ୍ରାର୍ଥୀ କରିବାର ୩ ଦିନ ପରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ଟିକେଟ ବାତିଲ କରିଦେଇଥିଲା। ଏଥିରେ କ୍ଷୁବ୍ଧ ହୋଇ ସରଳା ଭାଜପାରେ ଯୋଗଦେଇଛନ୍ତି। ୪ ଥର ବିଧାୟକ ଥିବା ସୋନାଲି ଏକଦା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଘନିଷ୍ଠ ଥିଲେ। ଏଥର ଟିଏମ୍‌ସି ଟିକେଟ ନ ପାଇବାରୁ ଭାଜପାରେ ଯୋଗଦେବା ପାଇଁ ଶନିବାର ଘୋଷଣା କରିଥିଲେ। ଅନୁରୂପ କାରଣରୁ ବରିଷ୍ଠ ନେତା ରବୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଏବଂ ଜତୁ ଲାହିରି ଟିଏମ୍‌ସି ଛାଡ଼ିଛନ୍ତି।



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପଞ୍ଜାବ ଓ ହରିୟାଣାର ମହିଳାମାନେ ଦିଲ୍ଲୀର ଟିକ୍ରି ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ୫୦% କୋଟା ସୀମାର ସମୀକ୍ଷା ହେବ

ନୂଆଦିଲ୍ଲୀ,୮।୩ (ଆଇଏଏନ୍‌ଏସ୍)



### ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବା ପାଇଁ ୧୯୯୨ରେ ସୁପ୍ରିମକୋର୍ଟର ୯ ଜଣିଆ ପୀଠ ରାୟ ଦେଇଥିଲେ। ପରବର୍ତ୍ତୀ ସାମ୍ବିଧାନିକ ସଂଶୋଧନ ଏବଂ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସଂରକ୍ଷଣ ସୀମାର ପୁନଃ ଅନୁଧ୍ୟାନ ହେବା ଆବଶ୍ୟକ ବୋଲି ସୋମବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। କେନ୍ଦ୍ର ସରକାରଙ୍କ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) କୋଟା ସଂଶୋଧନକୁ ଦୃଷ୍ଟିରେ ରଖି ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନୋଟିସ ଜାରି କରି ସେମାନଙ୍କର ମତାମତ ଲୋଡ଼ିଛନ୍ତି। ରାଜ୍ୟଗୁଡ଼ିକୁ ମତାମତ ରଖିବା ଲାଗି ସୁଯୋଗ ଦିଆଯାଇଥିବା ଖଣ୍ଡପୀଠର ଅନ୍ୟ ବିଚାରପତି ଏଲ୍. ନାଗେଶ୍ୱର ରାଓ, ଏସ୍. ଅବଦୁଲ ନାଜିର, ହେମନ୍ତ ଗୁପ୍ତା ଏବଂ ଏସ୍. ରବୀନ୍ଦ୍ର ଭଟ୍ଟ କହିଛନ୍ତି। ମରାଠା ସଂରକ୍ଷଣର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହି ପ୍ରସଙ୍ଗ କେବଳ ଗୋଟିଏ ଦେଶରେ ସୀମିତ ନାହିଁ। ତେଣୁ ଅନ୍ୟ ରାଜ୍ୟଗୁଡ଼ିକର ମତାମତ ଶୁଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ଖଣ୍ଡପୀଠ କହିଥିଲେ। ଇନ୍ଦ୍ର ସାହନିଙ୍କ ରାୟର ସମୀକ୍ଷା ପାଇଁ ଏହାକୁ ବୃହତ୍ତର ବେଞ୍ଚକୁ ପଠାଯିବା ସମ୍ଭାବନା ସମ୍ପର୍କରେ ଅଦାଲତ ବିଚାର କରିବେ। ମାର୍ଚ୍ଚ ୧୫ରୁ ଏହାର ଦୈନନ୍ଦିନ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

ମହାରାଷ୍ଟ୍ର ସରକାର ମରାଠାମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯଥାକ୍ରମେ ୧୨ ଏବଂ ୧୩ ପ୍ରତିଶତ ସଂରକ୍ଷଣକୁ ବମ୍ବେ ହାଇକୋର୍ଟ କାଏମ ରଖିବା ପରେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ମରିବାକୁ ଚାହୁଁଥିଲେ ମେଘାନ

**ଲସ୍ ଏଞ୍ଜେଲ୍ସ, ୮।୩:** ପ୍ରିନ୍ସ ହ୍ୟାରିଙ୍କୁ ବିବାହ କରି ବ୍ରିଟେନ ରାଜ ପରିବାରର ସଦସ୍ୟ ହେବା ପରେ ମେଘାନ ମର୍କେଲଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରିକି ଅନେକ ଥର ସେ ଆତ୍ମହତ୍ୟା କରିବାକୁ ଇଚ୍ଛା କରିଥିଲେ ବୋଲି ଆମେରିକାର ଏକ ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ସାକ୍ଷାତ୍‌କାରରେ କହିଛନ୍ତି। ରାଜ ପରିବାରରେ ବର୍ଣ୍ଣବୈଷମ୍ୟ ଭେଦଭାବ ଥିବା ସେ ପ୍ରକାଶ କରିଛନ୍ତି। ସେ ଗର୍ଭବତୀ ଥିବାବେଳେ ତାଙ୍କ ଶିଶୁଙ୍କ ରଙ୍ଗ କିପରି ହେବ ସେ ନେଇ ପ୍ରଶ୍ନ କରାଯାଉଥିଲା। ଶୋ' ଉପସ୍ଥାପକ ଓପ୍ରାହ୍ ୱିନଫ୍ରିଙ୍କୁ ପ୍ରିନ୍ସ ହ୍ୟାରି ଓ ମେଘାନ ଦେଇଥିବା ସାକ୍ଷାତ୍‌କାରରେ ଅନେକ କଥା ସାମ୍ନାକୁ ଆସିଛି।

ମେଘାନ କହିଛନ୍ତି, ତାଙ୍କୁ ରାଜ ପରିବାର ବିଷୟରେ ସେତିକି ଜଣାଥିଲା ଯେତିକି ହ୍ୟାରି ତାଙ୍କୁ ଜଣାଇଥିଲେ। ଲୋକଙ୍କ ଜାଣତରେ ଏହା ପରୀମାନଙ୍କ ଦୁନିଆ। କିନ୍ତୁ ସତ ଏହାଠାରୁ ବହୁ ଦୂରରେ। ମହାରାଣୀଙ୍କୁ ବ୍ୟକ୍ତିଗତ ଭାବେ ଦେଖା କରିବାକୁ ହେଲେ ମଧ୍ୟ ଔପଚାରିକତା ମାନିବାକୁ ପଡୁଥିଲା। ହ୍ୟାରିଙ୍କ ସହ ବିଧିବଦ୍ଧ ବିବାହର ୩ ଦିନ ପୂର୍ବରୁ ମେଘାନ ତାଙ୍କୁ ବାହା ହୋଇସାରିଥିଲେ ବୋଲି କହିଛନ୍ତି। ପ୍ୟାଲେସରେ ତାଙ୍କୁ ବନ୍ଦୀ ଭଳି ଜୀବନ କାଟିବାକୁ ପଡୁଥିଲା। କୌଣସି କାମ ଥିଲେ ମଧ୍ୟ ସେ ବାହାରକୁ ଯାଇପାରୁ ନ ଥିଲେ। ମନପସନ୍ଦର କାମ କରିବାକୁ ମନା କରାଯାଉଥିବାରୁ ଏକଲାପଣ ବଢ଼ିବାରେ ଲାଗିଥିଲା। ବାରମ୍ବାର ଆତ୍ମହତ୍ୟା କଥା ମନକୁ ଆସିବାରୁ ଏ ବାବଦରେ ମେଘାନ ପ୍ୟାଲେସର ମାନବ ସମ୍ବଳ ବିଭାଗର ସହାୟତା ମାଗିଥିଲେ। କିନ୍ତୁ ସେଠାରୁ ତାଙ୍କୁ କୌଣସି ସାହାଯ୍ୟ ମିଳି ନ ଥିଲା। ଗର୍ଭବତୀ ହେବା ପରେ ପ୍ରିନ୍ସଙ୍କ ପଦବୀ ଅପେକ୍ଷା ତାଙ୍କ ପୁଅର ସୁରକ୍ଷା ଚିନ୍ତା ତାଙ୍କୁ ଘାରିଥିଲା। ପ୍ରିନ୍ସ ହ୍ୟାରି ଓ ମେଘାନଙ୍କ ପୁଅ ଆର୍ଚ୍ଚୀଙ୍କୁ ପ୍ରିନ୍ସ ଉପାଧି ମିଳି ନ ଥିଲା। ଉପାଧି ଲୋଭ ନୁହେଁ ବରଂ ସୁରକ୍ଷା ଦୃଷ୍ଟିରୁ ଆର୍ଚ୍ଚୀଙ୍କୁ ପ୍ରିନ୍ସ ଆଖ୍ୟା ଦିଆଯିବା ଦରକାର ଥିଲା ବୋଲି ମେଘାନ କହିଛନ୍ତି। ରାଜ ପରିବାରରୁ ଅଲଗା ହେବା ପରେ ପୁଅଙ୍କୁ ସୁରକ୍ଷା ଯୋଗାଯିବ ନାହିଁ ବୋଲି ମେଘାନ ଚିନ୍ତିତ ଥିଲେ।

ହ୍ୟାରି ଓ ମେଘାନ ୨୦୧୮ରେ ୱିଣ୍ଡସର ପ୍ୟାଲେସ୍‌ରେ ବିବାହ କରିଥିଲେ। ୨୦୧୯ରେ ତାଙ୍କ ପୁଅ ଆର୍ଚ୍ଚୀ ଜନ୍ମ ହୋଇଥିଲା। ୨୦୨୦ ଜୁଲାଇରେ ମେଘାନଙ୍କ ଗର୍ଭପାତ ହୋଇଥିବା ଜଣାପଡିଥିଲା। ଏହି ଦମ୍ପତି ଏବେ ରାଜ ପରିବାର ଛାଡ଼ି ଆମେରିକାରେ ରହୁଛନ୍ତି। ଗତ ବର୍ଷ ପ୍ରାରମ୍ଭରେ ହ୍ୟାରି ତାଙ୍କ ସ୍ତ୍ରୀଙ୍କ ସହ ରାଜ ପରିବାରର ବରିଷ୍ଠ ସଦସ୍ୟ ପଦରୁ ସ୍ୱତଃ ବାହାରିଯିବା ଏବଂ ଅଲଗା ରହିବା ନେଇ ଘୋଷଣା କରିଥିଲେ।



### ସାକ୍ଷାତ୍‌କାରରେ ମୁହଁ ଖୋଲିଲେ

- ରାଜ ପରିବାରରେ ବର୍ଣ୍ଣବୈଷମ୍ୟତା
- ଜନ୍ମ ପୂର୍ବରୁ ଶିଶୁର ରଙ୍ଗକୁ ନେଇ ପ୍ରଶ୍ନ ଉଠିଥିଲା
- ବନ୍ଦୀ ଜୀବନ କାଟିବାକୁ ପଡୁଥିଲା
- ପ୍ରିନ୍ସ ଆଖ୍ୟାରୁ ଆର୍ଚ୍ଚୀ ବାଦ୍

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୭୫,୯୩,୧୪୩ | ୨୬,୦୭,୮୨୪ | ୯,୩୦,୮୬,୬୪୧ |
| ଭାରତ | ୧,୧୨,୪୪,୦୯୧ | ୧,୫୭,୯୬୪ | ୧,୦୮,୯୬,୯୭୫ |
| ଓଡ଼ିଶା | ୩,୩୭,୮୦୩ | ୧୯୧୭(+୫୩) | ୩,୩୫,୧୬୮ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ମା’ମାନଙ୍କଠାରେ ନେତୃତ୍ୱର ଚମକ ରହିଛି’


ବିଜେଡି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ।

■ ବିଜେଡି କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

■ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଧନ୍ୟବାଦ ପ୍ରସ୍ତାବ ଆଣିଲା ବିଜୁ ମହିଳା ଜନତା ଦଳ

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ମା’ ମାନେ ହେଉଛନ୍ତି ଜନ୍ମରୁ ନେତା। ଯିଏ ଘର ଓ ପିଲାଙ୍କ ଦାୟିତ୍ୱ ଠିକ୍ ଭାବେ ନେଇପାରୁଛି, ଦେଶ ଓ ସମାଜର ଦାୟିତ୍ୱ ନେବାରେ ତା’ ପାଇଁ କିଛି ଅସୁବିଧା ନାହିଁ। ପ୍ରତ୍ୟେକ ମା’ଙ୍କ ନିକଟରେ ନେତୃତ୍ୱର ଚମକ ରହିଛି। ଆମକୁ ତାଙ୍କ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବାକୁ ହେବ। ଦେଶ ବିକାଶରେ ଏହି ଶକ୍ତିକୁ ବିନିଯୋଗ କରିବାକୁ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଜେଡି କାର୍ଯ୍ୟାଳୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମା’ମାନଙ୍କ ପାଇଁ ବିଧାନସଭା ଓ ପାର୍ଲାମେଣ୍ଟରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ସକାଶେ ବିଜେଡି ଦାବି କରିଆସୁଛି। ଏହି ଦାବି ବିଷୟରେ ସାରା ଦେଶର ମା’ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଆସୁଛୁ। ଗତ ନିର୍ବାଚନରେ ବିଜେଡି ୩୩ ପ୍ରତିଶତ ସିଟ୍‌ରେ ମା’ମାନଙ୍କୁ ଟିକେଟ ଦେଇଥିଲା। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ବିନା ସୁଧରେ ଋଣ ହେଉ କିମ୍ବା ୫ ହଜାର କୋଟି ଟଙ୍କାର ସରକାରୀ କାମ, ମା’ମାନଙ୍କ ପାଇଁ ୭ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା, ସେମାନଙ୍କ କଲ୍ୟାଣ ପାଇଁ ଜମି ଅଧିକାର, ସମ୍ପତ୍ତି ଅଧିକାର, ରାଶନ କାର୍ଡ, ଝିଅମାନଙ୍କ ପଢିବା ପାଇଁ ବୃତ୍ତି, ହଷ୍ଟେଲ, କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ ଆଦି ଅନେକ କାର୍ଯ୍ୟକ୍ରମ କରାଯାଉଛି। ସେମାନଙ୍କ କଲ୍ୟାଣ ଓ ଅଧିକାର ପାଇଁ ବିଜୁ ଜନତା ଦଳର ଲଢେଇ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିର ସବୁ କାର୍ଯ୍ୟକ୍ରମରେ ମା’ମାନେ ହିଁ ଫୋକସରେ ରହିଛନ୍ତି। ୯୦ ଦଶକରେ ମା’ମାନଙ୍କ ଅଧିକାର ପାଇଁ ବିଜୁବାବୁ ସାରା ଦେଶରେ ଏକ ଐତିହାସିକ ପଦକ୍ଷେପ ନେଇଥିଲେ। ତାକୁ ଆମେ ଆହୁରି ଆଗକୁ ନେଇ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡିକରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଛୁ। ମା’ମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ବିଜୁ ଜନତା ଦଳ ସମର୍ପିତ ହୋଇ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ତରଫରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୪ଟି ଧନ୍ୟବାଦ ପ୍ରସ୍ତାବ ସର୍ବସମ୍ମତି କ୍ରମେ ପାରିତ ହୋଇଛି।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳାମାନଙ୍କ ବିକାଶ, ଉନ୍ନତି, ପ୍ରଗତି, ସାମାଜିକ ନିରାପତ୍ତା, ଆର୍ଥିକ ସ୍ୱାବଲମ୍ବନତା, ରାଜନୈତିକ ସ୍ୱୀକୃତି ପ୍ରଦାନ ପୂର୍ବକ ପଞ୍ଚାୟତିରାଜ ଓ ପୌର ସଂସ୍ଥାରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଭାରତବର୍ଷରେ ଉଦାହରଣ ସୃଷ୍ଟି କରିଛନ୍ତି। ସେହିପରି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ନିମନ୍ତେ ଲୋକ ସଭା ଓ ବିଧାନସଭାରେ ସଂରକ୍ଷଣ ଦାବି ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ସ୍ୱରୂପ ୩୩ ପ୍ରତିଶତ ଆସନ ମହିଳାଙ୍କୁ ଲୋକ ସଭାରେ ପ୍ରଦାନ କରି ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ଭାରତବର୍ଷର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିଛନ୍ତି।

ମହିଳା ସଶକ୍ତୀକରଣ ଯାତ୍ରାକୁ ଆହୁରି ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ନାମରେ ନୂତନ ବିଭାଗ ଗଠନକୁ ମାନ୍ୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ତୃଣମୂଳ ସ୍ତରରୁ ମହିଳା ଓ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ବିଭାଗ ସେତୁ ଭଳି କାମ କରିବ।

ଓଡ଼ିଶାର ପ୍ରଗତିକୁ ଆହୁରି ଦ୍ୱିଗୁଣିତ କରି ସୁଦୂରପ୍ରସାରୀ କରିବା ପାଇଁ ୫-ଟି ଓ ଲୋକାୟୁକ୍ତ ଭଳି ଅନେକ ପ୍ରଶାସନିକ ସଂସ୍କାର ବ୍ୟବସ୍ଥା କରିଛନ୍ତି। ଦୁର୍ନୀତିକୁ ଜିରୋ ଟଲରାନ୍ସ ଓ ତଦନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଲାଞ୍ଚୁଆ ଅଫିସରମାନଙ୍କୁ ଚାକିରିରୁ ବିଦା କରି ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ନୂତନ ଦିଗ ଦେବାରେ ସଫଳ ହୋଇଛନ୍ତି। ସାଧାରଣ ଲୋକେ ସରକାରୀସେବାକୁ ହାତପାହାନ୍ତାରେ ପାଇ ପାରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନା ଓଡ଼ିଶାର ପରିଚୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିପାରିଛି। ବିଶ୍ୱବାସୀଙ୍କ ପାଖରେ ଓଡ଼ିଶା ମଡେଲ ରାଜ୍ୟର ଖ୍ୟାତି ଅର୍ଜନ କରିପାରିଛି। କୋଭିଡ୍-୧୯ ମହାମାରୀ ବିପର୍ଯ୍ୟୟର ପଦଧ୍ୱନି ଆଗରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାକ୍ ଆକଳନ ଜନସାଧାରଣଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବା ସହ ଏଥିପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରୋନା ମହାମାରୀକୁ ପ୍ରତିହତ କରି ପାରିଛି। ଓଡ଼ିଶାର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଜାତିସଂଘ ଦ୍ୱାରା ସମ୍ମାନିତ ହୋଇ ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି।

ସେହି ମହାନ୍ ଜନନାୟକ ସୁସ୍ଥ, ନିର୍ମଳ, ଭାବମୂର୍ତ୍ତିସମ୍ପନ୍ନ, ଦକ୍ଷ, ଓଡ଼ିଶାବାସୀଙ୍କ ହୃଦୟର ଅତି ପ୍ରିୟ ନେତା, ୫ଥର ସଫଳ ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶାର ଅଗଣିତ ଭଉଣୀମାନଙ୍କ ତରଫରୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ‘୨୧ ବର୍ଷରେ ମା, ଭଉଣୀଙ୍କୁ ସୁରକ୍ଷା ଦେବାରେ ବିଜେଡି ବିଫଳ’

**ଭୁବନେଶ୍ୱର,୮।୩(ବ୍ୟୁରୋ)**


ଅନ୍ତର୍ଜାତୀୟ ମହିଳା ଦିବସରେ ବିଜେଡି ବିରୋଧରେ ଭାଜପାର ଶୋଭାଯାତ୍ରା।

ଗତ ୨୧ବର୍ଷ ଶାସନ କାଳରେ ରାଜ୍ୟରେ କେତେଜଣ ମହିଳାଙ୍କ କୋଳ ଖାଲି ହୋଇଛି ଏବଂ କେତେ ନାବାଳିକା ବଳାତ୍କାର ଓ ହତ୍ୟାର ଶିକାର ହୋଇଛନ୍ତି। ଦାଦନ ଖଟିବାକୁ କେତେ ଲକ୍ଷ ଓଡ଼ିଆ ବାହାରକୁ ଯାଇଛନ୍ତି ଏବଂ ଏହି କାରଣରୁ କେତେ ମା’ଙ୍କ ଆଖିରୁ ଲୁହ ଝରୁଛି, ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ଦଳୀୟ ଆଧାରରେ ହୋଇଛି ନା ସାଧାରଣ ମହିଳାଙ୍କୁ ନେଇ ଗଠନ ହୋଇଛି, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ଲକ୍ଷ୍ୟ କେବଳ ଭୋଟବ୍ୟାଙ୍କ ନୁହେଁ କି ବୋଲି ଏମିତି କେତେକ ପ୍ରଶ୍ନ ପଚାରି ଶାସକ ବିଜେଡିକୁ ଭାଜପା ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଟାର୍ଗେଟ କରିଛନ୍ତି।

ଭାଜପା ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସରେ ସ୍ମୃତି କହିଛନ୍ତି, ଦୀର୍ଘ ୨୧ ବର୍ଷର ଶାସନ ପରେ ମଧ୍ୟ ବିଜେଡି ରାଜ୍ୟର ମା’ ଓ ଭଉଣୀଙ୍କୁ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହୋଇଛି। ତଥାପି ଓଡ଼ିଶା ମା’ ଓ ଭଉଣୀ ମାଗୁଛନ୍ତି ତାଙ୍କ ସମ୍ମାନ ଓ ସ୍ୱାଭିମାନ। ଏଭଳିଭାବେ ବସି ରହିଲେ ଆସନ୍ତା ଦିନରେ ବିଜେଡି ସରକାରକୁ ବଙ୍ଗୋପସାଗରରେ ଫୋପାଡ଼ିଦେବାକୁ ଜନସାଧାରଣ ପଛେଇବେ ନାହିଁ ବୋଲି ସ୍ମୃତି କହିଛନ୍ତି। ଅନ୍ୟପଟେ ମହାମାରୀ ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କୁ ଗୁରୁତ୍ୱ ଦେଇ ମାଗଣା ରୋଷେଇ ଗ୍ୟାସ୍ ବଣ୍ଟନ କରିଥିଲେ। ଏପରିକି ଚଳିତ ଆର୍ଥିକ ବର୍ଷ ବଜେଟରେ ମାଗଣ ଗ୍ୟାସ୍ ବଣ୍ଟନ ପାଇଁ ଅର୍ଥ ବରାଦ କରିଛନ୍ତି। ବିଶ୍ୱ ମହିଳା ଦିବସ ଅବସରରେ ମହିଳା ମୋର୍ଚ୍ଚା ତରଫରୁ ଏକ ପଦଯାତ୍ରା ରାଜ୍ୟ କାର୍ଯ୍ୟାଳୟରୁ ବାହାରି ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ଯାଇଥିଲା ଏହି ଅବସରରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି।

# ବିଶ୍ୱ ମହିଳା ଦିବସରେ କପଡ଼ା ବାନ୍ଧି କଂଗ୍ରେସର ପ୍ରତିବାଦ


ଲୋୟର ପିଏମ୍‌ଜିରେ ମୁହଁରେ କପଡ଼ା ବାନ୍ଧି ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ବିଶ୍ୱ ମହିଳା ଦିବସ ଅବସରରେ ସୋମବାର ଲୋୟର ପିଏମ୍‌ଜି ଠାରେ ମହିଳା କଂଗ୍ରେସ ପକ୍ଷରୁ କଳାଦିବସ ପାଳନ ସହ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ମହିଳା କଂଗ୍ରେସ କର୍ମୀ ମୁହଁରେ କଳା କପଡ଼ା ବାନ୍ଧି ପ୍ରତିବାଦ କରିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, କଂଗ୍ରେସ ସର୍ବଦା ମହିଳାମାନଙ୍କ ବିକାଶ ପାଇଁ କାର୍ଯ୍ୟ କରି ଆସିଛି। ମହିଳାଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଆରମ୍ଭକରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବାଚସ୍ପତି ପ୍ରଭୃତି ପଦବୀରେ କଂଗ୍ରେସ ମହିଳାମାନଙ୍କୁ ଅବସ୍ଥାପିତ କରିଛି। ବିଜେଡି ସରକାର ସର୍ବଦା ମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛି ବୋଲି ଡିଣ୍ଡିମ ପିଟୁଛି ଏବଂ ଗାଁକୁ କାମ- ମା’କୁ ସମ୍ମାନର ନାରା ଦେଇ ଚାଲିଛି। ଭାଜପା ସମର୍ଥିତ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ସବୁ କ୍ଷେତ୍ରରେ ବିଜେଡି ପାର୍ଲାମେଣ୍ଟରେ ସମର୍ଥନ କରି ଆସିଛି। ରାଜ୍ୟ ସରକାରଙ୍କର ଯଦି ଓଡ଼ିଶାର ମା’ଭଉଣୀଙ୍କ ପ୍ରତି ପ୍ରକୃତରେ ଦରଦ ଓ ଆନ୍ତରିକତା ଥାଏ ତେବେ ବିଜେଡି ପକ୍ଷରୁ ଭାଜପା ଉପରେ ଚାପ ପକାଇ ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍‌କୁ ପାରିତ କରିବାକୁ ଉଦ୍ୟମ କରନ୍ତୁ। ଏହି କଳାଦିବସ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଛନ୍ତି, ଦେଶ ଓ ରାଜ୍ୟରେ ବର୍ତ୍ତମାନ ମହିଳାମାନେ ଅସୁରକ୍ଷିତ। ନାରୀ ନିର୍ଯାତନା ବଢ଼ିଚାଲିଛି। ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ କଳାଦିବସ ପାଳନ କରାଯାଇଥିଲା।








Honda Motorcycle & Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

ଚିତ୍ରରେ ଦର୍ଶାଯାଇଥିବା ଉତ୍ପାଦ ବଜାରରେ ଉପଲବ୍ଧ ପ୍ରକୃତ ଉତ୍ପାଦଠାରୁ ଭିନ୍ନ ହୋଇପାରେ। ଚିତ୍ରରେ ଦର୍ଶାଯାଇଥିବା ଆସେସୋରିଜ ମାନଙ୍କ ଉପକରଣର ଏକ ଅଂଶ ନୁହେଁ। ସମସ୍ତ ଫିଚର୍ ସମସ୍ତ ଭାରିଆଣ୍ଟର ଅଂଶ ହୋଇନପାରେ। *ଆର୍ଥିକ ସହାୟତା ସ୍କିମ୍ ବ୍ୟବସ୍ଥା ଫାଇନାନ୍ସ କମ୍ପାନିର ନୀତି ଅନୁଯାୟୀ ହୋଇଥାଏ ଏବଂ ସେମାନଙ୍କର ନିଜସ୍ୱ ବିଚାର ଅନୁଯାୟୀ ପ୍ରାଧାନ୍ୟ ଦିଆଯାଉଥିବା ଆର୍ଥିକ ସହାୟତା ଅଂଶୀଦାରଙ୍କ ମାଧ୍ୟମରେ ଉପଲବ୍ଧ ହୋଇଥାଏ। ଆର୍ଥିକ ସହାୟତା ପ୍ରଦାନକାରୀଙ୍କ ନୀତି ଅନୁଯାୟୀ ବଛା ବଛା ପ୍ରୋଫାଇଲର ଗ୍ରାହକଙ୍କ ପାଇଁ ବଛା ବଛା ମଡେଲ୍ ଉପରେ ଆର୍ଥିକ ସହାୟତା ସ୍କିମ୍ ଉପଲବ୍ଧ ରହିଛି। କୌଣସି ଦୁଇଟି ଅଫର୍ ଏକାଠି କରାଯାଇପାରିବ ନାହିଁ। ସମସ୍ତ ସ୍କିମ୍ ସୀମିତ ଅବଧି ପାଇଁ ଉପଲବ୍ଧ ରହିଛି ଏବଂ ଏହା କୌଣସି ଆଗୁଆ ବିଜ୍ଞପ୍ତି ବ୍ୟତୀତ ବଜାରରୁ ପ୍ରତ୍ୟାହାର କରାଯାଇପାରେ। ^କାର୍ଡ EMI ଅଫର କେବଳ ପାଇନ ଲ୍ୟାବସ୍ POS ଉପରେ ବ୍ରାଣ୍ଡ EMI ର ସହ ଉପଲବ୍ଧ। ଅଫର ବ୍ୟାଙ୍କର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଉପଲବ୍ଧ ଏବଂ ପ୍ରତି କାର୍ଡ ଗୋଟିଏ ଥର। ପୂର୍ବ ସୂଚନା ବିନା ସ୍କିମ୍ ଫେରସ୍ତ ନିଆ ଯାଇପାରିବ। **ସର୍ତ୍ତାବଳୀ ଲାଗୁ। *SIAM ତଥ୍ୟ ଅନୁଯାୟୀ।

Honda Exclusive Authorized Dealerships: ANGUL: Laxmi Honda - 8908010431, 8908025000; TALCHER: Anupama Honda - 06760-242181, 7852930592; DHENKANAL: Ganpati Honda - 7852949320, 7852949310; Parjang Hari om Honda - 7381899927; ANANDPUR: Pritam Honda - 9437876766, 7504045272; PARJANG: Hari Omm Honda - 8917420998.

For Bulk/Institutional enquiries, please write us at: institutionalsales@honda2wheelersindia.com

**ଆଜିର ମନ୍ତବ୍ୟ**

"କଂଗ୍ରେସରେ ଥିଲେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମୁଖ୍ୟମନ୍ତ୍ରୀ ହୋଇପାରିଥାନ୍ତେ। ଏବେ ସେ ଭାଜପାର ଜଣେ ପଛଧାଡ଼ିର ନେତା।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରିଦ୍ଧି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ନିଆଁ ନିୟନ୍ତ୍ରଣ...

(ଭାରପ୍ରାପ୍ତ) ଜିତେନ୍ଦ୍ର କୁମାର ସଦସ୍ୟ ସଚିବ ଭାବେ କାର୍ଯ୍ୟ ତୁଲାଇବେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଶଶୀ ପଲ୍, ଡେରାଡୁନ୍ ସ୍ଥିତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ମହାନିର୍ଦ୍ଦେଶକ ପଙ୍କଜ ଅଗ୍ରୱାଲ, ଡେରାଡୁନସ୍ଥିତ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ଫରେଷ୍ଟ୍ରି ରିସର୍ଚ୍ଚ ଆଣ୍ଡ୍ ଏଜୁକେସନ ମହାନିର୍ଦ୍ଦେଶକଙ୍କ ପ୍ରତିନିଧି, ହାଇଦ୍ରାବାଦ ନ୍ୟାଶନାଲ ରିମୋଟ୍ ସେନ୍ସିଂ ସେଣ୍ଟରର ଜଙ୍ଗଲ ଓ ପରିବେଶ ବିଭାଗ ମୁଖ୍ୟ, ଓର୍‌ସାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ. ମଲ୍ଲିକ୍, ଓଡ଼ିଶା ଏନ୍‌ଭାଇରନ୍‌ମେଣ୍ଟ ସୋସାଇଟିର ସମ୍ପାଦକ ଜେ.କେ. ପାଣିଗ୍ରାହୀ ଓ ବାରିପଦାର ବିଜୟ ଅଗ୍ରୱାଲ ଏହାର ସଦସ୍ୟ ରହିଛନ୍ତି। ବନାଗ୍ନି ଘଟଣାବଳୀ, ଏଗୁଡ଼ିକର କାରଣ ଓ ତୁରନ୍ତ ଅଗ୍ନିନିର୍ବାପନର ସମୀକ୍ଷା, ପ୍ରଚଳିତ ଥିବା ଅଗ୍ନିନିର୍ବାପକ ପ୍ରୋଟୋକଲ ଓ ଜିଓମାଟ୍ରିକ୍ସ ଆଧାରିତ ଅଗ୍ନି ସୂଚନା ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଉପରେ ଟାସ୍କଫୋର୍ସ ପ୍ରସ୍ତାବ ଦେବ। ସେହିପରି ବନାଗ୍ନି ପରିଚାଳନା ଓ ପ୍ରତିରୋଧ କ୍ଷେତ୍ରରେ ଅଧିକରୁ ଅଧିକ ଗୋଷ୍ଠୀ ସମ୍ପୃକ୍ତି ପାଇଁ ପ୍ରସ୍ତାବ, ପ୍ରଭାବିତ ଅଞ୍ଚଳରେ ବନ୍ୟପ୍ରାଣୀ ଓ ଜୈବ ବିବିଧତାରେ କ୍ଷୟକ୍ଷତି ଆକଳନ ଓ ଏହି ସମସ୍ୟାର ସମୁଚିତ ସମାଧାନ ପାଇଁ ପ୍ରସ୍ତାବ ଦେବା ଟାସ୍କଫୋର୍ସର ମୁଖ୍ୟ କାର୍ଯ୍ୟ ହେବ ବୋଲି ମନ୍ତ୍ରୀ ଆରୁଖ ସୂଚନା ଦେଇଛନ୍ତି। ସେହିପରି ଜଙ୍ଗଲ ନିଆଁ ସ୍ଥିତି ସମ୍ପର୍କରେ ଡିଏଫ୍‌ଓମାନେ ପ୍ରତିଦିନ ସନ୍ଧ୍ୟା ୬ଟା ସୁଦ୍ଧା ରିପୋର୍ଟ ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଟାସ୍କଫୋର୍ସ ଗଠନକୁ ନେଇ ଉଠିଲାଣି ଅନେକ ପ୍ରଶ୍ନ। ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ସମସ୍ତଙ୍କୁ ଭୁଆଁ ବୁଲାଇବା ପାଇଁ ରାଜ୍ୟ ସରକାର ଏଭଳି ଏକ ପ୍ରହସନ କରିଛନ୍ତି। କ୍ଷେତ୍ରକୁ ଯାଇ କାର୍ଯ୍ୟ କରୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞ କିମ୍ବା ପରିବେଶବିତ୍‌ଙ୍କୁ ସାମିଲ କରାଯାଇ ନାହିଁ। ମୁଖ୍ୟତଃ ଆଦିବାସୀଙ୍କ ପାଇଁ ଯେଉଁ ସଂସ୍ଥା କାର୍ଯ୍ୟ କରୁଛି, ସେମାନଙ୍କୁ ଏଥିରେ ସାମିଲ କରିବାର ଆବଶ୍ୟକ ରହିଥିଲା। କାରଣ ଜଙ୍ଗଲ ସହିତ ଆଦିବାସୀମାନେ ଜଡ଼ିତ ଥାଆନ୍ତି। ସେହି ସଂସ୍ଥା ସେମାନଙ୍କ ସମସ୍ୟା ଓ ସମାଧାନର ବାଟ ଫିଟାଇ ପାରିଥାନ୍ତେ। ସହରରେ ବସି ହ୍ୱାଟ୍ସଆପ୍‌ରେ କାର୍ଯ୍ୟ କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ଦ୍ୱାରା କୌଣସି ସମସ୍ୟାର ସମାଧାନ ହେବନାହିଁ। କେବଳ ପଦକ୍ଷେପ ନେଉଛୁ ବୋଲି ଭେଳିକି ଦେଖାଇବା ପାଇଁ ବିଭାଗ ଏକ କଭର ଅପରେଶନ କରିଛି। ପୂର୍ବରୁ ବନାଗ୍ନି ପରିଚାଳନା ପାଇଁ ହୋଇଥିବା ଏସ୍‌ଓପିକୁ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଯଦି ଏସ୍‌ଓପିକୁ ଠିକ୍‌ରେ କାର୍ଯ୍ୟ କରାଯିବ ତା'ହେଲେ ଏହି ଟାସ୍କଫୋର୍ସର କିଛି ଆବଶ୍ୟକ ନାହିଁ ବୋଲ ବିଶ୍ୱଜିତ୍ କହିଛନ୍ତି।

ବନ ବିଭାଗର ସୂଚନାନୁସାରେ, ବନାଗ୍ନି ନିରାକରଣ ଓ ପରିଚାଳନା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଏସ୍‌ଓପି ଗତ ୩ବର୍ଷରେ ପ୍ରଭାବଶାଳୀ ଭାବେ ବନାଗ୍ନି ସଂଖ୍ୟା ହ୍ରାସ ଘଟାଇବାରେ ସକ୍ଷମ ହୋଇଛି। ୨୦୧୭ରେ ୩୬,୮୨୭ ସଂଖ୍ୟକ ବନାଗ୍ନି ଘଟଣା ଦୃଷ୍ଟିଗୋଚର ହୋଇଥିବାବେଳେ ୨୦୧୮ରେ ୩୧,୬୮୩, ୨୦୧୯ରେ ୧୯,୬୮୭ ଏବଂ ୨୦୨୦ରେ ୧୧,୦୮୮ ଘଟଣା ନଜରକୁ ଆସିଥିଲା। ରାଜ୍ୟରେ ଏବେ ଉଚ୍ଚସ୍ତରୀୟ ତଦାରଖ ମାଧ୍ୟମରେ ୬ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଜଙ୍ଗଲ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ବନାଗ୍ନି ତଦାରଖ ସେଲ୍ କାର୍ଯ୍ୟ କରୁଛି। ବରିଷ୍ଠ ଅଧବକାରୀମାନେ ଘଟଣାସ୍ଥଳରେ ବନାଗ୍ନି ଘଟଣା ଉପରେ ନଜର ରଖିଛନ୍ତି। ଏହାବ୍ୟତୀତ ୧୩,୫୦୦ରୁ ଅଧିକ ବନ ସୁରକ୍ଷା ସମିତି, ଯୁଗ୍ମ ବନ ପରିଚାଳନା କମିଟି, ଇଡିସିକୁ ବନାଗ୍ନି ପ୍ରତିରୋଧ ଏବଂ ନିର୍ବାପନ କାର୍ଯ୍ୟରେ ସଂଶ୍ଳିଷ୍ଟ କରାଯିବା ଉପର ଗୁରୁତ୍ୱ ଦିଆଯାଉଛି।

## ଶିମିଳିପାଳର ୧,୪୨୮...

ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ସୁଦ୍ଧା ଶିମିଳିପାଳ ଅଞ୍ଚଳରେ ୧,୧୭୫ ଜଣ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇ ନିଆଁକୁ ଆୟତ୍ତ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ୨୯୫ ଅଗ୍ନିନିର୍ବାପନ ଯନ୍ତ୍ର ଯୋଗାଇ ଦିଆଯାଇଛି। ୩୦୦ ସ୍ଥାନରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରି ସଚେତନତା ସୃଷ୍ଟି କରାଯାଉଛି। ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଅଗ୍ନି ରୋକିବା ଏବଂ ଏହାକୁ ବ୍ୟାପିବାକୁ ନ ଦେବା ଉଦ୍ଦେଶ୍ୟରେ ୩,୫୯୧ କିଲୋମିଟର ଫାୟାର ଲାଇନ୍ ସୃଷ୍ଟି କରାଯାଇଛି ଏବଂ ୪୦ଟି ନିଆଁ ଲିଭା ଗାଡ଼ି ବ୍ୟବହାର କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ 'ଅଗ୍ନି ଋତୁ' ଆରମ୍ଭ ହେବା ପୂର୍ବରୁ ଅଗ୍ନି ନିୟନ୍ତ୍ରଣ ପାଇଁ ଶିମିଳିପାଳ ଅଞ୍ଚଳରେ ୨ କୋଟି ୧୪ ଲକ୍ଷ ଟଙ୍କା ଦିଆଯାଇଛି। ଗତ ୩ତାରିଖ ଦିନ ଅତିରିକ୍ତ ମ୍ୟାନ୍ ପାୱାର ଓ ଯନ୍ତ୍ରାଦି ପାଇଁ ୧୪ ଲକ୍ଷ ଟଙ୍କା ଦିଆଯାଇଛି। ଅଗ୍ନି ନିର୍ବାପନ ପାଇଁ ସମୁଦାୟ ୨ କୋଟି ୨୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୭ ଜଣ ସହ ବନ ସଂରକ୍ଷକ (ଏସିଏଫ୍)ଙ୍କୁ ଏଥିପାଇଁ ଶିମିଳିପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି।

ଶିମିଳିପାଳ ଜଙ୍ଗଲରେ ନିଆଁ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ବାହାର ଜଙ୍ଗଲରେ ନିଆଁ ସୀମିତ ରହିଛି। ତେଣୁ କୋର୍ ଅଞ୍ଚଳରେ ବନ୍ୟଜନ୍ତୁ ଏହାଦ୍ୱାରା ପ୍ରଭାବିତ ହୋଇପାରି ନାହାନ୍ତି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## କହୁଛନ୍ତି ନିୟନ୍ତ୍ରଣ ନାହିଁ,...

ତାମିଲନାଡୁ, ଆସାମ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ। ସମ୍ଭବତଃ ଏଇଥିପାଇଁ ତେଲ ଦର ବଢୁନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଲ ଉପରେ ଆମ ନିୟନ୍ତ୍ରଣ ନାହିଁ ବୋଲି କେନ୍ଦ୍ର ସରକାର ଯେତେ ସଫେଇ ଦେଲେ ମଧ୍ୟ ତାହା ବିଶ୍ୱାସଯୋଗ୍ୟ ନ ହେବା ପଛରେ ଥିବା କାରଣଟି ଏହିପରି। ୨୦୨୦ ବିହାର ବିଧାନସଭା ନିର୍ବାଚନ ବେଳେ ସେପ୍ଟେମ୍ବର ୨୨ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ତେଲ ଦର ବଢ଼ି ନ ଥିଲା। ୨୦୨୦ ଦିଲ୍ଲୀ ବିଧାନସଭା ଭୋଟ ସମୟରେ ଜାନୁୟାରୀ ୧ରେ ପେଟ୍ରୋଲ ଲିଟର ୭୫.୧୪ ଟଙ୍କା ଥିଲା, ଯାହାକି ୧୧ ତାରିଖରେ ୭୧.୯୪ ଟଙ୍କାକୁ ଖସିଯାଇଥିଲା। ଏହା ପୂର୍ବରୁ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ବେଳେ ନଭେମ୍ବର ୩୦ରେ ପେଟ୍ରୋଲ ଲିଟର ପିଛା ୭୪.୮୬ ଟଙ୍କାରେ ବିକ୍ରି ହେଉଥିଲା। ଡିସେମ୍ବର ୨୫ ବେଳକୁ ଏହା ୭୪.୬୩ ଟଙ୍କାକୁ ହ୍ରାସ ପାଇଥିଲା। ସେହିବର୍ଷ ଅକ୍ଟୋବର ୨ରୁ ୨୫ ତାରିଖ ମଧ୍ୟରେ ପେଟ୍ରୋଲ ୭୪.୬୧ ଟଙ୍କାରୁ ୭୩.୦୬ ଟଙ୍କାକୁ ହ୍ରାସ ପାଇବା ପଛରେ ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନକୁ କାରଣ ଭାବେ ଦେଖାଯାଇଥିଲା। ୨୦୧୯ରେ ସାଧାରଣ ନିର୍ବାଚନ ହୋଇଥିଲା। ସେହି ସମୟରେ ଏପ୍ରିଲ ୬ ତାରିଖରେ ପେଟ୍ରୋଲ ଲିଟର ୭୨.୯୧ ଟଙ୍କା ଥିବାବେଳେ ମେ' ୨୨ ବେଳକୁ ଏହା ୭୧.୧୭ ଟଙ୍କାକୁ ଖସିଯାଇଥିଲା। ତେଣୁ ନିର୍ବାଚନ ବେଳେ ତେଲ ଦର ନ ବଢ଼ିବା ଆକସ୍ମିକ ସଂଯୋଗ ନା କେନ୍ଦ୍ର ସରକାର ଭାଜପାକୁ ଫାଇଦା ଦେବା ପାଇଁ ଜାଣିଶୁଣି ଏପରି କରାଉଛନ୍ତି ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ।

୨୦୨୧ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ବେଳେ ଦିଲ୍ଲୀ ସୀମାରେ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀମାନଙ୍କୁ ଖୁସି କରିବାକୁ ଯାଇ କୃଷି ଭିତ୍ତିଭୂମି ଓ ବିକାଶ ସେସ୍ (ଏଆଇଡିସି) ଘୋଷଣା କରିଥିଲେ। ପେଟ୍ରୋଲ ଉପରେ ୨.୫ ଟଙ୍କା ଓ ଡିଜେଲ ଉପରେ ୪ ଟଙ୍କା ଲାଗୁ କରି ସରକାର ଯୁକ୍ତି ବାଢ଼ିଥିଲେ ଯେ ଉପଭୋକ୍ତାଙ୍କ ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ। ତୈଳ ବିପଣନ କମ୍ପାନୀଗୁଡ଼ିକ ସହ କଥା ହୋଇ ଆମେ ତା'ର ବ୍ୟବସ୍ଥା କରିବୁ। ସେତେବେଳେ ଦିଲ୍ଲୀରେ ପେଟ୍ରୋଲ ଲିଟର ୮୬.୩୦ ଓ ଡିଜେଲ ୭୬.୪୮ ଟଙ୍କା ଥିଲା, ଯାହାକି ବର୍ତ୍ତମାନ ଯଥାକ୍ରମେ ୯୧.୧୭ ଏବଂ ୮୧.୪୭ ଛୁଇଁଛି। ମୁମ୍ବାଇରେ ଉଭୟ ଇନ୍ଧନ ୯୭.୫୭ ଏବଂ ୮୮.୬୦ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ଏପ୍ରିଲ ୨୯ରେ ବିଧାନସଭା ନିର୍ବାଚନ ଶେଷ ହେଉଥିବାରୁ ଏହି ସମୟ ମଧ୍ୟରେ ତେଲ ଦର ବୃଦ୍ଧି ଘଟି ନ ପାରେ ବୋଲି ସମୀକ୍ଷକମାନେ କହୁଛନ୍ତି।

ଅନ୍ୟପକ୍ଷେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ବା ଅଶୋଧିତ ତେଲର ମୂଲ୍ୟ ସାମ୍ପ୍ରତି ବଢୁଥିବାରୁ ପେଟ୍ରୋଲ ଓ ଡିଜେଲ ଆଗକୁ ଆହୁରି ମହଙ୍ଗା ହୋଇପାରେ। ଆକାଶଛୁଆଁ ତେଲ ଦରକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଅତିରିକ୍ତ ଟିକସ ତୁରନ୍ତ ହଟାନ୍ତୁ ବୋଲି ବିରୋଧୀ ଦାବି କରୁଛନ୍ତି। ଫଳରେ ମୋଦି ସରକାର ଉପରେ ଏକ୍ସାଇଜ୍ ଡ୍ୟୁଟି ବା ଉତ୍ପାଦ ଶୁଳ୍କ ପ୍ରତ୍ୟାହାର ଚାପ ବଢ଼ିବାରେ ଲାଗିଛି। ତେବେ ଅର୍ଥ ଓ ତୈଳ ମନ୍ତ୍ରଣାଳୟ ମଧ୍ୟରେ ଏନେଇ ଚାଲିଥିବା ବିଚାରବିମର୍ଶ ଉପରେ ସହମତି ପ୍ରକାଶ ପାଇପାରି ନାହିଁ। ଫଳରେ ଭାରତୀୟ ଉପଭୋକ୍ତାଙ୍କୁ ଏତେଶୀଘ୍ର ଆଶ୍ୱସ୍ତି ମିଳି ନ ପାରେ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୦.୪୪ ଡଲାର ରହିଛି। ଏହା ଆହୁରି ବଢ଼ିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସରକାରଙ୍କ ମତରେ ରାଜସ୍ୱ ସଂଗ୍ରହ ୧୪.୫% ହ୍ରାସ ପାଇଥିବାବେଳେ ଖର୍ଚ୍ଚ ୩୪.୫% ବଢ଼ିଛି। ଭାରତର ଋଣ-ମୋଟ ଘରୋଇ ଉତ୍ପାଦ(ଜିଡିପି) ଅନୁପାତ ୮୭%ରେ ଥିବାବେଳେ କେନ୍ଦ୍ର ଏକୁଟିଆ ଆଶ୍ୱସ୍ତି ଦେଇପାରିବ ନାହିଁ। ତେଣୁ ରାଜ୍ୟ ସରକାରମାନେ ଟିକସ ହ୍ରାସ କରିବା ଉଚିତ ବୋଲି କେନ୍ଦ୍ର କହୁଛି। ସେପଟେ ରାଜ୍ୟ ସରକାରମାନଙ୍କ ହାତ ମଧ୍ୟ ବାନ୍ଧି ହୋଇଯାଇଛି। ପ୍ରତି ୧୦୦ ଟଙ୍କା ତେଲ ଉପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ଡିଲର କମିଶନ ଯୋଡ଼ିଲେ ୬୫ ଟଙ୍କା ହେଉଛି। ଏଥିରୁ ୩୭ ଟଙ୍କା କେନ୍ଦ୍ର ପାଉଛି ଓ ୨୩ ଟଙ୍କା ଉପରେ ରାଜ୍ୟର ଅଧିକାର ରହିଛି। କରୋନା ଲକ୍‌ଡାଉନ୍ ସମୟରେ ଅନ୍ତର୍ଜାତୀୟ ବଜାରରେ ତେଲର ବେସିକ୍ ପ୍ରାଇସ୍ ଅତି ତଳକୁ (୨ ଦଶନ୍ଧିରେ ସର୍ବନିମ୍ନ) ଖସି ବ୍ୟାରେଲ ପିଛା ୨୦ ଡଲାରରେ ପହଞ୍ଚିଥିଲା। ସେତେବେଳେ ଲୋକେ ତେଲ ଦର କମିବ ବୋଲି ଆଶା କରିଥିଲେ। କିନ୍ତୁ ୨୦୨୦ ମାର୍ଚ୍ଚରୁ ମେ' ମାସ ମଧ୍ୟରେ କେନ୍ଦ୍ର ସରକାର ୨ଟି କିସ୍ତିରେ ପେଟ୍ରୋଲ ଉପରେ ୧୩ ଓ ଡିଜେଲ ଲିଟର ପିଛା ୧୬ ଟଙ୍କା ଉତ୍ପାଦ ଶୁଳ୍କ ବଢ଼ାଇଥିଲେ। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଶସ୍ତା ଥାଇ ମଧ୍ୟ ଭାରତରେ ବଢ଼ି ବଢ଼ି ଚାଲିଥିଲା। ଏବେ ମୂଳ ମୂଲ୍ୟରେ ୮୦% ବୃଦ୍ଧି ଘଟି ବ୍ୟାରେଲ ପ୍ରତି ୬୭ ଡଲାର ଉପରେ ଥିବାରୁ ତେଲ ମହଙ୍ଗା ହୋଇଛି।

### କିପରି ଶସ୍ତା ହୋଇପାରିବ

ପେଟ୍ରୋଲ, ଡିଜେଲ ମୂଲ୍ୟ ବୋଝ ହ୍ରାସ କରିବା ପାଇଁ ବିଶେଷଜ୍ଞମାନେ କେତେକ ଉପାୟ ବତାଇଛନ୍ତି। ପ୍ରଥମତଃ ତେଲ ଉପରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଉତ୍ପାଦ ଶୁଳ୍କ ହ୍ରାସ କରିବାକୁ ପଡ଼ିବ। ଦ୍ୱିତୀୟରେ ଏଲ୍‌ପିଜି ଭଳି ପେଟ୍ରୋଲ ଓ ଡିଜେଲରେ ସବ୍‌ସିଡି ଦିଆଯାଉ। ଅବଶ୍ୟ ଏଲପିଜି ଉପରେ ଦିଆଯାଉଥିବା ସବ୍‌ସିଡି ଅତି ନଗଣ୍ୟ ରହିଛି। ତୃତୀୟ ବିକଳ୍ପ ହେଉଛି ତେଲକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଅଧୀନକୁ ଅଣାଯାଉ। କିନ୍ତୁ ଏହା ଏକ ରାଜନୈତିକ ପ୍ରସଙ୍ଗ। କାରଣ ରାଜ୍ୟ ସରକାରମାନେ ଗୋଟିଏ ସର୍ତ୍ତରେ ଜିଏସ୍‌ଟି ବିଲ୍ ଉପରେ ରାଜି ହୋଇଥିଲେ। ତାହା ହେଉଛି ମଦ ଓ ତେଲକୁ ଜିଏସ୍‌ଟି ପରିସର ବାହାରେ ରଖାଯିବ। ୨୦୧୭ ଜୁଲାଇ ୧ରୁ ପ୍ରଚଳିତ ଜିଏସ୍‌ଟିର ୪ ସ୍ଲାବ୍ ମଧ୍ୟରୁ ସବୁଠୁ ଉଚ୍ଚ ହାର ହେଉଛି ୨୮%। ଏସ୍‌ବିଆଇ ଅର୍ଥନୀତିଜ୍ଞମାନଙ୍କ ମତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ କର ପ୍ରତ୍ୟାହାର କରି ତେଲ ଉପରେ ଜିଏସ୍‌ଟି ଲାଗୁ କରିବା ଉଚିତ। ଏପରି କରାଗଲେ ସାରା ଦେଶରେ ଇନ୍ଧନର ମୂଲ୍ୟ ସମାନ ରହିବ। ପେଟ୍ରୋଲ ୭୫ ଓ ଡିଜେଲ ୬୮ ଟଙ୍କାରେ ମିଳିପାରିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ କେବଳ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହାନି ହେବ, ଯାହାକି ଜିଡିପିର ୦.୪% । ଇତିମଧ୍ୟରେ ରାଜସ୍ଥାନ, ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀ ଓ ମେଘାଳୟ ତେଲ ଉପରୁ ମୂଲ୍ୟ ଯୁକ୍ତ ଟିକସ (ଭାଟ୍) କମାଇ ଲୋକଙ୍କୁ କିଛି କିଛି ଆଶ୍ୱସ୍ତି ଦେଇଛନ୍ତି। ରାଜସ୍ଥାନ ଜାନୁୟାରୀ ୨୯ରେ ଭାଟ୍‌କୁ ୩୮% ରୁ ୩୬% କରିଛି। ଆସାମ ଫେବୃୟାରୀ ୧୨ରେ ୫ ଟଙ୍କା ଟିକସ କମ୍ କରିଥିବାବେଳେ ମେଘାଳୟ ସବୁଠୁ ବେଶି ସୁବିଧା ଦେଇଛି। ସେଠାକାର ସରକାର ପେଟ୍ରୋଲ ଉପରେ ୭.୪୦ ଓ ଡିଜେଲ ଉପରେ ୭.୧୦ ଟଙ୍କା କମ୍ କରିଛନ୍ତି। ସଂଗୃହୀତ ଟିକସ ଅର୍ଥରୁ ବିକାଶ କାର୍ଯ୍ୟ କରାଯାଉଥିବାରୁ କେନ୍ଦ୍ର କିମ୍ବା ସବୁ ରାଜ୍ୟ ଏହାକୁ ହଟାଇ ପାରୁନାହାନ୍ତି। କେତେଜଣ ବିଶେଷଜ୍ଞଙ୍କ ମତ ହେଉଛି, ଭାରତ ତେଲ ପାଇଁ ନିଜସ୍ୱ ଷ୍ଟ୍ରାଟେଜିକ୍ ରିଜର୍ଭ ଭଣ୍ଡାର ବଢ଼ାଇବା ଉଚିତ। ବର୍ତ୍ତମାନ ଦେଶରେ ସମ୍ପୂର୍ଣ୍ଣ ଭାବେ ତେଲ ଆମଦାନୀ ବନ୍ଦ ହୋଇଗଲେ ନିଜସ୍ୱ ଭଣ୍ଡାରରେ ଥିବା ତେଲ ମାତ୍ର ୧୦ ଦିନ ମଧ୍ୟରେ ଶେଷ ହୋଇଯିବ। ତେଣୁ ସରକାର ଏହି ଅବଧିକୁ ଅନ୍ୟୂନ ୯୦ ଦିନକୁ ବଢ଼ାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଷ୍ଟ୍ରାଟେଜିକ୍ ରିଜର୍ଭ ଜରୁରୀ ପରିସ୍ଥିତି ପାଇଁ ଉଦ୍ଦିଷ୍ଟ। କିନ୍ତୁ ଅନ୍ତର୍ଜାତୀୟ ବଜାରରେ ବିଭ୍ରାଟ କିମ୍ବା ଯୁଦ୍ଧ କାରଣରୁ ତେଲ ଦରରେ ନିଆଁ ଲାଗିଲେ ଭଣ୍ଡାରରେ ଗଚ୍ଛିତ ତେଲକୁ ବ୍ୟବହାର କରାଯାଇ ପାରିବ। ବିଶ୍ୱରେ ସବୁଠୁ ବଡ଼ ଭଣ୍ଡାର ଆମେରିକା ପାଖରେ ରହିଛି। ଆମେରିକା ଓ ଚାଇନା ପରେ ଭାରତ ହେଉଛି ତୃତୀୟ ବୃହତ୍ ତେଲ ଆମଦାନିକାରୀ ଦେଶ। ଭାରତରେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ଆବଶ୍ୟକତାଠାରୁ ବହୁତ କମ୍ ଅଛି। ଏଥିପାଇଁ ଗତ ବର୍ଷ ଭାରତକୁ ୮୫% ପେଟ୍ରୋଲିୟମ ଉତ୍ପାଦ ବିଦେଶରୁ ଆମଦାନୀ କରିବାକୁ ପଡ଼ିଥିଲା।

## ସୌମେନ୍ଦ୍ର ନୂଆ...

ଅନ୍ୟପକ୍ଷରେ ଓପିଏଚ୍‌ଡବ୍ଲୁସି ସିଏମ୍‌ଡି ଥିବା ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଏମ୍. ଅକ୍ଷୟଙ୍କୁ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଜି ଭାବେ ବଦଳି କରାଯାଇଛି। ଆଇପିଏସ୍ ଅଫିସର ସତ୍ୟଜିତ ମହାନ୍ତି ପୋଲିସ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ଲୋକସେବା ଆୟୋଗ (ଓପିଏସ୍‌ସି) ଅଧ୍ୟକ୍ଷ ହେବାପରେ ଅଗ୍ନିଶମ ଡିଜି ପଦ ଖାଲି ପଡିଥିଲା। ତେଣୁ କେନ୍ଦ୍ରୀୟ ଡେପୁଟେଶନରୁ ଫେରି ଓପିଏଚ୍‌ଡବ୍ଲୁସି ସିଏମ୍‌ଡି ଭାବେ କାର୍ଯ୍ୟ କରୁଥିବା ଏମ୍. ଅକ୍ଷୟଙ୍କୁ ଉକ୍ତ ପଦରେ ଅବସ୍ଥାପିତ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ ନୂଆ ପଦ ଓ ନୂଆ ଦାୟିତ୍ୱ ସଂକ୍ରାନ୍ତରେ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଟ୍ୱିନ୍‌ସିଟି ପୋଲିସ କମିଶନର ଭାବେ କାର୍ଯ୍ୟ କରିବା ବଡ଼ ଆହ୍ୱାନ। ଏହା ଏକ ଚ୍ୟାଲେଞ୍ଜିଂ କାମ। ସରକାର ଏଥିପାଇଁ ମୋ ଉପରେ ବିଶ୍ୱାସ ଓ ଭରସା ରଖିଛନ୍ତି। ଏଭଳି ଏକ ବଡ଼ ଦାୟିତ୍ୱ ଦେଇଥିବାରୁ ମୁଁ ମୋର ସର୍ବୋତ୍ତମ ସେବା ଦେବାକୁ ଯଥାସମ୍ଭବ ଚେଷ୍ଟା କରିବି। ଦୁଇ ସହରରେ ପୋଲିସ ସେବାରେ ମାନବୃଦ୍ଧି କରିବାକୁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରିବି ବୋଲି ପ୍ରିୟଦର୍ଶୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚତୁର୍ଥଭାବକୁ ଚାରୋଟି ଗ୍ରହ ଦେଖୁଥିବାରୁ ପିଲାମାନଙ୍କ ଦାବି ମୁତାବକ ଜିନିଷ ସେମାନଙ୍କର ଆନନ୍ଦ ବର୍ଦ୍ଧନ କରିବ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଆପଣଙ୍କ କାମରେ ସାହାଯ୍ୟ କରିବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କାମରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** – ଆଜିର କର୍ମକ୍ଷେତ୍ରରେ ରବି ଓ ଶୁକ୍ରଙ୍କ ପ୍ରଭାବରୁ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ଅଷ୍ଟମ ଚନ୍ଦ୍ର ହେତୁ ଯାହା କରନ୍ତୁ ନା କାହିଁକି, ମନରେ ଟେନ୍ସନ ଲାଗି ରହିବ। ଆକସ୍ମିକ ଅର୍ଥ ଖର୍ଚ୍ଚ ଯୋଗୁ ଚିନ୍ତା ବଢ଼ିଯାଇପାରେ। ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** – ଦୁଃସ୍ଥାନସ୍ଥ ଗ୍ରହମାନେ ଆପଣଙ୍କ ଆର୍ଥିକସ୍ଥିତିକୁ ମଜଭୁତ ଓ ମନକୁ ଉତ୍ସାହିତ କରିବେ। ଜଣେ ବନ୍ଧୁ ମାର୍ଗଦର୍ଶକ ସାଜି ପାରନ୍ତି, ଯାହା କି ଆପଣଙ୍କ ସକାଶେ ହିତକର ହେବ। କର୍ମକ୍ଷେତ୍ରରେ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଚିନ୍ତା କରୁଥିବା କାମରେ ସଫଳତା ଆଜି ଅପରାହ୍ନରେ ପାଇବେ।

**କର୍କଟ** – ଆଜି ବ୍ୟୟାଧିପ ଚନ୍ଦ୍ର ରାଶିରେ ଥିବାରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ରହିପାରିବେ ନାହିଁ। ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** – ରାହୁ ଯୁକ୍ତ ମଙ୍ଗଳ କର୍ମକ୍ଷେତ୍ରରେ ଥିବାରୁ ମନରେ ସାହସ ବାନ୍ଧି କୌଣସି କାମ କଲେ ସଫଳତା ପାଇବେ। ଯେତେଯାହା କଲେ ମଧ୍ୟ ଆତ୍ମୀୟଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଏକା ସଙ୍ଗରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**କନ୍ୟା** – ବୃହସ୍ପତି ନୀଚ ରାଶିରେ ଥିବାରୁ ପାରିବାରିକ କ୍ଷେତ୍ରରେ ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ଅଫିସରେ ଅଧସ୍ତନ କର୍ମଚାରୀଙ୍କ ସହ ସାଧାରଣ କଥାରେ ବିତର୍କ ସୃଷ୍ଟି ହେବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବ। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** – ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଅଧିକାଂଶ ସମୟ ଅସ୍ଥିର ମନ କାରଣରୁ ପରିବାରରେ ଝଡ଼ ଉଠିପାରେ। ମାନସିକ ଅଶାନ୍ତି କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିବେ।

**ବିଛା** – ରାଶିରେ ମୁଣ୍ଡବିହୀନ ଗ୍ରହ କେତୁ ଅବସ୍ଥାନ କରିଥିବାରୁ ଅନ୍ୟ କଥାରେ ଭାସି ନ ଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଧାର କରଜ କରି ଆବଶ୍ୟକତା ଚଳାଇ ନେବାକୁ ବାଧହେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ଅର୍ଥ ସମ୍ପର୍କକୁ ନେଇ ତର୍କର ସମ୍ମୁଖୀନ ହେବେ।

**ଧନୁ** – ମୁଖଭାବରେ ବୁଧ ସମେତ ଚାରୋଟି ଗ୍ରହ ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାରକୁ ରୁକ୍ଷ କରିଦେଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଗତିକରିବେ। ମୂଳା ନକ୍ଷତ୍ରର ମନ ଭଲ ନ ଥିବା କାରଣରୁ ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** – ଆପଣଙ୍କ ରାଶିରେ ଚତୁଃଗ୍ରହଜନିତ ରାଜଯୋଗ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅଜେୟ ହେବେ। ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନଙ୍କଠାରୁ ଯଥାସମ୍ଭବ ସତର୍କ ରୁହନ୍ତୁ।

**କୁମ୍ଭ** – ଆପଣଙ୍କ ରାଶିରେ ବାଧକଗ୍ରହ ଶୁକ୍ର ଥିବାରୁ ଆଜି ଯେଉଁ କାମ କରିବେ ବିଫଳ ଆଶଙ୍କା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** – ଆଜି କର୍ମାଧିପ ନୀଚସ୍ଥ ହେତୁ ଈର୍ଷାପରାୟଣ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢା ଓ ଜମିଜମା କାରବାରରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ସର୍ବସମ୍ମତ ପଙ୍କୋଦ୍ଧାର ଏକାଦଶୀ ମଙ୍ଗଳବାର, ମାର୍ଚ୍ଚ-୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୨୫ମି. ଗତେ ଘ.୧୦.୪୬ମି. ମଧ୍ୟେ, ଘ.୦୧.୦୮ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୩.୨୯ମି. ଗତେ ଘ.୦୫.୦୩ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୨୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୂପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। 8249776268, 8327774136. D-69385

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

New 2BHK flat sale at Srusti Mansion apartment Sundarpada, Jatni mainroad side @30lakhs. 9937097791. D-70802

Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085. D-70808

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70431

Newly constructed B+4F+4R building few 3BHK flats for sale near new Govt. Colony, Press Chhaka, Sainik School, prime location genuine buyer ony. Contact 10-12AM, Mobile-9437101841. D-20173

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

Independent two storied house 6BHK at Jagmohan Nagar, Bhubaneswar. Contact owner- 9437439331 (No brokers). D-70807

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648. D-20177

**GENERAL**

**SALE**

Vietnam koi, Singhi, Rupchanda, Pangasius fish seeds available for biofloc fish farming. Contact: 6370797535. D-20108



4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997

ପିପିଲି ଥାନା ନିକଟ ପୁରୁଣା ଷ୍ଟେଟ୍ ବ୍ୟାଙ୍କସ୍ଥିତ Anima Complexରେ ଘରଭଡ଼ା ଦିଆଯିବ। ଯୋଗାଯୋଗ-9668502525. D-69976

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



New opening Saikrupa Panchakarma and SPA jointpain, fullbody massage, 8984068077. D-65913

Swarna SPA newly open positively health benefits with expert therapist. 9556978408. D-70551

Zen SPA positively health benefits with experts therapeutic genuinely massage. 7205084157. D-70554

**AFFIDAVIT**

By virtue of an affidavit before Notary, Cuttack, I, Kirtiraj Nanda, S/o- Jeetendra Kumar Nanda, At/ Po- Odagaon, P.S.- Odagaon, Nayagarh declare that I want to change my name from "Kirtiraj Nanda" to "Kirrttiraj Nanda" for all future purposes. D-20159

I , Kishore Das, S/o- Upendra Das, At-Poilo, Po-Bhagabatpur, Kendrapara, Pin-754208, ODISHA, changed my name as KISHOR DAS. D-20154

**LEGAL NOTICE**

ଜେ.ଏମ୍.ଏଫ୍.ସି. କୋର୍ଟ.
କଣ୍ଟାବାଞ୍ଜି
ସି.ଏମ୍.ସି. ୪୩/୨୦୧୫,
ମାୟାବତୀ କୁମ୍ଭାର
.........ପକ୍ଷ/ ଅର୍ଜିଦାର
ବନାମ
ହେମନ୍ତ ବିଭାର
.......ବିପକ୍ଷ

ଶ୍ରୀ ହେମନ୍ତ ବିଭାର, ଗ୍ରା.ପ. କାର୍ଯ୍ୟ ନିର୍ବାହୀ ଅଧିକାରୀ ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉ ଅଛି କି, ଆପଣଙ୍କ ବିରୁଦ୍ଧରେ ସି.ଏମ୍.ସି. ୪୩/୨୦୧୫ ଅନୁଯାୟୀ ଅର୍ଜିଦାର ମାୟାବତୀ କୁମ୍ଭାର ଖୋରାକି ଦାବି ମୋକଦ୍ଦମା ଦାଏର କରିଛନ୍ତି। ଆପଣଙ୍କ କାର୍ଯ୍ୟରତ ଠିକଣା ଅନିର୍ଦ୍ଦିଷ୍ଟ ଯୋଗୁଁ କୋର୍ଟରେ ହାଜର ହୋଇ ଜବାବୀ ଦାଖଲ କରିବା ସକାଶେ ନୋଟିସ ପାଇବାରେ ବିଫଳ ହେଉଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ଆସନ୍ତା ୧୬।୦୩।୨୧ ତାରିଖ ଦିନ ଆପଣ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ନହେଲେ ଅର୍ଜିଦାରଙ୍କ ସପକ୍ଷରେ ଏକତରଫା ଶୁଣାଣି ହେବ ଧ-୨୦୧୭୬

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ଶ୍ରଦ୍ଧାଞ୍ଜଳି (ରିଦ୍ଧି)
ଭୁବନପୁର, ବାଲିଅନ୍ତା
ତୋର ଦୀର୍ଘ ନିରାମୟ ଜୀବନ କାମନା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ଜେଜେ: ଭୀମସେନ, ଜେଜେମା: ହାରାମଣୀ, ଅଜା, ଆଈ, ମାମୁ: ବଡ଼ବାପା, ବଡ଼ମାଆ, ଦାଦା ଓ ପରିବାରବର୍ଗ।
ଧ-୪୬୨୯୮

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ଚାକିରି ନାଁରେ ୨୫ଲକ୍ଷ ଠକେଇ ଅଭିଯୋଗ: ନିର୍ଦ୍ଦେଶକ ଦମ୍ପତି ଅଟକ

**ବ୍ରହ୍ମପୁର ଅଫିସ ,୮।୩:** ମୋବାଇଲ ଟାୱାରରେ କାମ ଦେବା ନାଁରେ ଗଞ୍ଜାମ ଓ ଗଜପତି ଜିଲାର ୮୦୦ରୁ ଉର୍ଦ୍ଧ୍ୱ ଯୁବକଙ୍କଠାରୁ ପ୍ରାୟ ୨୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଯୁବକ ଏ ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଆଉଟସୋର୍ସିଂ ସଂସ୍ଥାର ନିର୍ଦ୍ଦେଶକ ଦମ୍ପତିଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଅନୁଜ କୁମାର ରଥ ବୈଦ୍ୟନାଥପୁର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ବ୍ରହ୍ମପୁର ଗୋଲାପଲ୍ଲୀ ସାହିରେ ମାକ୍ସିସ ଆଉଟସୋର୍ସିଂ ପ୍ରାଇଭେଟ ଲିମିଟେଡ ନାମରେ ଖୋଲିଥିବା ସଂସ୍ଥା ଦ୍ୱାରା ସେ ଠକେଇର ଶିକାର ହୋଇଛନ୍ତି। ଏହି ସଂସ୍ଥାର ମାଲିକ ଓ ତାଙ୍କ ସ୍ତ୍ରୀ ନିଯୁକ୍ତି ଦେବେ ବୋଲି କହି ୨୫୦୦ ଟଙ୍କା ନେଇଥିଲେ। ପରେ ସଂସ୍ଥା ପକ୍ଷରୁ ତାଙ୍କୁ ନିଯୁକ୍ତିପତ୍ର ମିଳିଥିଲା। ସଂସ୍ଥାର ମାଲିକ ଦମ୍ପତି ତାଙ୍କୁ ଗଜପତି ଜିଲା ପାଇଁ ସୁପରଭାଇଜର ଭାବେ ନିଯୁକ୍ତି ଦେଇ ଅନୁଜ ନିଜ ଜିଲାର ବେକାର ଯୁବକଙ୍କୁ ନିଯୁକ୍ତି ମିଳିବ କହି ସେମାନଙ୍କ ଫର୍ମ ପୂରଣ କରିଥିଲେ। ମୋବାଇଲ ଟାୱାରରେ କାମ ଦିଆଯିବ ଓ ମାସିକ ୧୦ ହଜାର ଟଙ୍କା ମିଳିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ଯୁବକମାନଙ୍କଠାରୁ ୨୫୦୦ରୁ ୪୦୦୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ହେଲେ ୨ ମାସ ପରେ ବି କାମ ନ ମିଳିବାରୁ ଅନୁଜ ସଂସ୍ଥାର ନିର୍ଦ୍ଦେଶକ ଦମ୍ପତିଙ୍କୁ ଯୋଗାଯୋଗ କରିଥିଲେ। ସେମାନେ ଉତ୍ତର ନ ଦେଇ ମୋବାଇଲ ଫୋନ୍ ସୁଇଚ ଅଫ କରି ଦେଇଥିଲେ। ଏ ନେଇ ଅନୁଜ ରବିବାର ଥାନାରେ ଅଭିଯୋଗ କରିଥିଲେ। ଗଞ୍ଜାମ ଓ ଗଜପତି ଜିଲାର ପ୍ରାୟ ୮୦୦ ଯୁବକଙ୍କଠାରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ.୬୦/୨୧ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।

# ପାଣି ପାଇଁ ମହିଳାଙ୍କ ଚକାଜାମ୍

**ବସ୍ତା, ୮।୩ (ଡି.ଏନ.ଏ.)**



ମହିଳାମାନେ ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି।

**୩ ଘଣ୍ଟା ଧରି ଅବରୋଧ କଲେ ଜାତୀୟ ରାଜପଥ**

ସମଗ୍ର ଦେଶ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଥିବା ବେଳେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଜୁଣବଳଦା ଗ୍ରାମର ମହିଳାମାନେ ପାଣି ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ୬୦ନଂ. ଜାତୀୟ ରାଜପଥର ଗୁଡିଖାଲଠାରେ ସୋମବାର ଦୀର୍ଘ ୩ଘଣ୍ଟା ଧରି ମହିଳାମାନେ ଖରାରେ ଚକାଜାମ୍ କରିବା ଯୋଗୁ ଦୁଇପଟେ ଯାନବାହନଗୁଡିକ ଅଟକି ରହିଥିଲା। ବସ୍ତା ପୋଲିସ, ଆରଡବ୍ଲ୍ୟୁଏସଏସ ଜେଇ ବିନୋଦ ଦାସ, ସରପଞ୍ଚ ସୁନୀଲ ସେନାପତି ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ପରେ ମହିଳାମାନେ ଧାରଣାରୁ ହଟିଥିଲେ।

କୁଳିଦା ପଞ୍ଚାୟତ ଅଧୀନ ଜୁଣବଳଦା ଗ୍ରାମର ୨ଟି ୱାର୍ଡବାସୀ ଦୀର୍ଘମାସ ଧରି ପିଇବା ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ମହିଳାଙ୍କ କହିବା ଅନୁଯାୟୀ ଏହି ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ରହିବା ସହ ସରକାରୀ ଟ୍ୟୁବୱେଲ ୪ ମାସ ହେଲା ପାଣି ବାହାରୁନି। ଫଳରେ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ସେମାନେ କୁଳିଦା ସରପଞ୍ଚଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିଲାନି। ଫରେ ସେମାନେ ବାଧ ହୋଇ ରାସ୍ତାରେ ଗରା, ବାଲ୍‌ଟି ରଖି ଅବରୋଧ କରିଥିଲେ। ଏଥିଯୋଗୁ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡିଥିଲା। ଏନେଇ ବିଭାଗୀୟ ଜେ.ଇ. ଦାସ କହିଛନ୍ତି, ରବିଋତୁରେ ଧାନଚାଷ ପାଇଁ ଏଲଆଇ ପଏଣ୍ଟ ଓ ଘରୋଇ ସେଲୋ ଚାଲୁଥିବାରୁ ଭୂତଳ ଜଳସ୍ତର କମିଛି। ଏଥିଯୋଗୁ ବିଭିନ୍ନ ଟ୍ୟୁବୱେଲର ଜଳସ୍ତର ୮୦ଫୁଟରୁ ୧୨୦ଫୁଟକୁ ଖସିଯାଇଛି। ଏସବୁ ଟ୍ୟୁବୱେଲରେ ଅଧିକ ପାଇପ ଲଗାଇ ସଚଳ କରାଯିବା ସହ ପାନୀୟଜଳ ପ୍ରକଳ୍ପକୁ ମରାମତି କରାଯିବ ବୋଲି ସେ କହିଛନ୍ତି।

# ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ଉଦ୍ୟମ

**କାଳିଆପାଣି,୮।୩(ଡି.ଏନ୍.ଏ.)**

**ବିଶ୍ୱ ମହିଳା ଦିବସରେ ଆଲୋଡ଼ନ**

- ଅଭିଯୁକ୍ତମାନଙ୍କ ସହ ଲଢ଼ି ଖସିଆସିଲେ ପୀଡ଼ିତା
- ୪ ଅଭିଯୁକ୍ତ ଗିରଫ, ଆଜି ହେବ ଡାକ୍ତରୀ ମାଇନା

ସୋମବାର ବିଶ୍ୱ ମହିଳା ଦିବସ ସମାରୋହ ଖୁବ୍ ଧୁମ୍‌ଧାମରେ ପାଳନ ହେଉଥିବା ବେଳେ ସୁକିନ୍ଦା ନିକଟ ଭିମଟଙ୍ଗର ଗ୍ରାମ ନିକଟ ବୁଦୁବୁଦିଆ ଜଙ୍ଗଲରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଆଦିବାସୀ ନାବାଳିକାଙ୍କୁ ୪ଜଣ ଯୁବକ ଗଣବଳାତ୍କାର ଉଦ୍ୟମ କରିଛନ୍ତି। ଏ ସଂକ୍ରାନ୍ତରେ କାଳିଆପାଣି ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଟାଟାହଟିଂ ତାରେଣୀ ମାର୍କେଟରେ ରହୁଥିବା ଧାମନଗର ଥାନା ଦଶରଥପୁର ଗ୍ରାମର ସନ୍ତୋଷ କୁମାର ପୃଷ୍ଟି (୩୧) ଓ ରବି ନାଏକ(୨୦), ମଲ୍ଲାରସାହିର ସିଲୁ ମହାନ୍ତ(୨୦), କାଟେପୁର୍ଣ୍ଣି ନଗରର ସତ୍ୟବ୍ରତ ବେହେରା(୨୦)।

ସୂଚନା ଅନୁଯାୟୀ, ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ କଲରଙ୍ଗୀ ଗ୍ରାମର ଜଣେ ନାବାଳକଙ୍କ ସହ ଡୁବୁରୀ ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ଏକ ବସ୍‌ରେ ବ୍ରାହ୍ମଣୀପାଳରୁ ଆସି ଟାଟା ବଜାରରେ ସୋମବାର ଅପରାହ୍ନରେ ଓହ୍ଲାଇଥିଲେ। ସେମାନେ ଟାଟା ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରୁ ଚାଓମିନ ଖାଇ ଟମ୍‌କା-ମଙ୍ଗଳପୁର ଖଣି ରାସ୍ତାରେ ଚାଲି ଚାଲି କଲରଙ୍ଗୀ ଗ୍ରାମକୁ ଯାଉଥିଲେ। ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେମାନେ ଭିମଟାଙ୍ଗର ଗ୍ରାମ ପରେ କଲରଙ୍ଗୀ ଡାବା ଛକକୁ ଏକ ପାଦଚଲା ଗଳି ରାସ୍ତାରେ ଯାଇଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଭୟ ଶୀଘ୍ର ଶୀଘ୍ର ଚାଲିଥିଲେ। ଏହି ସମୟରେ ଅଚାନକ ୨ ମୋଟର ସାଇକେଲରେ ୪ ଜଣ ଯୁବକ ଆସି ସେମାନଙ୍କ ଆଗରେ ଅଟକିଥିଲେ। ନାବାଳକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ୪ଜଣ ଯୁବକଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ମାତ୍ର ସେହି ଯୁବକମାନେ ନାବାଳକଙ୍କୁ ଆକ୍ରମଣ କରିବା ସହ ୨ଜଣ ଯୁବକ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। କୌଶଳକ୍ରମେ ନାବାଳକ ଜଣକ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏହି ସୁଯୋଗରେ ସମ୍ପୃକ୍ତ ଯୁବକମାନେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ନାବାଳିକା ଖୁବ୍ ସାହସର ସହିତ ସେମାନଙ୍କ ସହିତ ଲଢ଼ି ଇଜ୍ଜତ ରକ୍ଷା ପାଇଁ ଚେଷ୍ଟା କରି ସଫଳ ହୋଇଥିଲେ। ଶେଷରେ ନାବାଳିକା ସେହି ବୁଦୁବୁଦିଆ ଜଙ୍ଗଲରୁ ମୁଖ୍ୟ ରାସ୍ତାକୁ ଚାଲି ଆସି ବଡ଼ପାଟିରେ ଚିତ୍କାର କରିବାରୁ କେତେଜଣ ଲୋକ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ନାବାଳିକାଙ୍କୁ ଉଦ୍ଧାର କରି କାଳିଆପାଣି ଥାନାକୁ ଖବର ଦେଇଥିଲେ। କାଳିଆପାଣି ଥାନା ଅଧିକାରୀ ରାମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କଠାରୁ ଖସି ପଳାଇଥିବା ନାବାଳକଙ୍କ ବୟାନ ଅନୁଯାୟୀ ପୋଲିସ ସମ୍ପୃକ୍ତ ୪ ଯୁବକଙ୍କୁ ଗିରଫ କରିଛି। ନାବାଳିକାଙ୍କ ଅଭିଯୋଗ କ୍ରମେ କାଳିଆପାଣି ଥାନାରେ ଏକ ମାମଲା (ନଂ. ୨୪/୨୧) ପୋକ୍‌ସୋ ଆଇନ ଅନୁଯାୟୀ ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ମଙ୍ଗଳବାର ଡାକ୍ତରୀମାଇନା କରାଯିବା ପରେ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ବିଧାୟକ ପ୍ରଦୀପ, ଅଭୟକାନ୍ତଙ୍କ ଜାମିନ ଖାରଜ

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

**ବ୍ରହ୍ମପୁର ଅଫିସ,୮।୩**



ପ୍ରଦୀପ ପାଣିଗ୍ରାହୀ



ଅଭୟକାନ୍ତ ପାଠକ

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ଜାମିନ ସୋମବାର ଖାରଜ ହୋଇଛି। ଗଞ୍ଜାମ ଜିଲା ଦୌରାଜଜ୍ ରାମଶଙ୍କର ହୋତା ପ୍ରଦୀପଙ୍କ ନାମରେ ଥିବା ୩ ମାମଲା ଓ ଅଭୟକାନ୍ତଙ୍କ ବିରୋଧରେ ରୁଜୁ ହୋଇଥିବା ଗୋଟିଏ ମାମଲାର ଜାମିନ ଆବେଦନ ଖାରଜ କରିଛନ୍ତି। ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯିବ ବୋଲି ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ନେଇ ପ୍ରଦୀପଙ୍କ ନାମରେ କଟକ କ୍ରାଇମବ୍ରାଞ୍ଚ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଗତ ଡିସେମ୍ବରରେ ଗୋଳନ୍ଥରା ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ସେହିପରି ଜାନୁୟାରୀରେ ମଧ୍ୟ ପୁଣି ଏକ ଠକେଇ ମାମଲା ରୁଜୁ ହୋଇଥିଲା। ଏହି ୩ ମାମଲାରେ ମୋଟ ୧୪ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗକାରୀ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଗୋଳନ୍ଥରା ଥାନା ପୋଲିସ ପ୍ରଦୀପଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରୁ ରିମାଣ୍ଡରେ ଆଣି ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରି ଜଡ଼ିତ କରିଥିଲା। ପରେ ପାଠକ ବାପ-ପୁଅଙ୍କୁ ମଧ୍ୟ ବ୍ରହ୍ମପୁର ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ବାପା- ପୁଅଙ୍କୁ ଏହି ମାମଲାରେ ଜଡ଼ିତ କରାଯାଇଥିଲା। ଆଇଏଫ୍ଏସ୍ ଅଭୟକାନ୍ତ ପାଠକଙ୍କ ନାମରେ ଗୋଟିଏ ମାମଲା ଯୋଡ଼ା ଯାଇଥିବା ବେଳେ ପୁଅ ଆକାଶଙ୍କ ନାମରେ ଦୁଇଟି ମାମଲା ଯୋଡ଼ିଥିଲା ପୋଲିସ। ଏହି ମାମଲାରେ ଜାମିନ ପାଇଁ ପ୍ରଦୀପ ଓ ଅଭୟକାନ୍ତଙ୍କ ଓକିଲ ଜିଲାଜଜ୍ କୋର୍ଟରେ ଆବେଦନ କରିଥିଲେ। ସୋମବାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଜିଲାଜଜ୍ ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଜାମିନ ଖାରଜ କରିଥିଲେ। ସରକାରଙ୍କ ତରଫରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ଏବଂ ପ୍ରଦୀପ ଓ ପାଠକଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଭିସି ଜରିଆରେ ମକଦ୍ଦମା ପରିଚାଳନା କରିଥିଲେ।

## କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ: ୩ ବଗିରେ ନିଆଁ

**ରାୟଗଡ଼ା ଅଫିସ,୮।୩:** ଛତିଶଗଡ଼ର କିରାଣ୍ଡୁଲରୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ୍‌ରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଟ୍ରେନ୍‌ଟି ରାୟଗଡ଼ା ଜିଲା ଲାଡା ଷ୍ଟେଶନ ନିକଟରେ ପହଞ୍ଚିବାବେଳେ ପ୍ରଥମେ ୨୬ ନମ୍ବର ବଗିରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ଏହାପରେ ଟ୍ରେନ୍ ଷ୍ଟେଶନରେ ଅଟକିଥିଲା। ତେବେ ନିଆଁ ଗୋଟିଏ ବଗିରୁ ୩ଟି ବଗିକୁ ବ୍ୟାପିଯାଇଥିଲା। ଖବର ପାଇ ରାୟଗଡ଼ା ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି। ଖବର ଲେଖାଯିବା ସୁଦ୍ଧା ନିଆଁ ଲିଭା ଜାରି ରହିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

# ଲକ୍ଷ୍ୟ ହାସଲ ପାଇଁ ମାର୍ଗଦର୍ଶନ ଲୋଡ଼ା



**କରୋନା ମହାମାରୀ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିଛି। ଡିଜିଟାଲ ଉପାୟରେ ଶିକ୍ଷା ପଦ୍ଧତି ବିକଶିତ ହେବା ସହ ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ସବୁ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟର ବନ୍ଦ ଥିବାବେଳେ ପିଲାଙ୍କୁ ଅନ୍‌ଲାଇନ୍ କ୍ଲାସ୍ ଜରିଆରେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଗୁଣାତ୍ମକ ଶିକ୍ଷା ଯୋଗାଇଥିଲା। ଲକ୍‌ଡାଉନ୍ ବେଳେ ସମ୍ପୂର୍ଣ୍ଣ ଡିଜିଟାଲ ହେବାରେ ଓଡ଼ିଶାରେ ଏହା ପ୍ରଥମ ଇନ୍‌ଷ୍ଟିଚ୍ୟୁଟ୍ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ କହନ୍ତି ଜିନ୍ଦଗୀ ଫାଉଣ୍ଡେଶନ୍ ଏବଂ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଅଜୟ୍ ବାହାଦୁର ସିଂ।**

**→ଅନ୍‌ଲାଇନ୍ ଶିକ୍ଷାଦାନର ମୁଖ୍ୟ ସମସ୍ୟା କ'ଣ?**

ଆର୍ଥିକ ଅସ୍ୱଚ୍ଛଳ ବର୍ଗର ପିଲାଙ୍କ ଲାଗି ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗଦେବା କଷ୍ଟକର ହୋଇଥାଏ। ଅନେକଙ୍କ ପାଇଁ ସ୍ମାର୍ଟଫୋନ୍ ପାଇବା ସହଜ ହୁଏନି। ଗ୍ରାମାଞ୍ଚଳରେ ଉପଯୁକ୍ତ ନେଟୱର୍କ ମିଳିବାରେ ବି ସମସ୍ୟା ହୁଏ। ଜିନ୍ଦଗୀ ଫାଉଣ୍ଡେଶନ୍‌ର ଜଣେ ଛାତ୍ରଙ୍କୁ ଆମେ ଏକ ସ୍ମାର୍ଟଫୋନ୍ ଦେବାକୁ ଚେଷ୍ଟା କଲୁ। କିନ୍ତୁ ତାଙ୍କ ବାପାଙ୍କ ନମ୍ବର କାମ କରୁ ନ ଥିବାରୁ ତାଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଏପରି କି ସେ ଫୋନ୍ ରିଚାର୍ଜ ବି କରିପାରି ନ ଥିଲେ। ତେବେ ଈଶ୍ୱରଙ୍କ କରୁଣାରୁ ସେ କଠିନ ପରିଶ୍ରମ କରି ସଫଳ ହୋଇପାରିଛନ୍ତି।

**→ଶିକ୍ଷାଦାନ ପାଇଁ କେଉଁଟି ଭଲ ମାଧ୍ୟମ, ଅନ୍‌ଲାଇନ୍ ନା ଅଫ୍‌ଲାଇନ୍?**

ଦେଖନ୍ତୁ, ଅଫ୍‌ଲାଇନ୍ ଶିକ୍ଷାଦାନର ବିକଳ୍ପ ବାଛିବା ଅସମ୍ଭବ। ଶ୍ରେଣୀଗୃହରେ ଶିକ୍ଷାଦାନ ହେଲେ ଏହା ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ମନୋନିବେଶ କରିବା ଦିଗରେ ସହାୟକ ହୋଇଥାଏ। ଅଫ୍‌ଲାଇନ୍ କ୍ଲାସ୍‌ରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଆଖିକୁ ଚାହିଁଦେଇ ସେମାନେ ବିଷୟଟିକୁ କେତେ ବୁଝିପାରୁଛନ୍ତି ବା ଗ୍ରହଣ କରୁଛନ୍ତି ତାହା ଜାଣିଦିଅନ୍ତି। ଅନ୍‌ଲାଇନ୍ କ୍ଲାସ ଏବଂ ଶ୍ରେଣୀଗୃହରେ ଶିକ୍ଷାଦାନର ଦୁଇଟି ବ୍ୟବସ୍ଥା ଏକସାଙ୍ଗେ ରହିପାରେ। ତେବେ ଅଫ୍‌ଲାଇନ୍ ଶିକ୍ଷାଦାନ ଉତ୍କୃଷ୍ଟ ବୋଲି ମୋର ବ୍ୟକ୍ତିଗତ ମତ।

**→ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବା ଦିଗରେ କିପରି ସହଯୋଗ କରୁଛନ୍ତି?**

ଛାତ୍ରଛାତ୍ରୀମାନେ ଭଲ କରିବା ଲାଗି ସେମାନଙ୍କୁ ପ୍ରେରଣା ଦିଆଯିବା ଉଚିତ। ଆକାଶ ଇନ୍‌ଷ୍ଟିଚ୍ୟୁଟ ନିଜ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ଲାଗି ଖୁବ୍ ଚମତ୍କାର ପଦକ୍ଷେପ ନେଇଛି। ଆମ ପିଲାମାନେ କନ୍‌ସେପ୍ଟ ଅଫ୍ ଫିଜିକ୍ସର ଲେଖକ ପ୍ରଫେସର ଏଚ୍.ସି. ବର୍ମା, ସୁପର ୩୦ ପ୍ରତିଷ୍ଠାତା ଆନନ୍ଦ କୁମାର, ଗୁଗଲ ବୟ କୌଟିଲ୍ୟ ପଣ୍ଡିତଙ୍କ ସମେତ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଆଲୋଚନା କରୁଛନ୍ତି।

**→ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଉପରେ ଆପଣଙ୍କ ମନ୍ତବ୍ୟ କ'ଣ?**

ଓଡ଼ିଶାର ଛାତ୍ରୀଛାତ୍ରମାନେ ବେଶ୍ ମାର୍ଜିତ। ସେମାନେ କଠିନ ପରିଶ୍ରମୀ, ଶୃଙ୍ଖଳିତ ଓ ଭଦ୍ର। ପୂର୍ବରୁ ଓଡ଼ିଶାର ଅଧିକାଂଶ ଛାତ୍ର କେବଳ ରାଜ୍ୟସ୍ତରୀୟ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଚିନ୍ତା କରୁଥିଲେ। ଏବେ ଆମେ ସେମାନଙ୍କୁ ଜାତୀୟସ୍ତରୀୟ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ ସଫଳ ହେବାକୁ ଉତ୍ସାହିତ କରୁଛୁ। ଜିପ୍‌ମେର, ଏମ୍‌ସ, ଜେଇଇ ଆଦି ପରୀକ୍ଷାରେ ସଫଳ ହେବାକୁ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛୁ। ଆମେ ଓଡ଼ିଶାରୁ ଜିପ୍‌ମେରରେ ସର୍ବଭାରତୀୟ ସ୍ତରରେ ୧ ନମ୍ବର ସହ ଏମ୍‌ସରେ ଚତୁର୍ଥ ଓ ଷଷ୍ଠ ର୍‍ୟାଙ୍କ ପାଇବାରେ ସଫଳ ହୋଇଛୁ। ଆମର ୩ ଜଣ ଛାତ୍ରୀଛାତ୍ର ଜେଇଇ-ମେନ୍‌ରେ ପ୍ରଥମ ଶହେ ଜଣଙ୍କ ମଧ୍ୟରେ ଆସିଛନ୍ତି। ଏଠାକାର ପିଲା ବିଦେଶରେ ମଧ୍ୟ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି।

**→ମେଡିକାଲ ଏବଂ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କୁ କି ପରାମର୍ଶ ଦେବେ?**

ଏକାଗ୍ରତା ସହ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଲକ୍ଷ୍ୟ କଷ୍ଟସାଧ୍ୟ ନୁହେଁ। ପ୍ରତିଯୋଗିତା ତୀବ୍ର ହେବା ସହ ଛାତ୍ରୀଛାତ୍ରଙ୍କୁ ସମୟୋପଯୋଗୀ ଆହ୍ୱାନର ସଫଳ ମୁକାବିଲା ପାଇଁ ପ୍ରସ୍ତୁତ କରିବାକୁ ଆମ ପାଠ୍ୟ ଉପକରଣ ଏବଂ ପାଠ୍ୟକ୍ରମ ବିକଶିତ କରିଚାଲିଛୁ। ସେମାନେ ଯେପରି କୌଣସି ପ୍ରତିଯୋଗିତା ଲାଗି ବିବ୍ରତ ନ ହୋଇ ଶିକ୍ଷା ପ୍ରତି ଧ୍ୟାନ ଦିଅନ୍ତି ଏବଂ ବିଷୟରେ ଦକ୍ଷତା ହାସଲ କରନ୍ତି, ସେ ଦିଗରେ ଆମ ଶିକ୍ଷକମାନେ ଯତ୍ନଶୀଳ।

# ସତେଜ କାରବାର ପୁଣି ଫେରିଛି



**ବ୍ୟବସାୟ ପ୍ରବହମାନ ଜଳ ସଦୃଶ। ନଦୀରେ ପାଣି କମ୍ ବେଶି ହେବା ଭଳି ବ୍ୟବସାୟ ମଧ୍ୟ ଅନେକ ଉତ୍‌ଥାନ ଓ ପତନ ଦେଇ ଗତି କରିଥାଏ। କରୋନା କିଛି ସମୟ ବ୍ୟବସାୟିକ ଭଟ୍ଟାର କାରଣ ସାଜିଥିଲେ ହେଁ ସକାରାତ୍ମକ ଭାବେ ଗ୍ରହଣ କଲେ ଏହା ଏକ ଚ୍ୟାଲେଞ୍ଜ। କାରଣ ଶୁଖିଯାଉଥିବା ନଈପାଣି ଆମକୁ ଅଧିକ ସମୟ ବିଚଳିତ କରି ନ ଥାଏ। ମହାମାରୀକୁ ଆହ୍ୱାନ ରୂପେ ଧରିନେଇ ବ୍ୟବସାୟକୁ ଆଗେଇ ନେବା ପ୍ରତ୍ୟେକ ପ୍ରତିଷ୍ଠାନର ଲକ୍ଷ୍ୟ ହେବା ଉଚିତ। ଧରିତ୍ରୀ ସହ ସାକ୍ଷାତ୍‌କାର ବେଳେ ଏମିତି ଅନୁଭୂତି ବାଣ୍ଟିଛନ୍ତି ଓଡ଼ିଶା ରେଡିମେଡ୍ ଗାର୍ମେଣ୍ଟ ଜଗତର ପ୍ରତିଷ୍ଠିତ ବ୍ରାଣ୍ଡ୍ ଜୟରାମ ଲେଙ୍କା ଆଣ୍ଡ ସନ୍ସ ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଲେଙ୍କା।**

**→କୋଭିଡ୍ ଚ୍ୟାଲେଞ୍ଜକୁ କେମିତି ସାମ୍ନା କରିଛନ୍ତି?**

ସଦା ଜାଗ୍ରତ ରହିବା ପ୍ରତ୍ୟେକ ପ୍ରହରୀର ଉତ୍ତମ କାର୍ଯ୍ୟ। ପ୍ରତି ମୁହୂର୍ତ୍ତରେ ବ୍ୟବସାୟକୁ ଆଗକୁ ବଢାଇ ନେବା ଆମ ଲକ୍ଷ୍ୟ। କାରଣ ଏହି ବ୍ୟବସାୟିକ ଅନୁଷ୍ଠାନ କେବଳ ଜଣଙ୍କର ନୁହେଁ, ବରଂ ଅନେକଙ୍କର। ଏହି ଉଦ୍ଦେଶ୍ୟକୁ ନଜରରେ ରଖି ସ୍ଥିର ମନରେ ଅଧିକରୁ ଅଧିକ ସଜାଗ ରହି ଚ୍ୟାଲେଞ୍ଜ ସାମ୍ନା କରିବାକୁ ସକ୍ଷମ ହେଲୁ।

**→ଅନ୍‌ଲକ୍ ପରେ ଗ୍ରାହକଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖୁଛନ୍ତି କି?**

କିଛିଟା ଦୁଃଖ କିଛିଟା ଅକୁହା କଥା ଏବଂ ଅନେକ ଆଶା ନିରାଶାରେ ପରିଣତ ହେବାର ଛିଟା ଦେଖିଛୁ। ଗ୍ରାହକ ଆମ ପରିବାର ସଦୃଶ। ସେମାନଙ୍କ ସହ ସୁସମ୍ପର୍କ ଓ ଉତ୍ତମ ବ୍ୟବହାର ଉତ୍ସାହିତ କରିଛି। କୋଭିଡ୍‌ର ପ୍ରଭାବ ବଜାର ଉପରେ ରହିଲେ ମଧ୍ୟ ଏହା କାରବାରକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ କରି ପାରିନାହିଁ କି ପାରିବ ନାହିଁ। କିଛି କ୍ଷଣ ସହର ବଜାର ଅନ୍ଧକାର ମଧ୍ୟରେ ରହିଲା। ଏହାସତ୍ତ୍ୱେ ସତେଜ କାରବାର ପୁଣି ଥରେ ଫେରିଛି। ଏଥିସହ ଜୟରାମ ଲେଙ୍କା ନିଜ ସମ୍ଭାବନାମୟ ସ୍ୱପ୍ନକୁ ସାକାର କରିବ।

**→ସରକାରଙ୍କଠାରୁ କିଭଳି ସହାୟତା ଆଶା କରୁଛନ୍ତି?**

କୋଭିଡ୍-୧୯ କେବଳ ଆମ ରାଜ୍ୟ କି ଦେଶକୁ ନୁହେଁ, ସାରା ବିଶ୍ୱକୁ କବଳିତ କରିଥିଲା। କିନ୍ତୁ ଆମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଚିତ ପଦକ୍ଷେପ ଯୋଗୁ ବିଶେଷ ପ୍ରାଦୁର୍ଭାବ ଦେଖାଇ ପାରିଲା ନାହିଁ। ଅନୁଷ୍ଠାନର ସୁରକ୍ଷା ହିଁ ଆମ ନିମନ୍ତେ ଯଥେଷ୍ଟ ଥିଲା ଏବଂ ଏହା ଆଗକୁ ମଧ୍ୟ ରହିବ। ପ୍ରତ୍ୟେକ କାର୍ଯ୍ୟର ଉତ୍ତମତା, ସମ୍ପର୍କ, ଅନୁଧ୍ୟାନ ଓ ସହଯୋଗ ଉନ୍ନତିର ଏକ ପରିମାପକ ମାତ୍ର।

**→ଜୟରାମ ଲେଙ୍କାକୁ ଅନ୍ୟମାନଙ୍କଠାରୁ କିଭଳି ସ୍ୱତନ୍ତ୍ର ବୋଲି ବିଚାର କରୁଛନ୍ତି?**

ଜୟରାମ ଲେଙ୍କା ବିଶ୍ୱାସ କରେ ତା'ର ଇଚ୍ଛାର ପୂର୍ଣ୍ଣତା ମାନେ ସଫଳତା। ଏହି ଅନୁଷ୍ଠାନ ପୂର୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାହକଙ୍କ ଲାଗି ଉଦାହରଣ ପାଲଟିଛି। ସମୟ ସହ ତାଳ ଦେଇ ଜୟରାମ ଲେଙ୍କା ଯେଭଳି ଭାବେ ନିଜକୁ ପ୍ରତିପାଦନ କରିପାରିଛି କିମ୍ବା କରୁଛି ତାହା କେବଳ ଗ୍ରାହକଙ୍କ ଭଲ ପାଇବା, ସ୍ନେହ ଏବଂ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇଛି। ଓଡ଼ିଶାର ପ୍ରତ୍ୟେକ ସହରରେ ଜୟରାମ ଲେଙ୍କାଙ୍କର ସାନ୍ନିଧ୍ୟ ପ୍ରତିପାଦନ କରିବା ଆମ ଲକ୍ଷ୍ୟ। ସବୁଠି ଗ୍ରାହକଙ୍କୁ ସେବା ଦେଇ ସେମାନଙ୍କ ଆଶୀର୍ବାଦର ପାତ୍ର ହେବା ପାଇଁ ଆମେ ବ୍ୟଗ୍ର।

**→ଜୟରାମ ଲେଙ୍କା ଷ୍ଟୋର ଯାତ୍ରାକୁ କେମିତି ଦେଖନ୍ତି?**

ଜୟରାମ ଲେଙ୍କା ଆଗକୁ ଏକ ସ୍ୱପ୍ନଭରା ଓଡ଼ିଶା ମାଟିରେ ଅନେକ ସମ୍ଭାବନା ଦେଖୁଛି। ସମସ୍ତଙ୍କ ସହଯୋଗରେ କିଛି ନୂଆ କରିଦେବାଇବାକୁ ଆଗ୍ରହ ରହିଛି।

**→ଏହି ବ୍ୟବସାୟରେ ନ ଥିଲେ କ'ଣ ହୋଇଥାନ୍ତେ?**

ଆମର ପ୍ରତ୍ୟେକ ରକ୍ତବିନ୍ଦୁରେ ଜୟରାମ ଲେଙ୍କା ତଥା ଏହି ପ୍ରତିଷ୍ଠାନର ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଭାବ ଜଡ଼ିତ। ଅନେକ ଅସାମାନ୍ୟ ଲକ୍ଷ୍ୟ ଏବଂ କଠିନ ଚଲାପଥ। ଶ୍ରୀ ରବି ଲେଙ୍କାଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଆଗେଇ ଚାଲିଛୁ।

**→ଇ-କମର୍ସ ଏବେ ଦ୍ରୁତଗତିରେ ବଢ଼ିଚାଲିଛି। ଏଭଳି ସ୍ଥିତିରେ ଅଫ୍‌ଲାଇନ୍ କ୍ରୟ ନେଇ ଗ୍ରାହକଙ୍କୁ କ'ଣ କହିବେ?**

ଅନେକଙ୍କ ମତରେ 'ଯୋ ଦିଖତା ହେ ୱହି ବିକତା ହେ'। ମାତ୍ର କିଣିବା ପ୍ରୟୋଜନକୁ ବିଚାର କଲେ ଦୂରରୁ ଦେଖିବା ଏବଂ ନିକଟରୁ ସ୍ପର୍ଶ କରିବା ମଧ୍ୟରେ ଅନେକ ଅନ୍ତର ରହିଥାଏ। ବହୁ ସମୟରେ ଦୂରରେ ଥିବା ଜିନିଷକୁ ଆପଣେଇ ପଶ୍ଚାତାପ କରିବାର ଉଦାହରଣ ଅନେକ ରହିଛି। ଜୟରାମ ଲେଙ୍କାକୁ ପ୍ରତ୍ୟେକ ଗ୍ରାହକ ଜାଣନ୍ତି। ସ୍ପର୍ଶ, କଥୋପକଥନ, ଅନୁଧ୍ୟାନ ଏବଂ ବିଶ୍ୱାସରେ ପଶ୍ଚାତାପ ନ ଥାଏ।

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ବନାଗ୍ନି

ବ୍ରାଜିଲର ଆମାଜନ ଜଙ୍ଗଲକୁ ବିଶ୍ୱର ଫୁସ୍‌ଫୁସ୍ କୁହାଯାଇଥାଏ। ବିଡ଼ମ୍ବନାର ବିଷୟ ଯେ, ଆମାଜନରେ ଭୟଙ୍କର ନିଆଁ ଦୁଇ ବର୍ଷ ହେଲା ଲଗାତର ଜଳିଆସୁଛି। ଏହା ସେଠାକାର ବନ୍ୟପ୍ରାଣୀ ଓ ଜୈବମଣ୍ଡଳକୁ ଘୋର କ୍ଷତି ପହଞ୍ଚାଇ ଚାଲିଛି। ଏବେ ମଧ୍ୟ ସେହି ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ। ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଏହି ନିଆଁ ୨୦୧୯ ତୁଳନାରେ ୨୦୨୦ରେ ୨୮ ପ୍ରତିଶତ ବଢ଼ିଥିଲା। ସେହିପରି ଏଭଳି ଭୟଙ୍କର ନିଆଁ ଅଷ୍ଟ୍ରେଲିଆରେ ବ୍ୟାପକ କ୍ଷତି ଘଟାଇଥିଲା। ବିଶେଷକରି ୩୦୦ କୋଟି ଜନ୍ତୁଙ୍କ ଜୀବନ ଯାଇଥିଲା କିମ୍ବା ସ୍ଥାନଚ୍ୟୁତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଓଡ଼ିଶାର ଶିମିଳିପାଳ ଭାରତର ଅନ୍ୟତମ ସବୁଜ ଜଙ୍ଗଲସମ୍ପଦ ଭାବେ ଜଣାଶୁଣା ଥିବାବେଳେ ତାହା ଏବେ ହୁତୁହୁତୁ ହୋଇ ଜଳୁଛି। ଏତେବଡ଼ ବିଶାଳ ଜଙ୍ଗଲରେ ଦୁଇ ସପ୍ତାହ ଧରି ନିଆଁ ଲାଗିବାରୁ ବନ ସମ୍ପଦ କ୍ଷତିଗ୍ରସ୍ତ ହେବା ସହ ଅନେକ ବଣୁଆ ଜନ୍ତୁଙ୍କ ପ୍ରାଣହାନି ଘଟିଲାଣି। ନିଆଁ ଲିଭାଇବା ସକାଶେ ବନ ବିଭାଗ ପଦକ୍ଷେପ ନେଉଥିବା କହୁଥିଲେ ମଧ୍ୟ ସ୍ଥିତିରେ ପରିବର୍ତ୍ତନ ଆସିପାରି ନାହିଁ। ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ ଦେଶବ୍ୟାପୀ ୧,୫୨୨ ଜଙ୍ଗଲ ଜଳୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଏବେ ୯୧୮ରେ ପହଞ୍ଚିଲାଣି। ବାଲେଶ୍ୱରର କୁଲଡିହା, ଢେଙ୍କାନାଳର କପିଳାସ, ଅନୁଗୋଳର ହଣ୍ଡପା ରେଞ୍ଜ, ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ପାଲଲହଡ଼ା, କଳାହାଣ୍ଡିର ଜୁନାଗଡ଼ ରେଞ୍ଜ, ବୌଦ୍ଧର କଣ୍ଟାମାଳ, ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳକୁ ମିଶାଇ ରାଜ୍ୟର ୩୦ ଜିଲା ମଧ୍ୟରୁ ପ୍ରାୟ ୨୬ ଜିଲାରେ ଜଙ୍ଗଲ ନିଆଁ ଅସହ୍ୟ ସ୍ଥିତି ସୃଷ୍ଟି କଲାଣି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ତଥ୍ୟ ଅନୁଯାୟୀ ଗତ ଦୁଇ ଦିନ ମଧ୍ୟରେ ଓଡ଼ିଶାରେ ୩୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିବା ଜଙ୍ଗଲ ସମ୍ପଦ ପ୍ରତି ବିପଦ ସୃଷ୍ଟି କରିଛି।

ଶିମିଳିପାଳରେ ନିଆଁ ଲାଗିବା ବିଷୟ ୩ ମାର୍ଚ୍ଚରେ ରାଷ୍ଟ୍ର ହେବା ପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ବିଭାଗୀୟ ବରିଷ୍ଠ ଅଧିକାରୀଙ୍କଠାରୁ ରିପୋର୍ଟ ମାଗିଲେ। ଏପଟେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଲାଗି ଏକ ୯ ଜଣିଆ ଟାସ୍କଫୋର୍ସ ଗଠନ କରିଛନ୍ତି। ଏଥିରେ ଡେରାଡୁନ୍ ଓ ହାଇଦ୍ରାବାଦର ୩ ବିଶେଷଜ୍ଞ ଅଛନ୍ତି। ଏମାନେ ଜଙ୍ଗଲ ନିଆଁର କାରଣ ଓ ନିରାକରଣ ନେଇ ସମୀକ୍ଷା କରିବେ ବୋଲି କୁହାଯାଇଛି। ଓଡ୍ରାଫ୍ ଟିମ୍‌କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯିବ ବୋଲି ରାଜ୍ୟ ସରକାର କହିଛନ୍ତି।

ବନାଗ୍ନିକୁ ରୋକିବା ଏକ ଜଟିଳ ବ୍ୟାପାର। ଏଥିରେ ବିଭିନ୍ନ ପ୍ରକାର ପ୍ରଚେଷ୍ଟା, ବିଶେଷଜ୍ଞଙ୍କ ସହ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନ ଏବଂ ପୂର୍ବର ବୈଜ୍ଞାନିକ ତଥା ବାସ୍ତବ ଅଭିଜ୍ଞତାକୁ ପାଥେୟକରି ଆଗକୁ ବଢ଼ିବାକୁ ପଡ଼େ। ଉଦାହରଣ ସ୍ୱରୂପ, କେତେକ କ୍ଷେତ୍ରରେ କଣ୍ଟ୍ରୋଲଡ୍ ବର୍ଣ୍ଣ ବା ନିୟନ୍ତ୍ରିତ ବନାଗ୍ନି ସୃଷ୍ଟି କରିବାକୁ ଯାଇ ନିଆଁ ଲଗାଇ ବନବିଭାଗ କରିଡର ସୃଷ୍ଟିକରେ, ଯେଉଁଥିରେ ନିଆଁ ଅପରପାର୍ଶ୍ୱର କରିଡରକୁ ଯାଇପାରେ ନାହିଁ। ଅର୍ଥାତ୍ ଘଞ୍ଚ ଅଞ୍ଚଳରେ ଏକ ବ୍ୟବଧାନ ବା ଗ୍ୟାପ୍ ସୃଷ୍ଟି ହୋଇଯାଏ।

ଜଙ୍ଗଲ ଜଳିବା ନେଇ ଅନେକ କାରଣ ରହିଛି। ବିଶେଷଜ୍ଞଙ୍କ ମତରେ ଶିକାରୀମାନେ ଜଙ୍ଗଲ ଭିତରକୁ ଯାଇ ବୁଲିବା ବେଳେ ବିଡି କିମ୍ବା ସିଗାରେଟ୍ ଖାଇ ଜଳୁଥିବା ଅବଶିଷ୍ଟାଂଶ ଫୋପାଡ଼ି ଦେଇ ଆସିଥାଆନ୍ତି। ଆଉ କେତେକେ ଉଦ୍ଦେଶ୍ୟମୂଳକ ଭାବେ ଅଙ୍ଗାର ସଂଗ୍ରହ କରିବାକୁ ଯାଇ ନିଆଁ ଲଗାଇ ଦେଉଛନ୍ତି। ଏହାଦ୍ୱାରା ଶିକାରୀଙ୍କୁ ଦୁଇ ପ୍ରକାର ଲାଭ ହେଉଛି। ଗୋଟିଏ ପଟେ ନିଆଁ ଲାଗିଯାଉଥିବାରୁ ବନ୍ୟଜନ୍ତୁମାନେ ଆରପଟକୁ ପ୍ରାଣ ବିକଳରେ ଦୌଡ଼ି ଆସିଥାଆନ୍ତି। ଏହାର ସୁଯୋଗ ନେଇ ଶିକାରୀ ତା' ଲକ୍ଷ୍ୟ ହାସଲ କରିଥାଏ। ସେହିପରି କେନ୍ଦୁପତ୍ର ମୂଳିକୁ ଉଚ୍ଛେଦ କରାଗଲେ ସେହି ସ୍ଥାନରୁ ନୂଆ ଗଛ ଉଠିଥାଏ। କୁହାଯାଉଛି ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବାରୁ ସରକାରୀ କର୍ମଚାରୀ ଏଥିସକାଶେ ନିଆଁକୁ ସହଜ ମାଧ୍ୟମ କରୁଛନ୍ତି। ବିଶେଷଜ୍ଞଙ୍କ ମତରେ ଓଡ଼ିଶା ଜଙ୍ଗଲରେ ଖରାଦିନେ ନିଆଁ ଲାଗିବା ସହଜ ହେଉଥିବାରୁ ଘଞ୍ଚ ବଣରେ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଘାସ କଟାଯାଇଥାଏ। ହେଲେ ସେଭଳି ଆଗୁଆ ପଦକ୍ଷେପ ନିଆଯାଉ ନ ଥିବାରୁ ଜଙ୍ଗଲ ନିଆଁକୁ କରାୟତ୍ତ କରିବା କଷ୍ଟକର ହୋଇପଡୁଛି। ଓଡ଼ିଶାରେ ଚଳିତବର୍ଷ ତାପମାତ୍ରା ପୂର୍ବବର୍ଷ ଅପେକ୍ଷା ଫେବୃୟାରୀ-ମାର୍ଚ୍ଚରେ ବୃଦ୍ଧି ପାଇଛି। ଏଥିସହିତ ଶୀତ ଋତୁ ଗଲା ପରେ ବର୍ଷା ହୋଇ ନ ଥିବା ହେତୁ ଜଙ୍ଗଲ ଶୁଖିଲା ରହିଆସିଛି। ଫଳରେ ଏହା ବନାଗ୍ନିକୁ ବଢ଼ିବାରେ ଖୋରାକ ଯୋଗାଇଛି।

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଦିନକୁ ଦିନ ବଢ଼ିବାରେ ଲାଗୁଥିବାରୁ ବନାଗ୍ନିର ପ୍ରଭାବ ମଣିଷ ଉପରେ ଅଧିକ ପଡ଼ିବ। କୋଭିଡ୍-୧୯ ଭଳି ଶ୍ୱାସକ୍ରିୟାଜନିତ ରୋଗକୁ ବନାଗ୍ନି ପରି ସ୍ଥିତି ଅଧିକ ମାରାତ୍ମକ କରିଦେବାର ଆଶଙ୍କା ମଧ୍ୟ ରହିଛି। ବନାଗ୍ନି କେବଳ ଯେ ପରିବେଶ, ବନ୍ୟଜନ୍ତୁ, ଜଙ୍ଗଲ ସମ୍ପଦ ପାଇଁ ବିପଦ ତାହା ନୁହେଁ, ମଣିଷର ସ୍ଥିତି ପ୍ରତି ଆହ୍ୱାନ ସୃଷ୍ଟି କଲାଣି। ଏଭଳି ସ୍ଥଳେ ବହୁବିଧ ପଦକ୍ଷେପ ସହ ନିରନ୍ତର ଉଦ୍ୟମ ନିତାନ୍ତ ଜରୁରୀ। ଟାସ୍କଫୋର୍ସ ଗଢ଼ି କିଛିଦିନ ପାଇଁ ତଥ୍ୟ ସଂଗ୍ରହରେ ଲାଗିପଡ଼ିଲେ ସମସ୍ୟାର ସମାଧାନ ମିଳିପାରିବ ନାହିଁ। ଅନ୍ୟସବୁ ଦେଶରେ ଏଭଳି ସମସ୍ୟାର ପ୍ରତିକାର କିଭଳି କରାଯାଇଛି, ତାହା ଅନୁଧ୍ୟାନ କରି ସେଥିରୁ ଓଡ଼ିଶାରେ କେଉଁ ପଦ୍ଧତିସବୁ ଆପଣାଯାଇ ପାରିବ ସେ ଦିଗରେ ଅଭିଯାନ ହେବା ଦରକାର।

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୬

- ସୌରମଣ୍ଡଳରେ ପୃଥିବୀଠାରୁ ସବୁଠାରୁ ଦୂରରେ ଥିବା ପ୍ଲୁଟୋ ଗ୍ରହର ସମ୍ପୂର୍ଣ୍ଣ ଫଟୋ ପ୍ରଥମଥର ପାଇଁ 'ହବଲ ମହାକାଶ ଟେଲିସ୍କୋପ୍' ଦ୍ୱାରା ଉତ୍ତୋଳନ କରାଯାଇପାରିଥିବା ନାସା ପକ୍ଷରୁ କୁହାଯାଇଛି।
- ମୁମ୍ବାଇର ସିଅନ ଅଞ୍ଚଳରେ ଥିବା ଏକ ୫ ମହଲାବିଶିଷ୍ଟ ବୃହତ୍ କୋଠା ଭୁଶୁଡ଼ି ୧୪ ମୃତ।
- କୃଷିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଘୋଷିତ କୃଷିନୀତିରେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | | | | | | | | | A |
| 5 | | | | | | | | | A | 8 | 1 | | | E |
| | | 0 | | E | | | | | 7 | C | 3 | 6 | 8 | |
| 2 | | | | | | 7 | | | E | | 6 | | 9 | |
| C | | | | | | | 2 | | | 5 | | 4 | | D |
| D | | | | | 6 | | 4 | E | | A | | | 5 | 3 |
| | | | | 0 | 1 | | | | | | 5 | 9 | | B |
| | | | D | 2 | | | | | | 7 | | 8 | | C |
| 9 | | | | | | 8 | | | 0 | | B | D | | 2 |
| 8 | | | | | 4 | C | | 5 | 6 | | 9 | | 1 | |
| 4 | | | | | D | 5 | C | 9 | | 6 | | | | |
| | | | | A | | | | 4 | 3 | | | B | | |
| 0 | | 2 | | B | 9 | 3 | | | | 1 | | C | | |
| 7 | 5 | | 1 | | C | | | | | | | | | 4 |
| 6 | 8 | | | | | A | B | | | 9 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 5 | A | 7 | 2 | 4 | B | C | 0 | 8 | E | 9 | 1 | 6 | D |
| 0 | B | D | C | 5 | E | 1 | 4 | 9 | 6 | 3 | A | 8 | 7 | 2 |
| E | 1 | 6 | D | B | A | 8 | 7 | 3 | 2 | 0 | 5 | C | 9 | 4 |
| 7 | 4 | 9 | 1 | 6 | 8 | 5 | A | 2 | D | C | B | E | 0 | 3 |
| C | 2 | 8 | 9 | 0 | 3 | D | E | 6 | 1 | 7 | 4 | A | B | 5 |
| 4 | C | 2 | 5 | 3 | 7 | E | 8 | D | 0 | 9 | 1 | 6 | A | B |
| A | E | 1 | 4 | C | 6 | 9 | 3 | B | 7 | 5 | 2 | 0 | D | 8 |
| 8 | 7 | 0 | B | 9 | D | A | 5 | 1 | C | 6 | 3 | 4 | 2 | E |
| B | 6 | 3 | A | 8 | 2 | 7 | 0 | C | 4 | D | E | 5 | 1 | 9 |
| D | 9 | 5 | E | 1 | 0 | 6 | 2 | 4 | A | B | 8 | 7 | 3 | C |
| 2 | 8 | B | 0 | 4 | C | 3 | 1 | 7 | E | A | D | 9 | 5 | 6 |
| 6 | A | 7 | 8 | D | B | 2 | 9 | E | 5 | 4 | 0 | 3 | C | 1 |
| 9 | 0 | 4 | 3 | E | 5 | C | D | A | B | 1 | 6 | 2 | 8 | 7 |
| 5 | 3 | C | 6 | A | 1 | 4 | B | 8 | 9 | 2 | 7 | D | E | 0 |
| 1 | D | E | 2 | 7 | 9 | 0 | 6 | 5 | 3 | 8 | C | B | 4 | A |

ଗତକାଲିର ଉତ୍ତର

# ମୃତ୍ୟୁପଥରେ ନଦୀ



ବିଚିତ୍ର ବିଶ୍ୱାଳ

ଖରାଦିନେ ଟୋପାଏ ପାଣି ପାଇଁ ବ୍ୟସ୍ତ ହେଉଥିବା ଆମ ଦେଶ ବର୍ଷାର ଆରମ୍ଭରେ ପାଣିର ବହୁଳତାରେ ଚିତ୍କାର କରୁଥିବାର ଆମେ ଦେଖୁଛେ। ଖରାଦିନେ ଶୂନ୍ୟଗର୍ଭା ଥିବା ନଦୀଗୁଡ଼ିକ ବର୍ଷାଦିନେ ଅସମ୍ଭବ ଭାବେ ଫୁଲି ଉଠୁଛନ୍ତି। ମରୁଡ଼ିର ଶିକାର ହେବା ପରେ ପରେ ଲୋକମାନଙ୍କୁ ପୁଣି ବନ୍ୟାର ଦାଉ ସହିବାକୁ ପଡୁଛି। ଅନେକ ଧନ ଜୀବନ ନଷ୍ଟ ହେଉଛି। ଏପରି ପରିସ୍ଥିତି ପ୍ରାୟ ପ୍ରତି ବର୍ଷ ହେଉଥିବା ଦେଖିବାକୁ ମିଳୁଛି। ଖରାଦିନେ ଜଳାଭାବ ସହ ମରୁଡି ଜନିତ ଦୁଃଖ ମଧ୍ୟ ବଢିବାରେ ଲାଗିଛି। ଆମ ରାଜ୍ୟ ଓଡ଼ିଶାରେ ଆମେ ଗତ କିଛିବର୍ଷ ହେବ ଏପରି ପରିସ୍ଥିତିକୁ ଅଙ୍ଗେ ଲିଭାଉଛନ୍ତି। ଲୋକମାନେ ପାଣି ପାଇଁ ହାହାକାର ହେଉଛନ୍ତି। ଏହା ଏକପ୍ରକାର ବିଡ଼ମ୍ବନା କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏସବୁ କେବଳ ପ୍ରାକୃତିକ କାରଣରୁ ହେଉନାହିଁ। ଏହା ପଛରେ ଆମର ତ୍ରୁଟିପୂର୍ଣ୍ଣ ନଦୀ ପରିଚାଳନା ହିଁ ଦାୟୀ।

ଆମ ଦେଶରେ ନଦୀର ଅଭାବ ନାହିଁ। ଆମେ ଜାଣିଛେ ଯେ, ବର୍ଷାପାଣିକୁ ଯଦି ନଦୀ ବାଟ ଦେଇ ଆମେ ସମୁଦ୍ର ମଧ୍ୟକୁ ଛାଡ଼ିଦେବା ତେବେ ପୁନଶ୍ଚ ଖରାଦିନେ ପାଣିର ଅଭାବ ହେବ ହିଁ ହେବ। ଖରାଦିନେ ଆମେ ଯେଉଁ ଜଳସଙ୍କଟର ସମ୍ମୁଖୀନ ହେଉଛେ ସେଥିପାଇଁ ଏହା ମଧ୍ୟ ଦାୟୀ। ବର୍ଷା କେବଳ ପୃଥିବୀକୁ ଶୀତଳତା ନେଇ ଆସେନି, ବର୍ଷା ଆମ ପାଇଁ ସମୃଦ୍ଧି ଓ ସଂପନ୍ନତା ନେଇ ବି ଆସେ। କିନ୍ତୁ ଆମକୁ ସେହି ବର୍ଷାକୁ ତଥା ବର୍ଷାଜଳକୁ ଅତ୍ୟନ୍ତ ସାବଧାନତାର ସହିତ ବ୍ୟବହାର କରିବାକୁ ହେବ। ମଣିଷ ସମାଜ ପାଇଁ ଏତେ ସବୁ ସମୃଦ୍ଧି ନେଇ ଆସୁଥିବା ବର୍ଷାରେ ମଣିଷ ସମାଜର ବିପତ୍ତି ବି ଲୁଚି ରହିଛି। ସଂପ୍ରତି ପରିସ୍ଥିତି ଏପରି ହୋଇଛି ଯେ, ଯଦି କେବେ ଟିକେ ଅଧିକ ବର୍ଷା ହେଉଛି, ଦିନେ ଦୁଇଦିନ ଭିତରେ ନଦୀ ସବୁ ଫୁଲି ଉଠୁଛି ଓ ପରିଣାମ ସ୍ୱରୂପ ତାହା ପ୍ରଳୟଙ୍କରୀ ବନ୍ୟାର ରୂପ ନେଉଛି। କାରଣ ଆମ ଦେଶର ନଦୀର ଗର୍ଭଗୁଡ଼ିକ ପ୍ରାୟତଃ ପୋତି ହୋଇପଡ଼ିଲାଣି। ସାମାନ୍ୟ ବି ଅଧିକ ବର୍ଷା ଜଳକୁ ତାହା ଆଉ ରଖିପାରୁ ନାହିଁ। ଆମ ଦେଶର ଭିନ୍ନ ଭିନ୍ନ ସହରଗୁଡ଼ିକରେ ପ୍ରତି ବର୍ଷ ହେଉଥିବା ବନ୍ୟାର ଘଟଣାରୁ ଆମେ ତଥାପି ବି କିଛି ଶିକ୍ଷା ଲାଭ କରୁଥିବା ପରି ଜଣାପଡୁନାହିଁ। ୨୦୧୫ରେ ଚେନ୍ନାଇ ସହରରେ ଯେଉଁ ବଡ଼ ବନ୍ୟା ହୋଇଥିଲା ଓ ଲୋକମାନଙ୍କ ଘରେ ପାଣି ପଶି ଯାଇଥିଲା ତା'ର ଏକମାତ୍ର କାରଣ ହେଉଛି, ସହରର ଲୋକମାନେ ନଦୀ ଗର୍ଭକୁ ଅଳିଆ ଆବର୍ଜନାରେ ଭରି ଦେଇଥିଲେ ଓ ସାମାନ୍ୟ ଅଧିକ ବର୍ଷା ହେବାରୁ ନଦୀ ଗର୍ଭରେ ପାଣି ଜାଗା ଧରିଲା ନାହିଁ ଓ ପାଣି ଲୋକଙ୍କ ଘରେ ପଶିଲା। ବାଣିଜ୍ୟ ନଗରୀ ମୁମ୍ବାଇ ତ ଏବେ ବନ୍ୟାର ନଗରୀ ଭାବେ ପରିଗଣିତ ହେଲାଣି। ପ୍ରତିବର୍ଷ ବର୍ଷାଦିନେ ବନ୍ୟା ମୁମ୍ବାଇବାସୀଙ୍କ ପାଇଁ ଏକ ନିୟମିତ ସମସ୍ୟାରେ ପରିଣତ ହେଲାଣି। ଏହାର କାରଣ ବି ସମାନ। ମୁମ୍ବାଇବାସୀ ପ୍ରତିଯୋଗିତାର ସହ ତାଙ୍କ ଚାରିପଟେ ଥିବା ନଦୀ ଗୁଡ଼ିକୁ ପୋତିବାରେ ଲାଗିଛନ୍ତି। ରାଜଧାନୀ ଦିଲ୍ଲୀ ବି ଏହି ସମସ୍ୟାରୁ ମୁକ୍ତ ନୁହେଁ। ଦିଲ୍ଲୀର ଯମୁନା ନଦୀରେ ପ୍ରତି ଦିନ ଟନ୍ ଟନ୍ ଆବର୍ଜନା ପଡୁଛି ଓ ଦିନକୁ ଦିନ ଯମୁନା ପୋତି ହେବାରେ ଲାଗୁଛି। ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଦିଲ୍ଲୀ ମେଟ୍ରୋ ସମେତ ଅନେକ ଅନୁଷ୍ଠାନକୁ ଏଥିନେଇ ଚେତେଇବା ସତ୍ତ୍ୱେ ବି ପରିସ୍ଥିତିରେ ସୁଧାର ହେଉଥିବାର ଦେଖାଯାଉନାହିଁ। ନିର୍ମାଣ କାମରୁ ବାହାରୁଥିବା ମାଟି ଓ ଅନ୍ୟାନ୍ୟ ଆବର୍ଜନାକୁ ଯମୁନା ନଦୀରେ ପକେଇବା ସାଧାରଣ ଘଟଣା ହୋଇଗଲାଣି। ନଦୀଗର୍ଭ ପୋତିହେବା ଦ୍ୱାରା କେବଳ ମଣିଷ ନୁହନ୍ତି, ପଶୁପକ୍ଷୀମାନେ ବି ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ମୁଖ୍ୟତଃ ଖରାଦିନେ ଏହା ଭୟଙ୍କର ହେଉଛି।

ଆମେ ସମସ୍ତେ ଜାଣିଛେ ଯେ, ସମଗ୍ର ଦେଶରେ ଆବର୍ଜନା ପ୍ରଚୁର ପରିମାଣରେ ବଢୁଛି ଓ ଆବର୍ଜନାକୁ ପକେଇବାର ସ୍ଥାନ ନିଅଣ୍ଟ ପଡୁଛି। ସାରା ଦେଶରେ ସମସ୍ତ ପ୍ରକାର ଆବର୍ଜନାକୁ ନଦୀ ମଧ୍ୟକୁ ଛାଡ଼ି ଦିଆଯାଉଛି। ନଦୀ ସବୁ ପୋତି ହୋଇପଡ଼ିବାର ଏହା ହିଁ ପ୍ରମୁଖ କାରଣ। ନଦୀଗୁଡ଼ିକର ଏପରି ପରିସ୍ଥିତିରେ ସବୁଠାରୁ ଅଧିକ କୁପ୍ରଭାବ ପଡ଼ିବ ମଣିଷ ସମାଜ ଉପରେ। ସଂପ୍ରତି ଆମ ନଦୀଗୁଡ଼ିକ ସାମ୍ନାରେ ତିନୋଟି ମୁଖ୍ୟ ସମସ୍ୟା ଦେଖାଦେଉଛି। କମ୍ ପାଣି, ପୋତି ହୋଇପଡୁଥିବା ନଦୀଗର୍ଭ ଓ ପ୍ରଦୂଷଣ। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତରେ ଭୀଷଣ ଅନିୟମିତତା ଦେଖାଦେଉଛି। ଯେତିକି ଦିନ ଧରି ଓ ଯେତିକି ପରିମାଣର ବର୍ଷା ହେବା କଥା ସେତିକି ଦିନ ଓ ସେତିକି ପରିମାଣର ବର୍ଷା ହେଉନାହିଁ। କେଉଁଠି ପ୍ରଚୁର ବର୍ଷା ହେଉଛି ତ କେଉଁଠି ବହୁତ କମ୍ ବର୍ଷା ହେଉଛି। ଏସବୁ ପରିସ୍ଥିତି ନଦୀ ପାଇଁ ଅସ୍ତିତ୍ୱର ସଙ୍କଟ ଠିଆ କରିଛି। ବ୍ରହ୍ମପୁତ୍ର, ଗଙ୍ଗା, ମହାନଦୀ ଓ ବ୍ରାହ୍ମଣୀ ଆଦି ବଡ଼ ନଦୀଗୁଡ଼ିକ ରାସ୍ତାରେ ପ୍ରଚୁର ବର୍ଷା ହେଉଛି ଓ ଏଥିରେ ସର୍ବନିମ୍ନ ପ୍ରବାହ ୪.୭ ଲକ୍ଷ ଘନମିଟର ପ୍ରତି ବର୍ଗ କିଲୋମିଟର ହେଉଛି। କୃଷ୍ଣା, ସିନ୍ଧୁ, ତାପ୍ତି, ନର୍ମଦା ଓ ଗୋଦାବରୀ ଆଦି ନଦୀଗୁଡ଼ିକ ରାସ୍ତାରେ କମ୍ ବର୍ଷା ହେଉଛି ଓ ଏଥିରେ ଜଳ ପ୍ରବାହ ୨.୬ ଲକ୍ଷ ଘନମିଟର ପ୍ରତି ବର୍ଗ କିଲୋମିଟର ହେଉଛି। କମ୍ପାନୀଗୁଡ଼ିକୁ ପାଣି, ଜଳସେଚନ, ବଡ଼ ବନ୍ଧ ନିର୍ମାଣ ଆଦି ଯୋଗୁ ନଦୀର ପ୍ରାକୃତିକ ସ୍ୱରୂପ ବିଗିଡ଼ିବାରେ ଲାଗୁଛି ଓ ପରିଣାମ ସ୍ୱରୂପ ନଦୀରେ ପାଣି କମ୍ ରହୁଛି। ଭାରତୀୟ ନଦୀଗୁଡ଼ିକରେ ପ୍ରତି ବର୍ଷ ୧୬୪୫ ଘନ କିଲୋଲିଟର ପାଣି ପ୍ରବାହିତ ହୁଏ, ଯାହା ସାରା ବିଶ୍ୱର ୪.୪୪ ପ୍ରତିଶତ। ଜଳ ସମ୍ପଦ କ୍ଷେତ୍ରରେ ଭାରତବର୍ଷ ସାରା ବିଶ୍ୱରେ ଅଧିକ ସମୃଦ୍ଧ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ସମୁଦାୟ ପାଣିର ୫୦ ପ୍ରତିଶତରୁ ଅଧିକ ବର୍ଷାଋତୁ ତିନି ମାସରେ ସମୁଦ୍ରକୁ ଚାଲିଯାଉଛି ଓ ନଦୀ ଶୁଖିଲା ପଡୁଛି। ଜଙ୍ଗଲ ଧ୍ୱଂସ, ଖଣି ଖନନ, ବିସ୍ଫୋଟକ ଆଦିର ବ୍ୟବହାର ଯୋଗୁ ଅନେକ ପ୍ରକାର ଆବର୍ଜନା ଯାଇ ନଦୀରେ ମିଶୁଛି। ତେଣୁ ନଦୀର ଗର୍ଭ ପୋତି ହେଉଛି। ବେଳେବେଳେ ନଦୀ ମରିଯାଉଛି ନଚେତ୍ ତା'ର ଗତିପଥ ବଦଳି ଯାଉଛି। କଳ କାରଖାନାର ଆବର୍ଜନା, ଘରର ଆବର୍ଜନା, ଜମିରେ ବ୍ୟବହାର ହେଉଥିବା ବିଷାକ୍ତ ରାସାୟନିକର ଅବଶିଷ୍ଟାଂଶ ଆଦି ଯୋଗୁ ନଦୀର ପବିତ୍ର ଜଳ ମଧ୍ୟ ଦ୍ରୁତ ଗତିରେ ବିଷାକ୍ତ ହେବାରେ ଲାଗୁଛି।

ଆଜି ଆମ ଦେଶର ୭୦ ପ୍ରତିଶତ ନଦୀ ପ୍ରଦୂଷିତ ଓ ମୃତ୍ୟୁ ପଥରେ। ଗୁଜରାଟର ଅମଲାଖେଡ଼ି, ସାବରମତୀ ଓ ଖାରୀ, ହରିୟାଣାର ମାରକଣ୍ଡା, ମଧ୍ୟପ୍ରଦେଶର ଖାନ୍, ଉତ୍ତର ପ୍ରଦେଶର କାଲୀ ଓ ହିଣ୍ଡନ, ଆନ୍ଧ୍ରପ୍ରଦେଶର ମୁଂସୀ, ଦିଲ୍ଲୀର ଯମୁନା ଓ ମହାରାଷ୍ଟ୍ରର ଭୀମା ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ୧୦ଟି ନଦୀ। ପରିସ୍ଥିତି ଏପରି ହୋଇଛି ଯେ, ଆମ ଦେଶର ୨୭ଟି ନଦୀ, ନଦୀର ମାନକ ପୂରଣ କରୁନାହାନ୍ତି। ଏତଦ୍‌ବ୍ୟତୀତ ଗଙ୍ଗା ହେଉ କି ଯମୁନା, ମହାନଦୀ ହେଉ କି ଗୋଦାବରୀ, କୃଷ୍ଣା, କାବେରୀ, ବ୍ରହ୍ମପୁତ୍ର, ଝେଲମ୍, ସତଲେଜ, ରାବୀ ଆଦି ସମସ୍ତ ନଦୀ ସଂପ୍ରତି ପ୍ରଦୂଷିତ ଓ ନିଜ ଅସ୍ତିତ୍ୱର ସଙ୍କଟରେ। ଗତ ପଚାଶ ବର୍ଷ ମଧ୍ୟରେ ଅନିୟନ୍ତ୍ରିତ ବିକାଶ, ଔଦ୍ୟୋଗୀକରଣ ଆଦି ଯୋଗୁ ମଣିଷର ଭାବନାରେ ବହୁତ ପରିବର୍ତ୍ତନ ଆସିଛି। ଅତି ପବିତ୍ର ଭାବେ ଦେଖାଯାଉଥିବା ଏହି ସବୁ ନଦୀର ଜଳକୁ ଆଜି ପବିତ୍ର ନୁହେଁ କେବଳ ଏକ ସଂସାଧନ ଭାବେ ଦେଖାଯାଉଛି ଓ ତାକୁ କେତେ ଅଧିକ ଶୋଷଣ କରିହେବ ସେହି ବ୍ୟବସ୍ଥା ଚାଲୁଛି। ଆମେ ଭୁଲିଯିବା ଉଚିତ ନୁହେଁ ଯେ, ନଦୀ ଉପରେ ସଙ୍କଟ କେବଳ ନଦୀର ସଙ୍କଟ ନୁହେଁ। ଏହା ସମଗ୍ର ମାନବ ସମାଜ ଓ ଜୀବଜଗତ ଉପରେ ସଙ୍କଟ। କାରଣ ନଦୀ ସହିତ ଜଙ୍ଗଲ, ପାହାଡ଼, ଜୀବଜନ୍ତୁ, ଜନଜୀବନ ଆଦି ଅତି ଗଭୀର ଭାବେ ଜଡ଼ିତ। ତେଣୁ ନଦୀଗୁଡ଼ିକୁ ଉପଯୁକ୍ତ ଭାବେ ପରିଚାଳନା କରି ତାଙ୍କ ଅସ୍ତିତ୍ୱର ସୁରକ୍ଷା କରିବାକୁ ପଡ଼ିବ ଓ ଫଳସ୍ୱରୂପ ଏହା ମାନବ ସମାଜ ପାଇଁ ବରଦାୟକ ସାବ୍ୟସ୍ତ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
bichitrabiswal@gmail.com

# ସାଧାରଣରୁ ଅସାଧାରଣ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ତିନି ଜଣ ବିଖ୍ୟାତ ବ୍ୟକ୍ତି। ଶକୁନ୍ତଳା ଦେବୀ (୧୯୨୯-୨୦୧୩), ଆଇନ୍‌ଷ୍ଟାଇନ (୧୮୭୯-୧୯୫୫) ଓ ଆଚାର୍ଯ୍ୟ ରଜନୀଶ (ବହୁ ପରିଚିତ ନାମ ଓଶୋ, ୧୯୩୧-୧୯୯୦)। ଇନ୍ଦ୍ରିୟାତୀତ ସନ୍ଦେଶ ସଂପର୍କରେ ସେମାନଙ୍କ ମତ ଏଠାରେ ପ୍ରଣିଧାନ କରାଯାଇଛି।

ଆମ ଶରୀରରେ ୫ଟି ଜ୍ଞାନେନ୍ଦ୍ରିୟ ଅଛି। ଏହି ପାଞ୍ଚଟି ଜ୍ଞାନ ସହାୟକ ଇନ୍ଦ୍ରିୟମାନ ହେଲେ: ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍। କିନ୍ତୁ ବେଳେବେଳେ ହଠାତ୍ ସ୍ୱତଃସ୍ଫୂର୍ତ୍ତ ଭାବେ ଆମେ ବୁଝିପାରିବା ଭଳି ସନ୍ଦେଶ ଆମେ ପ୍ରାପ୍ତ ହେଉ। ଏମିତି ମନକୁ ମନ ଆମକୁ ଅନୁପ୍ରେରିତ କରୁଥିବା ସନ୍ଦେଶକୁ ଆମେ ଅତୀନ୍ଦ୍ରିୟ ଅନୁଭୂତିରେ ପର୍ଯ୍ୟାୟଭୁକ୍ତ କରିଥାଉ। ଇନ୍ଦ୍ରିୟର ଅଗୋଚରରେ ଘଟୁଥିବା ଏମିତି ଅନ୍ତଃଜ୍ଞାନ ସମସ୍ତ ସଚେତନ ବ୍ୟକ୍ତି ବିଭିନ୍ନ ମାତ୍ରାରେ ନିଜ ଜୀବନରେ ଲକ୍ଷ୍ୟ କରିଥା'ନ୍ତି।

ଏହି ପୃଷ୍ଠଭୂମିରେ କିଛି ସୁପ୍ରତିଷ୍ଠିତ ବ୍ୟକ୍ତିଙ୍କ ମତାମତ ତଥା ସେମାନଙ୍କ ଜୀବନଯାତ୍ରା ଉପରେ ଉକ୍ତ ପ୍ରତ୍ୟକ୍ଷ ବୋଧର ପ୍ରଭାବ ବିଚାର୍ଯ୍ୟ।

ବାଙ୍ଗାଲୋରର ଏକ କନ୍ନଡ଼ ବ୍ରାହ୍ମଣ ପରିବାରରେ ଜନ୍ମିତା ଶକୁନ୍ତଳାଙ୍କ ବାପା ମୁଖ୍ୟତଃ ସର୍କସମାନଙ୍କରେ ଯାଦୁକର-ବୃତ୍ତିରେ ନିୟୋଜିତ ଥିଲେ। ସେ ଶକୁନ୍ତଳାଙ୍କଠାରେ ଗଣିତ ଓ ସଂଖ୍ୟାଖେଳରେ ଅଭୂତପୂର୍ବ ଦକ୍ଷତା ଥିବା ଜାଣିପାରିଲେ। ସେତେବେଳକୁ ତାଙ୍କ କନ୍ୟାଙ୍କ ବୟସ ମୋଟେ ତିନିବର୍ଷ ଥିଲା। ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ଭାବି ସେ ନିଜେ ସର୍କସ ବୃତ୍ତିରୁ ବିଦାୟ ନେଲେ ଓ ଝିଅକୁ ତାସ୍ ଦ୍ୱାରା ନୂତନ କୌଶଳ ମାନ ଉପସ୍ଥାପନ କରି ଅର୍ଥ-ଉପାର୍ଜନ ସକାଶେ ରାସ୍ତାକଡ଼ରେ ପଥପ୍ରାନ୍ତ ପ୍ରଦର୍ଶନୀମାନ ଆୟୋଜନ କଲେ। ଏମିତି ପୃଷ୍ଠଭୂମିରେ କୌଣସି ବିଦ୍ୟାଳୟରେ ନାମ ଲେଖାଇ ରୀତିମତ ପାଠ ପଢ଼ିବା ସୁଯୋଗରୁ ଶକୁନ୍ତଳା ବଞ୍ଚିତା ହେଲେ। ତାଙ୍କୁ ମୋଟେ ଛଅବର୍ଷ ହୋଇଥିବା ବେଳେ ସେ ମହୀଶୂର ବିଶ୍ୱବିଦ୍ୟାଳୟରେ ପାଟୀଗଣିତରେ ତାଙ୍କ ଆଶ୍ଚର୍ଯ୍ୟଜନକ ଦକ୍ଷତାର ଦୃଢ଼ ପ୍ରମାଣ ଦେଇ ଉପସ୍ଥିତ ସୁଧୀଗଣଙ୍କ ପ୍ରଶଂସାଭାଜନ ହୋଇଥିଲେ। ଏହି ବିଚକ୍ଷଣତା ଯୋଗୁ ୧୫ ବର୍ଷୀୟା ଶକୁନ୍ତଳା ୧୯୪୪ରେ ଲଣ୍ଡନ ଯାତ୍ରା କରିବା ସୌଭାଗ୍ୟ ପ୍ରାପ୍ତ ହେଲେ।

ପାଟୀଗଣିତର ଜଟିଳ ଗୁଣନଭିତ୍ତିକ ପ୍ରଶ୍ନାବଳୀ ସେ ମାନସାଙ୍କ ପରି ତୁରନ୍ତ ସଠିକ୍ ଉତ୍ତର ଦେଇ ପାରୁଥିଲେ। ଏହି ଅପ୍ରମିତ ପ୍ରତିଭା ପାଇଁ ତାଙ୍କୁ ଯଥାର୍ଥରେ ମଣିଷ-କମ୍ପ୍ୟୁଟର (ହ୍ୟୁମାନ କମ୍ପ୍ୟୁଟର), ମାଥ୍-ୱିଜ୍ ଇତ୍ୟାଦି ଆଖ୍ୟା ଦିଆଯାଇଥିଲା।

ସେ ନିଜ ପ୍ରତିଭାର ପରିଚୟ ଦେବାକୁ ୧୯୫୦ରେ ୟୁରୋପର ବିଭିନ୍ନ ଦେଶ ସମେତ ୧୯୭୬ରେ ନ୍ୟୁୟର୍କ ସିଟି ଭ୍ରମଣ କରିଥିଲେ। ତେବେ ୧୯୮୮ରେ ବେର୍କଲେର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଏଜୁକେସନାଲ ସାଇକୋଲୋଜିର ପ୍ରଫେସର ଆର୍ଥର ଜେନ୍‌ସେନ ତାଙ୍କୁ ବିଭିନ୍ନ ଗାଣିତିକ ପ୍ରଶ୍ନର ହିସାବ ସମ୍ବନ୍ଧରେ ପରୀକ୍ଷା କଲେ। ଆଠ ସଂଖ୍ୟା ବିଶିଷ୍ଟ ଓ ନଅ ସଂଖ୍ୟା ବିଶିଷ୍ଟ ଦୁଇଟି ବୃହତ୍ ଅଙ୍କର ଯଥାକ୍ରମେ ତୃତୀୟ ଓ ସପ୍ତମ ବର୍ଗମୂଳର ଉତ୍ତର ସେ କ୍ଷଣିକରେ ଖାତାରେ ସଠିକ୍ ଭାବେ ଗଣନା କରି ଲେଖିଥିଲେ। ୧୯୯୦ରେ ପ୍ରଫେସର ଜେନ୍‌ସେନ 'ଇଣ୍ଟେଲିଜେନ୍ସ' ନାମକ ଏକ ଜର୍ନାଲରେ ଏ ସମ୍ପର୍କରେ ଗୋଟିଏ ଚମକପ୍ରଦ ନିବନ୍ଧ ପ୍ରକାଶ କରିଥିଲେ। ଏଥିପୂର୍ବରୁ ୨୦୧ ଏକକ ବିଶିଷ୍ଟ ଗୋଟିଏ ବୃହତ୍ ସଂଖ୍ୟାର ତେଇଶତମ ବର୍ଗମୂଳ ସଦର୍ନ ମେଥଡେଷ୍ଟ ବିଶ୍ୱବିଦ୍ୟାଳୟରେ ପରୀକ୍ଷକଙ୍କ ସମକ୍ଷରେ ନିର୍ଣ୍ଣୟ କରିଥିଲେ। ଏହି ଉତ୍ତରଟି ୟୁନିଭାକ୍- ୧୧୦୧ କମ୍ପ୍ୟୁଟରର ଉତ୍ତର ସହ ମେଳ ଖାଇଥିଲା। ତେଣୁ ତାଙ୍କୁ ମେଣ୍ଟାଲ କାଲ୍‌କୁଲେଟର କହିବା ଯଥାର୍ଥ। ତାଙ୍କ ଉତ୍ତର ଥିଲା ଅବ୍ୟର୍ଥ।

ଜୁନ୍ ୧୯୮୦ରେ ସେ ଦୁଇଟି ତେର-ଏକକ-ବିଶିଷ୍ଟ ସଂଖ୍ୟାର ଗୁଣନ ମାତ୍ର ଅଠାଇଶ ସେକେଣ୍ଡରେ ଲଣ୍ଡନର ଇମ୍ପିରିଆଲ କଲେଜର ଦର୍ଶକ-ମଣ୍ଡଳୀ ଆଗରେ ସଫଳ ଭାବେ କରିଥିବାରୁ ୧୯୮୨ରେ ଗିନିଜ୍ ୱାର୍ଲ୍ଡ ଅଫ୍ ରେକର୍ଡସ ପାଇଁ ସେ ଯୋଗ୍ୟା ବିବେଚିତ ହୋଇଥିଲେ। ତେବେ ଉକ୍ତ "ଦ୍ରୁତତମ ମାନବ-ଗଣନ" ଭାବେ ପ୍ରମାଣପତ୍ର ଗିନିଜ୍ କର୍ତ୍ତୃପକ୍ଷ ମରଣୋତ୍ତର ଭାବେ ତାଙ୍କୁ ଚାଳିଶ ବର୍ଷ ପରେ ପ୍ରଦାନ କରି ତାଙ୍କୁ ଗୌରବାନ୍ୱିତ କରିଥିଲେ।

ଗତ ଶତାବ୍ଦୀର ପଚାଶ ଦଶକରେ ଆଇନ୍‌ଷ୍ଟାଇନଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ସେତେବେଳେ ଆଇନ୍‌ଷ୍ଟାଇନ ତାଙ୍କୁ ଏକ ବିଶାଳ-ଏକକ-ବିଶିଷ୍ଟ ସଂଖ୍ୟା ସମ୍ବଳିତ ପ୍ରଶ୍ନର ଗାଣିତିକ ଉତ୍ତର ପାଇଁ ଆହ୍ୱାନ କଲେ। କିନ୍ତୁ ଆଇନ୍‌ଷ୍ଟାଇନଙ୍କ ପ୍ରଶ୍ନ ସମାପ୍ତ ହେଉ ହେଉ ଶକୁନ୍ତଳା ତା'ର ଉତ୍ତର ସମ୍ମୁଖସ୍ଥ କଳାପଟାରେ ଲେଖିବା ଆରମ୍ଭ କଲେ। ଉତ୍ତରଟି ଏତେ ଦୀର୍ଘ ଥିଲା ଯେ, ତାହା ସମଗ୍ର କଳାପଟାର ସ୍ଥାନ ମାଡ଼ି ବସିଲା। ସେତେବେଳେ ଆଇନ୍‌ଷ୍ଟାଇନ ଅବାକ୍ ହୋଇ ଘୋଷଣା କଲେ ; ଏହି ପ୍ରଶ୍ନର ଉତ୍ତର ପାଇଁ ମୋତେ ତିନିଘଣ୍ଟା ସମୟ ଲାଗିଥା'ନ୍ତା। ପୁଣି ମୋତେ ପ୍ରଚଳିତ ପଦ୍ଧତି ବ୍ୟବହାର ଦ୍ୱାରା ସମାଧାନ କରିବାକୁ ପଡ଼ିଥା'ନ୍ତା। ଏଥିରେ ଗୋଟିଏ ଷ୍ଟେପ ଭୁଲି ଯାଇଥିଲେ ମୋ ଉତ୍ତର ସଂପୂର୍ଣ୍ଣ ଭୁଲ ହୋଇଯାଇଥା'ନ୍ତା। କିନ୍ତୁ ଶକୁନ୍ତଳା ଦେବୀ ଆଖିପିଛୁଳାକେ ଯେମିତି ସଠିକ୍ ଉତ୍ତର ଦେଲେ, ତାହା ଅବିଶ୍ୱସନୀୟ।

ଶକୁନ୍ତଳା ତାଙ୍କର ଏହି ଦକ୍ଷତା ସମ୍ପର୍କରେ କହିଥିଲେ, "ମୁଁ ଜାଣେ ନାହିଁ, ମୁଁ ଏମିତି କିପରି କରିପାରୁଛି। ସରଳ ଭାବେ କହିପାରେ ଯେ, ଏହା ସେମିତି ଘଟିଯାଉଛି। ମୋତେ ପ୍ରଶ୍ନଟିଏ ପଚରାଗଲେ ମୋ ଆଖି ଆଗରେ ୧, ୨, ୩... ଇତ୍ୟାଦି ସଂଖ୍ୟାଗୁଡ଼ିକ ଆପେଆପେ ଦେଖାଯାଆନ୍ତି ଏବଂ ମୁଁ ସେଇ ସବୁ ଲେଖିଚାଲେ।" ଏହି ଘଟଣା ସମ୍ବନ୍ଧରେ ଚାକ୍ଷୁସ ପ୍ରମାଣ ସ୍ୱରୂପ ଶ୍ରୀ ରଜନୀଶ୍ କହନ୍ତି- ଆଇନ୍‌ଷ୍ଟାଇନଙ୍କ ପ୍ରଦତ୍ତ ପ୍ରମାଣପତ୍ର ଶକୁନ୍ତଳା ଦେବୀ ଚେନ୍ନାଇରେ ତାଙ୍କୁ ଥରେ ଦେଖାଇଥିଲେ।

ଆଇନ୍‌ଷ୍ଟାଇନ ନିଜେ ଅତୀନ୍ଦ୍ରିୟ ଚେତନାରେ ଗଭୀର ବିଶ୍ୱାସ ପୋଷଣ କରୁଥିଲେ। ତାଙ୍କ ଭାଷାରେ "ମୁଁ ଇନ୍ଦ୍ରିୟାତୀତ ଭାବନା ଓ ପ୍ରେରଣା (ଇଣ୍ଟୁଇସନ ଆଣ୍ଡ ଇନ୍‌ସ୍ପିରେସନ)କୁ ବିଶ୍ୱାସ କରେ। ବେଳେବେଳେ ମୁଁ ନିଶ୍ଚିତ ହୋଇଯାଏ ଯେ, ମୁଁ ହେଉଛି ଠିକ୍, ନିର୍ଭୁଲ୍। କିନ୍ତୁ ମୁଁ ଏହି ଭାବନା ପଛର କାରଣ ଜାଣିପାରେ ନାହିଁ।" ସେ ଅନ୍ୟତ୍ର କହିଛନ୍ତି, "ଅତୀନ୍ଦ୍ରିୟ ଅନ୍ତର୍ବୋଧ (ଇଣ୍ଟୁଇସନ) ଗୋଟିଏ ପବିତ୍ର ଉପହାର ଏବଂ ଯୁକ୍ତିସିଦ୍ଧ (ରାସନାଲ) ମନ ଆମର ବିଶ୍ୱସ୍ତ ଭୃତ୍ୟ। କିନ୍ତୁ ଆମ ସମାଜରେ ଭୃତ୍ୟକୁ ସମ୍ମାନିତ କରାଯାଉଛି ଏବଂ ଉପହାରଟି ବିସ୍ମୃତ ହୋଇଯାଉଛି।"

ଶକୁନ୍ତଳା ଦେବୀଙ୍କ ପ୍ରସଙ୍ଗରେ ଆଲୋଚନାବେଳେ ଓଶୋ କହିଛନ୍ତି ଯେ, ଆମ ମନକୁ ଯେଉଁ ଚମତ୍କାର ଓ ସୃଜନଶୀଳ ଭାବନା ହଠାତ୍ ଆସିଥାଏ, ତାହା ହେଉଛି ଅତୀନ୍ଦ୍ରିୟ ଭାବନାର ଫଳ। କିନ୍ତୁ ଏହା ଆମ ହାତରେ ନାହିଁ। ଏହା ଥାଏ ବିଶ୍ୱର ଅତି ଚେତନା(ସୁପର କନ୍‌ସିଅସ୍) ମଧ୍ୟରେ। ଆମେ ଏହି ମହାସାଗର ମଧ୍ୟରେ ଗୋଟିଏ କ୍ଷୁଦ୍ର ଭାସମାନ ବରଫଖଣ୍ଡ ପରି । ଏହା ତରଳି ସେଇ ମହାସାଗରରେ ମିଶିବା କ୍ଷମତା ରଖେ। ଓଶୋଙ୍କ ବକ୍ତବ୍ୟରେ ରହିଛି ଦାର୍ଶନିକତାର ପୁଟ।

ତେବେ ଶକୁନ୍ତଳାଙ୍କ ଜୀବନର ବିଶେଷତ୍ୱ ତାଙ୍କ ଆଚାର ବ୍ୟବହାରରେ ସୁସ୍ପଷ୍ଟ। ସାଧାରଣତଃ ଗଣିତଜ୍ଞମାନେ ଗମ୍ଭୀର। କିନ୍ତୁ ଶକୁନ୍ତଳା ହସଖୁସି ମିଜାଜର। ତାଙ୍କର ଏକମାତ୍ର ସନ୍ତାନ ହେଉଛନ୍ତି କନ୍ୟା- ଅନୁପମା ବାନାର୍ଜୀ। ଅନୁପମା ଅଭୟ କୁମାରଙ୍କୁ ବିବାହ କରିଛନ୍ତି। ଏହି ପ୍ରସଙ୍ଗରେ ଶକୁନ୍ତଳା କହନ୍ତି ଯେ, ସେ ଅଭୟଙ୍କୁ ଦେଖିବାମାତ୍ରେ ଜାଣିପାରିଲେ ଯେ, ଅଭୟ ତାଙ୍କ କନ୍ୟାର ପାଣି ଗ୍ରହଣ କରିବେ। ଅନେକ ସମୟରେ ତାଙ୍କୁ ସାକ୍ଷାତ୍ କରିବାକୁ ଲୋକମାନେ ଅପେକ୍ଷା କରିଥା'ନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସେ ଆଗରୁ ଜାଣିପାରିଥା'ନ୍ତି ତାଙ୍କୁ କିଏ କିଏ ଭେଟିବାକୁ ଆସିଛନ୍ତି। ସେ ସେମାନଙ୍କ ଅତୀତ, ଭବିଷ୍ୟତ ଏବଂ ବିଭିନ୍ନ ଗୋପନୀୟ ବିଷୟରେ ପୂର୍ବଧାରଣା କରିପାରିଥା'ନ୍ତି। ତେଣୁ ତାଙ୍କୁ କୁହାଯାଏ ଯେ, 'ମନ-ଗତିବିଜ୍ଞାନ ବା ବିଦ୍ୟା' (ମାଇଣ୍ଡ ଡାଇନାମିକ୍ସ)ର ସେ ପ୍ରଣେତା। ଏଥିରେ ମନର ଗତି ଓ ଏହାକୁ ପ୍ରଭାବିତ କରୁଥିବା କାରକମାନ ଜାଣିହୁଏ।

ଅତୀନ୍ଦ୍ରିୟ ଚେତନା ବଳରେ ଜଣେ ସାଧାରଣ ବ୍ୟକ୍ତି କିପରି ସଫଳତାର ଶିଖରରେ ପହଞ୍ଚିପାରେ, ଶକୁନ୍ତଳା ଦେବୀ ହେଉଛନ୍ତି ତାହାର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ। ଏହା ସମସ୍ତଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ।

ମୋ: ୯୦୭୮୭୪୩୮୪୩

## ଏଇ ଭାରତରେ

ବହୁ ସମୟରେ ତୃଣମୂଳ ସ୍ତରରେ କେତେକ କୃଷକ ଚାଷରେ କିଛି ଅଭିନବ ପଦ୍ଧତି ଆପଣାଇ ଫସଲ ଉତ୍ପାଦନ କରିଥାଆନ୍ତି; ଯାହା ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଏଭଳି ଜଣେ ଚାଷୀ ହେଉଛନ୍ତି କେରଳର ସି.ଭି. ଭର୍ଗିସ। ୱାୟନାଡ଼ର ଏହି ଚାଷୀ କମ୍ ଜାଗାରେ ଭର୍ଟିକାଲ ମେସ୍ ଟାୱାର ପଦ୍ଧତିରେ କେବଳ ଶୁଖିଲା ପତ୍ର ଉପଯୋଗ କରି ଜୈବିକ ପଦ୍ଧତିରେ ପ୍ରଚୁର ଟମାଟୋ, ଗାଜର, ଆଳୁ ଓ ପରିବା ଉତ୍ପାଦନ କରୁଛନ୍ତି। ଭର୍ଟିକାଲ ମେସ୍ ଟାୱାର ପଦ୍ଧତିରେ ସେ ୫ ଫୁଟ୍ ଉଚ୍ଚ ଓ ୨ ଇଞ୍ଚ ଫାଙ୍କ ଥିବା ଗୋଲାକାର ତା'ର ଜାଲି ଭିତରେ ଶୁଖିଲା ପତ୍ର ସହ ଗୋବର ଖତ, ନିମ କେକ୍ ଆଦି ବ୍ୟବହାର କରିଥାଆନ୍ତି। ଏଥିରେ ଖୁବ୍ କମ୍ ମାଟି ସେ ଦେଉଛନ୍ତି। ଗଛରେ ପାଣି ଦେବା ଲାଗି ଏହା ମଧ୍ୟରେ ଏକ ଛିଦ୍ରଯୁକ୍ତ ପିଭିସି ପାଇପ ରଖାଯାଉଛି। ଏହା ଦ୍ୱାରା ଚାଷରେ କମ୍ ପାଣି ଲାଗୁଛି। ୨୦୨୦ର ଶେଷ ଭାଗରେ ଭର୍ଗିସ ଏଭଳି ୨୦ଟି ଟାୱାରରେ ଚାଷ ଆରମ୍ଭ କରିଥିଲେ। ଏବେ ଏଥିରୁ ସେ ଯାହା ପରିବା ଉତ୍ପାଦନ କରୁଛନ୍ତି ସେଥିରେ ପରିବାରର ଆବଶ୍ୟକତା ପୂରଣ କରିବା ପରେ ବଳକା ପରିବା ବିକ୍ରି କରୁଛନ୍ତି। ତାଙ୍କର ଏହି ପଦ୍ଧତି କମ୍ ଜାଗାରେ ଘର ଅଗଣା ଓ ବାଲ୍‌କୋନିରେ ଚାଷ କରୁଥିବା ଲୋକଙ୍କ ପାଇଁ ଏକ ନୂଆ ବାଟ ଦେଖାଇଛି।

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ ସ୍ନିଗ୍ଧ ରୁକ୍ଷ
ସୁନ୍ଦର କୁତ୍ସିତ
ଅତି ଆଦରର ମୋର, ଏ ଜୀବନେ
ଅତି ପରିଚିତ
କେତେ ଆଶା କେତେ ମୋର
ଆକାଙ୍କ୍ଷାର ଧନ
ଛାଡ଼ି ସବୁ ନ ଲୋଡ଼ଇ ସ୍ୱରଗ ଭୁବନ,
ଜନନୀର ଅମୃତ ସେନେହ
ଲାଳିତ କରଇ ଏ ଯେ ଦେହ,
ଆଶିଷ ପିତାର
କଲ୍ୟାଣ ଆଧାର
ଏତେ ପ୍ରାଣ
ଏତେ ଦାନ !

-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭେଜାଲ ଖାଦ୍ୟ ଖାଇ ଅଳ୍ପାୟୁ

ମହାଶୟ,

ଆମ ଠାକୁବାପା, ଠାକୁମା, ଅଜା, ଆଈମା ଶହେ ବର୍ଷ ବଞ୍ଚୁଥିଲେ। ପୁରାଣରେ ଓ ବୈଜ୍ଞାନିକଙ୍କ ମତରେ ମନୁଷ୍ୟର ପରମାୟୁ ହେଉଛି ଶହେ ବର୍ଷ। ହେଲେ ଏହା ଦିନକୁ ଦିନ କମିବାରେ ଲାଗିଛି। ଆମ ପୂର୍ବପିଢ଼ି ଖାଉଥିଲେ ନିଜ ବାଡିରେ ବିନା ସାର ଓ କୀଟନାଶକରେ ଫଳୁଥିବା ପନିପରିବା , କ୍ଷେତରେ ଚାଷ ହେଉଥିବା ଦେଶୀ ଧାନ। ନିଜ ପୋଖରୀର ମାଛ, ଘରେ ପାଳିଥିବା ଦେଶୀ କୁକୁଡ଼ା ଓ ଅଣ୍ଡା। କିନ୍ତୁ ଏବେ ଲୋକମାନେ ଖାଉଛନ୍ତି ସାର ଓ କୀଟନାଶକ ପ୍ରୟୋଗ ହୋଇ ଫଳୁଥିବା ପନିପରିବା, ବ୍ରଏଲର, ଲେୟର କୁକୁଡ଼ା ଓ ଅଣ୍ଡା । ଏଥିପାଇଁ ପଚାଶ ବର୍ଷ ହୋଇଗଲା ପରେ କିଏ ହୃଦ୍‌ଘାତ, ମଧୁମେହ, ପକ୍ଷାଘାତ ରୋଗରେ ପୀଡିତ ହୋଇ ଅଳ୍ପାୟୁରେ ମୃତ୍ୟୁବରଣ କରୁଛନ୍ତି। କୁକୁଡ଼ାଙ୍କୁ କେମିକାଲ ମିଶ୍ରିତ ଖାଦ୍ୟ ଦେଇ ଦୁଇ ମାସରେ ତିନି କେଜି ଓଜନ କରାଯାଉଛି। ମାଛରେ କେମିକାଲ ଗୋଳାଯାଉଛି ଓ କେମିକାଲ ଖାଦ୍ୟ ଦେଇ ଓଜନିଆ କରାଯାଉଛି। ଏମିତି ଭେଜାଲ ଖାଦ୍ୟ ଆମ ଆୟୁଷ କମାଇ ଦେଉଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ହେଉଥିବା ଚିଙ୍ଗୁଡି ଚାଷରେ ଚିଙ୍ଗୁଡି ଖାଇ ଲୋକ ଚର୍ମରୋଗରେ ପୀଡିତ ହେଉଛନ୍ତି।

-କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ସାଆନ୍ତା,
ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରେ ସୋମବାର ୬ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୨ଜଣ, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୨ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ଜଣେ ଓ ବଅଁରପାଳ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଅନୁଗୋଳ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ସୂଚନା ମିଳିଛି।

# ଉଚ୍ଛେଦ ନେଇ ଅସନ୍ତୁଷ୍ଟ ଉଠାଦୋକାନୀ

- ଥଇଥାନ ଦିଗରେ ଦିଆଯାଉନି ଦୃଷ୍ଟି
- ଏଯାଏ କାହାକୁ ମିଳିନି କ୍ଷତିପୂରଣ
- ତୁରନ୍ତ ପଦକ୍ଷେପ ନେବାକୁ ବଇଣ୍ଡା ବଜାର କମିଟିର ଦାବି

**ବଇଣ୍ଡା,୮।୩(ଡି.ଏନ୍.ଏ.)**

ରାଜପଥ ସମ୍ପ୍ରସାରଣ ପାଇଁ ୩ ବର୍ଷ ତଳେ ବଜାରରୁ ୫ ଶହ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ସେମାନଙ୍କୁ ଥଇଥାନ କି କ୍ଷତିପୂରଣ ଦିଆଯାଇ ନ ଥିଲା। ରାସ୍ତା କାର୍ଯ୍ୟ ମଧ୍ୟ ଆରମ୍ଭ ହେଉ ନ ଥିଲା। ଦୀର୍ଘଦିନ ଧରି ରୋଜଗାର ହରାଇ ଘରେ ବସିବା ପରେ ସମ୍ପୃକ୍ତ ଉଠାଦୋକାନୀଙ୍କ ମଧ୍ୟରୁ ଶତାଧିକ ଜଣ ବଜାରରେ ପୁନଃ ଦୋକାନ ଦେଇଥିଲେ। ହେଲେ ପରିବାର ପାଇଁ କିଛି ଉପାର୍ଜନ କରିବା ପୂର୍ବରୁ ସେମାନଙ୍କୁ ପୁଣି ଉଚ୍ଛେଦ କରାଯାଉଛି। କରୋନା ସମୟରେ ଲୋକଙ୍କୁ ରୋଜଗାର ଦେବାକୁ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ନେଇ ବଇଣ୍ଡା ବଜାର ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।


ବଇଣ୍ଡା ବଜାରଠାରେ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି।

କିଶୋରନଗର ବ୍ଲକର ବଇଣ୍ଡା ବଜାର ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ୪ ଲେନ୍ କାର୍ଯ୍ୟ ପାଇଁ ୨୦୧୭-୧୮ରେ ବଇଣ୍ଡା ବଜାରରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ହେଲେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ସମ୍ପ୍ରସାରଣ ଆରମ୍ଭ ହୋଇ ନ ଥିଲା। ଏଥିସହ ବଜାରରୁ ଉଠାଯାଇଥିବା ବ୍ୟବସାୟୀମାନଙ୍କୁ ଥଇଥାନ କି କ୍ଷତିପୂରଣ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହା ବିରୋଧରେ ଉଠା ଦୋକାନୀ ସଂଘ ପକ୍ଷରୁ କୋର୍ଟର ଆଶ୍ରୟ ନିଆଯାଇଥିଲା। ଜିଲାପାଳ, ସମ୍ବଲପୁର ଆର୍‌ଡିସି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଯାଇଥିଲା। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ବଜାର ନିକଟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଯାଇ ୩ ବର୍ଷ ତଳୁ ଦୋକାନୀଙ୍କୁ ଉଚ୍ଛେଦ କରିବା ନେଇ ବହୁବାର ସଂଘ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଥଇଥାନ ଓ କ୍ଷତିପୂରଣ ଦାବି କରାଯାଇଥିଲା। ତେବେ ଦୀର୍ଘଦିନ ଧରି ବ୍ୟବସାୟ ହରାଇଥିବା ବହୁ ଉଠାଦୋକାନୀ ବଜାରରେ ପୁଣି ଦୋକାନ ଦେଉଥିବା ବେଳେ ଗତ ଜାନୁୟାରୀ ୩୦ ତାରିଖରୁ ସର୍ଭିସ ରୋଡ୍ କରୁଥିବା ଠିକା ସଂସ୍ଥା ମାର୍ଚ୍ଚ ୭ ତାରିଖଠାରୁ ସେଥିରେ ଭାରିଯାନ ଚଳାଚଳ ଆରମ୍ଭ ସହ ଓରଭ ବ୍ରିଜ୍ ନିର୍ମାଣ ପାଇଁ ଗାତ ଖୋଳାଉଛି। ଏଥିପାଇଁ ଉଠାଦୋକାନୀମାନଙ୍କୁ ବିନା ଥଇଥାନ ଓ କ୍ଷତିପୂରଣରେ ଉଚ୍ଛେଦ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ସେହିପରି ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ସେଠାରେ ବ୍ୟବସାୟୀମାନେ ସ୍ଥାୟୀ ଭାବେ ଦୋକାନ ଦେଇପାରୁ ନାହାନ୍ତି। ପ୍ରଶାସନର ତଦାରଖ ଅଭାବରୁ ନିର୍ମାଣ ତ୍ୱରାନ୍ୱିତ କରୁ ନ ଥିବା ଠିକା ସଂସ୍ଥା ବର୍ଷ ବର୍ଷ ଧରି ବିଳମ୍ବ କରିବା ସହ ବ୍ୟବସାୟରେ ବାଧା ପହଞ୍ଚାଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଉଠାଦୋକାନୀଙ୍କୁ କ୍ଷତିପୂରଣ ଦେବା ସହ ଥଇଥାନ କରିବାକୁ ବଇଣ୍ଡା ଛକ ବିକାଶ ପରିଷଦ ଓ ବଜାର କମିଟି ପକ୍ଷରୁ ଦାବି ହୋଇଛି।

### ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ



"ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଥିଲେ ମଧ୍ୟ କ୍ଷତିପୂରଣ ଯୋଗାଇ ଦିଆଯାଉ ନାହିଁ ଏ ନେଇ ଜିଲା ପ୍ରଶାସନକୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ପଦକ୍ଷେପ ନିଆଯାଉ ନ ଥିବାରୁ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ରମେଶ କୁମାର ବେହେରା, କଦଳୀମୁଣ୍ଡା

### ରାସ୍ତା କାମ ବିଳମ୍ବ ଯୋଗୁ ହଇରାଣ



"ବଜାର ଉଚ୍ଛେଦର ୩ ବର୍ଷ ପରେ ମଧ୍ୟ ଏଠାରେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନି। ମାତ୍ର ୧ ମାସ ହେବ କିଛିଟା କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥା ବହୁ ବିଳମ୍ବ କରୁଥିବାବେଳେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ବ୍ୟବସାୟୀମାନଙ୍କୁ ହଇରାଣ ହେବାକୁ ପଡୁଛି।

-ଜଳଧର ସାହୁ, ସରପଞ୍ଚ, ନୁନୁକାପଶି

### ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ସରୁନି



"ବଇଣ୍ଡା ବଜରରେ ବସ୍‌ଷ୍ଟାଣ୍ଡ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ଏହା ସମ୍ପୂର୍ଣ୍ଣ ହୋଇଥିଲେ ହୁଏତ କିଛି ସମସ୍ୟା ସମାଧାନ ହୁଅନ୍ତା। କେଉଁଠି ଉଠାଦୋକାନୀମାନେ ଭଲରେ ବ୍ୟବସାୟ କରିପାରିବେ ସେ ନେଇ ପ୍ରଶାସନ ଦୃଷ୍ଟି ଦେଉ।

-ଗିରୀଶ ଚନ୍ଦ୍ର ବେହେରା, ବଜାର କମିଟି ସମ୍ପାଦକ

### ଲକ୍ଷେ ଟଙ୍କା ଲେଖାଏ କ୍ଷତିପୂରଣ ମିଳୁ



"ସମସ୍ତ ଉଠାଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ ଏକ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଯୋଗାଇ ଦିଆଯାଉ। ଏଥିସହ ସରକାରୀ ଦୋକାନ ଗୃହ ପ୍ରଦାନ କରାଗଲେ ବ୍ୟବସାୟୀମାନେ ଦୀର୍ଘଦିନ ଧରି ସହିଥିବା କ୍ଷତି ଭରଣ କରିପାରିବେ।

-ଅରବିନ୍ଦ ସାହୁ, ବ୍ୟବସାୟୀ

### ସରକାରଙ୍କୁ ଅବଗତ କରାଯିବ



"ଉଠାଦୋକାନୀଙ୍କ ସମସ୍ୟା ଓ ଥଇଥାନ ସମ୍ପର୍କରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ସେମାନେ କିଭଳି ରୋଜଗାର ସହ ଜୀବିକା ବଞ୍ଚାଇପାରିବେ ସେ ନେଇ ପଦକ୍ଷେପ ନିଆଯିବ।

-ଡ. ଲକ୍ଷ୍ମୀପ୍ରସାଦ ସାହୁ, ତହସିଲଦାର, କିଶୋରନଗର

## ସଂକ୍ଷେପରେ

### ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

**ଅନୁଗୋଳ ଅଫିସ,୮।୩:** ୨୦୨୧-୨୩ ବର୍ଷ ପାଇଁ ଅନୁଗୋଳ ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଦ୍ୱନ୍ଦ୍ୱୀ ବିଭୂତି ପ୍ରସାଦ ଦାସଙ୍କୁ ହରାଇ ଅମ୍ବିକା ପ୍ରସାଦ ଭଞ୍ଜ ସଭାପତି ଭାବେ ବିଜୟୀ ହୋଇଛନ୍ତି। ସେହିପରି ସନ୍ତୋଷ କୁମାର ଦାସଙ୍କୁ ପରାସ୍ତ କରି ସମ୍ପାଦକ ଭାବେ ଅକ୍ଷୟ ସାମନ୍ତ ବିଜୟ ଲାଭ କରିଛନ୍ତି। ପ୍ରଥମ ଉପସଭାପତି ଭାବେ ଅମରେଶ ଚନ୍ଦ୍ର ସ୍ୱାଇଁ, ଦ୍ୱିତୀୟ ଉପସଭାପତି ଭାବେ ଅଶୋକ କୁମାର ଦଳବେହେରା ବିଜୟୀ ହୋଇଛନ୍ତି। ସେହିପରି ପ୍ରଥମ ସହସମ୍ପାଦକ ଭାବେ ଗୌତମ ସାହୁ, ଦ୍ୱିତୀୟ ସହସମ୍ପାଦକ ଭାବେ ବିଜୟ ଦେହୁରୀ, ତୃତୀୟ ସହସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ସାହୁ, ଚତୁର୍ଥ ସହସମ୍ପାଦକ ଭାବେ କେଶବ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ଭାବେ ରଜତ କୁମାର ମହାପାତ୍ର ବିଜୟ ଲାଭ କରିଛନ୍ତି।

### ମହିଳାଙ୍କ ଅଧିକାର ସମ୍ପର୍କରେ ଆଲୋଚନା

**ତାଳଚେର,୮।୩(ନି.ପ୍ର.):** ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ତାଳଚେର ଓ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ମିଳିତ ସହାୟତାରେ ତାଳଚେରସ୍ଥିତ ଶିଶୁ ବିକାଶ ସେବା ପ୍ରକଳ୍ପ ତାଲିମ ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ବୁଦ୍ଧଦେବ ଦାସ ଏହି ଦିବସ ପାଳନ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାବେ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଯୋଗଦେଇ ଦିବସର ଲକ୍ଷ୍ୟ, ଲିଙ୍ଗଗତ ବୈଷମ୍ୟ ଦୂରୀକରଣ, ମହିଳାଙ୍କୁ ସମ୍ମାନ, ବିଭିନ୍ନ କ୍ଷେତ୍ରରେ ଅଧିକାର ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସଞ୍ଜୁଲତା ନାୟକ, କୁସୁମ ମଞ୍ଜରୀ ମହାପାତ୍ର, ପୁଷ୍ପଲତା ପ୍ରଧାନ, ସ୍ୱାଗତିକା ନାଏକ, ନମିତା ପ୍ରଧାନ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଫୁଲରା ମହାପାତ୍ର, ସଂଯୁକ୍ତା ପାଢ଼ୀ, ପ୍ରଦୋଷ ଭୁକ୍ତା, ମମତାରାଣୀ ବିସି ମାଝି ପ୍ରମୁଖ ସହଯୋଗ କରିଥିଲେ।

### ପିଏମ୍‌ଆଇଟିରେ ସ୍ୱାସ୍ଥ୍ୟ ଶିବିର

**ତାଳଚେର,୮।୩(ନି.ପ୍ର.):** ପବିତ୍ରମୋହନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ପକ୍ଷରୁ ମହିଳା ଦିବସ ଉପଲକ୍ଷେ ସୋମବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସଞ୍ଜୟ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଜ୍ଜ୍ୱଳା ଯୋଜନାର ସାମାଜିକ କ୍ଷେତ୍ରୀୟ ବରିଷ୍ଠ ଅଧିକାରୀ ନିଧି ତିୱାରୀ ମହିଳାମାନଙ୍କ ଅଧିକାର, ସାମର୍ଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିକାଶ ଫାଉଣ୍ଡେଶନ ଅଧକ୍ଷା ମୃଦୁଳା ଟି ପ୍ରଧାନ ଅଧକ୍ଷତା କରିଥିଲେ। ତାଳଚେର, କଣିହାଁ, ସମଲ, ଖମାର, ପାଲଲହଡ଼ା, ପରଜଙ୍ଗ ଅଞ୍ଚଳର ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ସେମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ପିଏମ୍‌ଆଇଟିର ଅଧାପକ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ୨୧ରେ ସଂକୀର୍ତ୍ତନ ସମାରୋହ

**କଣିହାଁ,୮।୩(ଡି.ଏନ.ଏ.):** କଣିହାଁ ବ୍ଲକ ଶ୍ରୀ ଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ କଳା ପରିଷଦ ପକ୍ଷରୁ ସୋମବାର ସାନତ୍ରିବିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୨୧ ତାରିଖରେ ଗ୍ରାମ ମେଳଣ ପଡ଼ିଆରେ ଏହି ସମାରୋହ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକର୍ତ୍ତା ମାୟାଧର ସାମଲ, ମଦନମୋହନ ସାହୁ, ଦାମୋଦର ବେହେରା, ଗଦାଧର ପ୍ରଦାନ, ତ୍ରିଲୋଚନ ପାଣି, ପ୍ରାଣବନ୍ଧୁ ସ୍ୱାଇଁ ଉପସ୍ଥିତ ଥିଲେ। ଗ୍ରାମ ପରିଚାଳନା କମିଟି ସଭାପତି ପଦ୍ମଚରଣ ପ୍ରଧାନ, ସମ୍ପାଦକ ଅଶୋକ ପ୍ରଧାନ, ମାଧବ ସାହୁ, କାର୍ଯ୍ୟକାରୀ ସଦସ୍ୟ ଲୋକନାଥ ପ୍ରଧାନ, ବଳରାମ ବେହେରା, ବୁଦ୍ଧଦେବ ବେହେରା, ଛବିଳ ବେହେରା, ସରୋଜ ସାହୁ, ଧ୍ରୁବା ପ୍ରଧାନ, ପରମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଟୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ସାମାଜିକକର୍ମୀଙ୍କ ପରଲୋକ

**ଛେଣ୍ଡିପଦା,୮।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ୍ କୋଶଳା ଗ୍ରାମ ତଳସାହିର ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୪୭ ବର୍ଷ ହୋଇଥିଲା। ସେ ଛେଣ୍ଡିପଦା ବ୍ଲକରେ ଥିବା ୬ଟି ସରସ୍ୱତୀ ବିଦ୍ୟା ମନ୍ଦିରର ସଙ୍କୁଳ ପ୍ରମୁଖ, କୋଶଳା ରାମଚଣ୍ଡି ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସମ୍ପାଦକ ଏବଂ ବନସୁରକ୍ଷା ସମିତି ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଖବର ଜଣାପଡ଼ିବା ପରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



### ଦରବୃଦ୍ଧି ବିରୋଧରେ ବିକ୍ଷୋଭ

**କଣିହାଁ,୮।୩(ଡି.ଏନ.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଏବଂ କଣିହାଁ ବ୍ଲକ କମିଟି ପକ୍ଷରୁ ସୋମବାର କଣିହାଁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନୂତନ କୃଷି ଆଇନ, ନାରୀ ନିର୍ଯାତନା, ଦରବୃଦ୍ଧି ଆଦି ବିରୋଧରେ ଏବଂ ୭ ଦଫା ଦାବିରେ ମହିଳାମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଙ୍ଗଠନର ବ୍ଲକ ସମ୍ପାଦିକା ପ୍ରଗତିବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ସଙ୍ଗଠିକା ପଙ୍କଜିନୀ ସିଂ, ମୀନତି ସାମଲ, ଜେନାମଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

### ପୋଖରୀରେ ବୁଡ଼ି ଶ୍ରମିକ ମୃତ

**ଛେଣ୍ଡିପଦା,୮।୩ (ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ବାହାଳସାହି ପଞ୍ଚାୟତର ଏକ ପୋଖରୀରେ ବୁଡ଼ି ସୋମବାର ଜଣେ ଇଟାଭାଟି ଶ୍ରମିକ ଭଦ୍ରକ ଜିଲା ନାଇକିଣିଡିହି ଥାନା ଖାଣ୍ଟଖୁଆ ଗ୍ରାମର ଶରତ କୁମାର ଓଝା (୨୩)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଏକ ମାସ ହେବ ବାହାଳସାହିର ଏକ ଇଟା ଭାଟିରେ ଶରତ ଶ୍ରମିକ ଭାବେ କାମ କରୁଥିଲେ। ସୋମବାର ସକାଳେ ଇଟାଭାଟି ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇ ସେ ଫେରି ନ ଥିଲେ। ଦୀର୍ଘ ସମୟ ପରେ ସାଥି ଲୋକମାନେ ଖୋଜାଖୋଜି କରିବାରୁ ଶରତ ପାଣିରେ ଭାସୁଥିବା ଦେଖି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ଶରତଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଏନ୍‌ଟିପିସିରେ ସୁରକ୍ଷା ଦିବସ


ଏନ୍‌ଟିପିସି କର୍ମଚାରୀମାନଙ୍କୁ ସୁରକ୍ଷା ଶପଥପାଠ କରାଯାଉଛି।

**କଣିହାଁ,୮।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପରେ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସିଆଇଏସ୍‌ଏଫ୍ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ସିଜିଏମ୍ ସୁଦୀପ ନାଗ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ସମସ୍ତ କର୍ମଚାରୀ, ସହଯୋଗୀଙ୍କୁ ଶପଥପାଠ କରାଇବା ସହ ସୁରକ୍ଷା ଦିଗରେ ଏନ୍‌ଟିପିସି ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏପରି କି ଏହି ପ୍ଲାଣ୍ଟ ଓଡ଼ିଶା ରିଜନରେ ଏକ ମଡେଲ ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କାରଖାନା ଓ ବାଷ୍ପିତ୍ର ବିଭାଗର ଉପ ନିର୍ଦ୍ଦେଶକ ଅବନୀ କୁମାର ନାଏକ ଓ ଅତିରିକ୍ତ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ ଯୋଗ ଦେଇଥିଲେ। ସୁରକ୍ଷା ବିଭାଗ ଏଜିଏମ୍ ଏସ୍.କେ. ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଏମ୍ (ଓଆଣ୍ଡଏମ୍) ଶିଭବ ଶ୍ରୀବାସ୍ତବ ଓ ଅନ୍ୟ ବିଭାଗୀୟ ଜିଏମ୍ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ, ପୋଷ୍ଟର ତିଆରି ଓ ଅନ୍‌ଲାଇନରେ ସୁରକ୍ଷା କୁଇଜ ଆଦି ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କମ୍ପାନୀ କର୍ମଚାରୀ, ସିଆଇଏସ୍‌ଏଫ୍, ଆସୋସିଏଟ୍, ସୁରକ୍ଷା ବିଭାଗ କର୍ମଚାରୀ, ଏଜେନ୍ସି କର୍ମଚାରୀ, ଏଜେନ୍ସି ସେଫ୍ଟି ଅଧିକାରୀ, ଫାୟାର ପର୍ସନମାନେ ଉପସ୍ଥିତ ଥିଲେ।

## ପାଲଲହଡ଼ାରେ ବିଶାଳ ମହିଳା ସମାବେଶ

**ପାଲଲହଡ଼ା,୮।୩(ଡି.ଏନ.ଏ.)**

ବିଶ୍ୱ ମହିଳା ଦିବସ ଅବସରରେ ପାଲଲହଡ଼ା ବିଜେଡି ପକ୍ଷରୁ ଷ୍ଟାଡିୟମରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୬ଟି ପଞ୍ଚାୟତର ମହିଳାମାନଙ୍କୁ ନେଇ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଏହି ସମାବେଶ କରାଯାଇଥିଲା। ଶତାଧିକ ମହିଳା ସ୍ଥାନୀୟ ଶିବ ମନ୍ଦିରରୁ ଶୋଭାଯାତ୍ରାରେ ଷ୍ଟାଡିୟମ୍ ଯାଏ ଯାଇଥିଲେ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ରାଜ୍ୟର ମହିଳାମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ସହିତ ସ୍ୱାବଲମ୍ବୀ କରିବାର ସୁଯୋଗ ସୃଷ୍ଟି କରିଥିବା ବିଧାୟକ ପାଲ ପ୍ରକାଶ କରିଥିଲେ। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡନାୟକ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଉପାଧ୍ୟକ୍ଷା ଲିଲି ସାହୁ, ସାବିତ୍ରୀ ମାଝି, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ଭୁକ୍ତା, ସବ୍ୟସାଚୀ କପରଦାର, ଶିବଦତ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଧୂଆଁରେ ଅଣନିଃଶ୍ୱାସୀ ସହରବାସୀ

### ଆଠମଲ୍ଲିକ ବନଖଣ୍ଡରେ ଜଳୁଛି ଜଙ୍ଗଲ

**ଆଠମଲ୍ଲିକ,୮।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଏହାର ପ୍ରଭାବରେ ବିଭିନ୍ନ ଔଷଧୀୟ ଗଛ ପୋଡିଯିବା ସହ ନିଆଁଧୂଆଁରେ ଆଠମଲ୍ଲିକ ଉପଖଣ୍ଡବାସୀ ଅଣନିଃଶ୍ୱାସୀ ହେଉଛନ୍ତି। ଆଠମଲ୍ଲିକ ବନଖଣ୍ଡ ଅନ୍ତର୍ଗତ ଆଠମଲ୍ଲିକ, ହଣ୍ଡପା, ବାମୁର, ମାଧପୁର, ଧଣ୍ଡାତୋପା ଆଦି ରେଞ୍ଜ ଜଙ୍ଗଲରେ ନିଆଁ ଲାଗିଛି। ସେହିପରି ଆଠମଲ୍ଲିକ ଡିଭିଜନର ହାତୀଧରା ସଂରକ୍ଷିତ ଜଙ୍ଗଲର ରଥୀପୁର ବିଟ୍‌ର ୨୮ ଓ ୨୯ ନମ୍ବର କମ୍ପାଟମେଣ୍ଟ, କମଳପୁର, ଯଦୁପୁର, ବିପ୍ରଡିହ, କୋରାବ, ଭୁଆଁଶୁଣୀନାଳ, ଆଡ଼େଶ୍ୱର, ଶିଶୁକଟା, ତଲେଇପଥର, ଦାନ୍ତିରୀଖୋଲ, ଟକବା, ନାକଚି, ଗୁଣ୍ଡୁରୀଝରଣ, ଉରୁକୁଳା, ସର୍ଗିପାଲି, ଦେକୁଡ଼ ଆଦି ବିଟ୍‌ରେ ରହିଥିବା ଜଙ୍ଗଲ ହୁ ହୁ ହୋଇ ଜଳୁଥିବା ଜଣାପଡିଛି। ନିଆଁର ପ୍ରକାପରେ ଆଠମଲ୍ଲିକରେ ପ୍ରବଳ ଧୂଆଁ ସୃଷ୍ଟି ହୋଇ କୁହୁଡିର ଭ୍ରମ ସୃଷ୍ଟି କରୁଛି। ଫଳରେ ଜନସାଧାରଣଙ୍କ ଆଖି ପୋଡିବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେଉଛି। ନିଆଁର ପ୍ରକୋପ ଅଧିକ ଥିବାରୁ ବନବିଭାଗ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ନାକେଦମ ହେଉଥିବା ଦେଖାଯାଇଛି। ଏ ନେଇ ଆଠମଲ୍ଲିକ ଏସିଏଫ ଗୌରୀଶଙ୍କର ଦାଶ କହିଛନ୍ତି, ବନବିଭାଗ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛି। ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜରିମାନା ଆଦାୟ କରାଯାଉଛି। ଲୋକଙ୍କୁ ସଚେତନ କରାଯାଇଛି।



ଜଙ୍ଗଲରୁ ଆସୁଥିବା ଧୂଆଁ ଯୋଗୁ ଆଠମଲ୍ଲିକ ସହରରେ କୁହୁଡ଼ି ଭଳି ପରିବେଶ ସୃଷ୍ଟି ହୋଇଛି।

## ଖୋଲିବ ଅଂଶୁଘାତ ସମ୍ପର୍କିତ କଣ୍ଟ୍ରୋଲ ରୁମ୍


ବୈଠକରେ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଆଠମଲ୍ଲିକ,୮।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସଭାଗୃହଠାରେ ସୋମବାର ଉପଖଣ୍ଡସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଲଳିତ ମୋହନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଏନ୍‌ଏସି, ତହସିଲ, ଆଠମଲ୍ଲିକ ଓ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ଆଠମଲ୍ଲିକ, କିଶୋରନଗର, ଠାକୁରଗଡ, ମାଧପୁର ଏବଂ ଡାକ୍ତରଖାନାରେ ଅଂଶୁଘାତ ସମ୍ପର୍କିତ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅଚଳ ନଳକୂପ ମରାମତି ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଠମଲ୍ଲିକ ଡାକ୍ତରଖାନାରେ ଶୀତତାପ ନିୟନ୍ତ୍ରିତ ଅଂଶୁଘାତ ଚିକିତ୍ସା କକ୍ଷ ଖୋଲାଯାଇଛି ବୋଲି ଉପଖଣ୍ଡ ହସ୍ପିଟାଲର ମ୍ୟାନେଜର ଗିତାଞ୍ଜଳୀ ସ୍ୱାଇଁ ପ୍ରକାଶ କରିଥିଲେ। ସେହିପରି ଅଂଶୁଘାତରେ ମୃତ୍ୟୁବରଣ କଲେ କିମ୍ବା ଅଭିଯୋଗ ହେଲେ ତୁରନ୍ତ ଏକ ପ୍ରାଥମିକ ରିପୋର୍ଟ ଦେବା ନିମନ୍ତେ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ତହସିଲଦାର ଆଠମଲ୍ଲିକ ଡ. ସ୍ୱରୂପାନନ୍ଦ ସାହୁ, କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ଏସିଏଫ କେନ୍ଦୁପତ୍ର ଭରତ କୁମାର ସାହୁ, ବନବିଭାଗ ଏସିଏଫ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ, ପୂର୍ତ୍ତବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନୀଳାଚଳ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଲମ୍ବୋଦର ମାଣ୍ଡି ଧନ୍ୟବାଦ ଦେଇଥିଲେ।

## 'ମହିଳାଙ୍କୁ ସଶକ୍ତ କରିବା ସରକାରଙ୍କ ଉଦ୍ଦେଶ୍ୟ'

**ଅନୁଗୋଳ ଅଫିସ,୮।୩**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ମହିଳା ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଓ କନ୍ୟାରତ୍ନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହିଳାମାନଙ୍କୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗରେ ପରିଣତ କରିଥିବା ଜିଲାପାଳ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ମହିଳାମାନେ ପାରଦର୍ଶିତା ଦେଖାଇ ପାରିଛନ୍ତି ବୋଲି କହିଥିଲେ। ସ୍ଥାନୀୟ ଅଭିଯୋଗ କମିଟିର ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନେ ଶିକ୍ଷିତ ହେଲେ ସେମାନଙ୍କ ଅଧିକାର ସମ୍ପର୍କରେ ଅବଗତ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ। ମହିଳାମାନେ ଆର୍ଥିକ ସମୃଦ୍ଧ ହୋଇ ପରିବାରକୁ ପ୍ରଗତିଶୀଳ କରୁଛନ୍ତି ବୋଲି ଅନ୍ୟତମ ସମ୍ମାନିତ ଅତିଥି ଜେଏସ୍‌ପିଏଲ (ସିଏସ୍‌ଆର୍) ଜିଏମ୍ ପୁଷ୍ପଲତା ଶତପଥୀ କହିଥିଲେ। ଜିଲାର ମହିଳା ସଶକ୍ତୀକରଣ ପାଇଁ କିଶୋରନଗର ଅଞ୍ଚଳର ବିଶ୍ୱ ମା' ତାରିଣୀ, କଣିହାଁ ଅଞ୍ଚଳର ମା' ତାରିଣୀ, ତାଳଚେର ଅଞ୍ଚଳର ମହିମା ସ୍ୱୟଂ ସହାୟକ ଗୋଷ୍ଠୀ, କଣିହାଁ ଅଞ୍ଚଳର ଅଙ୍ଗନୱାଡି କର୍ମୀ ସାଗରିକା ଭୋଇ, ପାଲଲହଡ଼ା ଅଞ୍ଚଳର ସୁପରଭାଇଜର ଲିଲି ଗାଗରାଇ, ଛେଣ୍ଡିପଦାର ସିଡିପିଓ ସେବାଷ୍ଟିନା କୁଜୁର, ଆଠମଲ୍ଲିକ ଅଞ୍ଚଳର ବର୍ଷାରାଣୀ ସାହୁ, ଅନୁଗୋଳର ଆଦ୍ୟାଶା ମହାପାତ୍ର, ବଅଁରପାଳର ପ୍ରିୟଦର୍ଶିନୀ ପରିଡ଼ା ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ମହିଳା ସୁରକ୍ଷା ଅଧିକାରୀ ପୌର୍ଣ୍ଣମାସୀ ରଥ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଉଛି।

### ଅଟୋ ପ୍ରଦାନ, ତାଲିମ କେନ୍ଦ୍ର ଉଦ୍‌ଘାଟିତ

ମହିଳା ଦିବସ ଅବସରରେ ଅନ୍ଥୁଳିଆ ପଞ୍ଚାୟତ ମା' ବାଟବାୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଭାତୀ ପ୍ରଧାନ, ପୁରୁଣାକୋଟ ପଞ୍ଚାୟତ ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀର ଅନୁପମା ଦାସ ଓ କୁମୁରୁସିଙ୍ଗା ପଞ୍ଚାୟତର ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା କବିତା ବିଶ୍ୱାଳଙ୍କୁ ଜିଲା ପ୍ରଶାସନ ତରଫରୁ ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ ଯୋଜନାରେ ଗୋଟିଏ ଲେଖାଏ ଅଟୋ ରିକ୍ସା ପ୍ରଦାନ କରାଯାଇଛି। ଗାଡ଼ିଗୁଡ଼ିକର ଚାବି ଜିଲାପାଳ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ପ୍ରଦାନ କରିଥିଲେ। ସେହିପରି ଆଠମଲ୍ଲିକ ନର୍ଗିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସିଲେଇ ତାଲିମ କେନ୍ଦ୍ରର ଶୁଭାରମ୍ଭ ଆଠମଲ୍ଲିକ ପଞ୍ଚାୟତ ସମିତି ପକ୍ଷରୁ କରାଯାଇଛି। ଏହି କେନ୍ଦ୍ରରେ ୧୯ଜଣ ମହିଳା ତାଲିମ ନେବେ ବୋଲି ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ବାରହା ମାଂସ ଜବତ: ଶିକାରୀ ଗିରଫ

ଚମ୍ପୁଆ/ଯୋଡ଼ା,(ଡି.ନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅଧୀନ ବାମେବାରୀ ସେକ୍ସନ କାଳିମାଟି ନିକଟ ହାଣ୍ଡିଭଙ୍ଗାରୁ ସୋମବାର ବନ ବିଭାଗ ଚଢ଼ାଉ କରି ବାରହା ମାଂସ ବିକୁଥିବା ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ପଲାଉ ମୁଣ୍ଡା। ସୂଚନା ଅନୁସାରେ ବାମେବାରୀ ଫରେଷ୍ଟର ଜିତେନ୍ଦ୍ର କୁମାର ସାହୁ କୌଣସି ସୂତ୍ରରୁ ଖବର ପାଇ ଏହି ଚଢ଼ାଉ କରିଥିଲେ। ଉକ୍ତ ବାରହାକୁ ଫାଶ ବା ତାର ଦ୍ୱାରା ଶିକାର କରାଯାଇଥିବା ବନ ବିଭାଗ ଅନୁମାନ କରିଛି। ତେବେ ବନବିଭାଗ ଉକ୍ତ ମାଂସ କୁକୁରା କି ବାରହାର ଜାଣିବା ପାଇଁ ପ୍ରାଣୀଚିକିତ୍ସା କେନ୍ଦ୍ରକୁ ପଠାଇଛି।

**ସଂକ୍ଷେପରେ**

## ମଧ୍ୟାହ୍ନଭୋଜନ ଟଙ୍କା ହଡ଼ପ ପ୍ରଧାନ ଶିକ୍ଷକ ନିଲମ୍ବିତ

**ବାସୁଦେବପୁର, ୮।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କାନ୍ତିପୁର ୟୁପି ସ୍କୁଲର ମଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ କରିବା ଅଭିଯୋଗରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ନାୟକ ସୋମବାର ନିଲମ୍ବିତ ହୋଇଛନ୍ତି। ବିଇଓଙ୍କ ଚିଠି ନଂ. ୭୪୧/୨୧ ତା୮।୩।୨୦୨୧ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଟଙ୍କା ସିଧାସଳଖ ସେମାନଙ୍କ ଜମାଖାତାକୁ ଯିବାର ନିୟମ ରହିଛି। ପ୍ରଧାନ ଶିକ୍ଷକ ନାୟକ ଏହି ନିୟମ ଉଲ୍ଲଂଘନ କରି ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଟଙ୍କା ପ୍ରଦାନ ବେଳେ ୨ହଜାର କାଟି ରଖିଥିଲେ। ଏ ନେଇ ଅଭିଭାବକମାନେ ଲିଖିତ ଭାବେ ବିଇଓଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ। ଗତ ୬ ତାରିଖରେ ଏବିଇଓ କାଳୀପଦ ପ୍ରଧାନ ତଦନ୍ତ କରି ବିଇଓ ଜଗବନ୍ଧୁ ସାହୁଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଗତ ଜୁନ ୧୬ଠାରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ବାବଦ ଟଙ୍କାରୁ ପ୍ରଧାନ ଶିକ୍ଷକ ନାୟକ ୨ ହଜାର ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଥିବା ଏବିଇଓ ପ୍ରଧାନ କହିଛନ୍ତି।

## ଧାନ ବସ୍ତା ରଖି ରାସ୍ତାରୋକୋ

**ପାଟଣା,୮।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡ଼ା ସମବାୟ ସମିତି ଧାନ କିଣାରେ ଅନିୟମିତତା ଅଭିଯୋଗ କରି ସୋମବାର ୫୦ରୁ ଉର୍ଦ୍ଧ୍ୱ ଚାଷୀ ପାଟଣା ସାହାରପଡା ଦେଇ ଯାଇଥିବା ୨୨୦ ନମ୍ବର ଏନ୍ଏଚ୍ର ଉଦୟପୁର ଛକ ନିକଟରେ ଦିନ ୧୧ ଟାରୁ ଧାନ ବସ୍ତା ରଖି ଅବରୋଧ କରିଥିଲେ। ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ ଓ ପାଟଣା ଥାନାଧିକାରୀ ସୋମନାଥ ଜେନା ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବାସହ ଏମ୍‌ଡି ମଧୁସୂଦନ ମହାନ୍ତ ଧାନ କ୍ରୟ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ଆନ୍ଦୋଳନକାରୀମାନେ ରାସ୍ତା ଉପରୁ ଉଠିଥିଲେ। ଏହି ଆନ୍ଦୋଳନରେ ଭାଜପାର ପୂର୍ବତନ ଜିଲା ପରିଷଦ ଅଧକ୍ଷା ମମିତା ନାଏକ, ବରିଷ୍ଠ ଭାଜପା ନେତା ଶିବାଜୀ ଗୌତମ ମହାନ୍ତ ବର୍ମା, ସୁଦର୍ଶନ ମହାନ୍ତ, ହରିଶ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

**ଫଟୋରେ ଖବର**



ମୃତ୍ୟୁ ପରେ ଶରୀର ଦାନ ପାଇଁ ଅନୁଗୋଳର ଛାତ୍ରୀ ସୋନାଲିକା ପଣ୍ଡା ସୋମବାର ମହିଳା ଦିବସ ଅବସରରେ ଶପଥ ନେବାପରେ ଉକ୍ତ ଆଫିଡାଭିଟ୍ ପ୍ରଦାନ କରୁଛନ୍ତି।

# ଜନସଂଖ୍ୟା ବିସ୍ଫୋରଣ ରୋକିବା ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ,୮।୩**




ପ୍ରଥମ ଜିଲା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଅନୁଗୋଳ ଜିଲା ତରଫରୁ ସ୍ଥାନୀୟ ଏକ ହୋଟେଲରେ ପ୍ରଥମ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ରାଜ୍ୟ ସଭାପତି ବିପିନ ବିହାରୀ ଦାସ ଯୋଗଦେଇ କହିଥିଲେ ଯେ, ଜନସଂଖ୍ୟା ବିସ୍ଫୋରଣ ଯୋଗୁ ଦେଶରେ ବେକାରୀ, ଗରିବୀ, କୁପୋଷଣ ଓ ଅନାହାର ସମସ୍ୟା ବୃଦ୍ଧିପାଉଛି। ଜନସଂଖ୍ୟା ବିସ୍ଫୋରଣରୁ ରକ୍ଷା ପାଇବାକୁ ହେଲେ ଦୁଇଟି ସନ୍ତାନ ଆଇନ ସହ ବ୍ୟାପକ ସଚେତନତା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଗ୍ରହ ରହିବା ଜରୁରୀ। ପ୍ରତ୍ୟେକ ବର୍ଷ ଦେଶରେ ୨କୋଟି ୨୫ ଲକ୍ଷ ଶିଶୁ ଜନ୍ମ ନେଉଥିବା ବେଳେ ବାର୍ଷିକ ୧ କୋଟି ୭୦ ଲକ୍ଷ ଅଧିକ ଲୋକ ଯୋଡ଼ି ହେଉଛନ୍ତି। ତେଣୁ ଆଗାମୀ ଦିନରେ କୃଷିକ୍ଷେତ୍ର, ଶିଳ୍ପାୟନ, ଗୃହନିର୍ମାଣ, ମୁକ୍ତ ବାୟୁ ଓ ପାନୀୟ ଜଳର ଅଭାବ ଦେଖାଦେବ। ଜିଲା ସଭାପତି ଆଡଭୋକେଟ ସମୀର ପ୍ରଧାନ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ହେଲେ ବେରୋଜଗାର ସମସ୍ୟାରୁ ଦେଶ ଉଦ୍ଧାର ପାଇବ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ଗଡ଼ନାୟକ ସିଂ, ଜିଲା ଉପସଭାପତି ଚିତ୍ତରଞ୍ଜନ ନାୟକ, ସରୋଜ ଧର, ସ୍ନେହରବିନ୍ଦ ତ୍ରିପାଠୀ, ଅଞ୍ଜଳି ନାୟକ, ଜିଲା ସଂଯୋଜକ ଶକୁନ୍ତଳା ନାୟକ, ସାଧାରଣ ସମ୍ପାଦକ ମନୋଜ ପାଳ, ଗୀତାରାଣି ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଲକ୍ଷ୍ମୀପ୍ରିୟା ମହାନ୍ତି, ନିର୍ମଳ ଅଗ୍ରୱାଲ, ମହିଳା ସାମ୍ମୁଖ୍ୟ ଜିଲା ନେତ୍ରୀ ଅଞ୍ଜଳି ନାୟକ, ନାରୀ ନେତ୍ରୀ ରୂପାଲି ମହାନ୍ତି ପ୍ରମୁଖ ବାକ୍ତ୍ୟବ ରଖିଥିଲେ। ବରିଷ୍ଠ ସଦସ୍ୟ ଅମୀୟ ତ୍ରିପାଠୀ, ଜିତେନ୍ଦ୍ର ପ୍ରଧାନ, ଜୟ ପ୍ରକାଶ ମିଶ୍ର, ସୁଜନ କୁମାର ସାହୁ, ଦିଲୀପ କୁମାର ରଥଳ ସତ୍ୟସନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୮।୩**

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ବନମାଳୀପ୍ରସାଦ ଶାଖା ପକ୍ଷରୁ ସ୍ଥାନୀୟ ବନମାଳୀପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ ସଭାପତି ଗୁରୁବାରୀ ପ୍ରଧାନ, ସଚ୍ଚିଦାନନ୍ଦ ସାହୁ, ପ୍ରତାପ ଖଟୁଆ, କୁମର ସାହୁ, ଲୋକନାଥ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରକ୍ତଭଣ୍ଡାର ଅଧିକାରୀ ଡା. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ଭୀମସେନ ବେହେରା, କର୍ମଚାରୀ ସୌଭାଗ୍ୟ ମିଶ୍ର, ରୋହିତ ବେହେରା, ଅଜୟ ସ୍ୱାଇଁ, ପିଣ୍ଟୁ ଜେନା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କ୍ଲବ ସଭାପତି ସଭାପତି ସର୍ବଜିତ୍ ବିଶ୍ୱାଳ, ଉପସଭାପତି ରାକେଶ ରାଉତ, ସମ୍ପାଦକ ପ୍ରୀତିରଞ୍ଜନ ବାରିକ, ସହସମ୍ପାଦକ ଦେବପ୍ରସାଦ ଦାସ, ବିକ୍ରମ ରାଉତ, କୋଷାଧ୍ୟକ୍ଷ ଅରବିନ୍ଦ ସାହୁ, ସଭ୍ୟ ଅନିଲ ବିଶ୍ୱାଳ, ସନ୍ତୋଷ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ୩୮୮ ଜଣ ଚିକିତ୍ସା ନିମନ୍ତେ ଚିହ୍ନଟ




ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିରରେ ଉପସ୍ଥିତ ଅଧିକାରୀମାନେ।

**ଛେଣ୍ଡିପଦା,୮।୩(ସ୍ୱ.ପ୍ର.)**

ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଳ, ଉପଖଣ୍ଡ ସାମାଜିକ ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାଏ, ପୂର୍ବତନ ଜିଲାପରିଷଦ ସଦସ୍ୟ ଦିଲୀପ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୭୧୧ଜଣ ଭିନ୍ନକ୍ଷମ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୮୮ ଜଣଙ୍କୁ ଚିକିତ୍ସା ନିମନ୍ତେ ଚିହ୍ନଟ କରାଯାଇଥିଲା। ଅସ୍ଥିଶଲ୍ୟ, ଗଳା, କର୍ଣ୍ଣ ଓ ନାସା ବିଭାଗର ଡାକ୍ତର, ଶିଶୁ ବିଭାଗ, ଭେଷଜ ଓ ମାନସିକ ଅନଗ୍ରସର ବିଭାଗର ଡାକ୍ତର, ଅଡିଓଲୋଜିଷ୍ଟ, ଚକ୍ଷୁବିଭାଗ ଆଦିର ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁ, ଚିରୋଲିମା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ।

## ଧାନବିକ୍ରି ଚିନ୍ତା, ଚାଷୀଙ୍କ ଆତ୍ମାହୁତି ଚେତାବନୀ

**ରୂପସା, ୮।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଅଧୀନ ଆଗରଗୋହିରା ଗ୍ରାମର ଚାଷୀ ରତ୍ନାକର ବାରିକ ଆସନ୍ତା ୧୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିରୋସିନ ଢ଼ାଳି ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେ ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ସମିତି ମାଧ୍ୟମରେ ଏଯାବତ୍ ଧାନ ବିକ୍ରି କରିପାରି ନ ଥିବାରୁ ପରିବାର ପ୍ରତିପୋଷଣ ତଥା ଅସହ୍ୟ ଋଣ ଭାର ଚିନ୍ତାରେ ସେ ମାନସିକ ଭାରସାମ୍ୟ ହରାଇଥିବା କହିଛନ୍ତି। ସରକାରଙ୍କ ନିୟମାନୁଯାୟୀ ସେ ୨୦୨୦-୨୧ ବର୍ଷ ଖରିଫ ଧାନ ବିକ୍ରି ପାଇଁ କସିପଦା ସେବା ସମବାୟ ସମିତିରେ ନାମ ପଞ୍ଜିକୃତ କରିଥିଲେ। ତଦନୁଯାୟୀ ଫେବୃଆରୀ ୧୦ରେ ୫୦ କୁଇଣ୍ଟାଲ ଓ ଫେବୃୟାରୀ ୧୩ରେ ୨୨.୪୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ୨ଟି ଟୋକନରେ ମେସେଜ ଆସିଥିଲା। ଅମଳ ଧାନକୁ ଅଖାବସ୍ତାରେ ଭର୍ତ୍ତି କରି ସେ ଖଳାରେ ରଖିଥିଲେ। ଏଯାବତ୍ ତାଙ୍କ ଧାନ କ୍ରୟ ପାଇଁ ସମିତି ପକ୍ଷରୁ ତାଙ୍କୁ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ତାଙ୍କର ଟୋକନ ବାତିଲ୍ ହେବାର ସମ୍ଭାବନା ରହିଛି। ଧାନ ବିକ୍ରି କରି ନ ପାରି ପରିବାର ପ୍ରତିପୋଷଣ, ପିଲାଙ୍କ ପାଠପଢ଼ା ସହ ଚାଷ ଋଣ ଶୁଝିବା କଷ୍ଟକର ଦର୍ଶାଇ ରତ୍ନାକର ଜିଲାପାଳଙ୍କୁ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ନ ହେଲେ ଆସନ୍ତା ୧୫ରେ ଆତ୍ମାହୂତି ଦେବେ ବୋଲି ସେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି।

# ସହଯୋଗ ମିଳିଲେ ରୋକିହେବ ବାଲ୍ୟ ବିବାହ

**ରାସୋଳ, ୮।୩(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପକ୍ଷରୁ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଙ୍କଟିଆ ଏବଂ ମର୍ଦ୍ଦରାଜପୁର ଅଞ୍ଚଳର ୧୦୦ ମହିଳା ଯୋଗଦେଇଥିଲେ। ୪ନଂ ଜୋନ ଜିଲା ପରିଷଦ ସଦସ୍ୟ ରୀତା ପ୍ରଧାନ, ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର ଯୋଗଦେଇ କହିଲେ, ଶିକ୍ଷାର ଅଭାବ ଲାଗି ଅଞ୍ଚଳରେ ବାଲ୍ୟବିବାହ ବଢୁଛି। ସମସ୍ତଙ୍କ ସହଯୋଗ ମିଳିଲେ ଏଭଳି କୁସଂସ୍କାରକୁ ରୋକାଯାଇପାରିବ। ଏହି ଉପଲକ୍ଷେ ଏକ ରାଲି ବାଙ୍କଟିଆର ଜାମୁସାହି ଯାଏ ଯାଇଥିଲା। ଏଥିସହ ମ୍ୟୁଜିକ୍ ଚେୟାର ଖେଳ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରାଜେନ୍ଦ୍ର ପାଳ, କର୍ମୀ ମରୁତ ସାହୁ, ଦିବାକର ମିଶ୍ର, ଶରତ ପ୍ରଧାନ, ପ୍ରିୟଲତା ପରିଡ଼ା, ଲିସା ପ୍ରଧାନ, ମୀନା ବିଶ୍ୱାଳ, ସୌମ୍ୟଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସଚେତନତା ଶୋଭାଯାତ୍ରାରେ ମହିଳାମାନେ।

# ଜୀବନ ବିନ୍ଦୁରେ ୭୭ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୮।୩(ସ୍ୱ.ପ୍ର.)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବାହାଳସାହି ପଞ୍ଚାୟତ ରାଜୀବ ଭବନଠାରେ ବିଜେଡି ପକ୍ଷରୁ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଆହ୍ୱାନକ୍ରମେ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ଉପ ସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ଯୁବ ସଭାପତି ଆଶିଷ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ୍ ୭୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବାହାଳ ସାହି ପଞ୍ଚାୟତ ସଭାପତି ବାନାମ୍ବର ମାଝି, ଛାତ୍ର ସଭାପତି କର୍ଣ୍ଣ ଭୂତିଆ, ପଞ୍ଚାୟତ ଯୁବ ସଭାପତି ହିମାଂଶୁ ଶେଖର ମାଝି, ବ୍ଲକ ସମ୍ପାଦକ ବିଭୂତି ଭୂଷଣ ସିଂ, ସମିତି ସଭ୍ୟ ଟିଟୁ ପାତ୍ର, ପୂର୍ବତନ ସରପଞ୍ଚ ଶରତ ସାହୁଙ୍କ ସମେତ ପଞ୍ଚାୟତର ବିଜୁ ଯୁବ ଜନତା ଦଳର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଛେଣ୍ଡିପଦାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତ ସଂଗ୍ରହ କରାଯାଉଛି।

# ୧୦୨ ଗୋରୁ ଉଦ୍ଧାର, ୬ ଗିରଫ

**ବାହାନଗା/ରେମୁଣା, ୮।୩(ଡି.ଏନ.ଏ.)**

ସୋମବାର ଭୋର ସମୟରେ ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ଶେରଗଡ ଟୋଲଗେଟ୍ ଦେଇ ବେଆଇନ ଭାବେ ଗୋଚାଲାଣ ହେଉଥିବା ବେଳେ ଗୋରକ୍ଷକମାନେ ଅଟକାଇ ପୋଲିସ୍ ଜିମା ଦେଇଥିଲେ। ୨କଣ୍ଟେନରରୁ ୧୦୨ଟି ଗୋରୁ ଉଦ୍ଧାର କରାଯାଇଛି। ଚୋରାଚାଲାଣରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ବେଗୁନିଆ ଓ ଭଦ୍ରକରୁ ପଶ୍ଚିମବଙ୍ଗ ଆଡକୁ ଯାଉଥିବା ଦୁଇଟି କଣ୍ଟେନର(ନଂ.ଓଆର-୦୫ଏକ୍ସ-୩୧୩୪), (ନଂ. ଓଡି ୦୫-ଏଡବ୍ଲ୍ୟୁ-୨୯୪୫) ୧୦୨ ଗୋରୁ ବେଆଇନ ଭାବେ ଚାଲାଣ ହେଉଥିଲା। ଗୋଟିଏ ଗାଡିରୁ ୬୨ଟି ଗୋରୁ ଥିବାବେଳେ ଦ୍ୱିତୀୟ କଣ୍ଟେନରରେ ୪୦ ଗୋରୁ ବୋଝେଇ ହୋଇ ଚାଲାଣ କରାଯାଉଥିଲା । ତେବେ ଦୁଇଟି ଗାଡିର ୨ଜଣ ଡ୍ରାଇଭରଙ୍କ ସମେତ ୬ଜଣଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ମାମଲା(ନଂ. ୭୩/୨୧ ଓ ୭୪/୨୧) ମାମଲା ରୁଜୁ କରାଯାଇଛି। ଗିରଫ ଯୁବକମାନେ ହେଲେ ଡ୍ରାଇଭର କଟକ ଜିଲା ସୁକୁରପଦା ଗ୍ରାମର ସେ.କେ. ଅଜଗର ଅଲ୍ଲି ଓ ହେଲପର ଭଦ୍ରକ ଜିଲାର ସେ.କେ. ରହମୁଦ୍ଦିନ୍, ଦ୍ୱିତୀୟ କଣ୍ଟେନର ଡ୍ରାଇଭର ଭଦ୍ରକ ଜିଲାର ସାହିଲି ଖାନ୍, ହେଲପର ଭଦ୍ରକ ଜିଲାର ରହେମାନ୍ ଖାନ, ଖୋର୍ଦ୍ଧା ଜିଲା ବେଗୁନିଆ ଗ୍ରାମର ଆଦାମ୍ ଖାନ୍, ଖୋର୍ଦ୍ଧା ଜିଲାର ବେଗୁନିଆ ରବୀନ୍ଦ୍ର ନାୟକ। ଉଦ୍ଧାର ଗୋରୁଗୁଡ଼ିକୁ ରେମୁଣାସ୍ଥିତ ବାମପଦା ମା' ଭାରତୀ ଗୋଶାଳାକୁ ପଠାଇ ଦିଆଯାଇଛି।

# 'ମହିଳାଙ୍କୁ ସମାନ ପାରିଶ୍ରମିକ ମିଳୁ'

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ବନ୍ତ, ୮।୩(ଡି.ଏନ.ଏ.)**

ଭଦ୍ରକ ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ସୋମବାର ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଶତାଧିକ ମହିଳା ଶୋଭାଯାତ୍ରାରେ ଯାଇ ସଂସ୍କୃତି ଭବନ ପରିସରରେ ପହଞ୍ଚିଥିଲେ। ସଂସ୍କୃତି ଭବନରେ ଆୟୋଜିତ ସଭାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ତିଳୋତ୍ତମା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସମାନ ପାରିଶ୍ରମିକ ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅରୁଣ ମହାପାତ୍ର ଓ ଇନ୍ଦ୍ରମଣି ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାସୁଦେବପୁରର ମା' ଲକ୍ଷ୍ମୀ, ତିହିଡ଼ିର ଗଣେଶ ଓ ଚାନ୍ଦବାଲିର ମା' ଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀ, ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଭଣ୍ଡାରିପୋଖରୀ ବ୍ଲକ ନାଆଁମୀଠାରେ ଭାଜପା ପକ୍ଷରୁ ମହିଳା ଦିବସ ପାଳନ କରାଯାଇଥିଲା। ସାଧାରଣ ସମ୍ପାଦକ ଅଜୟ ପାତ୍ର ଅଧକ୍ଷତା କରିଥିଲେ। ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ରୁକ୍ମିଣୀ ଦାସ ଓ ପ୍ରକାଶ ମହାପାତ୍ର ବକ୍ତବ୍ୟ ରଖିଥିଲେ। ବର୍ୟାଁବନାପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ନାୟକ ସଭାପତିତ୍ୱ ଓ ସଭାନେତ୍ରୀ ରଶ୍ମିତା ପାଢ଼ୀ ସଞ୍ଚାଳନା କରିଥିଲେ।

ବନ୍ତ ବ୍ଲକ କେନ୍ଦୁଆପଦାଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ମହିଳା ସମାବେଶରେ ପ୍ରାୟ ୨ ହଜାରରୁ ଅଧିକ ମହିଳା ଯୋଗ ଦେଇଥିଲେ। ରାଜ୍ୟ ବିଜେଡି ସମ୍ପାଦକ ଇଂ.ପ୍ରୟାସକାନ୍ତି ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ନିହାରିକା ରାଉତ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ଲକ ଅଧକ୍ଷ ଦେବେନ୍ଦ୍ର ଜେନା, ରାଜ୍ୟ ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ନାୟକ, ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ପ୍ରଶାନ୍ତ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ଉନ୍ନତିବାଳା ଦାସ ପ୍ରମୁଖ ଯୋଗ ଦେଇଥିଲେ।




ଭଦ୍ରକ ସଂସ୍କୃତି ଭବନରେ ଅନୁଷ୍ଠିତ ସଭାରେ ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଓ ଅନ୍ୟମାନେ।

# ଧାରଣା ଦେଲେ ଛାତ୍ରୀଛାତ୍ର

**ସଜନାଗଡ଼, ୮।୩(ଡି.ଏନ.ଏ.)**



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ମହାବିଦ୍ୟାଳୟରେ ଦୀର୍ଘ ଦୁଇବର୍ଷ ଧରି ପର୍ଯ୍ୟଟନ ଓ ଆତିଥ୍ୟତା ବିଭାଗରେ ସେମିଷ୍ଟାର ପରୀକ୍ଷା ଫଳ ବାହାରୁନି। ଏଥିରେ ବିଳମ୍ବ ନେଇ ସୋମବାର ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଗାନ୍ଧିଜୀଙ୍କ ଫଟୋ ରଖି ଧାରଣାରେ ବସିଥିଲେ। ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଜିଲାରେ ନୀଳଗିରି କଲେଜର ଏହି ଶିକ୍ଷା ବିଭାଗ ଏକମାତ୍ର ହୋଇଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି। ରାଜ୍ୟ ସରକାର ଉକ୍ତ ବିଭାଗ ଖୋଲିବା ପାଇଁ ୨୧।୨।୧୮ରେ ଚିଠି ନଂ.୬୮୮୪ରେ ନିର୍ଦ୍ଦେଶ ଦେଇଥିଲେ। ଫକୀରମୋହନ ମହାବିଦ୍ୟାଳୟ ପକ୍ଷରୁ ଉକ୍ତ ବିଭାଗକୁ ଖୋଲିବାକୁ ଏନ୍‌ଓସି ପ୍ରଦାନ କରାଯାଇଥିଲା। ୨୦୧୮-୧୯ରେ ବିଭାଗ ଖୋଲାଯାଇ ଛାତ୍ରୀଛାତ୍ର ଆଡ଼ମିଶନ ନେଇଥିଲେ। ପରେ ୫୦ଜଣ ଛାତ୍ରୀଛାତ୍ରଙ୍କ ନେଇ ୨୫ ଅକ୍ଟୋବର ୨୦୧୮ରେ କ୍ଲାସ ଆରମ୍ଭ ହୋଇଥିଲା। ଟୁରିଜିମ୍ ଆଣ୍ଡ ହସ୍‌ପିଟାଲିଟି ମ୍ୟାନେଜ୍‌ମେଣ୍ଟ ଡିପାର୍ଟମେଣ୍ଟ ସ୍ୱନସରଡ୍ ବାଇ ୟୁଜିସି ୨୦୧୯ ଜାନୁୟାରୀରେ ଉକ୍ତ ବିଭାଗର ପ୍ରଥମ ସେମିଷ୍ଟାର ପରୀକ୍ଷା ହୋଇ ଏହାର ୨ବର୍ଷ ବିତିଯାଇଥିଲେ ମଧ୍ୟ ପରୀକ୍ଷାଫଳ ଆଜି ପର୍ଯ୍ୟନ୍ତ ବାହାରିନାହିଁ। ଫଳରେ ଛାତ୍ରୀଛାତ୍ର ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। ବାରମ୍ବାର କଲେଜର ଅଧ୍ୟକ୍ଷ, ବିଭାଗର ମୁଖ୍ୟ ବିଶ୍ୱବିଦ୍ୟାଳୟକୁ ଦୌଡ଼ି ଦୌଡ଼ି ପ୍ରତିଶ୍ରୁତି ପାଇବା ଛଡ଼ା କୌଣସି ସୁଫଳ ପାଉନାହାନ୍ତି। ଅନ୍ୟ ସ୍ଥାନରେ ପରୀକ୍ଷାରେ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏଠାରେ ପରୀକ୍ଷା ଫଳ ନ ପାଇ ନିଜର ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ଦେଇଛନ୍ତି। ପୂର୍ବରୁ ୭ ଦିନ ମଧ୍ୟରେ ଫଳ ପ୍ରକାଶ ପାଇଁ ଅନୁରୋଧ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର ଧାରଣାରେ ବସିଥିଲେ। ନୀଳଗିରି ଉପଜିଲାପାଳ ତଥା ନୀଳଗିରି ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ହରିଶ୍ଚନ୍ଦ୍ର ଜେନା ଧାରଣାସ୍ଥଳରେ ପହଞ୍ଚି ଫକୀରମୋହନ ବିଶ୍ୱବିଦ୍ୟାଳୟର ଭିସି ଓ କଣ୍ଟ୍ରୋଲରଙ୍କ ସହ ଫୋନ୍‌ରେ ଆଲୋଚନା କରିଥିଲେ। ଆଲୋଚନା ମୁତାବକ ଆସନ୍ତା ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ନେଇ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ଦୁଇବର୍ଷ ହେଲା ବାହାରୁନି ପରୀକ୍ଷାଫଳ**

## ଗାଡି ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା, (ଡି.ଏନ.ଏ.) : ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଠାରୁ ୫ କିମି ଦୂର ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାର ଚାଇଁବାଇସି ନିକଟରେ ସୋମବାର ଅପରାହ୍ନରେ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଜୁଆଳିକଟା ଗ୍ରାମର ମୁକୁନ୍ଦରଞ୍ଜନ ତିୟୁ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଠାକୁରମୁଣ୍ଡା ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଓ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଦୁର୍ଘଟଣା ଯୋଗୁ ପ୍ରତିବର୍ଷ ୪ ଲକ୍ଷ କୋଟି କ୍ଷତି

## ସଡ଼କ ନିରାପତ୍ତା ନିୟମ କଡ଼ାକଡ଼ି କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ରାସ୍ତା ଦୁର୍ଘଟଣାରେ ହେଉଥିବା ଜନଜୀବନ ହାନି ରୋକିବା ନିମନ୍ତେ ସଡ଼କ ନିରାପତ୍ତା ନିୟମର କଡ଼ାକଡ଼ି ପ୍ରବର୍ତ୍ତନ ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପୋଲିସ ଅଧିକାରୀ ଏବଂ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଏକ ଉଚ୍ଚସ୍ତରୀୟ ବୈଠକରେ ସଡ଼କ ନିରାପତ୍ତା ସ୍ଥିତି ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହରେ ଆୟୋଜିତ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ସଡ଼କ ନିରାପତ୍ତା ସମ୍ବନ୍ଧିତ ସଦ୍ୟତମ ତଥ୍ୟ ଓ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ। ଜିଲାପାଳ ଏବଂ ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସରେ ନିଜ ଜିଲାରେ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ଜାତୀୟସ୍ତରରେ ଦୁର୍ଘଟଣାଜନିତ ମୃତ୍ୟୁ ଯୋଗୁ ପ୍ରତିବର୍ଷ ଜିଡିପିର ପ୍ରାୟ ୩.୧୪ ଶତକଡ଼ା କ୍ଷତି ହେଉଛି ; ଯାହା ପ୍ରାୟ ୪ ଲକ୍ଷ କୋଟି ଟଙ୍କା ସହ ସମାନ। ପ୍ରାଣ ହରାଉଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୭୬ ଶତକଡ଼ା ହେଉଛନ୍ତି ୧୮ରୁ ୪୫ ବର୍ଷ ବୟସ୍କ ଉତ୍ପାଦନକ୍ଷମ ବ୍ୟକ୍ତି। ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁର ଶତକଡ଼ା ୪୧ ଭାଗ ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁ ଘଟୁଛି। ଶତକଡ଼ା ୬୯ ଭାଗ ଦୁର୍ଘଟଣା ଦ୍ରୁତ ଗାଡ଼ିଚାଳନା ଯୋଗୁ ଘଟୁଛି। ୨୦୧୯ରେ ପ୍ରାୟ ୨୩୯୭ ଜଣ ୨ ଚକିଆ ଯାନ ଚାଳକ ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ମସ୍ତିଷ୍କ ଆଘାତରେ ପ୍ରାଣ ହରାଇଛନ୍ତି। ୨୦୧୯ରେ ସମୁଦାୟ ୫୩୩୩ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ୨୦୨୦ରେ ଏହା ୧୧ ଶତକଡ଼ାରୁ ଅଧିକ ହ୍ରାସ ପାଇଥିଲା। ଏହି ସମସ୍ତ ତଥ୍ୟର ବିଚାରକରି ଦ୍ରୁତ ଗାଡ଼ିଚାଳନା, ହେଲ୍‌ମେଟ୍ ପିନ୍ଧିବା ଆଦି ନିୟମକୁ କଡ଼ାକଡ଼ି ଲାଗୁ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେବା ସହ ପ୍ରତିବର୍ଷ କ୍ରମାଗତ ଭାବେ ମୃତ୍ୟୁ ସଂଖ୍ୟା କମାଇବା ନିମନ୍ତେ ଜିଲାଓ୍ୱାରି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜାତୀୟ ରାଜପଥ, ପୋଲିସ, ପରିବହନ ଅଧିକାରୀଙ୍କ ସମେତ ସଡ଼କ ନିରାପତ୍ତାରେ ଆଗ୍ରହୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ସଂଯୋଗ ସ୍ଥାନ ଠିକ୍ ପୂର୍ବର 'ରମ୍ବଲ'ର ସତର୍କ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ଘଟିବା ସ୍ଥାନରେ ଜୀବନ ସହାୟକ ଆମ୍ବୁଲାନ୍ସ ପହଞ୍ଚିବା ସମୟକୁ କମାଇବା ଏବଂ ଆମ୍ବୁଲାନ୍ସଗୁଡ଼ିକର ରିଅଲ ଟାଇମ୍ ପରିଚାଳନାକୁ ଅଧିକ ଲକ୍ଷ୍ୟଭେଦୀ କରିବା ପାଇଁ ମୁଖ୍ୟ ଶାସନ ସଚିବ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଦୁର୍ଘଟଣା, ଉଦ୍ଧାର ଏବଂ ଏକ ଘଣ୍ଟା ମଧ୍ୟରେ ନିକଟବର୍ତ୍ତୀ ହସ୍ପିଟାଲରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଚିକିତ୍ସା ଆଦି ବିଷୟକୁ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି।

ଏହି ଅବସରରେ ମଧୁସୂଦନ ପାଢ଼ୀ କହିଛନ୍ତି, ୨୦୧୬ରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତା ଆଦିରେ ଚିହ୍ନଟ ହୋଇଥିବା ୨୮୬ଟି ଦୁର୍ଘଟଣାପ୍ରବଣ ସ୍ଥାନ(ବ୍ଲାକ୍‌ସ୍ପଟ୍)ର ଆଶୁ ସଂଶୋଧନ କାର୍ଯ୍ୟ ସରିଛି। ସେହିପରି ୨୦୧୭ରେ ଚିହ୍ନଟ ହୋଇଥିବା ୪୩୫ ଏବଂ ୨୦୧୮ରେ ଚିହ୍ନଟ ୨୭୫ଟି ବ୍ଲାକ୍‌ସ୍ପଟ୍‌ଗୁଡ଼ିକର ମଧ୍ୟ ଆଶୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୨୦୧୯ରେ ୩୩୫ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ ହୋଇଛି। ଉକ୍ତ ବ୍ଲାକ୍‌ସ୍ପଟ୍‌ଗୁଡ଼ିକର ମରାମତି କାର୍ଯ୍ୟ ତୁରନ୍ତ ସାରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଲଗାତରଭାବେ ବ୍ଲାକ୍‌ସ୍ପଟ୍ ଚିହ୍ନଟ ଏବଂ ସେସବୁର ମରାମତି କାର୍ଯ୍ୟର ତଦାରଖ ଜିଲାସ୍ତରରେ କରିବା ସହ ଅଭିଯାନ ଭିତ୍ତିରେ ପ୍ରବର୍ତ୍ତନ ଏବଂ ସଚେତନତା କାର୍ଯ୍ୟକ୍ରମ ଚାଲୁରଖି ପ୍ରତିବର୍ଷ ଦୁର୍ଘଟଣା ହାର କମାଇବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀ।

## ରୋଗୀଙ୍କ ଉପରେ ଖସି ପଡ଼ିଲା ଫ୍ୟାନ୍

### ଏସ୍‌ସିବି ସର୍ଜରୀ ବିଭାଗ

କଟକ ଅଫିସ, ୮।୩

କଟକ ଏସ୍‌ସିବି ମେଡିକାଲର ସର୍ଜରି ବିଭାଗ ଛାତରେ ଲାଗିଥିବା ଏକ ଫ୍ୟାନ୍ ସୋମବାର ସକାଳେ ଖସିପଡିବାରୁ ଜଣେ ରୋଗୀ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ଯାଜପୁର ଜିଲା ବରୀ ବ୍ଲକ ଅଧୀନ କୃଷ୍ଣନଗର ଗ୍ରାମର ପାର୍ବତୀ ଦାସ(୭୮)ଙ୍କ ଶରୀରର ୮୦ ପ୍ରତିଶତ ନିଆଁରେ ପୋଡିହୋଇଯାଇଥିଲା। ଚିକିତ୍ସାଲାଗି ତାଙ୍କୁ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଗତ ୫ ତାରିଖରେ ତାଙ୍କୁ ଏସ୍‌ସିବି ମେଡିକାଲ ସର୍ଜରୀ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶଯ୍ୟା ନ ମିଳିବାରୁ ସେ ବେଡ ନଂ. ୧୮୮ ଓ ୧୮୯ର ମଝି ଚଟାଣରେ ଶୋଇଥିଲେ। ରବିବାର ରାତିରେ ଫ୍ୟାନ୍ ବୁଲିବା ସମୟରେ ଅତ୍ୟଧିକ ଶବ୍ଦ ହେବାରୁ ସେ ଉପସ୍ଥିତ କର୍ମଚାରୀଙ୍କୁ ବନ୍ଦ କରିବାକୁ ନିବେଦନ କରିଥିଲେ। ହେଲେ ତାହାକୁ ବନ୍ଦ କରାଯାଇ ନ ଥିଲା। ସୋମବାର ସକାଳ ସାଢେ ୮ଟାରେ ଫ୍ୟାନ୍‌ଟି ହଠାତ୍ ତାଙ୍କ ଛାତି ଉପରେ ଖସି ପଡିଥିଲା। ଫଳରେ ପାର୍ବତୀ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା।

## ସଂକ୍ଷେପରେ

### ସମ୍ପତ୍ତି ଲୋଭରେ ମହିଳାଙ୍କୁ ହତ୍ୟା

#### ଦେଢ଼ଶୁର ଅଟକ, ଠେଙ୍ଗା ଜବତ

ବ୍ରହ୍ମପୁର ଅଫିସ,୮।୩: ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ୨୪ ଘଣ୍ଟା ମଧ୍ୟରେ ଘଟିଛି ଦୁଇଟି ହତ୍ୟାକାଣ୍ଡ। ରବିବାର ରାତିରେ ଝାଡ଼ାଙ୍କୁଲି ଗ୍ରାମରେ କୋରା ସେଠୀଙ୍କୁ ହତ୍ୟା କରାଯାଇଥିବା ବେଳେ ତାଙ୍କ ପୁଅ ପ୍ରଶାନ୍ତଙ୍କୁ ମଧ୍ୟ ହତ୍ୟା ଉଦ୍ୟମ କରାଯାଇଥିଲା। ସେହିପରି ସୋମବାର ମଧ୍ୟାହ୍ନରେ ଜଣେ ବିଧବାଙ୍କୁ ହତ୍ୟା କରାଯାଇଛି। ମୃତକ ବାଲିପଡା ଧୋବାସାହିର ସୁଷମା ବିଶୋୟୀ (୪୦)। ସଦର ଥାନାଧିକାରୀ ସନ୍ତୋଷିନୀ ଓରାମ ଓ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ରକ୍ତଭିଜା ଠେଙ୍ଗା ପୋଲିସ ଜବତ କରିଛି। ଭାଇବୋହୂଙ୍କୁ ହତ୍ୟା କରିବା ପରେ ଫେରାର ଦେଢ଼ଶୁର ପ୍ରଭାକର ବିଶୋୟୀଙ୍କୁ ପୋଲିସ କାବୁକରି ଥାନାରେ ଜେରା କରୁଛି। ପ୍ରାଥମିକ ତଦନ୍ତରୁ ସମ୍ପତ୍ତି ଲୋଭରେ ପ୍ରଭାକର ଭାଇବୋହୂ ସୁଷମାଙ୍କୁ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ମୁତାବକ, ସ୍ୱାମୀ ଶିଶିରଙ୍କ ମୃତ୍ୟୁ ପରେ ସୁଷମା ବାଲିପଡା ଗ୍ରାମରେ ଏକା ରହୁଥିଲେ। ଏଣୁ ତାଙ୍କୁ ହତ୍ୟା କରି ତାଙ୍କ ନାମରେ ଥିବା ସମ୍ପତ୍ତି ପ୍ରଭାକର ନିଜ ନାଁରେ କରିବାକୁ ଯୋଜନା କରିଥିଲେ। ସୋମବାର ସୁଷମା ବିଲରୁ ମୁଗ ଧରି ଘରକୁ ଫେରୁଥିବା ବେଳେ ପ୍ରଭାକର ବାଟରେ ଛକି ରହିଥିଲେ। ଏକ ଠେଙ୍ଗାରେ ପ୍ରଭାକର ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲା। ଫଳରେ ବିଲରେ ହିଁ ସେ ଟଳି ପଡିଥିଲେ। ପାଖରେ ଥିବା କେତେଜଣ ଲୋକ ଘଟଣାସ୍ଥଳକୁ ଦୌଡ଼ି ଆସୁଥିବା ଦେଖି ପ୍ରଭାକର ସେଠାରୁ ପଳାଇ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା। ମୃତ ମହିଳାଙ୍କ ଭାଇ ବାରିକ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୫୮/୨୧ରେ ଏକ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୧୦ରେ କୋଟିଆ ଗସ୍ତ କରିବେ ପିସିସି ସଭାପତି

ଭୁବନେଶ୍ୱର,୮।୩(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ୧୦ ତାରିଖରେ କୋଟିଆ ଅଞ୍ଚଳ ଗସ୍ତ କରିବେ। ଗତ ମାସ ୧୩ ତାରିଖରେ କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ସରକାର ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ପଞ୍ଚାୟତ ନିର୍ବାଚନ କରିଛନ୍ତି। ଏହା ଆମ ରାଜ୍ୟ ପାଇଁ ଏକ ନିନ୍ଦନୀୟ ଓ ଲଜ୍ଜାକର ଘଟଣା। ରାଜ୍ୟ ଓ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି କଂଗ୍ରେସ ସବୁବେଳେ କାର୍ଯ୍ୟ କରିଆସିଛି। ତେଣୁ ଏହି ଘଟଣାକୁ ଓଡ଼ିଶା ପିସିସି ସଭାପତି ଅତ୍ୟନ୍ତ ଗୁରୁତ୍ୱର ସହ ନେଇଥିବା ଦଳ ତରଫରୁ ସୂଚନା ଦିଆଯାଇଛି। ଆସନ୍ତା ବୁଧବାର ନିରଞ୍ଜନଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ କୋଟିଆ ଅଞ୍ଚଳ ଗସ୍ତ କରିବ।

### ପଶ୍ଚିମବଙ୍ଗର ବଳାତ୍କାର, ହତ୍ୟା ଅଭିଯୁକ୍ତ ପାରାଦୀପରୁ ଗିରଫ

ପାରାଦୀପ, ୮।୩(ସ୍ୱ.ପ୍ର.) : ପଶ୍ଚିମବଙ୍ଗ ଉତ୍ତର ଚବିଶ ପ୍ରଗଣା ଜିଲା କୋଷ୍ଟାଲ ଥାନା ଅଞ୍ଚଳର ଜଣେ ବଳାତ୍କାର ଓ ହତ୍ୟା ଅଭିଯୁକ୍ତଙ୍କୁ ସୋମବାର ରାତିରେ ଦ୍ୱୈତ ରାଜ୍ୟ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ସୁନିଲ ମଣ୍ଡଳ। ସେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ତାଳତଣ୍ଡା କେନାଲ ପାଖ ଜର୍ଦ୍ଦାରୀପଡ଼ା ବସ୍ତିରେ ଆସି ଲୁଚି ରହୁଥିଲେ। କୌଣସିସୂତ୍ରରୁ ଖବରପାଇ ପଶ୍ଚିମବଙ୍ଗ ଓ ଲକ୍ ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ସୁନିଲ ୮ ଦିନ ତଳେ ପଶ୍ଚିମବଙ୍ଗର ଜଣେ ନାବାଳିକାଙ୍କୁ ବଳପୂର୍ବକ ବଳାତ୍କାର କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ତାଙ୍କୁ କୁଜଙ୍ଗ କୋର୍ଟରେ ହାଜର କରାଯିବ। ଏହାପରେ ତାଙ୍କୁ ରିମାଣ୍ଡରେ ନିଆଯିବ ବୋଲି ଲକ୍ ଥାନା ଅଧିକାରୀ ପ୍ରଭାସଚନ୍ଦ୍ର ସାହୁ କହିଛନ୍ତି।

# ୩୦ ଜିଲାରେ ଗଠନ ହେବ ଦୀପା

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଜିଲାସ୍ତରରେ ପୁଞ୍ଜିନିବେଶକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଏକ ଉତ୍ସର୍ଗୀକୃତ ଜିଲା ପୁଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା (ଦୀପା) ଗଠନ ନିମନ୍ତେ ଘୋଷଣା କରିଛନ୍ତି । ଏହା ରାଜ୍ୟର ୩୦ ଜିଲାରେ ପ୍ରତିଷ୍ଠା ହେବ । ଏହି ସଂସ୍ଥା ଜିଲାପାଳଙ୍କ ନେତୃତ୍ୱରେ ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ ଏବଂ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଭଳି ବରିଷ୍ଠ ପଦାଧିକାରୀଙ୍କୁ ନେଇ ଗଠିତ ହେବ । ଜିଲାରେ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି କରିବା, ପ୍ରକଳ୍ପ ତଦାରଖ ଏବଂ ସ୍ଥାନୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଭଳି କାର୍ଯ୍ୟରେ ଜିଲାପାଳଙ୍କୁ ସହଯୋଗ କରିବାକୁ ଏକ ବୃତ୍ତିଗତ ଦଳ ରହିବେ । ଏହି ସଂସ୍ଥା ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲିବ, ଯାହାର କାର୍ଯ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଉଦ୍ୟୋଗଗୁଡ଼ିକୁ ସହଯୋଗର ହାତ ବଢ଼ାଇବା, ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ ବହୁମାତ୍ରାରେ ନିଯୁକ୍ତି ସୃଷ୍ଟି କରିବା, ଜିଲାଗୁଡ଼ିକର କ୍ଷମତାନୁଯାୟୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା, ନିବେଶକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବା, ସଡ଼କ ଯୋଗାଯୋଗ, ବିଦ୍ୟୁତ ସେବା ଯୋଗାଣ ଏବଂ ଜଳ ଯୋଗାଣ ପରି କାର୍ଯ୍ୟକରିବ। ଯାହା ଶିଳ୍ପାୟନ ଓ ଆର୍ଥିକ ଅଭି ବୃଦ୍ଧିରେ ସାହାଯ୍ୟ କରିଥାଏ। ଗତ ଦୁଇ ଦଶନ୍ଧିରେ ରାଜ୍ୟ ଶିଳ୍ପ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ସେ ଦୃଷ୍ଟିରୁ ବହୁଳ ମାତ୍ରାରେ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇବାର ଆବଶ୍ୟକତା ମନେ ହେଉଛି। ଜିଲାସ୍ତରରେ ସୁହାଇଲା ଭଳି ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ଦରକାରୀ ଭିତ୍ତିଭୂମିର ତ୍ୱରିତ ବିକାଶର ଆବଶ୍ୟକତା ରହିଛି । ଶିଳ୍ପ ବିକାଶ ଯୁବ ବର୍ଗଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ଜିଲାପାଳଙ୍କ ନେତୃତ୍ୱରେ ଜିଲା ପ୍ରଶାସନର ଭୂମିକା ଶିଳ୍ପ ଅଭିବୃଦ୍ଧି ଏବଂ ଭିତ୍ତିଭୂମିର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲା ପଞ୍ଜିନିବେଶ ପ୍ରୋତ୍ସାହନ ସଂସ୍ଥା (ଦୀପା) ଇପିକଲର ଏକ ସମ୍ପ୍ରସାରିତ ବାହୁଭଳି କାର୍ଯ୍ୟକରିବ ଏବଂ ଏହା ପର୍ଯ୍ୟାୟକ୍ରମେ ଅପ୍ରେଲ ୨୦୨୧ରୁ ଡିସେମ୍ବର ୨୦୨୧ ମଧ୍ୟରେ ପ୍ରତିଷ୍ଠା ହେବ ।




ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବିଭିନ୍ନ ଦାବି ମାଧ୍ୟମରେ ଅଭିନବ ଉପାୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି।

## ୫ ଶିଶୁ ଶ୍ରମିକ ଉଦ୍ଧାର

ଚୌଦ୍ୱାର,୮।୩(ଡି.ଏନ.ଏ)

ଚୌଦ୍ୱାରରେ ଥିବା ବିଭିନ୍ନ ହୋଟେଲ, କମାରଶାଳ, ଦୋକାନ ଓ ଢାବା ଉପରେ ସୋମବାର ସ୍ଥାନୀୟ ପୋଲିସ ଓ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ ଚଢାଉ କରାଯାଇ ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ପରେ ସମସ୍ତଙ୍କୁ କଟକସ୍ଥିତ ବସୁନ୍ଧରାକୁ ପଠାଇ ଦିଆଯାଇଥିବା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି। ଉଦ୍ଧାର ଶିଶୁଶ୍ରମିକଙ୍କ ଘର ସ୍ଥାନୀୟ ଅଞ୍ଚଳରେ ବୋଲି ଜଣାପଡିଛି। ଏହି ଚଢାଉରେ ଏଏସ୍‌ଆଇ ପୁଷ୍ପାଞ୍ଜଳି ବେହେରା ଓ ଉଦ୍ଧାର ଫାଉଣ୍ଡେଶନର ସଭାପତି ନରୋତ୍ତମ ଦାସ ସାମିଲ ହୋଇଥିଲେ।

# ଭୁବନେଶ୍ୱରରେ ଏନ୍‌ଆଇଭି ପ୍ରତିଷ୍ଠା କରିବାକୁ ଅନୁରୋଧ

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୮।୩(ବ୍ୟୁରୋ)

ଦେଶରେ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ(ଏନ୍‌ଆଇଭି) ପ୍ରତିଷ୍ଠା କରିବା ପାଇଁ ଚଳିତ ସାଧାରଣ ବଜେଟରେ ଘୋଷଣା କରାଯାଇଛି। ଏଥିମଧ୍ୟରୁ ଗୋଟିଏ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି । ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଦେଶର ଆୟୁର୍ବିଜ୍ଞାନ ଏବଂ ବିକାଶ ସଂସ୍ଥାନ ଯଥା ପୁଣେ ସ୍ଥିତ ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ କରୋନା ମହାମାରୀ ସହ ଲଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମାନବ ସମାଜକୁ ପ୍ରଭାବିତ କରୁଥିବା କରୋନା ମହାମାରୀ ଭଳି ଭୂତାଣୁଗୁଡିକ ସହ ଲଢିବା ପାଇଁ ପଦକ୍ଷେପ ସ୍ୱରୂପ ଚଳିତ ସାଧାରଣ ବଜେଟରେ ଦେଶରେ ଅତିରିକ୍ତ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି । ପୂର୍ବ ଭାରତରେ ଆୟୁର୍ବିଜ୍ଞାନ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ସହର ଭାବରେ ଉଭା ହୋଇଛି । ଭୁବନେଶ୍ୱରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ଜୀବବିଜ୍ଞାନ ସଂସ୍ଥାନ(ଆଇଏଲ୍‌ଏସ୍), ଆଇସିଏମ୍‌ଆର୍-ଆଞ୍ଚଳିକ ଆୟୁର୍ବିଜ୍ଞାନ ଗବେଷଣା କେନ୍ଦ୍ର ଏବଂ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍(ଆଇସିଏଆର୍-ଆଇସିଏଫ୍‌ଏମ୍‌ଡି) ଭଳି ବିଶ୍ୱସ୍ତରୀୟ କେନ୍ଦ୍ରଗୁଡିକ ରହିଛି । ତେଣୁ ଭୌଗୋଳିକ ଅବସ୍ଥିତି ଏବଂ ଦକ୍ଷତାପୂର୍ଣ୍ଣ ମାନବ ସମ୍ବଳ ଦୃଷ୍ଟିକୋଣରୁ ଭୁବନେଶ୍ୱର ପ୍ରସ୍ତାବିତ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା ହେବାର କ୍ଷମତା ରଖିଛି। ଭୁବନେଶ୍ୱରରେ ଏହି ସଂସ୍ଥାନ ପ୍ରତିଷ୍ଠା ହେଲେ ଗବେଷଣା ଓ ବିକାଶ କେନ୍ଦ୍ରକୁ ସହଯୋଗୀ ହେବ ଏବଂ ମିଳିତ ଭାବେ ଗବେଷଣା କରାଯାଇପାରିବ । ଏହାସହ ଏହି ସଂସ୍ଥାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନ ପରିକଳ୍ପନାର ଅଂଶବିଶେଷ ହେବାସହ ପୂର୍ବ, ଦକ୍ଷିଣ-ପୂର୍ବ ଏବଂ ଭାରତର କେନ୍ଦ୍ରାଞ୍ଚଳ ରାଜ୍ୟଗୁଡିକର ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି କରୋନା ଭାଇରସ୍ ବିରୋଧୀ ମୁକାବିଲାରେ ଭାରତର ସଫଳ ପରିଚାଳନା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

# ଉନ୍ନତ ମାନର ଦ୍ରବ୍ୟ ଉତ୍ପାଦନ ଆବଶ୍ୟକ: ମନ୍ତ୍ରୀ

## ଭାରତୀୟ ମାନକ ବ୍ୟୁରୋ ବୈଠକ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଉପଭୋକ୍ତାମାନେ ଯେପରି ଉନ୍ନତ ମାନର ଦ୍ରବ୍ୟ ଓ ସେବା ପାଇବେ ସେଥିଲାଗି ଯୋଗାଣ ମାନରେ ଉନ୍ନତି ଆଣିବାକୁ ପଡ଼ିବ। ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ଧାର୍ଯ୍ୟ ମାନ ଅନୁଯାୟୀ ଉନ୍ନତ ମାନର ଦ୍ରବ୍ୟ ଉତ୍ପାଦନ ଓ ବ୍ୟବହାର କରିବା ଦିଗରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ସମ୍ପ୍ରତି ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ହେଉଥିବା ପରିପ୍ରେକ୍ଷୀରେ ଉତ୍ପାଦିତ ଦ୍ରବ୍ୟର ଦେଶ ଓ ବିଦେଶରେ ଚାହିଦା ବୃଦ୍ଧି ନିମନ୍ତେ ନିର୍ଦ୍ଧାରିତ ମାନକକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପଡ଼ିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ସୋମବାର ଭାରତୀୟ ମାନକ ବ୍ୟୁରୋ( ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ), ଭୁବନେଶ୍ୱର ଆନୁକୂଲ୍ୟରେ ମାନକୀକରଣ ଏବଂ ଗୁଣବତ୍ତା ପ୍ରଣାଳୀ ସମ୍ବନ୍ଧୀୟ ଦଶମ ରାଜ୍ୟସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷତାକରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ବ୍ୟୁରୋର କାର୍ଯ୍ୟକୁ ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ କିପରି ଅଧିକ କ୍ରିୟାଶୀଳ କରାଯାଇପାରିବ ସେଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ସେହିପରି ୨୦୨୧ ଜୁନ ପହିଲାରୁ ହଲ୍‌ମାର୍କ ସୁନାଗହଣା ବିକ୍ରିକୁ ବାଧ୍ୟତାମୂଳକ କରାଯାଇଛି। ବିକ୍ରି ହେଉଥିବା ପିଇବା ପାଣିର ମାନ ନିର୍ଦ୍ଧାରଣ କରିବା ଜରୁରୀ। ଏଥି ସହିତ ବିଦେଶକୁ ରପ୍ତାନୀ ହେଉଥିବା, ସରକାରଙ୍କୁ ଯୋଗାଣ ହେଉଥିବା ଦ୍ରବ୍ୟ ଏବଂ ସାଧାରଣ ଖାଉଟି ବ୍ୟବହାର କରୁଥିବା ଦ୍ରବ୍ୟ ଗୋଟିଏ ମାନର ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି ।

# ଜିଲା ପ୍ରୋବେଶନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବର୍ଷେ ରହିବେ ଅଭିଯୁକ୍ତ

## ଧାନ କିଣାବିକାକୁ ନେଇ ଆକ୍ରମଣ ମାମଲା

ଛତ୍ରପୁର,୮।୩(ଡି.ଏନ୍.ଏ.)

ଧାନ କିଣାବିକା ସମୟରେ ଆକ୍ରମଣ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗଞ୍ଜାମ ଜିଲା ଛତ୍ରପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ସ୍ୱାଇଁ ଅଭିଯୁକ୍ତ ଚମାଖଣ୍ଡି ଥାନା କେରାଣ୍ଡିତୋଳା ଗ୍ରାମର ଲଳିତ ପ୍ରଧାନ(ଟୁକୁନା) ବର୍ଷେ ପର୍ଯ୍ୟନ୍ତ ଜିଲା ପ୍ରୋବେଶନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ରାୟ ଶୁଣାଇଛନ୍ତି। ୨୦୧୫ ଫେବୃୟାରୀ ୮ ତାରିଖରେ କେରାଣ୍ଡିତୋଳା ଗ୍ରାମରେ ଧାନ କିଣାବିକା ଚାଲୁଥିଲା। ଏହି ସମୟରେ ଜଗବନ୍ଧୁ ସାହୁ ଗ୍ରାମର ଲକ୍ଷ୍ମଣ ପାଣିଗ୍ରାହୀଙ୍କଠାରୁ ଧାନ କିଣୁଥିବା ତାଙ୍କ ବନ୍ଧୁଙ୍କ ପାଖକୁ ଯାଇଥିଲେ। ସେଠାରେ ଟୁକୁନା ପହଞ୍ଚି ଜଗବନ୍ଧୁଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଜଗବନ୍ଧୁଙ୍କୁ ସେ ଅନ୍ୟ ଏକ ସ୍ଥାନକୁ ଘୋଷାଡି ନେଇ ଆକ୍ରମଣ କରିଥିଲେ। ଥାନାରେ ଜଣାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଜଗବନ୍ଧୁଙ୍କ ଆଖି, ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁଇଦିନ ପରେ ଜଗବନ୍ଧୁ ଏ ନେଇ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ନଂ.୧୦/୨୦୧୫ରେ ମାମଲା ରୁଜୁ କରି ପୋଲିସ ଟୁକୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୫ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଅଭିଯୁକ୍ତଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା(୨୯୪ଧାରା), ପଥ ଅବରୋଧ କରିବା (୩୪୧ଧାରା) ଓ ସ୍ୱତପ୍ରବୃତ୍ତ ଭାବରେ ଆକ୍ରମଣ କରିବା(୩୨୩ଧାରା)ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଟୁକୁନା ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪(୧) ଓ ୪(୩) ଅନୁଯାୟୀ ବର୍ଷେ ପର୍ଯ୍ୟନ୍ତ ଜିଲା ପ୍ରୋବେଶନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ଆଦେଶ ଦେଇଛନ୍ତି।

# 'ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ୁଛି'

## ବିଶ୍ୱ ମହିଳା ଦିବସରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ

ମାହାଙ୍ଗା,୮।୩(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସୋମବାର ଭାଜପା ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଦଳର ରାଜ୍ୟ ପ୍ରଭାରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀ ଯୋଗଦେଇ ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ୁଛି ବୋଲି କହିଥିଲେ। ବିଶେଷକରି ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଦେଶ ଓ ରାଜ୍ୟର ସର୍ବବିଧ ପ୍ରଗତି କେବଳ ଭାଜପା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଯୋଜନାରେ ରାଜ୍ୟରେ ୭୪ ହଜାର ମହିଳାଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି। ଉଜ୍ଜ୍ୱଳା ଯୋଜନାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ମାଗଣା ଗ୍ୟାସ୍ ସଂଯୋଗ, ସୁକନ୍ୟା ଯୋଜନା ଏବଂ କରୋନା ସମୟରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ସହାୟତା ସମ୍ପର୍କରେ ପୁରନ୍ଦେଶ୍ୱରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ଭାଜପା ନେତା ଶାରଦା ପ୍ରଧାନ ସଭାପତିତ୍ୱ କରି ଡବଲ ମର୍ଡର ଘଟଣାରେ ମାହାଙ୍ଗା ପୋଲିସର ଅପାରଗତାକୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ କିଭଳି ସଂଗଠନ ଅଧିକ ମଜଭୁତ୍ କରିହେବ ସେ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାନେତ୍ରୀ ଅମ୍ରିତା ପ୍ରିୟଦର୍ଶିନୀ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, କଟକ ଜିଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନସ୍ମିତା ଖଟୁଆ, ସାଲେପୁର ବ୍ଲକ ଅଧ୍ୟକ୍ଷା ମମତା ରାଉତ, ନିଶ୍ଚିନ୍ତକୋଇଲି ପୂର୍ବତନ ଅଧ୍ୟକ୍ଷା କମଳା ବସ୍ତିଆ, ଘୁମୁସରା ବ୍ଲକ ସଭାପତି ଗୋକୁଳାନନ୍ଦ ମଲିକ ପ୍ରମୁଖ ଯୋଗଦେଇ ବିଶ୍ୱ ମହିଳା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସବୁ କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ଭାଜପାର ମୂଳ ଲକ୍ଷ୍ୟ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କିଶୋର ରାଉତ, ସମିତି ସଭ୍ୟ ରଞ୍ଜିତ ସାହୁ, ବରିଷ୍ଠ ଭାଜପା ନେତା ବିଶ୍ୱନାଥ ଜେନା, ପୂର୍ବତନ ସରପଞ୍ଚ ମନୋରଞ୍ଜନ ନାୟକ ଓ ନିଗମାନନ୍ଦ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ସମାବେଶରେ ଯୋଗଦେଇଥିବା ଭାଜପାର ନେତୃମଣ୍ଡଳୀ।

# ରାସ୍ତାରେ ଅସନ୍ତୁଷ୍ଟ ଅନ୍ନଦାତା



ଚାଷୀଙ୍କ ୫୫ନଂ ଜାତୀୟ ରାଜପଥ ଅବରୋଧ ।

- ପଞ୍ଜୀକୃତ ଚାଷୀ ବିକି ପାରୁନାହାନ୍ତି ଧାନ
- ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ
- ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଢେଙ୍କାନାଳ ଅଫିସ, ୮।୩

ମଣ୍ଡିରେ ଧାନକିଣା ବନ୍ଦ ପରେ ଢେଙ୍କାନାଳ ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ହକ୍‌ଦାବିରେ ଟୋକନଧାରୀ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଧାନ କିଣାଯିବାକୁ ନେଇ ନିର୍ଭର ପ୍ରତିଶ୍ରୁତି ମିଳୁ ନ ଥିବାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ସୋମବାର ଜିଲାର ୨ଟି ଜାତୀୟ ରାଜପଥ ସମେତ ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଜିଲାର ପରଜଙ୍ଗ ବ୍ଲକର ଲୋଧଣୀ, ଓଡ଼ାପଡ଼ା ବ୍ଲକର ଇନ୍ଦିପୁର, ଗୁଣ୍ଡିଚାପଡ଼ା, ଖୁଣ୍ଟଝରି, କାଣ୍ଡବିନ୍ଧା, ଗଦାଶିଳା, ଗଁଦିଆ ବ୍ଲକର ସନ୍ଥପୁର, ଭୁବନ ବ୍ଲକର ବାଲିବୋ ସେବା ସମବାୟ ସମିତିର ବହୁ ଚାଷୀ ନିଜର ନାମ ପଞ୍ଜୀକରଣ କରିବା ପରେ ଧାନ ବିକ୍ରି କରିବାକୁ ଟୋକନ ଧରି ଅପେକ୍ଷା କରିଛନ୍ତି। ଟାର୍ଗେଟ ପୂରଣ ପରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଧାନମଣ୍ଡି ବନ୍ଦ କରିଦିଆଯିବା ପରେ ସବୁଠି ଅଚଳାବସ୍ଥା ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏବଂ ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟସ୍ଥିତ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ୫୫ନଂ. ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରିଥିଲେ। ଫଳରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ଯାଏ ଚକା ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସୂଚନାପାଇ ଜିଲା ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ, ଟାଉନ ଥାନାଧିକାରୀ ନମିତା ନାୟକ ସଦଳବଳ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଜିଲା ଯୋଗାଣ ବିଭାଗ ଅଧିକାରୀ କୁହନ୍ତି, ଟୋକନ ପାଇବା ସତ୍ତ୍ୱେ ଧାନ ବିକ୍ରି କରି ନ ଥିବା ଚାଷୀଙ୍କ ତାଲିକା ସରକାରଙ୍କ ନିକଟକୁ ପଠାଯିବ। ଉପରୁ ନିର୍ଦ୍ଦେଶନାମା ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଉଛନ୍ତି

ଭୁବନ, ୮।୩ (ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ସମବାୟ ସମିତି ମଣ୍ଡିରେ ଧାନକିଣାରେ ଅନିୟମିତତାକୁ ନେଇ ତାତିଛନ୍ତି ଚାଷୀ। ଏହାର ପ୍ରତିବାଦରେ ପୂର୍ବାହ୍ନ ୯ଟାରୁ ଦିନ ୧୨ଟା ଯାଏ ୫୩ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପ୍ରଶାସନ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇଚାଲିଛି। ଏହାର ସମାଧାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ମଣ୍ଡିରେ ହଟଚମଟ କରି ଅଣଚାଷୀଙ୍କ ଧାନ କିଣାଯାଇଛି। ପ୍ରକୃତ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସମସ୍ୟା ନେଇ ଗତ ୧ ତାରିଖରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହାକୁ ୮ଦିନ ବିତିଯାଇଥିଲେ ବି ସମସ୍ୟାକୁ ଗୁରୁତ୍ୱ ଦିଆଯାଉନାହିଁ। ଋଣ କରଜ କରି ଚାଷ କରିଥିବା ଚାଷୀ କଲବଲ ହେଉଛନ୍ତି। ପ୍ରଶାସନ ତୁରନ୍ତ ଧାନକିଣିବା ବ୍ୟବସ୍ଥା କରୁ ବୋଲି ବିଦ୍ୟାଧର ଆଏଚ୍, ବିକାଶ ଚନ୍ଦ୍ର କଅଁର, ଅରୁଣ ବେହେରା, ଅଶୋକ ସାହୁ, ଶିବ କଅଁର, ପ୍ରଫୁଲ୍ଲ ମହାପାତ୍ର, ଶରତ ଆଏଚ୍, ବସନ୍ତ ଜେନା ପ୍ରମୁଖ ଦାବିକରିଛନ୍ତି। ସୂଚନାପାଇ ଥାନାଧିକାରୀ ଜିତେନ୍ଦ୍ର ସାହୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଚାଷୀମାନେ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ ଫୋନରେ ଆଲୋଚନା କରିଛନ୍ତି। ୧୬୦ ଜଣ ଟୋକନଧାରୀ ଚାଷୀ ଏଭଳି ସମସ୍ୟାରେ ପଡ଼ିଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଏପରି କି ଏଥିଲାଗି ସମିତି ସମ୍ପାଦକଙ୍କୁ ସେମାନେ ଦାୟୀ କରିଥିଲେ। ତେବେ ସମିତି ସମ୍ପାଦକ ଅରୁଣ କୁମାର ମହାପାତ୍ର ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ମଣ୍ଡିରେ କୌଣସି ଚାଷୀଙ୍କୁ ଉପେକ୍ଷା କରାଯାଇ ନ ଥିବା ସେ କହିଛନ୍ତି।

## ଜନସଂଖ୍ୟା ବୃଦ୍ଧି ବଢ଼ାଇଛି ସମସ୍ୟା

ଢେଙ୍କାନାଳ ଅଫିସ, ୮।୩

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଢେଙ୍କାନାଳ ଶାଖା ପକ୍ଷରୁ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଜିଲା ମତ୍ସ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ସଭାପତି ବିପିନ ବିହାରୀ ଦାସ କହିଲେ, ଜନସଂଖ୍ୟା ବିସ୍ଫୋରଣ ଯୋଗୁ ଭାରତରେ ବେକାରି, ଗରିବୀ, କୁପୋଷଣ ଏବଂ ଅନାହାର ବୃଦ୍ଧି ପାଇଛି। ଏହାର ସମାଧାନ ପାଇଁ ଦୁଇସନ୍ତାନ ନୀତି ବାଧ୍ୟତାମୂଳକ ଲାଗୁ କରାଯିବା ଆବଶ୍ୟକ। ତୃତୀୟ ସନ୍ତାନ ଜନ୍ମଦେବା ପରେ ସମ୍ପୃକ୍ତ ଦମ୍ପତ୍ତିଙ୍କ ନାଗରିକତା ରଦ୍ଦ କରାଯିବା ଜରୁରୀ ବୋଲି ସେ କହିଥିଲେ। ଏଥିସହ ଜନସଂଖ୍ୟା ନିୟନ୍ତ୍ରଣ ଆନ୍ଦୋଳନରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲା ସଭାପତି କଲ୍ୟାଣ କାନୁନ୍‌ଗୋ, ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ଗଡନାୟକସିଂ, ଜିଲା ପ୍ରଭାରୀ ବାବୁଚାନ୍ଦ ମହାଳିକ, ଅନୁଗୋଳ ଜିଲା ପ୍ରଭାରୀ ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସଂଯୋଜକ ମନମୋହନ ତ୍ରିପାଠୀ, ଉପସଭାପତି ମଳୟ ତ୍ରିପାଠୀ, ଜିଲା ସଙ୍ଗଠନ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦେବତା, ନୃପକେଶରୀ ନାୟକ, ମଳୟ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ସଂକ୍ଷେପରେ

### ତାଲା କାଟି କଳାକନା ବୁଲାଇଲେ

ପରଜଙ୍ଗ, ୮।୩(ଡି.ଏନ.ଏ.): ପରଜଙ୍ଗ ଥାନା ଅଞ୍ଚଳରେ ଲୁଟ୍‌ତରାଜ ବଢ଼ିବାରେ ଲାଗିଛି। ଗତ ରବିବାର ବିଳମ୍ବିତ ରାତିରେ ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ବେକାଗାଡ଼ିଆ ଗ୍ରାମର ବସନ୍ତ ପାଣିଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଗୃହକର୍ତ୍ତାଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମେଡିକାଲ କାର୍ଯ୍ୟରେ ବସନ୍ତଙ୍କ ପରିବାର ସଦସ୍ୟ କିଛିଦିନ ହେଲା ବାହାରେ ଥିଲେ। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ତାଲା କାଟି ଘରେ ପଶି ଆଲମିରା ଭାଙ୍ଗି ରଖାଯାଇଥିବା ସୁନାଗହଣା, ଟଙ୍କା, ଟଭି ନେଇଯାଇଛନ୍ତି। ସୂଚନା ପାଇ ବସନ୍ତ ଗ୍ରାମର ପହଞ୍ଚି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କେତେଜଣ ସ୍ଥାନୀୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ପୋଲିସ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ତଦନ୍ତ ଜାରି ରଖିଛି।

### ଅରଜିତ୍ ଏବିଭିପି ରାଜ୍ୟ ସହସମ୍ପାଦକ



ଢେଙ୍କାନାଳ ଅଫିସ, ୮।୩: ଢେଙ୍କାନାଳ ଜିଲା ସଂଯୋଜକ ଦାୟିତ୍ୱରେ ଥିବା ଅରଜିତ ପଟ୍ଟନାୟକଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରାଜ୍ୟ ସହ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ବ୍ରହ୍ମପୁରଠାରେ ଅନୁଷ୍ଠିତ ସଙ୍ଗଠନର ୪୫ତମ ରାଜ୍ୟ ଅଧିବେଶରେ ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ କାର୍ଯ୍ୟକାରିଣୀର ନୂତନ ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ ଅରଜିତ୍‌ଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଅରଜିତ୍ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ବାଣିଜ୍ୟ ବିଭାଗ ଶେଷବର୍ଷର ଛାତ୍ର। ନିଜ ପ୍ରତିକ୍ରିୟାରେ ସେ କୁହନ୍ତି, ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ବିରୋଧରେ ସ୍ୱର ଉତ୍ତୋଳନ କରିବେ।

### ୭୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଢେଙ୍କାନାଳ ଅଫିସ, ୮।୩: ଢେଙ୍କାନାଳ ରାଇଜିଂ ଷ୍ଟାର କ୍ଲବ ପକ୍ଷରୁ ସୋମବାର ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ମାନସିକ ଅନଗ୍ରସର ବିଦ୍ୟାଳୟରେ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ୭୦ ଅନ୍ତେବାସୀଙ୍କ ସମେତ ଅନୁଷ୍ଠାନର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ବିଭୂତି ଭୂଷଣ ଜେନା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଢେଙ୍କାନାଳ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନର ସଭାପତି ଶରତ ଚନ୍ଦ୍ର ପାଢ଼ୀ, କ୍ଲବର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ରାଉଳ, ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପସଭାପତି ରଶ୍ମିରଞ୍ଜନ ପାଢ଼ୀ ଏବଂ କ୍ଲବ ଅଧ୍ୟକ୍ଷ ମନୋଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ମାତୃଶକ୍ତି ସବୁଠାରୁ ବଡ଼ ଶକ୍ତି




କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବିଜେଡି ନେତୃବୃନ୍ଦ।

ଢେଙ୍କାନାଳ ଅଫିସ, ୮।୩

ମହିଳାଙ୍କୁ ଆଗେଇ ନେବା ପାଇଁ ବିଜୁବାବୁ ସଦାସର୍ବଦା ଚିନ୍ତା କରୁଥିଲେ। ତାଙ୍କ ପଥ ଅନୁସରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟ ସରକାରଙ୍କ ଉଦ୍ୟମରେ ମିଶନ ଶକ୍ତିରେ ୭୦ଲକ୍ଷ ମହିଳା ଯୋଡ଼ି ହୋଇଛନ୍ତି। ମାତୃଶକ୍ତି ସବୁଠାରୁ ବଡ଼ଶକ୍ତି। ମହିଳାମାନେ ଆଗକୁ ବଢ଼ିଲେ ରାଜ୍ୟ ସମୃଦ୍ଧ ହେବ ଏବଂ ପ୍ରଗତି କରିବ ବୋଲି କହିଛନ୍ତି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ। ସ୍ଥାନୀୟ ମିନିଷ୍ଟାଡିୟମରେ ବିଧାନସଭା ନିର୍ବାଚନମଣ୍ଡଳୀ ମହିଳା ବିଜେଡି ପକ୍ଷରୁ ସୋମବାର ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଏପରି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ କୁମାର ନାୟକ ଯୋଗଦେଇ କହିଲେ, ପୂର୍ବାପେକ୍ଷା ମହିଳାଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇଛି। ମୁଖ୍ୟମନ୍ତ୍ରୀ ମହିଳାଙ୍କ ବିକାଶ ଲାଗି ଅହରହ ଉଦ୍ୟମ କରୁଛନ୍ତି।

ଜିଲା ମହିଳା ବିଜେଡି ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦିକା ତିଳୋତ୍ତମା ଚୌଧୁରୀ, ଜିଲା ପରିଷଦ ସଭ୍ୟା ରଶ୍ମିଶ୍ରୀ ମହାଳିକ, ଅର୍ଚ୍ଚନା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ପଦ୍ମିନୀ ନାୟକ, ଗଁଦିଆ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ନାରୀ ନେତ୍ରୀ ସୁନୀତା ସାହୁ, ଶୁଭଦର୍ଶିନୀ ପରିଡ଼ା, ଶୁଭଲକ୍ଷ୍ମୀ ସାହୁ, ରୁବି ବିଶ୍ୱାଳ ପ୍ରମୁଖ ମହିଳା ଦିବସର ଆବଶ୍ୟକତା ଉପରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀ ମହିଳାଙ୍କ ଲାଗି ୫୦% ସ୍ଥାନ ସଂରକ୍ଷଣ କରିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଉର୍ବଶୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ବିଧାୟକଙ୍କ ନେତୃତ୍ୱରେ ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବିଶାଳ ରାଲି ସହର ପରିକ୍ରମା କରିଥିଲା।

### ଏଏପିର ବୈଠକ

ଢେଙ୍କାନାଳ ଅଫିସ, ୮।୩: ଢେଙ୍କାନାଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଏକ ବୈଠକ ସ୍ଥାନୀୟ ବଳରାମ ମନ୍ଦିରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ଜିଲା ଆବାହକ ପଙ୍କଜ ନାୟକ, ସମ୍ପାଦକ ପ୍ରକାଶ ରାଉତ, ଆଇନଜୀବୀ ଅକ୍ଷୟ ମହାନ୍ତି, ଲିଗାଲସେଲ୍ ସମ୍ପାଦକ ଶାନ୍ତନୁ ରାଉତ, ଆଇଟି ସେଲ୍ ପ୍ରଭାରୀ ଭୋଜରାଜ ସାହୁ, ପର୍ଶୁରାମ ମହାଭୋଇ, ରମେଶ ପଣ୍ଡା, ଛାତ୍ର ପ୍ରତିନିଧି ବିଶ୍ୱଜିତ୍ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ପଲିଥିନ ବନ୍ଦ ପାଇଁ ଦୋକାନୀଙ୍କୁ ନୋଟିସ

ଢେଙ୍କାନାଳ ଅଫିସ, ୮।୩

ଆସନ୍ତା ୧୧ରେ କପିଳାସ ପୀଠରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଜାଗରଯାତ୍ରା। ଚଳିତବର୍ଷ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ପୀଠରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମନ୍ଦିର ପରିସରରେ ଥିବା ଦୋକାନୀମାନେ ଜରିମୁଣା ବ୍ୟବହାର କରିପାରିବେନାହିଁ। ଭୋଗସାମଗ୍ରୀ ବିକ୍ରି ଲାଗି ସେମାନଙ୍କୁ ପ୍ରଶାସନ ପକ୍ଷରୁ ପେପର ବ୍ୟାଗ୍ ଯୋଗାଇ ଦିଆଯିବ। ଅନ୍ୟ ଦୋକାନୀମାନେ ଖଲିପତ୍ର ଚଉପତି ବ୍ୟବହାର କରିପାରିବେ ବୋଲି ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ନୋଟିସ୍ ମାଧ୍ୟମରେ ଦୋକାନୀଙ୍କୁ ଅବଗତ କରାଯାଇଛି।

### ମାସ୍କ ଯାଞ୍ଚ କଡ଼ାକଡ଼ି

ରାସୋଳ, ୮।୩(ଡି.ଏନ.ଏ.)

ରାସୋଳ ଏବଂ ତେଲିଭୂଇଁ ବଜାରରେ ରବିବାର ସନ୍ଧ୍ୟାରେ ବ୍ଲକ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମାସ୍କ ଯାଞ୍ଚ କରାଯାଇଛି। କରୋନା ମହାମାରୀ ନୂଆରୂପରେ ବାହୁଡ଼ିଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା। ବିଡିଓ କ୍ଷୀରାବ୍ଧୀତନୟା ସାହୁଙ୍କ ନେତୃତ୍ୱରେ ଦୋକାନୀ, ଗ୍ରାହକ ଏବଂ ଜନସାଧାରଣଙ୍କୁ କୋଭିଡ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା।

## ସଶକ୍ତ ମହିଳା ଆର୍ଥିକ ପ୍ରଗତିର ସାରଥି




କାମାକ୍ଷାନଗର, ୮।୩(ଡି.ଏନ.ଏ.)

ନାରୀଙ୍କ ବାଦ୍ ଦେଇ ବିକାଶ ଅସମ୍ଭବ। ସଶକ୍ତନାରୀ ଆର୍ଥିକ ପ୍ରଗତିର ସାରଥି। ସେମାନେ ଦେଶଗଠନରେ ସହଭାଗି ହେବା ଆଜିର ଆବଶ୍ୟକତା ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ବ୍ରହ୍ମାନନ୍ଦ ମହାନ୍ତି। କାମାକ୍ଷାନଗରସ୍ଥିତି ବିଜେଡି କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଲଳିତ ସାହୁ, ପୂର୍ବତନ ବ୍ଲକ ସଭାପତି ବିଭୂତି ସାହୁ, ଏନ୍‌ଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ମହିଳା ସଭାନେତ୍ରୀ ରଞ୍ଜିତା ବେହେରା, ସୀମାରାଣୀ ନାଥ ପ୍ରମୁଖ ମଞ୍ଚାସୀନ ରହି ମହିଳା ସଶକ୍ତୀକରଣର ଆବଶ୍ୟକତା ଏବଂ ଏଥିରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଯୁବନେତା ସୂର୍ଯ୍ୟସମ୍ମିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଯୋଜନାର ସୁଫଳ ନିଅ



କାର୍ଯ୍ୟକ୍ରମରେ ବିଜେଡି କାର୍ଯ୍ୟକର୍ତ୍ତାବୃନ୍ଦ।

ପରଜଙ୍ଗ, ୮।୩(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ପାଣି ପଞ୍ଚାୟତ ସଭାଗୃହରେ ସୋମବାର ବିଜେଡି ପକ୍ଷରୁ ମହିଳା ଦିବସ ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ସେଠୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବନେତା ଅସିତ୍ ରାୟଚୌଧୁରୀ ଯୋଗଦେଇ କହିଲେ, ବିଶ୍ୱ କଲ୍ୟାଣ ପାଇଁ ନାରୀସଶକ୍ତୀକରଣ ନିହାତି ଆବଶ୍ୟକ। ବିଭିନ୍ନ ସରକାରୀ ଯୋଜନାର ସୁଫଳ ନେବାକୁ ସେ ଆହ୍ୱାନ କରିଥିଲେ। ବ୍ଲକ ବିଜେଡିର ବହୁ କାର୍ଯ୍ୟକର୍ତ୍ତା, ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଆକାଉଣ୍ଟରୁ ଟଙ୍କା ଗାଏବ

ପରଜଙ୍ଗ, ୮।୩(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିଟିରିସ୍ଥିତ କଷ୍ଟମର ସର୍ଭିସ ପଏଣ୍ଟ (ସିଏସ୍‌ପି)ରେ ଚଞ୍ଚକତା କରି ଏକ ଆକାଉଣ୍ଟରୁ ୬ ହଜାର ଟଙ୍କା ଉଠାଣ ହୋଇଛି। ଏପରି ଅଭିଯୋଗ ଆଣିଛନ୍ତି ଦଦରାଘାଟି ଫାଣ୍ଡି ଅଧୀନ ରଙ୍ଗଥଳି ଗ୍ରାମର ବିନୟ ବେହେରା। ସରାଙ୍ଗ ଆଇଜିଆଇଟି ଷ୍ଟେଟ ବ୍ୟାଙ୍କ ଶାଖାରେ ବିନୟଙ୍କ ୨୦୧୬ରୁ ଏକ ଆକାଉଣ୍ଟ ରହିଛି। ସୋମବାର ବ୍ୟାଙ୍କରେ ପାସ୍‌ବୁକ ଅପଡେଟ୍ କରିବା ପରେ ୩ କିସ୍ତି (୨୦୨୦ ଡିସେମ୍ବର ୬, ୨୦୨୧ ଜାନୁୟାରୀ ୧ ଏବଂ ୨୦୨୧ ଫେବୃୟାରୀ ୨୬)ରେ ଯଥାକ୍ରମେ ୨୦୦୦ ଟଙ୍କା ଲେଖାଏ ଉଠାଣ ହୋଇଥିବା ଜଣାପଡ଼ିଥିଲା। ଏ ନେଇ ସେ ବ୍ୟାଙ୍କ ଶାଖାର ପରିଚାଳକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଯାଞ୍ଚ ବେଳେ ପିଟିରି ସିଏସ୍‌ପିର ଶାଖା ପରିଚାଳକ ଗଙ୍ଗାଧର ବିଶ୍ୱାଳଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡ଼ିଥିଲା। ବିନୟ ସିଏସ୍‌ପି ଶାଖା ପରିଚାଳକ ଗଙ୍ଗାଧରଙ୍କ ସହ ଯୋଗାଯୋଗ କରିବା ପରେ ଟଙ୍କା ପୁନର୍ବାର ଆକାଉଣ୍ଟକୁ ପଠାଇ ଦେବି କହି ଆଉ ପଠାଇ ନ ଥିଲେ। ଏହା ପରେ ସେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ବସୁଲେଇ ଗ୍ରାମର କନକ ନାଏକଙ୍କ ଆକାଉଣ୍ଟରୁ ମଧ୍ୟ ୧୫ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଗଙ୍ଗାଧର ଦୋଷ ସ୍ୱୀକାର କରିଛନ୍ତି। ସମ୍ପୃକ୍ତ ହିତାଧିକାରୀଙ୍କ ଟଙ୍କା ଫେରସ୍ତ କରିଦେବି ବୋଲି କହିଛନ୍ତି। ଏଭଳି ଆଗକୁ ହେବ ନାହିଁ ବୋଲି କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଅଭିଯୋଗକାରୀ

- ପିଟିରି କଷ୍ଟମର ସର୍ଭିସ ପଏଣ୍ଟରେ ଚଞ୍ଚକତା
- ଦୋଷ ମାନିନେଲେ ଶାଖା ପରିଚାଳକ

## ନିର୍ବାହୀ ଅଧିକାରୀଙ୍କୁ ଅଧ୍ୟକ୍ଷାଙ୍କ ଦୁର୍ବ୍ୟବହାର

ହିନ୍ଦୋଳ, ୮।୩(ଡି.ଏନ.ଏ.)

ହିନ୍ଦୋଳ ଏନ୍‌ଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲାପାଳ ଗଜାନନ ପ୍ରଧାନଙ୍କୁ ଅଧ୍ୟକ୍ଷା ରୀନା ବେହେରା ଦୁର୍ବ୍ୟବହାର ପ୍ରଦର୍ଶନକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ୨୦ଜଣ ଅସନ୍ତୁଷ୍ଟ କର୍ମଚାରୀ କାମ ବନ୍ଦକରି ଧାରଣାରେ ବସିଛନ୍ତି। ଏହାକୁ ନେଇ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ଗଜାନନ ପ୍ରଧାନ ୨ମାସ ହେଲା ଏନ୍‌ଏସିର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସୋମବାର ପୂର୍ବାହ୍ନ ୧୦ଟାରେ ଅଧ୍ୟକ୍ଷାଙ୍କ ଡାକରାରେ ନିର୍ବାହୀ ଅଧିକାରୀ ପ୍ରଧାନ ଏନ୍‌ଏସି କାର୍ଯ୍ୟାଳୟକୁ ଆସିଥିଲେ। ଫନୀ କ୍ଷତିପୂରଣ ଏବଂ ଏନ୍‌ଏସି ପାଣ୍ଠିରେ ମହଜୁଦ ଥିବା ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ହେଲେ ଆବଶ୍ୟକ ଫାଇଲ ଏବଂ ଅର୍ଥ ବ୍ୟବସ୍ଥା ଦେଖିବା ପରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ ବୋଲି ନିର୍ବାହୀ ଅଧିକାରୀ ଅଧ୍ୟକ୍ଷାଙ୍କୁ କହିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଅଧ୍ୟକ୍ଷା ତାଙ୍କୁ ଅସମ୍ମାନିତ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ଘଟଣାପରେ ନିର୍ବାହୀ ଅଧିକାରୀ ଅତ୍ମସମ୍ମାନ ବଞ୍ଚାଇବାକୁ ଯାଇ ସେଠାରୁ ଚାଲିଆସିଥିଲେ। ପରେ ଏ ସଂକ୍ରାନ୍ତରେ ଜିଲାପାଳ, ଉପଜିଲାପାଳ, ପିଡି ଡିଆର୍‌ଡିଏ, ରାଜ୍ୟ ନଗର ଉନ୍ନୟନ ବିଭାଗ ସମେତ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସମସ୍ତ କର୍ମଚାରୀ ଧାରଣାରେ ବସିଥିଲେ। ଅଧ୍ୟକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କଲମଛାଡ଼ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇ ଧାରଣାରେ ବସି ରହିଛନ୍ତି। ଖବର ଲେଖାଯିବା ଯାଏ ଧାରଣା ଜାରି ରହିଥିଲା। ଅନ୍ୟପଟେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସମ୍ପର୍କିତ ଅଭିଯୋଗକୁ ଅଧ୍ୟକ୍ଷା ଖଣ୍ଡନ କରିଛନ୍ତି। ଏହା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି ସେ ସ୍ପଷ୍ଟୀକରଣରେ କହିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୨ରେ ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟ ଦୁଇ କର୍ମଚାରୀ ଅଧ୍ୟକ୍ଷାଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ସେତେବେଳେ ଅଧ୍ୟକ୍ଷା ଭୁଲ ମାଗିବା ଯାଏ କଥାଯାଇଥିଲା। ଗତ ନଭେମ୍ବରରେ ୧୧ଜଣ କାଉନସିଲର ଅଧ୍ୟକ୍ଷାଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ ହୋଇ ଅନାସ୍ଥା ଆଣିଥିଲେ। ଫଳାଫଳ ପ୍ରକାଶ ପୂର୍ବରୁ ଅଧ୍ୟକ୍ଷା ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ରହିଛି।



ଏନ୍‌ଏସିରେ କାର୍ଯ୍ୟରତ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

- ଧାରଣାରେ ବସିଲେ ଏନ୍‌ଏସି କର୍ମଚାରୀ
- କାର୍ଯ୍ୟାନୁଷ୍ଠାନ ନ ହେଲେ କାର୍ଯ୍ୟବନ୍ଦ ଚେତାବନୀ

## ନାରୀ ସଚେତନ ହେଲେ କୁସଂସ୍କାର ହଟିବ

ଭୁବନ, ୮।୩(ଡି.ଏନ.ଏ.)

ଭୁବନ ମହିଳା ସଙ୍ଗଠନ ପକ୍ଷରୁ ସୋମବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଅଞ୍ଚଳର ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ନେଇ ଏକ ସଚେତନତା ରାଲି ବାହାରି ନଗର ପରିକ୍ରମା କରିଥିଲା। ଏନ୍‌ଏସି ବିଜେଡି ସଭାପତି ନନ୍ଦକିଶୋର ସାହୁଙ୍କ ସଭାପତିତ୍ୱରେ ଭୁବନ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମହିଳାମାନେ ସଚେତନ ହେଲେ କୁସଂସ୍କାର ଦୂର ହୋଇପାରିବ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ରମେଶ ସାହୁ, ଜିଲା ପରିଷଦ ସଦସ୍ୟ ପ୍ରବୋଧ ଦାସ, ନାରୀନେତ୍ରୀ ସନ୍ଧ୍ୟାରାଣୀ ନାୟକ, ସନ୍ଧ୍ୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନ ମହିଳା କଲେଜରେ ଅଧ୍ୟକ୍ଷ ଦିଲୀପ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ନମିତା ଦାସ, ମମତା ପାତ୍ର, ଅଧ୍ୟାପକ ପ୍ରଶାନ୍ତ ରାଉତରାୟ ଅତିଥି ଭାବେ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ନିରଞ୍ଜନ ନାୟକ, ନିରୁପମା ମିଶ୍ରଙ୍କ ସମେତ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।




ମହିଳା ଦିବସ ଉପଲକ୍ଷେ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଜନଧନରେ ମହିଳାଙ୍କ ଆକାଉଣ୍ଟ ୫୦%ରୁ ଉର୍ଦ୍ଧ୍ୱ**

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ)ର ମୋଟ ଆକାଉଣ୍ଟ ମଧ୍ୟରୁ ପ୍ରାୟ ୫୫% ମହିଳାଙ୍କ ନାମରେ ରହିଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଏଭଳି ଏକ ଯୋଜନା ଆରମ୍ଭ କରିଥିଲେ। ସରକାରଙ୍କ ଏଭଳି ବିଭିନ୍ନ ଯୋଜନା ମହିଳାଙ୍କୁ ଆର୍ଥିକ ଭାବେ ଶସକ୍ତ କରାଇବା, ସେମାନଙ୍କ ସ୍ୱପ୍ନକୁ ପୂରଣ କରିବା ଏବଂ ଉଦ୍ୟୋଗୀ ହେବା ଦିଗରେ ସହାୟତା କରୁଥିବା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ୭ ବର୍ଷରେ ଏଲ୍‌ପିଜି ଦର ୨ ଗୁଣ



ନୂଆଦିଲ୍ଲୀ,୮।୩

ଗତ ୭ ବର୍ଷରେ ରନ୍ଧନ ଗ୍ୟାସ ବା ଏଲ୍‌ପିଜି ଦର ୨ ଗୁଣ ବୃଦ୍ଧି ପାଇଛି। ସେହିଭଳି ପେଟ୍ରୋଲ ଏବଂ ଡିଜେଲରୁ ଟିକସ ସଂଗ୍ରହ ୪୫୯% ବଢିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସୂଚନା ଦେଇଛନ୍ତି। ଲୋକସଭାକୁ ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ୨୦୧୪ ମାର୍ଚ୍ଚ ପହିଲାରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ଦର ୪୧୦.୫ ଟଙ୍କା ଥିଲା। ଚଳିତ ମାସରେ ସମାନ ସିଲିଣ୍ଡରର ମୂଲ୍ୟ ୮୧୯ ଟଙ୍କା ରହିଛି। ରନ୍ଧନ ଗ୍ୟାସ ଏବଂ ପିଡିଏସ୍ କିରୋସିନ ଉପରେ ସବସିଡି ହଟାଇବା ଲାଗି କିଛି ମାତ୍ରାରେ ମୂଲ୍ୟ ବୃଦ୍ଧି କରାଯାଉଛି। ସେ ପୁଣି କହିଛନ୍ତି, ଗତ କିଛି ମାସ ଧରି ଏଲ୍‌ପିଜି ଦର ବଢିଛି। ୨୦୨୦ ଡିସେମ୍ବରରେ ସିଲିଣ୍ଡର ପିଛା ଏହା ୫୯୪ ଟଙ୍କା ରହିଥିଲା। ବର୍ତ୍ତମାନ ଦର ୮୧୯ ଟଙ୍କା ରହିଛି।

ସେହିଭଳି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉପଲବ୍ଧ ହେଉଥିବା କିରୋସିନ ମାର୍ଚ୍ଚ ୨୦୧୪ରେ ୧୪.୯୬ ଟଙ୍କାରେ ବିକ୍ରି ହେଉଥିଲା। ଏହା ଚଳିତ ମାସ ସୁଦ୍ଧା ୩୫.୩୫ ଟଙ୍କା ଛୁଇଁଛି। ସୂଚନାଯୋଗ୍ୟ, ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ବର୍ଦ୍ଧିତ ଉତ୍ପାଦ ଟିକସ ଏବଂ ଭାଟ ଯୋଗୁ ଇନ୍ଧନ ଦର ଆକାଶ ଛୁଆଁ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ମୂଲ୍ୟ, ଏକ୍ସଚେଞ୍ଜ ରେଟ, ଟିକସ, ପରିବହନ ଭଡା ଏବଂ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚକୁ ବିଚାରକୁ ନେଇ ତେଲ କମ୍ପାନୀ ଦର ନିର୍ଦ୍ଧାରଣ କରୁଥିବା ପ୍ରଧାନ ମତ ପ୍ରକାଶ କରିଛନ୍ତି। ସେହିଭଳି ତେଲ ଟିକସ କଥା ବିଚାରକୁ ନେଲେ ୨୦୧୩ରେ ଏହି ବାବଦ ଟିକସ ୫୨,୫୩୭ କୋଟି ଟଙ୍କା ରହିଥିଲା। ୨୦୧୯-୨୦ରେ ପେଟ୍ରୋଲ ଏବଂ ଡିଜେଲ ଉପରୁ ସରକାର ୨.୧୩ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ କରୁଛନ୍ତି।

# ହ୍ୟୁଣ୍ଡାଇ ପକ୍ଷରୁ ମହିଳା ଦିବସ

**ଭୁବନେଶ୍ୱର,୮।୩:** ହ୍ୟୁଣ୍ଡାଇ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କମ୍ପାନୀ ଏହାର ଡିଲରଶିପଗୁଡିକରେ ରହିଥିବା ୱାର୍କଶପରେ ଏହି କାର୍ଯ୍ୟକ୍ରମ ପାଳନ କରିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ମହିଳା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସ୍ୱେଶାଲ ୱେବିନାର ମଧ୍ୟ ଆୟୋଜନ କରାଯାଇଥିଲା। ଏହାବାଦ ସ୍ୱେଶାଲ ଡୁ ଇଟ୍ ୟୋରସେଲ୍ଫ ସେସନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ କମ୍ପାନୀ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛି। ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନକୁ ପାଳନ କରିବା ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ମଧ୍ୟସ୍ଥତା ନିଷ୍ପତ୍ତିକୁ ଠିକ୍ ଦର୍ଶାଇଲେ ୫ ଦେଶର କୋର୍ଟ

**କେୟର୍ନ ମାମଲା**

**ନୂଆଦିଲ୍ଲୀ,୮।୩:** କେୟର୍ନ ଏନର୍ଜି ପିଏଲ୍‌ସି ଏବଂ ଭାରତ ସରକାରଙ୍କ ମଧ୍ୟରେ ରେଟ୍ରୋସ୍ପେକ୍ଟିଭ ଟିକସ ମାମଲା ଜାରି ରହିଛି। ମଧ୍ୟସ୍ଥତାରେ କେୟର୍ନ ଏନର୍ଜି ସମକ୍ଷରେ ରାୟ ଶୁଣାଯାଇଥିଲା। ପ୍ରାୟ ୧.୪ ବିଲିୟନ ଡଲାର ଅର୍ଥ ଭାରତ ସରକାର ଉକ୍ତ କମ୍ପାନୀକୁ ଫେରାଇବା ନେଇ ନିଷ୍ପତ୍ତିରେ କୁହାଯାଇଥିଲା। ଆମେରିକା, ଇଂଲଣ୍ଡ ସହ ଅନ୍ୟ ୩ ଦେଶର କୋର୍ଟ ଏହି ମଧ୍ୟସ୍ଥତାରେ ହୋଇଥିବା ନିଷ୍ପତ୍ତି ଠିକ୍ ବୋଲି କହିଛନ୍ତି। ୨୦୨୦ରେ ସିଙ୍ଗାପୁରର ମଧ୍ୟସ୍ଥତା ଅଦାଲତ ଭାରତ ସରକାରଙ୍କ ବିରୋଧରେ ନିଷ୍ପତ୍ତି ଶୁଣାଇଥିଲେ। ଯଦି ଭାରତ ସରକାର ଏହି ଅର୍ଥ କେୟର୍ନକୁ ନ ଫେରାଏ ତେବେ ଉକ୍ତ କମ୍ପାନୀ ସମ୍ପତ୍ତି ଜବତ କରିପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

DSPL - 243

# ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ

୭ -୧୩ ମାର୍ଚ୍ଚ,୨୦୨୧

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି। ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।

''ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ''

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ। ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ।
- ସାଧାରଣତଃ ୪୦ ବର୍ଷ ବା ତଦୂର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ଉଚ୍ଚ ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ।
- ୪୦ ବର୍ଷ ବା ତଦୂର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ହେଉଅଛି।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ। ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0064/2021

# ଅରୁନ୍ଧତୀ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ଭୁବନେଶ୍ୱର,୮।୩:** ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସୋମବାର ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ସତ୍ୟନଗର ସ୍ଥିତ ସଂସ୍ଥାର ଫ୍ଲାଗସିପ ଶୋ'ରୁମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଦୌଡରାଣୀ ଦୂତୀ ଚାନ୍ଦ, ଯୁବ ପ୍ରତିଭା ଅନୁଷ୍କା ଅନ୍ୟନ୍ୟା ଏବଂ ଅରୁନ୍ଧତୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଦୂତୀ ଚାନ୍ଦ ନିଜର ସଂଘର୍ଷ କାହାଣୀ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେହିପରି ଯୁବ ପ୍ରତିଭା ଅନୁଷ୍କା ଅନ୍ୟନ୍ୟା ମଧ୍ୟ ନିଜ ଅନୁଭୂତି ବଖାଣିଥିଲେ। ଏହି ପବିତ୍ର ଦିବସ ଉପଲକ୍ଷେ ଉପସ୍ଥିତ ସମସ୍ତ ମହିଳା ଗ୍ରାହକ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉବା ସହ ମହିଳା ଦିବସ ସ୍ୱତନ୍ତ୍ର କେକ୍ କାଟି ଅନ୍ତର୍ଜାତୀୟ ମହିଳା ଦିବସକୁ ପାଳନ କରିଥିଲେ। ନାରୀ ହେଉଛନ୍ତି ଈଶ୍ୱର ସୃଷ୍ଟିର ଏକ ଅନନ୍ୟ ଉପହାର। ନାରୀ ସର୍ବଶକ୍ତି ଓ ଶ୍ରେଷ୍ଠ ସହନଶୀଳତାର ଜଳନ୍ତ ଉଦାହରଣ। ଜନ୍ମରୁ ମୃତ୍ୟୁ ମଧ୍ୟରେ ନାରୀର ଅନେକ ରୂପ ଓ ବ୍ୟକ୍ତିତ୍ୱ ରହିଛି ବୋଲି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ମତବ୍ୟକ୍ତ କରିଛନ୍ତି।

## ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଟ୍ୟୁଟ୍

(ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ କର୍ତ୍ତୃପକ୍ଷ)
(ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର)
ଗାଇଘାଟ, ପାଟନା - 800007
ଦୂରଭାଷ- 0612-2311200, 9896424800

**ନାମଲେଖା ବିଜ୍ଞପ୍ତି**

''ରେସିଡେନ୍ସିଆଲ୍ କୋର୍ସ''
(10ମ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ)
ଇନ୍‌ଲାଣ୍ଡ ଭେସେଲ୍ସ ନିମନ୍ତେ ରେଟିଂ ଇଣ୍ଡକ୍ସନ୍ କୋର୍ସ

ଯୋଗ୍ୟତା : 10ମ ଉତ୍ତୀର୍ଣ୍ଣ
ବୟସ ସୀମା : 18.03.2021 ସୁଦ୍ଧା 17½ ବର୍ଷରୁ 25 ବର୍ଷ
(ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଓବିସି ପ୍ରାର୍ଥୀଙ୍କ ପାଇଁ 3 ବର୍ଷ କୋହଳଯୋଗ୍ୟ)
ଶାରୀରିକ ମାନ : ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍। ଦୃଷ୍ଟିଶକ୍ତି 6/6 ଏବଂ ବର୍ଣ୍ଣାନ୍ଧତା ରହି ନ ଥିବ।
ପାଠ୍ୟକ୍ରମ ଅବଧି : ଛଅ ମାସ
ପାଠ୍ୟକ୍ରମ ଦେୟ : ₹13,000/- (ବୋର୍ଡିଂ ଓ ଲଜିଂ ଅନ୍ତର୍ଭୁକ୍ତ ନୁହେଁ)

**ସିଟ୍ ସଂରକ୍ଷଣ: ଏସ୍‌ସିଙ୍କ ପାଇଁ 15%, ଏସ୍‌ଟିଙ୍କ ପାଇଁ 7.5% ଓ ଓବିସିଙ୍କ ପାଇଁ 27%**

ବାୟୋ-ଡାଟା/ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି **18.03.2021**। **21.03.2021**ରେ ଏକ ଯୋଗ୍ୟତାମୂଳକ ପରୀକ୍ଷା ଅନୁଷ୍ଠିତ ହେବ। ବଛାବଛା ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ସେହିଦିନ ଅନୁଷ୍ଠିତ ହେବ। ପରୀକ୍ଷାଫଳ ତାରିଖ **24.03.2021** ଓ ପାଠ୍ୟକ୍ରମ ଆରମ୍ଭ ତାରିଖ ଏପ୍ରିଲ 1ମ ସପ୍ତାହ। ନମୁନା ଦରଖାସ୍ତ ଫର୍ମ www.niniedu.inରୁ ଡାଉନଲୋଡ୍ କିମ୍ବା ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇପାରିବ। ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ବାୟୋ-ଡାଟା/ଦରଖାସ୍ତ ଫର୍ମ ସହିତ 10ମ ଉତ୍ତୀର୍ଣ୍ଣ ପ୍ରମାଣପତ୍ର, ମାର୍କଶିଟ୍, 2ଟି ଫଟୋଗ୍ରାଫ୍ ଓ ନିଜସ୍ୱ ଠିକଣା ଉଲ୍ଲିଖିତ ଲଫାପା ''**ଦି ପ୍ରିନ୍ସିପାଲ, ନ୍ୟାଶନାଲ ଇନ୍‌ଲାଣ୍ଡ ନାଭିଗେଶନ୍ ଇନ୍‌ଷ୍ଟିଚ୍ୟୁଟ୍, ଗାଇଘାଟ, ପାଟନା-800007**''ରେ ପଠାଇପାରିବେ କିମ୍ବା ତାହାକୁ info@niniedu.inରେ ଇମେଲ୍ କରିପାରିବେ। ପାଠ୍ୟକ୍ରମ ଏବଂ ଅନୁଷ୍ଠାନ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଏନ୍‌ଆଇଏନ୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ କରନ୍ତୁ।

**ଅଧ୍ୟକ୍ଷ**
ଏନ୍‌ଆଇଏନ୍‌ଆଇ, ପାଟନା

ଅନ୍ତର୍ଦ୍ଦେଶୀୟ ଜାହାଜରେ ନାବିକୀୟ କ୍ୟାରିୟର

## TENDER CALL NOTICE

Tender Call Notice No.:- 1006/CDM&PHO/NPD Dates: 03.03.2021

**No. E-613:-** Sealed Tenders are invited from Registered Manufacturers/ Authorized Distributors/ Suppliers through Speed Post/ Registered Post for supply of **"HBNC KIT AND REPLENISHED OF DEFUNCT ITEMS FOR ASHA"** for the year 2020-21. The willing reputed supplier/wholesalers/manufacturers are requested to submit sealed tenders to the office of the undersigned on or before 16.03.2021 till 5 P.M. and the Tender will be opened on dated 17.03.2021 at **11.30 AM.** The bidders or their representatives are requested to remain present in the scheduled date and time. Separate Tender documents can be downloaded/ obtained from the district website **www.nuapada.nic.in**. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

**Sd./- Chief District Medical & Public Health Officer, Nuapada**
OIPR-10055/11/0026/2021

## ZILLA SWASTHYA SAMITI, BARGARH

**Dept. of Health & Family Welfare, Govt. of Odisha**
**District Head Quarter Hospital, Bargarh - 768028**
**Phone/Fax: 06646-231763**

**Corrigendum Notice No. 29/2021** **Date: 08.03.2021**

**CORRIGENDUM NOTICE**

Corrigendum to the Tender Call Notice No. 28/NHM, Bargarh published on Dt.02.03.2021 for **"Pest Control Measures and Supply of materials for Installation of DG Sets for different Health Institutions under CDM & PHO, Bargarh"**. Some of the terms & conditions of tender have been modified. For details please log on to the website: **www.bargarh.nic.in**.

**Sd./- CDM & PHO, Bargarh**

## OFFICE OF THE NOTIFIED AREA COUNCIL, PIPILI

No. C-599

**"e" Procurement Notice**

**BID REFERENCE NO (PIPILI-NAC-05/2020-21)**
**TENDER CALL NOTICE No. 650 / Dt.04.03.2021**

1. Name of the Work : Civil Works as mentioned in website.
2. No. of works : 34 (Thirty four)
3. Bid Value : As per DTCN.
4. Period of Completion : 30 to 90 days
5. Date & time of availability of bid documents in the portal : From 11 A.M. on 08.03.2021 to 5 P.M. on 17.03.2021.
6. Last date of submission of online bid document : 17.02.2021 upto 5.00 P.M.
7. Online received bid will be opened on 19.03.2021 at 2.00 P.M. onwards
8. Name and address of the Officer Inviting Bid : Executive Officer, Pipili, NAC.

Further details can be seen from the e-procurement portal: **www.tendersodisha.gov.in**.

**Sd./- Executive Officer, Pipili NAC**
OIPR-13107/11/0005/2021

## ZILLA SWASTHYA SAMITI, KANDHAMAL

OFFICE OF THE CDM&PHO-cum-District Mission Director, NHM, Kandhamal, Odisha, 762001

**Advt. No. 2869/NHM/2021** **Dt.08.03.2021**

**TENDER CALL NOTICE**

No. E-615:- Sealed tenders are invited from the interested eligible bidders for supply & installation of Equipment & Instrument and other chemicals & reagents under NHM, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **03.00 PM of 22.03.2021** through Regd/Speed post/ Courier and the same will be opened **on 22.03.2021 at 04.00 PM.** The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum District Mission Director Kandhamal**
OIPR-10015/11/0015/2021

## ZILLA SWASTHYA SAMITI, KEONJHAR

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR (NCD CELL)

**TENDER CALL NOTICE**

Advt. No. 1058 Date: 08.03.2021

No. E-619:- Sealed tender is invited from the registered supplier/firm for **"Proposal for Supply of IEC/BCC materials for Health Wellness Centre (HWC) under NHM"** for the year 2020-21. The interested supplier/firm having valid GST may apply. The term & condition along with lists of the items of the tender may be downloaded from the web site **www.kendujhar.nic.in**. The tender should reach to the office of the undersigned by **18.03.2021 at 04.00 P.M.** through Speed Post/Regd. Post/Courier and which will be opened on the same day at **04.30 P.M.** DTU Conference Hall NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

**Sd./- Chief District Medical & Public Health Officer, Keonjhar**
OIPR-10033/11/0042/2021

## OFFICE OF THE COLLECTOR, BALASORE

**(ST & SC DEVELOPMENT SECTION)**

ବାଲେଶ୍ୱର ଜିଲ୍ଲା କାର୍ଯ୍ୟାଳୟ, ବାଲେଶ୍ୱର
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ)

**ADVERTISEMENT**

**No. 26/DW** **Date: 08.03.2021**

**(ADVERTISEMENT FOR DIFFERENT TEACHING & NON-TEACHING POSTS FOR KMRS, MAHULBENI, NILGIRI, BALASORE)**

Applications in prescribed format are invited from deserving candidates of Balasore District for engagement in the different category of teaching & Non-teaching posts on contractual basis for the **Kalinga Model Residential School, Mahulbeni, Balasore** which is to be functional during the academic year 2021-22 in Balasore district under ST & SC Development Department. Application form along with details regarding educational qualification, eligibility criteria, selection procedure can be obtained from the district website i.e. **www.baleswar.nic.in** or from the Office of the District Welfare Officer, Balasore in the working days from 10 A.M. to 5 P.M.

The last date of submission of application to District Welfare Officer, Balasore by Registered Post/Speed Post only is 22.03.2021 till 5 P.M.

**By Order of Collector**
**Sd./- District Welfare Officer, Balasore**

## ODISHA RENEWABLE ENERGY DEVELOPMENT AGENCY

**S-3/59, Mancheswar Industrial Estate, Bhubaneswar - 751010**
**Phone: (0674) 2588260, 2586398, 2580554, Fax: 2586368**
**Website: www.oredaorissa.com**
**Email: ceoreda@oredaorissa.com**

**e-TENDER CALL NOTICE**

**Notice No. 1009** **Date: 04.03.2021**

No. CAD-1473: Tender is invited through e-tender portal from eligible bidders for the selection of an EPC contractor for design, engineering, supply, installation, testing, commissioning and acceptance of Rooftop Solar PV System (RSPS) along with comprehensive maintenance for five (5) years at selected buildings across 6 districts in Odisha.

Details can be seen from the website: **www.tenderwizard.com/OREDA or www.oredaorissa.com**. Further Corrigendum, if any, will be uploaded in these websites only.

**Sd./- Chief Executive**
OIPR-28005/11/0002/2021

## OFFICE OF THE NOTIFIED AREA COUNCIL, BOUDHGARH

**e-mail: boudhgarhnac@yahoo.co.in, Ph. No.: 06841-222024**

**Letter No. 1043** **Date the 4 March 2021**

**EXPRESSION OF INTEREST NOTICE**

No. C-602: Expression of Interest is invited from Interested Agencies involved in purchase of Recyclable Dry Waste collected from Door to Door of NAC, Boudhgarh. The EOI should reach before the undersigned by Dt.15.03.2021 11 A.M. and the Quotation will be opened on 15.03.2021 5 P.M. at 11.00 A.M. The rate should be quoted in word and Figure clearly. The EOI can be sent through Speed Post/Registered Post/Courier/ General Post or by Person. The details list of Recyclable materials are in NAC Office website **www.boudhgarhnac.in** and District website **www.boudh.nic.in**.

The any other details can be obtained from the office website **www.boudhgarhnac.in** & district website **www.boudh.nic.in**. The authority reserves the right to accept or reject any or all quotation without assigning any reason thereof.

**Sd./- Executive Officer, Boudhgarh NAC**
OIPR-13143/11/0001/2021

## OFFICE OF THE NOTIFIED AREA COUNCIL, ODAGAON

No. C-600

At/P.O.- Odagaon, Dist.- Nayagarh, PIN - 752081
Phone: 06753-260062, Email: nacodagaon@gmail.com / nac-odagaon@gov.in

**REQUEST FOR PROPOSAL (RFP)**

No. 377 Date: 06.03.21

**CONSULTANCY SERVICES FOR PREPARATION OF ARCHITECTURAL DRAWING AND DPR FOR CONSTRUCTION OF VARIOUS BUILDINGS AND STRUCTURES, SMART PARK, ROAD SIDE BEAUTIFICATION, MODEL CREMATORIUM ETC. FOR NAC ODAGAON**

1. Executive Officer, NAC Odagaon invites Request for Proposal (RFP) in **Double Cover System** from reputed Architectural consultants registered with Council of Architecture having minimum 5 (Five) years experience in planning and designing of Multi Storied Buildings, Smart Parks, Road side Beautification, Model Crematorium etc. for qualification for preparation of architecutral drawing and DPR for construction of various items as above for **NAC, Odagaon** for a period of 1 (One) complete year.
2. Interested consultancy/architectural firms shall submit the bid in the prescribed format, which may be obtained from the Office of the NAC, Odagaon, Dist. Nayagarh on any working day from **10.03.2021 to 19.03.2021** on payment of **Rs.2,000.00** towards cost of Bid document (Non-refundable) in shape of Cash Deposit Receipt of NAC, Odagaon/Bank Draft and payment of **Rs.10,000.00** towards cost of EMD in shape of Cash Deposit Receipt of NAC, Odagaon/Bank Draft/TDR/Pay Order, drawn on any Nationalized Bank in favour of Executive Officer, NAC, Odagaon, payable at Odagaon.
3. The Technical Bid and Financial Bid may be sent in two separate sealed cover to the Executive Officer, NAC, Odagaon in OFFLINE during working hours on or before **5.00 P.M. of Dt.19.03.2021** by Registered Post/Speed Post/by Hand dropping at Drop Box available at NAC Office. The authority will not be held responsible for the postal delay if any, in the delivery of the documents or non-receipt of the same. The bid documents received after due date and time will not be considered.
4. The Technical Bid shall be opened at **11.00 A.M.** on **Dt.20.03.2021** in presence of the consultant or their nominated representative who wish to attend.
5. The technically qualified architectural firms will have to give a presentation before the tender committee of NAC, Odagaon.
6. The other details and terms & conditions can be seen from the bidding documents.
7. The authority reserves the right to cancel the RFP without assigning any reason thereof.

**Sd./- Executive Officer, NAC, Odagaon**
OIPR-13142/11/0001/2021

Annexure - II

## OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), SUNDARGARH (DISTRICT)

**Phone: 94382-00060, District Website: sundergarh.nic.in**

**Tender No. 879/880/881** **Dt.07.03.2021**

District Manager, Odisha State Civil Supplies Corporation Ltd., Sundargarh (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) Level-I, Transport Contractor for transportation of foodgrains from FSD, FCI to RRCs (ii) Level-II Transport Contractor for transportation of foodgrains from RRCs to Retail Centers (FPS) (iii) Handling Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha |
| 2 | Availability of bid document in the portal | From 08.03.2021 (Date) |
| 3 | Last Date/time for receipt of bids in the portal | Dt.19.03.2021 upto 05.00 (P.M.) |
| 4 | Date/Time of Opening of Technical Bid | Dt.22.03.2021 at 10.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Sundargarh (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Sundargarh**



ପଞ୍ଜାବ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ଭଲିବଲ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ୨୬ ବର୍ଷ ପରେ ନକ୍‌ଆଉଟରେ ଓଡ଼ିଶା

## ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର,୮।୩ (କ୍ରୀଡ଼ା ପ୍ରତିନିଧି)**

କିଟ୍ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୯ତମ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍‌ର ପୁରୁଷ ବିଭାଗରେ ଓଡ଼ିଶା ସୋମବାର ୩-୦ ସେଟ୍ (୨୫-୧୫, ୨୫-୧୮, ୨୫-୧୯)ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ଛତିଶଗଡ଼, ଲଦାଖ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶକୁ ହରାଇବାପରେ ଓଡ଼ିଶା ପୁରୁଷ ଦଳ ନିଜ ପୁଲ୍‌ରେ ଶୀର୍ଷସ୍ଥାନରେ ରହି ନକ୍‌ଆଉଟରେ ପ୍ରବେଶ କରିଛି। ଶେଷଥରପାଇଁ ଓଡ଼ିଶା ୧୯୯୫ରେ ନକ୍‌ଆଉଟରେ ପ୍ରବେଶ କରିଥିଲା। ଅର୍ଥାତ୍ ଦୀର୍ଘ ୨୬ ବର୍ଷ ବ୍ୟବଧାନରେ ଓଡ଼ିଶା ପୁରୁଷ ଦଳକୁ ଏହି ସଫଳତା ମିଳିଛି। ଓଡ଼ିଶା ଦଳର ଏହି ସଫଳତାର ଶ୍ରେୟ ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା କିଟ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନିକଟକୁ ଯାଉଛି ବୋଲି ଓଡ଼ିଶା ଦଳର କୋଚ୍ ଲୋତକ ବିନ୍ଦୁ ଦାଶ ପ୍ରକାଶ କରିଛନ୍ତି। ଅଭ୍ୟାସ ପାଇଁ ଭିତ୍ତିଭୂମୀ ଯୋଗାଇ ଦିଆଯିବାଠାରୁ ଆରମ୍ଭ କରି ରାଜ୍ୟରେ ଭଲିବଲ୍‌ର ବିକାଶ ପାଇଁ ପଦକ୍ଷେପ ଏବଂ ଖେଳାଳିଙ୍କୁ ସେ ସର୍ବଦା ଉତ୍ସାହିତ କରିବାର ଫଳ ମିଳିଛି ବୋଲି ଲୋତକ ବିନ୍ଦୁ ପ୍ରକାଶ କରିଛନ୍ତି। ଅନ୍ୟ ପୁରୁଷ ମ୍ୟାଚ ଗୁଡ଼ିକ ମଧ୍ୟରେ ତେଲେଙ୍ଗାନା ୩-୦ରେ ମିଜୋରାମ, ମହାରାଷ୍ଟ୍ର ୩-୦ରେ ପଶ୍ଚିମବଙ୍ଗ, ପଞ୍ଜାବ ୩-୦ରେ ଦିଲ୍ଲୀ, ଚଣ୍ଡିଗଡ଼ ୩-୦ରେ ଛତିଶଗଡ଼, ଗୁଜରାଟ ୩-୦ରେ ବିହାର, ଆନ୍ଧ୍ର ପ୍ରଦେଶ ୩-୦ରେ ତ୍ରିପୁରା ଏବଂ ଉତ୍ତର ପ୍ରଦେଶ ୩-୦ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି।



ନକ୍‌ଆଉଟ୍‌ରେ ପ୍ରବେଶ କରିଥିବା ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

### ପୁରସ୍କାର ଘୋଷଣା

ଓଡ଼ିଶା ପୁରୁଷ ଭଲିବଲ ଦଳପାଇଁ ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଦଳ ସେମିଫାଇନାଲରେ ପ୍ରବେଶ କଲେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ମହିଳା ଦଳର ୩ୟ ବିଜୟ

ଓଡ଼ିଶା ମହିଳା ଦଳ କ୍ରମାଗତ ୩ ମ୍ୟାଚ ଜିତିବାର ସୌଭାଗ୍ୟଲାଭ କରିଛି। ପ୍ରଥମ ମ୍ୟାଚରେ ରାଜସ୍ଥାନଠାରୁ ହାରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ମଣିପୁର ଓ ଛତିଶଗଡ଼କୁ ପରାସ୍ତ କରିଥିବାବେଳେ ସୋମବାର ଆସାମକୁ ହରାଇ ବିଜୟରେ ହ୍ୟାଟ୍ରିକ କରିଛି। ଗ୍ରୁପ୍ 'ସି' ମ୍ୟାଚରେ ଓଡ଼ିଶା ୨୫-୧୫, ୨୫-୧୪, ୨୫-୦୭ ପଏଣ୍ଟରେ ବିଜୟୀ ହୋଇଥିଲା।

# ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

## ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ସୋମବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେ, ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟ୍ସ ହଷ୍ଟେଲ ଦଳ ବିଜୟ ହାସଲ କରିଛି।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସୁପ୍ରିୟା ରାଉତରାୟଙ୍କ ଡବଲ ଗୋଲ ବଳରେ ରେଲ୍‌ୱେ ୪-୧ ଗୋଲରେ ସାଇ-ଏସ୍‌ଟିସିକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ରେଲ୍‌ୱେ ପକ୍ଷରୁ ସୁପ୍ରିୟା ୫୨ ଓ ୮୫ତମ ମିନିଟରେ ୨ଟି, ତାରା ଖାତୁନ ୫୭ ଏବଂ ସୋନାଲି ବେହେରା ୭୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସାଇ-ଏସ୍‌ଟିସି ପକ୍ଷରୁ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୧ ମିନିଟରେ ଦୀପା ନାୟକ ଗୋଟିଏ ଗୋଲ ପରିଶୋଧ କରିଥିଲେ। ରେଫରି ଦୁର୍ଗା ମାଧବ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତ ବାରିକ, ଦିଗ୍‌ବିଜୟ ଦାସ ଓ ଲକ୍ଷ୍ମୀପ୍ରସାଦ ନାଇଡୁ ମ୍ୟାଚ ପରିଚାଳାନ କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ।

### ସତ୍ୟବତୀଙ୍କ ହ୍ୟାଟ୍ରିକ

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଦିବସର ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ଅଧିନାୟିକା ସତ୍ୟବତୀ ଖାଡ଼ିଆ ଏକାକୀ ୩ ଗୋଲ ଦେଇ ହ୍ୟାଟ୍ରିକ କରିଛନ୍ତି। ତାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ରାଇଜିଂ ଷ୍ଟୁଡେଣ୍ଟ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ସତ୍ୟବତୀ ମ୍ୟାଚର ୩୬, ୮୦ ଓ ୯୦+୫ ମିନିଟରେ ୩ଟି ଗୋଲ ଦେଇଥିଲେ। ଓଡ଼ିଶା ପୋଲିସ ପକ୍ଷରୁ କରିସ୍ମା ଓରାମ ୪୫+୨ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ସତ୍ୟବତୀଙ୍କ ଗୋଲ ମ୍ୟାଚ ଫଳାଫଳରେ ପ୍ରଭେଦ ଆଣିଥିଲା। ରେଫରି ଚନ୍ଦ୍ରକାନ୍ତ, ବିଚିତ୍ରା ପ୍ରଧାନ, ସୁଲତାନା ପରବିନ, ଦୁର୍ଗା ମାଧବ ଆଚାର୍ଯ୍ୟ ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ଦାଶ ରେଫରି ଆସେସର ଦାୟିତ୍ୱରେ ଥିଲେ।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ୫-୧ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମନୀଷା ନାୟକ ୧୮ ଓ ୭୬ତମ ମିନିଟରେ ୨ଟି ଏବଂ ସୁମିତା ହେମ୍ବ୍ରମ ୨୦, ଅଧିନାୟିକା ବନ୍ୟା କବିରାଜ ୪୨, ସୁସ୍ମିତା ତନ୍ତି ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଜିପି କ୍ଲବର ଅନିମି କୀର୍ତ୍ତିକା କୁମାରୀ ୨୧ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ରେଫରି ବିଷ୍ଣୁପ୍ରିୟା ଦାସ, ସୁଲତାନା, ଚନ୍ଦ୍ରକାନ୍ତ, ଚିତ୍ରାମ୍ବଦା ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।



ସାଇ-ଏସ୍‌ଟିସି ଓ ଇଷ୍ଟକୋଷ୍ଟ ରେଲ୍‌ୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ୱେଷ୍ଟଇଣ୍ଡିଜ ସିରିଜ ବିଜୟୀ

**ଓସ୍‌ବୋର୍ନ, ୮।୩ (ଏପି)**

ଶ୍ରୀଲଙ୍କା ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ୩ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚବିଶିଷ୍ଟ ସିରିଜ ୨-୧ରେ ଜିତିନେଇଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୧୩୧ ରନ କରିଥିଲା। ଜବାବରେ ଶ୍ରୀଲଙ୍କାର ସ୍ପିନ୍ ଆକ୍ରମଣର ଉପଯୁକ୍ତ ମୁକାବିଲା କରି ନ ପାରି ୱେଷ୍ଟଇଣ୍ଡିଜ ଏକଦା ୧୮ତମ ଓଭରରେ ୭ ଉଇକେଟ ବିନିମୟରେ ୧୦୫ ରନ କରିଥିଲା। ମ୍ୟାଚ ଜିତିବା ପାଇଁ ଦଳ ଶେଷ ଦୁଇ ଓଭରରୁ ୨୦ରନ ଆବଶ୍ୟକ କରୁଥିଲା। ୧୯ତମ ଓଭରର ଅକିଲା ଦନଞ୍ଜୟଙ୍କ ବୋଲିଂରେ ପ୍ରଥମ, ତୃତୀୟ ଓ ଶେଷ ବଲ୍‌ରେ ଫାବିଏନ୍ ଆଲେନ୍ ୩ଟି ବିଶାଳ ଛକା ମାରି ବିଜୟ ପଥ ସୁଗମ କରିଥିଲେ। ଆଲେନ୍ ୬ଟି ବଲ୍‌ରୁ ୨୧ ରନ କରି ଅପରାଜିତ ରହିବା ସହ ତାଙ୍କ ୪ ଓଭର ବୋଲିଂରେ ୧୩ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୨୦ ଓଭରରେ ୧୩୧/୪ (ଦୀନେଶ ଚାଣ୍ଡିମଲ-୫୪*, ଆଶେନ ବନ୍ଦରା-୪୪*; ଫାବିଏନ ଆଲେନ୍-୧/୧୩, କେଭିନ ସିନ୍‌କ୍ଲେୟାର-୧/୧୯)।

**ୱେଷ୍ଟଇଣ୍ଡିଜ ଇନିଂସ:** ୧୯ ଓଭରରେ ୧୩୪/୭ (ଲେଣ୍ଡଲ ସିମନ୍ସ-୨୬, ନିକୋଲାସ ପୁରନ-୨୩, ଏଭିନ୍ ଲିଓ୍ୱସ-୨୧, ଫାବିଏନ୍ ଆଲେନ୍-୨୧*; ଲକ୍ଷ୍ମଣ ସଣ୍ଡାକନ-୩/୨୯, ୱାନିଣ୍ଡୁ ହସରଙ୍ଗା-୨/୧୩, ଦୁଷ୍ମନ୍ତ ଚାମିରା-୨/୨୩)।

# ହମ୍ପି ଜିତିଲେ ବିବିସି ପୁରସ୍କାର

**ନୂଆଦିଲ୍ଲୀ, ୮।୩ (ପି.ଟି.)**

ବିବିସି ଇଣ୍ଡିଆନ ସ୍ପୋର୍ଟ୍ସଓମ୍ୟାନ ଅଫ୍ ଦି ଇୟର ପୁରସ୍କାରର ଦ୍ୱିତୀୟ ସଂସ୍କରଣ ଫଳାଫଳ ସୋମବାର ପ୍ରକାଶ ପାଇଛନ୍ତି। ବର୍ତ୍ତମାନ ରାପିଡ୍ ଫର୍ମାଟରେ ରହିଥିବା ବିଶ୍ୱ ଚାମ୍ପିୟନ କୋନେରୁ ହମ୍ପି ଏହି ପୁରସ୍କାର ଜିତିଛନ୍ତି। ମାତ୍ର ୧୫ବର୍ଷ ବୟସରେ ସର୍ବ କନିଷ୍ଠ ଖେଳାଳି ଭାବେ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଥିବା ହମ୍ପି ତାଙ୍କ ସମର୍ଥକଙ୍କଠାରୁ ସବୁଠାରୁ ଅଧିକ ଭୋଟ ପାଇଥିଲେ। ଏହି ସମ୍ମାନଜନକ ପୁରସ୍କାର ପାଇଁ ୪୦ଜଣିଆ ବିଚାରକମଣ୍ଡଳୀ ଗତ ମାସରେ ରେସ୍‌ଲର ଭିନେଶ ଫୋଗତ, ସ୍ପ୍ରିଣ୍ଟର ଓଡ଼ିଶାର ଦୂତୀ ଚାନ୍ଦ, ଶୁଟର ମନୁ ଭାକର ଏବଂ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲଙ୍କ ନାମ ସୁପାରିସ କରିଥିଲେ। ପୁରସ୍କାର ଜିତିବା ପରେ ହମ୍ପି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏହି ପୁରସ୍କାର କେବଳ ତାଙ୍କ ପାଇଁ ନୁହେଁ ଚେସ୍ ସମୁଦାୟ ପାଇଁ ବହୁ ମୂଲ୍ୟବାନ। ଚେସ୍ ଏକ ଇନ୍‌ଡୋର ଗେମ୍। ଭାରତରେ କ୍ରିକେଟ ତୁଳନାରେ ଏହାର ଲୋକପ୍ରିୟତା ଅତ୍ୟନ୍ତ ନଗଣ୍ୟ। ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ସେ ଚେସ୍‌ରେ ବହୁ ବାଟ ଆଗେଇ ପାରିଛନ୍ତି। ଜଣେ ମହିଳା ଖେଳାଳି ହିସାବରେ ସେ ବର୍ତ୍ତମାନ ଖେଳ ଛାଡ଼ିବା କଥା ଚିନ୍ତା କରିନାହାନ୍ତି। ବିବାହ ଓ ମାତୃତ୍ୱ ଲାଭ କରିବା ଜୀବନକାଳର ଏକ ଅଂଶବିଶେଷ। ଏହା ଜୀବନର ଗତିପଥ ବଦଳାଇ ଦେବ ବୋଲି ମନେ କରିବା ଉଚିତ ନୁହେଁ ବୋଲି ୪ବର୍ଷୀୟା ଶିଶୁକନ୍ୟାର ମା' ୩୩ ବର୍ଷୀୟା ହମ୍ପି ପ୍ରକାଶ କରିଛନ୍ତି। ବିବିସି ମହାନିର୍ଦ୍ଦେଶକ ଟିମ୍ ଡେଭ୍ ଭର୍ଚୁଆଲ ପୁରସ୍କାର ଉତ୍ସବରେ ଅଧ୍ୟକ୍ଷତା କରିବା ସହ ବିଜେତାଙ୍କ ନାମ ଘୋଷଣା କରିଥିଲେ। ଚଳିତ ବର୍ଷର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଭେଟେରାନ ଆଥଲେଟ ଅଞ୍ଜୁ ବବି ଜର୍ଜଙ୍କୁ ମିଳିଥିଲା। ସେ ହେଉଛନ୍ତି ଭାରତର ଏକମାତ୍ର ଆଥାଲେଟ୍, ଯିଏକି ୨୦୦୩ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ ଜମ୍ପରେ ଏକ ପଦକ ଲାଭ କରିଥିଲେ। ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଯୁବ ଶୁଟର ମନୁ ଭାକରଙ୍କୁ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଘୋଷଣା କରିଥିଲେ। ଚଳିତବର୍ଷ ବିବିସି ପୁରସ୍କାରରେ ପ୍ରଥମ ଥର ଏହି କାଟେଗୋରିକୁ ସାମିଲ କରାଯାଇଛି।



କୋନେରୁ ହମ୍ପି

# ଗ୍ରେଟ୍ ବ୍ରିଟେନକୁ ହରାଇଲା ଭାରତ

**ଆଣ୍ଟୱର୍ପ (ବେଲଜିୟମ), ୮।୩ (ପି.ଟି.):** ଷ୍ଟ୍ରାଇକର ମନଦୀପ ସିଂଙ୍କ ଡବଲ ଗୋଲ ସହାୟତାରେ ଭାରତୀୟ ପୁରୁଷ ହକି ଦଳ ସୋମବାର ୩-୨ ଗୋଲରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରିଛି। ହରମନପ୍ରୀତ ସିଂ ପ୍ରଥମ ମିନିଟ୍‌ରେ ଗୋଲ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମନଦୀପ ଅନ୍ୟ ଗୋଲ ଦୁଇଟିକୁ ୨୮ତମ ଓ ୫୯ତମ ମିନିଟ୍‌ରେ ସ୍କୋର କରିଥିଲେ। ଗ୍ରେଟ୍ ବ୍ରିଟେନ ପକ୍ଷରୁ ଜେମ୍ସ ଗଲ୍ (୨୦ତମ) ଓ ଷ୍ଟ୍ରାଇକର ଆଡାମ ଫୋରିସ୍ଥ (୫୫ତମ) ଗୋଲ ଦେଇଥିଲେ। ଫଳରେ ଅପରାଜେୟ ରହି ଭାରତ ଏହାର ୟୁରୋପ୍ ଟୁର୍ ଶେଷ କରିଛି। ପୂର୍ବରୁ ଖେଳାଯାଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ ସିମରନଜିତ୍ ସିଂଙ୍କ ଏକ ବିଳମ୍ବିତ ଗୋଲ ବଳରେ ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚକୁ ୧-୧ରେ ଡ୍ର ରଖିଥିଲା। ଜର୍ମାନୀ ବିପକ୍ଷରେ ପି.ଆର. ଶ୍ରୀଜେସ୍‌ଙ୍କ ନେତୃତ୍ୱାଧୀନ ଦଳ ଯଥାକ୍ରମେ ୬-୧ରେ ବିଜୟ ଏବଂ ୧-୧ରେ ଡ୍ର ରଖିଥିଲା।

# ରାଉରକେଲାକୁ ହରାଇ ଢେଙ୍କାନାଳ ସେମିରେ

**ଅନୁଗୋଳ ଅଫିସ, ୮।୩**

୧୦ମ ସର୍ବଭାରତୀୟ ହେମସୁରପଡ଼ା ଫୁଟବଲ୍ କପ୍‌ର ସୋମବାର ଦ୍ୱିତୀୟ ଲିଗ୍ ମ୍ୟାଚରେ ରାଉରକେଲାକୁ ୪-୨ ଗୋଲରେ ହରାଇ ଢେଙ୍କାନାଳ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ଟାଉନ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଏହି ମ୍ୟାଚ ପେନାଲଟି ଦ୍ୱାରା ଶେଷ ହୋଇଥିଲା। ଏହି ମ୍ୟାଚର ବିଜେତା ଢେଙ୍କାନାଳ ଦଳ ମଙ୍ଗଳବାର ନାଲ୍‌କୋ ଜୁନିୟର ଦଳକୁ ପ୍ରଥମ ସେମିଫାଇନାଲରେ ଭେଟିବ। ଏହି ମ୍ୟାଚକୁ ଦିଲୀପ କୁମାର ଦାସ ପରିଚାଳନା କରିଥିବାବେଳେ ସଲିଲ କୁମାର ବେହେରା ଓ ସୁରେଶ ପାଲ ସହଯୋଗ କରିଥିଲେ। ସେହିପରି ଚତୁର୍ଥ ଅଫିସିଆଲ ଭାବେ ସୁରେଶ କୁମାର ଦାସ କାର୍ଯ୍ୟ ତୁଲାଇଥିଲେ। ଏହି କ୍ୱାର୍ଟର ଫାଇନାଲ ମ୍ୟାଚରେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ପ୍ରଶାନ୍ତ ସିହ୍ନା, ରଞ୍ଜନ କୁମାର ଜେନା, ନିରଞ୍ଜନ ମହାନ୍ତି, କିରଣ ଚନ୍ଦ୍ର ସାହୁ, ଜଗନ୍ନାଥ କଅଁର, ସତ୍ୟଜିତ ବେହେରା, ଉପେନ୍ଦ୍ର ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବଳରାମ ଜେନା ଓ ରଶ୍ମି ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ।



ଢେଙ୍କାନାଳ ଓ ରାଉରକେଲା ଟିମ୍ ମଧ୍ୟରେ ମ୍ୟାଚ ଖେଳାଯାଉଛି।

# ପ୍ରଥମଥର ଭାଗନେବ ଓଡ଼ିଶା ମହିଳା ଦଳ

## ଜାତୀୟ ସିନିୟର ଟେନିସ କ୍ରିକେଟ ୯ରୁ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଚଳିତମାସ ୯ରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ୧୪ ତାରିଖରେ ଶେଷ ହେବ। ୧୦ ତାରିଖରେ ଉଦ୍‌ଘାଟନୀ ସମାରୋହ ପରେ ପ୍ରଥମ ରାଉଣ୍ଡ ମ୍ୟାଚ ଆରମ୍ଭ ହେବ। ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ୨୫ଟି ରାଜ୍ୟ/ୟୁନିଟରୁ ପାଖାପାଖି ୪୦୦ ଖେଳାଳି ଓ ୧୦୦ ଅଫିସିଆଲ, କୋଚ୍, ମ୍ୟାନେଜର ଯୋଗଦେବେ। ଆୟୋଜକ ଓଡ଼ିଶା ବ୍ୟତୀତ ଯେଉଁ ୟୁନିଟ ଏବଂ ରାଜ୍ୟ ଦଳ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ମତି ଜଣାଇଛନ୍ତି ସେଗୁଡ଼ିକ ହେଲେ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ବିହାର, ଆନ୍ଧ୍ର ପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ଲାକ୍ଷାଦୀପ, ତାମିଲନାଡୁ, ମହାରାଷ୍ଟ୍ର, ଦାଦ୍ରା ନଗର ଆଣ୍ଡ ହାବେଳି, ଡାମନ ଆଣ୍ଡ ଡିଉ, ରାଜସ୍ଥାନ, ବିଦର୍ଭ, ମୁମ୍ବାଇ, ଜମ୍ମୁ-କଶ୍ମୀର, କର୍ଣାଟକ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଗୁଜରାଟ, ପୁଡୁଚେରୀ, ପଞ୍ଜାବ, ଚଣ୍ଡିଗଡ଼, ହିମାଚଳ ପ୍ରଦେଶ, ଦିଲ୍ଲୀ ଓ ଗୋଆ। ମହିଳା ବିଭାଗ ମ୍ୟାଚଗୁଡ଼ିକ ନହରକଣ୍ଟାର ଶ୍ରୀ ଜୟଦେବ କଲେଜ ଏବଂ ପୁରୁଷ ବିଭାଗ ମ୍ୟାଚ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଶୈବାଳ କୁମାର ମିତ୍ର (ରିଣ୍ଟୁ)ପ୍ରକାଶ କରିଛନ୍ତି। ଅଂଶଗ୍ରହଣକାରୀ ପ୍ରତି ଦଳରେ ୧୬ ଖେଳାଳି ଏବଂ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜର ରହିବେ। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ନିୟମ ଅନୁସାରେ ମ୍ୟାଚଗୁଡ଼ିକ ୧୫ ଓଭରବିଶିଷ୍ଟ ହେବ। ୨୦୧୬ରୁ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପୂର୍ବ ୪ ସଂସ୍କରଣର ରେକର୍ଡ ଦେଖିଲେ କେବଳ ୨୦୧୯କୁ ବାଦ୍ ଦେଲେ ଅନ୍ୟ ୩ ସଂସ୍କରଣରେ ଓଡ଼ିଶା ପୁରୁଷ ଦଳ ଫାଇନାଲ ଖେଳିଛି। ତେଣୁ ଓଡ଼ିଶା ଦଳ ଅତୀତରେ ଭଲ ପ୍ରଦର୍ଶନ କରିଆସିଛି ଏବଂ ଆଗାମୀ ପ୍ରତିଯୋଗିତାରେ ମଧ୍ୟ ଭଲ ଖେଳିବା ଆଶା ରହିଛି ବୋଲି ରିଣ୍ଟୁ କହିଛନ୍ତି। ଓଡ଼ିଶା ପୂର୍ବରୁ ୨୦୧୬ରେ ଫେଡେରେଶନ କପ୍, ୨୦୧୭ରେ ପୂର୍ବାଞ୍ଚଳ ଚାମ୍ପିୟନଶିପ୍, ୨୦୧୮ରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିଛି। ତେଣୁ ଏଥର ମଧ୍ୟ ସଫଳତାର ସହ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ହେବ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଗୋଆରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ବାଳିକାରେ ହିମାଚଳ ପ୍ରଦେଶ ଏବଂ ବାଳକରେ କର୍ଣାଟକ ଚାମ୍ପିୟନ ହୋଇଥିଲା। ଓଡ଼ିଶା ପୁରୁଷ ଦଳ ପୂର୍ବରୁ ଭାଗନେଇ ଆସୁଥିଲେ ହେଁ ମହିଳା ଦଳ ଏଥର ପ୍ରଥମଥରପାଇଁ ଅଂଶଗ୍ରହଣ କରିବ ବୋଲି ଆୟୋଜକ କମିଟି ସମ୍ପାଦକ (ମହିଳା) ରାଗିଣି ମିତ୍ର ପ୍ରକାଶ କରିଛନ୍ତି। ପ୍ରଥମଥରପାଇଁ ଭାଗ ନେଉଥିଲେ ହେଁ ଓଡ଼ିଶା ଏଥର ମହିଳା ବିଭାଗରେ କଡ଼ା ଟକ୍କର ଦେବ ବୋଲି ସେ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟେନିସ କ୍ରିକେଟ ଆସୋସିଏଶନ ଅଫ ଇଣ୍ଡିଆର କୋଷାଧ୍ୟକ୍ଷ ବିଜୟ ରତ୍ନାକର, ଆୟୋଜକ କମିଟି ସମ୍ପାଦକ (ପୁରୁଷ) ବାସୁଦେବ ଓଝା, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ (ପୂର୍ବାଞ୍ଚଳ) ସାଜନ ସିଂ, ଗୁଜରାଟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ଶର୍ମା ଏବଂ ରାଜ୍ୟ ଆସୋସିଏଶନ ପରାମର୍ଶଦାତା ଅଖିଳେଶ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମକର୍ତ୍ତାମାନେ ଜର୍ସି ଏବଂ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ରିଣ୍ଟୁ ଓଡ଼ିଶା ଦଳ ଖେଳାଳି ତାଲିକା ଘୋଷଣା କରିଥିଲେ।

**ଓଡ଼ିଶା ମହିଳା ଦଳ:** ବିଦ୍ୟୁତ୍‌ପ୍ରଭା ସିଂ, ଜ୍ୟୋତିସ୍ମିତା ପଣ୍ଡା, ଝିଲିମଣୀ ମହନ୍ତ, ମାମାଲି ତରେଇ, ପ୍ରଜ୍ଞା ଜାନି, ସଙ୍ଗୀତା ଦାସ, ଲକ୍ଷ୍ମୀ ମାରାଣ୍ଡି, ଅଞ୍ଜନା ମୁଖି, ଦମୟନ୍ତୀ ବେହେରା, ପ୍ରୀତିଲତା ନାୟକ, ନିକିତା ଘୋଷ, ଅଞ୍ଜୁଲତା ସାହୁ, ରଶ୍ମିତା ବେହେରା, ଛନ୍ଦାରାଣୀ ମାଝି, ପ୍ରୀତି ଯାଦବ, ବାସନ୍ତୀ ତିର୍କୀ, ବାସନ୍ତୀ ପଣ୍ଡା, ଦୀପ୍ତିମୟୀ ଭୂୟାଁ।

**ଓଡ଼ିଶା ପୁରୁଷ ଦଳ:** ଦୀପକ କୁମାର ମଲିକ (ଅଧିନାୟକ), ଅମରେନ୍ଦ୍ର ଦାସ, ପ୍ରବୀଣ ଆଚାର୍ଯ୍ୟ, ସୁଧାଂଶୁ କୁମାର ଜେନା, ହିତେଶ କୁମାର ରାଉତ, ସ୍ୱାଗତ ଚକ୍ର, ବଦ୍ରିନାରାୟଣ ନାଥ, ରମାକାନ୍ତ ସିଂ, ପି. ସୁଦର୍ଶନ ରେଡ୍ଡୀ, ଜନସନ କୁମାର, ସୌମ୍ୟ ମହାନ୍ତି, ନିହାର ରଞ୍ଜନ ନାଏକ, ସୁଧାଂଶୁ ଶେଖର ଦାଶ, ସନ୍ତୋଷ ପ୍ରଧାନ, ଧର୍ମେନ୍ଦ୍ର ସାମଲ, ସମୀର ବାରିକ, କୈଳାସ ସିଂ, ସତ୍ୟନାରାୟଣ ମଲିକ।



ଟୁର୍ନାମେଣ୍ଟ ଜର୍ସି ଓ ଟ୍ରଫି ଉନ୍ମୋଚନ ଅବସରରେ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ମହିଳା ଓ ପୁରୁଷ ଦଳ।

ଧରିତ୍ରୀ
DHARITRI
ମଙ୍ଗଳବାର, ୯ ମାର୍ଚ୍ଚ, ୨୦୨୧



## ଟ୍ରକ୍ ଧକ୍କାରେ ଓଲଟିଲା ବସ୍: ୮ ଗୁରୁତର

ବିଶୋଇ/ରାଇରଙ୍ଗପୁର,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଅଶନାଠାରେ ଟ୍ରକ୍ ଧକ୍କାରେ ଏକ ଯାତ୍ରୀବାହୀ ବସ୍ ଓଲଟି ୮ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ୪୦ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଥିବା ସୂଚନା ମିଳିଛି। ସୋମବାର ସନ୍ଧ୍ୟାରେ ମଧୁସ୍ମିତା ନାମକ ଏକ ବସ୍ ପାଲଲହଡ଼ାରୁ ବାରିପଦା ଅଭିମୁଖେ ଯାଉଥିବା ସମୟରେ ଅଶନା ସ୍ଥିତ ଅରବିନ୍ଦ ସ୍କୁଲ ଛକରେ ଯାତ୍ରୀମାନଙ୍କୁ ଓହ୍ଲାଇବା ପାଇଁ ଠିଆ ହୋଇଥିଲା। ଏହି ସମୟରେ ହଠାତ ଏକ ଟ୍ରକ ଭାରସାମ୍ୟ ହରାଇ ଠିଆ ହୋଇଥିବା ବସକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଖବର ପାଇ ବିଶୋଇ ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ନେତୃତ୍ୱରେ ପୋଲିସ, ଦମକଳ ବାହିନୀ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।

### ସଂକ୍ଷେପରେ

## ଓପିଟିସିଏଲ୍‌ରେ ବିଶ୍ୱ ମହିଳା ଦିବସ

ଭୁବନେଶ୍ୱର, ୮।୩: ସ୍ଥାନୀୟ କୃଷି ଭବନରେ ଓପିଟିସିଏଲ୍ ପକ୍ଷରୁ ବିଶ୍ୱ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦକ୍ଷତା ବିକାଶର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଏବଂ ଓପିଟିସିଏଲ୍ ତଥା ଗ୍ରୀଡ୍‌କୋର ଅଧ୍ୟକ୍ଷ ଡ. ସୌରଭ ଗର୍ଗ ଉପସ୍ଥିତ ଥିଲେ। ବିଗତ ଫନି ବାତ୍ୟା ମୁକାବିଲା ସମୟରେ ଓପିଟିସିଏଲ୍‌ର ମହିଳା କର୍ମଚାରୀମାନେ ଯେଉଁ ପାରଦର୍ଶିତା ଦେଖାଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ ବୋଲି କହିଥିଲେ ଗର୍ଗ। ବାଗ୍‌ଚୀଙ୍କ ସହ ଖୋଲାକଥା କାର୍ଯ୍ୟକ୍ରମର ବିଭିନ୍ନ ପ୍ରଶ୍ନର ଉତ୍ତରରେ ବାଗ୍‌ଚୀ ମହିଳାମାନଙ୍କୁ ଘରର ଦାୟିତ୍ୱ ପାଇଁ ସେମାନଙ୍କ କର୍ମକ୍ଷେତ୍ରର ଭବିଷ୍ୟତକୁ ଜଳାଞ୍ଜଳି ନ ଦେବା ପାଇଁ କହିଥିଲେ। ତେବେଯାଇ ମହିଳାମାନେ ବିଭିନ୍ନ ସଂସ୍ଥାର ନେତୃତ୍ୱ ନେଇପାରିବେ। ଏହି ଅବସରରେ କମ୍ପାନୀର ୧୦ ଜଣ ଶ୍ରେଷ୍ଠ ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସିଂ, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ମାନବ ସମ୍ବଳ ନିର୍ଦ୍ଦେଶକ ରଘୁନାଥ ପ୍ରତିହାରୀ, ଅର୍ଥ ନିର୍ଦ୍ଦେଶକ ସମୀର ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବଲୋଚନ ପଣ୍ଡା, ଗ୍ରୀଡ୍‌କୋ ବାଣିଜ୍ୟ ନିର୍ଦ୍ଦେଶକ ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳ ଧାରଣାରୁ ମୃତଦେହ ଜବତ

ଭୁବନେଶ୍ୱର,୮।୩(ବ୍ୟୁରୋ): ଲିଙ୍ଗରାଜ ରେଳଷ୍ଟେଶନ ନିକଟରେ ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ରେଳ ଧାରଣାରେ ଶରୀର ଓ ଏହାର ୫ଫୁଟ ଦୂରରେ ମୁଣ୍ଡ ପଡ଼ିଥିଲା। ପୋଲିସ ମୃତଦେହକୁ ଜବତ କରିବା ସହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବ୍ୟକ୍ତିଜଣକ ହେଲେ ଭୀମଟାଙ୍ଗୀ ହାଉସିଂବୋର୍ଡ କଲୋନୀରେ ରହୁଥିବା ସୁଶାନ୍ତ ସାହୁ (୪୨)। ଆତ୍ମହତ୍ୟା ନା ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ପୋଲିସ ତଦନ୍ତ ଆରମ୍ଭ କରିଛି। ସୁଶାନ୍ତ ସ୍ଥାନୀୟ ମଙ୍ଗଳା ମନ୍ଦିର ନିକଟରେ ଫୁଲ ବିକିବା ସହ ସ୍ତ୍ରୀ ଓ ଏକମାତ୍ର ଝିଅ ସହ ରହୁଥିଲେ। ସୋମବାର ଭୋର ୬ଟାରେ ରେଳ ଧାରଣାରେ ଏକ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ମୃତକଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ କହିବା କଥା, ସୁଶାନ୍ତ ରବିବାର ରାତି ୧୦ଟାରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ତେବେ ସୁଶାନ୍ତ ଜଣେ ଭଲ ପିଲା ଓ ସେ ଆତ୍ମହତ୍ୟା କରି ନ ପାରେ ବୋଲି ତାଙ୍କୁ ଜାଣିଥିବା ଲୋକେ କହିଛନ୍ତି। ସେ ଚାଉଳ ମଦ ପିଇବାକୁ କାର୍ଗିଲ ବସ୍ତିକୁ ଯାଇ ଫେରିବାବେଳେ କୌଣସି ଏକ ଟ୍ରେନ୍ ଧକ୍କାଦେଇଥାଇପାରେ ବୋଲି ସେମାନେ ସନ୍ଦେହ କରୁଛନ୍ତି। ସୂଚନାଯୋଗ୍ୟ, ଲିଙ୍ଗରାଜ ଷ୍ଟେଶନରୁ ସମାଜସେବୀ ଆଦିତ୍ୟ ଦାସଙ୍କ ମୃତଦେହ ମିଳିଥିଲା। ଏହି ବହୁ ଚର୍ଚ୍ଚିତ ଘଟଣାର ଏଯାଏ ପର୍ଦ୍ଦାଫାସ ହୋଇ ନ ଥିବାବେଳେ ଏଠାରେ ବିଭିନ୍ନ ସମୟରେ ମୃତଦେହ ମିଳୁଥିବାରୁ ଏହି ଷ୍ଟେଶନ ଏବେ ଡେଥ୍ ଜୋନ୍‌ରେ ପରିଣତ ହେଲାଣି। ଏହାକୁ ଏଡ଼ାଇବା ପାଇଁ ରେଳ ବିଭାଗ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସଙ୍କଟରେ ତୃଣଭୋଜୀ ପ୍ରାଣୀ

- ସବୁଜ ଜଙ୍ଗଲ ପୋଡ଼ି ଅଙ୍ଗାର
- ଶିମିଳିପାଳରେ ନିଆଁ

ବାରିପଦା ଅଫିସ,୮।୩


ନିଆଁ ଲିଭିବା ପରେ ଜଙ୍ଗଲର ଅବସ୍ଥା।

ପ୍ରକୃତିର ଗନ୍ତାଘର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଅଗ୍ନିକାଣ୍ଡ ଯୋଗୁ ଜୀବଜଗତ ପ୍ରଭାବିତ ହୋଇଛନ୍ତି। ଘଞ୍ଚ ସବୁଜ ଜଙ୍ଗଲ ପାଲଟିଛି କଳା ଅଙ୍ଗାର। ହଜାର ହଜାର ହେକ୍ଟର ଜଙ୍ଗଲର ଚାରଣ ଭୂଇଁ, ତାଳପତ୍ର, ବୁଦାଘାସ, ଛୋଟ ଦ୍ରୁମ ଓ ଲତାଗୁଳ୍ମ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁରୁ ବର୍ତ୍ତିବା ପାଇଁ ଜୀବଜନ୍ତୁ ଏପଟ ସେପଟ ହେଉଥିବା ବେଳେ ଜଙ୍ଗଲରେ ଖାଦ୍ୟାଭାବ ଆଶଙ୍କା ଦେଖାଦେଲାଣି। ତୃଣଭୋଜି ପ୍ରାଣୀମାନେ ବିଶେଷ ପ୍ରଭାବିତ ହେବା ସହ ସେମାନଙ୍କ ଜୀବନ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି।

ନିଆଁ ଯୋଗୁ ଅଭୟାରଣ୍ୟରେ ଥିବା ଲକ୍ଷ ଲକ୍ଷ କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଛି। ଶୁଦ୍ଧ ଅମ୍ଳଜାନ ଯୋଗାଉଥିବା ଶିମିଳିପାଳରୁ ଏବେ ଉଠୁଛି ଅଙ୍ଗାରକାମ୍ଳ ଧୂଆଁ। ପ୍ରକୃତି ଉପରେ ନିର୍ଭର କରି ଚଳୁଥିବା ବନବାସୀ ଓ ପଶୁପକ୍ଷୀଙ୍କ ଖାଦ୍ୟ ପାଉଁଶ ହୋଇଯାଇଛି। ତୃଣଭୋଜି ପ୍ରାଣୀଙ୍କ ମଧ୍ୟରେ ଥିବା ହରିଣ, ଶମ୍ବର, ହାତୀ, ଠେକୁଆ, ବାରହା ସମେତ ପାଦଦେଶ ଅଞ୍ଚଳରେ ରହୁଥିବା ଗାଈଗୋରୁ, ଛେଳି ଓ ମେଣ୍ଢାଗୁଡ଼ିକ ଜଙ୍ଗଲର ଘାସପତ୍ର ଖାଇ ବଞ୍ଚିଥାନ୍ତି। ଶୁଖିଲାପତ୍ରରେ ନିଆଁ ଲାଗିବା ଦ୍ୱାରା ଭୂଇଁ ଏବଂ ଅଳ୍ପ ଉଚ୍ଚରେ ଥିବା ତାଳପତ୍ର ପୋଡ଼ିଯାଇଛି। ଫଳରେ ଏହି ଜୀବଜନ୍ତୁମାନଙ୍କ ପାଇଁ ଖାଦ୍ୟାଭାବ ପରିଲକ୍ଷିତ ହୋଇଛି। ସେହିପରି ଘଞ୍ଚଜଙ୍ଗଲ ମଧ୍ୟକୁ ଜୀବନ ବିକଳରେ ପଳାଉଥିବା ଏହି ପ୍ରାଣୀମାନେ ହିଂସ୍ରଜନ୍ତୁଙ୍କ ଆହାର ପାଲଟୁଥିବା ବେଳେ ଶିକାରୀଙ୍କ ହାବୁଡ଼ରେ ପଡ଼ିବା ସୁନିଶ୍ଚିତ ହୋଇପଡ଼ିଛି। ତେବେ ଜଙ୍ଗଲରେ ଥିବା ୧୦୭୬ ପ୍ରକାର ଉଦ୍ଭିଦ, ୯୪ପ୍ରକାର ଅର୍କିଡ୍, ୬୦୪ ପ୍ରକାର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ସରିସୃପ ଓ ୨୦ପ୍ରକାର ଉଭୟଚର ପ୍ରାଣୀ ନିଆଁ ଯୋଗୁ ବିଶେଷ ପ୍ରଭାବିତ ହୋଇଛନ୍ତି। ଜୀବଜଗତ ଓ ପରିବେଶ ଉପରେ ପ୍ରଭାବ ପକାଉଥିବା ଏହି ବନାଗ୍ନୀକୁ ନିୟନ୍ତ୍ରଣ କରାଯିବା ସହ ସମସ୍ତେ ମିଳିମିଶି ଶିମିଳିପାଳର ସୁରକ୍ଷା କରିବା ପାଇଁ ମତ ପ୍ରକାଶ ପାଇଛି। ସରକାରୀ, ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଭୟାରଣ୍ୟର ସୁରକ୍ଷା କରିବା ଉଚିତ ବୋଲି ପରିବେଶବିତ ଡା. ସନତ କୁମାର ଦାଶ କହିଛନ୍ତି। ସେହିପରି ନିଆଁକୁ ଆୟତ ନ କରିବା ପର୍ଯ୍ୟନ୍ତ ବନଖଣ୍ଡର ସମସ୍ତ କର୍ମଚାରୀଙ୍କ ଛୁଟିକୁ ଡିଏଫ୍ଓ ସନ୍ତୋଷ ଯୋଶୀ ବାତିଲ କରିଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୌଣସି କର୍ମଚାରୀ ଛୁଟି ନେଇପାରିବେ ନାହିଁ ଓ ଛୁଟିରେ ଥିବା କର୍ମଚାରୀଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା ଦାଣ୍ଡ ଆଡୁ**
**ବୁଝିଲା ଖମ୍ବ ଆଳୁ**

କିଛି ବ୍ୟକ୍ତି କଥାର ମୂଳକୁ ନ ଯାଇ ନିଜର ମତାମତ ଶୁଣାଇଥାନ୍ତି। ତେବେ କଥାର ପୂର୍ବାପର ବିଷୟରେ ଭଲ ଭାବେ ଅବଗତ ନ ଥାଇ ଏପରି କହିବା ଶୋଭନୀୟ ହୋଇ ନ ଥାଏ। କିଛି ନ ବୁଝି ନ ସୁଝି କୌଣସି ସିଦ୍ଧାନ୍ତ ଗ୍ରହଣ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଖାଇ ନାନୀ ସରୁ କାଟେଣୀ**
**ବସିଥାଏ ଚୁଲି ମୁଣ୍ଡେ**
**କେହି ପଚାରିଲେ ରାଗରେ କହେ**
**ମୁଁ କିଛି ଦେଇନାହିଁ ତୁଣ୍ଡେ।**

ଚୁଲି ମୁଣ୍ଡରେ ବସିଛି ଅଥଚ ପାଟିରେ କିଛି ବି ଖାଇନାହିଁ। କେତେକ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ୍ୟ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ରାଗ ଅଭିମାନରେ ଖାଇ ନ ଥିବାର ତୁଚ୍ଛା ବାହାନା କରୁଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ବିଶ୍ୱ ଆନ୍ଦୋଳନରେ...

ପାଇଁ ୫ ହଜାର କୋଟି ଟଙ୍କାର କାମ ଘୋଷଣା କରାଯାଇଛି। ସେମାନେ ଦକ୍ଷତାର ସହ କାମ କରି ସରକାରଙ୍କ ବିଶ୍ୱାସକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ଦେଶରେ ମା'ମାନେ ଯେତେ ଆଗୁଆ, ସେ ଦେଶ ସେତେ ଉନ୍ନତ। ସେମାନଙ୍କ ସମୃଦ୍ଧି ଓ ଅଧିକାର ପାଇଁ ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସଚିବାଳୟରେ ଉପସ୍ଥିତ ଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମହିଳାମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ଦକ୍ଷତାକୁ ଉପଯୋଗ କରି ବିକାଶକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଓଡ଼ିଶା ମହିଳା ବିକାଶ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିପାରିଛି। ମିଶନ ଶକ୍ତିର ମା'ମାନଙ୍କୁ ନୂଆ ପରିଚୟ ଦେଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମ ଆରମ୍ଭରେ ମହିଳା ଓ ଶିଶୁ ବିକାଶ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ରାଜ୍ୟ ସରକାର ମହିଳାମାନଙ୍କୁ ହିତାଧିକାରୀ ନୁହେଁ ବରଂ ବିକାଶର ସହଭାଗୀଦାର ବୋଲି ମନେକରନ୍ତି। ମହିଳାମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର କେବଳ ଗୋଟିଏ ଦିନ ନୁହେଁ, ପୂରା ୩୬୫ ଦିନ ସମର୍ପିତ ହୋଇ କାମ କରୁଛନ୍ତି ବୋଲି ସେ କହିଛନ୍ତି।

ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ଧନ୍ୟବାଦ ଦେଇ କହିଛନ୍ତି, ୨୦୦୧ରେ ମିଶନ ଶକ୍ତି ଏକ ଯୋଜନା ହୋଇ ଆରମ୍ଭ ହୋଇଥିଲା। ଆଜି ଏହା ଏକ ସ୍ୱତନ୍ତ୍ର ବିଭାଗ ହୋଇଛି। ମୁଖ୍ୟମନ୍ତ୍ରୀ ମିଶନ ଶକ୍ତିର ମା'ମାନଙ୍କ ପାଇଁ ଯେଉଁ ୫ ହଜାର କୋଟି ଟଙ୍କା ଘୋଷଣା କରିଥିଲେ ସେଥିରୁ ସେମାନେ ୨୫୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ବ୍ୟବସାୟ ଆରମ୍ଭ କରିସାରିଛନ୍ତି। ଏପରିକି ସେମାନଙ୍କ ପାଇଁ ୩୨୦୦ କୋଟି ଟଙ୍କାର ଋଣ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ ହଜାର କୋଟି ଟଙ୍କାରୁ ଅଧିକ ଋଣ ମିଳିପାରିଛି।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ଭିଡିଓ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଝାରସୁଗୁଡା, ଯାଜପୁର ଓ ଭୁବନେଶ୍ୱରରେ ୩ଟି କର୍ମଜୀବୀ ମହିଳା ହଷ୍ଟେଲ ଉଦ୍‌ଘାଟିତ ହୋଇଥିଲା। ହଷ୍ଟେଲ ପରିଚାଳନା, ସ୍ୱଧାର ଓ ଉଜ୍ଜ୍ୱଳ ଆଦି ଯୋଜନା ପାଇଁ ନୂଆ ପୋର୍ଟାଲ, ମିଶନ ଶକ୍ତି ୱେବ୍‌ସାଇଟ, ମୋବାଇଲ ଆପ୍ ଓ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ ସମ୍ପର୍କରେ ଏକ ସ୍ୱତନ୍ତ୍ର ପୋର୍ଟାଲ ଉନ୍ମୋଚିତ ହୋଇଥିଲା। ଡାଆଣୀ କୁପ୍ରଥାର ବିଲୋପ ପାଇଁ ଆଇଇସି ପ୍ୟାକେଜ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତିର ଉପଦେଷ୍ଟା, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା, ରାଜ୍ୟ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷା, ଓଡ଼ିଶା ଶିଶୁ କଲ୍ୟାଣ ପରିଷଦର ସଦସ୍ୟା ସଚିବ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲା, ସ୍ୱୟଂ ସହାୟକ ଗୋଷ୍ଠୀ, ଅଧିକାରୀ ଓ ବ୍ୟାଙ୍କଗୁଡିକୁ ପୁରସ୍କୃତ କରାଯାଇଥିଲା। ଉତ୍ତମ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁନାଇଟେଡ କମର୍ସିଆଲ ବ୍ୟାଙ୍କକୁ ପୁରସ୍କୃତ କରାଯାଇଛି। ସେହିପରି କୋଭିଡ୍ ଚାମ୍ପିୟନ ଉତ୍ତମ ଏସ୍‌ଏଚ୍‌ଜି ଭାବେ ମାସ୍କ ତିଆରି ପାଇଁ କଟକର ହାଜି ଅଲି ପ୍ରଡ୍ୟୁସର ଗ୍ରୁପ, ମାଗଣା ରନ୍ଧା ଖାଦ୍ୟ ପାଇଁ କେନ୍ଦ୍ରାପଡାର ରାମଚନ୍ଦ୍ର ଏସ୍‌ଏଚ୍‌ଜି, ଟିଏମ୍‌ସି ପରିଚାଳନା ପାଇଁ ମାଲକାନଗିରିର ନାରୀ ଜାଗୃତି ଏସ୍‌ଏଚ୍‌ଜିକୁ ୫୦ ହଜାର ଲେଖାଏ ଟଙ୍କା, ଟ୍ରଫି ଓ ସାର୍ଟିଫିକେଟ ଦିଆଯାଇଥିଲା। ମିଶନ ଶକ୍ତି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ପୁରୀ, ଦେବଗଡ଼ ଓ ନବରଙ୍ଗପୁର ଜିଲାକୁ ସମ୍ମାନିତ କରାଯାଇଥିଲା। ସେହିପରି ଉତ୍ତମ ପ୍ରଦର୍ଶନ ପାଇଁ କନ୍ଧମାଳ ସିଏସ୍‌ଡବ୍ଲ୍ୟୁଓ ମନସ୍ୱିନୀ ମିଶ୍ର ଏବଂ ମୟୂରଭଞ୍ଜ ଡିସିପିଓ ମମତାମୟୀ ବିଶ୍ୱାଳଙ୍କୁ ୧୦ ହଜାର ଟଙ୍କା ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଛି।

# ମସ୍କୋରେ ଭାରତର ଉର୍ଜା କାର୍ଯ୍ୟାଳୟ ଉଦ୍‌ଘାଟିତ




ଭୁବନେଶ୍ୱର, ୮।୩(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଥମ କଳ୍ପନା ଓ ପ୍ରଚେଷ୍ଟାରେ ମସ୍କୋଠାରେ ଭାରତର ପ୍ରଥମ ଉର୍ଜା କାର୍ଯ୍ୟାଳୟ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ଏବଂ ରୁଷିଆର ଡେପୁଟି ଉର୍ଜା ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଇଣ୍ଡିଆନ ଅଏଲ, ଓଏନ୍‌ଜିସି ବିଦେଶ, ଗେଲ୍, ଅଏଲ ଇଣ୍ଡିଆ ଏବଂ ନବରତ୍ନ କମ୍ପାନୀ ଇଆଇଲର ମିଳିତ ସହଯୋଗରେ ଏହି ଉର୍ଜା କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ୟବସାୟିକ ସୁଯୋଗ ପାଇବା ନିମନ୍ତେ କାର୍ଯ୍ୟ କରିବା ପାଇଁ ମସ୍କୋରେ ଜଣେ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଧର୍ମେନ୍ଦ୍ର ମସ୍କୋରେ ଉର୍ଜା କାର୍ଯ୍ୟାଳୟ ସ୍ଥାପନା କରିବା ଦିଗରେ ପ୍ରଥମେ ଗୁରୁତ୍ୱାରୋପ କରିଥିଲେ। ରୁଷିଆର ବିଶାଳ ଉର୍ଜା କ୍ଷେତ୍ରରେ ଅଧିକ ସୁଯୋଗର ଅନ୍ୱେଷଣ ଯଥା ଭାରତୀୟ ପ୍ରକଳ୍ପରେ ପୁଞ୍ଜିନିବେଶ ମିଳିବା, ପ୍ରଯୁକ୍ତିବିଦ୍ୟାରେ ସହଯୋଗୀ ହେବା, ଦେଶର ଦକ୍ଷତାପୂର୍ଣ୍ଣ ମାନବ ସମ୍ବଳ ସେଠାରେ କାମ କରିବାର ସୁଯୋଗ ପାଇପାରିବାର କଳ୍ପନାରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଥିଲା। ମଙ୍ଗୋଲିଆରେ ଏକ ବିଶୋଧନାଗାର ନିର୍ମାଣ କରୁଥିବା ନବରତ୍ନ କମ୍ପାନୀ ଇଆଇଏଲ୍ ମଧ୍ୟ ରୁଷିଆରେ ଅନୁରୂପ ଭାବେ ପ୍ରକଳ୍ପ ପାଇବାର ସୁଯୋଗ ଲକ୍ଷ୍ୟରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରୁଷିଆର ଭାରତୀୟ ରାଷ୍ଟ୍ରଦୂତ ଭାରତ ଏବଂ ରୁଷିଆ ମଧ୍ୟରେ ଦ୍ୱିପାକ୍ଷିକ ଉର୍ଜା ସମ୍ପର୍କକୁ ମଜଭୁତ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେପ୍ଟେମ୍ବରରେ ଭ୍ଲାଡିଭୋଷ୍ଟୋକ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶାନୁସାରେ ରୋଡ୍‌ମ୍ୟାପ ତିଆରି ହେବା ଉପରେ ନିଜର ମତ ରଖିଛନ୍ତି। ରୁଷିଆର ଏହି ଭାରତୀୟ ରାଷ୍ଟ୍ରଦୂତ ରୁଷିଆସହିତ ଉର୍ଜା ସହଯୋଗକୁ ପରିଚାଳନା କରିବା, ଉର୍ଜା କାର୍ଯ୍ୟାଳୟ ସ୍ଥାପନା କରିବାର ଆଇଡିଆ ଏବଂ ରେକର୍ଡ ସଂଖ୍ୟକ ସମୟରେ କାର୍ଯ୍ୟାଳୟ ଖୋଲିବାକୁ ଦୃଢ଼ ସହଯୋଗ ଦେଇଥିବାରୁ ଧର୍ମେନ୍ଦ୍ରଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଭାରତର ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରୁଷିଆର ତୈଳ କ୍ଷେତ୍ରରେ ଆମେରିକୀୟ ଟଙ୍କାରେ ୫.୫ ବିଲିୟନ ଡଲାର ପୁଞ୍ଜିନିବେଶ କରିଥିବା ବେଳେ ରୁଷୀୟ କମ୍ପାନୀ ରୋଜନେଫ୍ଟ ଭାରତରେ ୧୩ ବିଲିୟନ ଡଲାର ପୁଞ୍ଜିନିବେଶ କରିଛି।


## ଓଡ଼ିଶା ଦିବସ ପାଳନ ଲାଗି ସରକାରଙ୍କର ବଡ ଆୟୋଜନ

ଭୁବନେଶ୍ୱର, ୮।୩(ବ୍ୟୁରୋ)

ଓଡ଼ିଶା ଦିବସ ୨୦୨୧ ଉପଲକ୍ଷେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କୋଭିଡ୍ ନିୟମାବଳୀ ଅନୁପାଳନ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି। ପ୍ରଭାତ ଫେରିଠାରୁ ଆରମ୍ଭ କରି ଆଲୋକ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ନିରାପତ୍ତା ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ, ଫଟୋଚିତ୍ର ପ୍ରଦର୍ଶନୀ ଆଦି ମୋଟ ୨୦ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଛି । ଚଳିତ ଓଡ଼ିଶା ଦିବସ-୨୦୨୧ରେ ପୂର୍ବବର୍ଷ ଭଳି ପ୍ରଭାତଫେରି ଆୟୋଜନ କରାଯିବ। ଏଥିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ସକାଳ ୬ଟାରୁ ୭ଟା ମଧ୍ୟରେ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ବାଦନ କରାଯିବ। ଚଳିତ ବର୍ଷ ଓଡ଼ିଶା ଦିବସ ଉତ୍କଳମଣ୍ଡପଠାରେ ଆୟୋଜନ କରିବାକୁ ସ୍ଥିର ହୋଇଛି। କୋଭିଡ୍ ମାର୍ଗଦର୍ଶିକାର ସଠିକ୍ ଅନୁପାଳନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି । ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ବଛାବଛା ସାଂସ୍କୃତିକ ଦଳଗୁଡ଼ିକୁ ନେଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

## ଏକତରଫା ପ୍ରେମକୁ ନେଇ ହତ୍ୟା

କେସିଙ୍ଗା, ୮।୩ (ଡି.ଏନ୍.ଏ.)


ଗିରଫ ଅଭିଯୁକ୍ତ ତିଳକର ନାଏକ।


କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ କର୍ଲାଖୁଣ୍ଟା ଗ୍ରାମରେ ସୋମବାର ସକାଳେ ଏକତରଫା ପ୍ରେମକୁ ନେଇ ହତ୍ୟାକାଣ୍ଡ ଘଟିଛି। ପ୍ରେମିକାଙ୍କୁ ପ୍ରେମିକ ଏକ ଛୁରିରେ ଆକ୍ରମଣ କରୁଥିବା ବେଳେ ତାଙ୍କ ମା' ଝିଅକୁ ବଞ୍ଚାଇବାକୁ ଯାଇ ନିଜେ ହତ୍ୟାର ଶିକାର ହୋଇଛନ୍ତି। ମୃତକ ହେଲେ ପ୍ରେମିକାଙ୍କ ମା' ସିନ୍ଧୁ ବାଗ (୪୮)। ଏହି ଘଟଣାରେ ପୋଲିସ ପ୍ରେମିକ ତିଳକର ନାଏକ (୩୫)ଙ୍କୁ ଗିରଫ କରିଛି।

ସୂଚନା ଯେ, କର୍ଲାଖୁଣ୍ଟା ଗ୍ରାମର ପ୍ରେମିକାଜଣଙ୍କ ସକାଳେ ନିକଟ ଯୋରରୁ ଗାଧୋଇ ଘରକୁ ଫେରୁଥିଲେ। ଏହି ସମୟରେ ତିଳକର ଗ୍ରାମର ଅଙ୍ଗନୱାଡି ଛକ ନିକଟରେ ଏକ ଛୁରି ଧରି ଲୁଚି ରହିଥିଲେ। ପ୍ରେମିକା ନିକଟତର ହେବାରୁ ତିଳକର ହଠାତ୍ ଆସି ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଝିଅ ଚିତ୍କାର କରିବାରୁ ନିକଟରେ ଥିବା ନଳକୂଅରେ ପାଣି ମାଡୁଥିବା ମା' ସିନ୍ଧୁ ତାଙ୍କୁ ବଞ୍ଚାଇବାକୁ ଦୌଡି ଆସିଥିଲେ। ତିଳକର ତାଙ୍କୁ ଛୁରିରେ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ମହିଳାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେସିଙ୍ଗା ଥାନାରେ ମହିଳାଙ୍କ ସ୍ୱାମୀ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୭୮/୨୧) ରୁଜୁ ହୋଇଛି। କେସିଙ୍ଗା ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ୧ବର୍ଷ ତଳେ ପୁଅଝିଅ ଦୁହେଁ ଭଲପାଇ ଆସୁଥିଲେ। ଏ ନେଇ ଝିଅର ବାପା କେସିଙ୍ଗା ଥାନା ଲିଖିତ ଅଭିଯୋଗ କରିଥିଲେ। ଏକବର୍ଷ ବିତିଯାଇଥିଲେ ସୁଦ୍ଧା ଝିଅ ପୁଅ ସହିତ କଥାବାର୍ତ୍ତା ହେଉ ନ ଥିଲେ। ଏଥିପାଇଁ ପୁଅ ରାଗ ରଖି ଏହି ଉନ୍ମତ୍ତକାଣ୍ଡ ଘଟାଇଥିବା ଜଣାପଡିଛି।

# ରୋଗୀ ମୃତ୍ୟୁ ପରେ ହସ୍ପିଟାଲ ରଣକ୍ଷେତ୍ର

- ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ
- ଉତ୍ତ୍ୟକ୍ତ ରୋଗୀ ପରିଜନଙ୍କ ଡାକ୍ତର, ନର୍ସଙ୍କୁ ଆକ୍ରମଣ
- ପୋଲିସ ମାଡରେ ରୋଗୀ ପରିଜନ ଆହତ ଅଭିଯୋଗ
- ନର୍ସିଂ ଡ୍ୟୁଟି ରୁମ୍‌ରେ ବ୍ୟାପକ ଭଙ୍ଗାରୁଜା
- ୯ ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ବଲାଙ୍ଗୀର ଅଫିସ, ୮।୩


ହସ୍ପିଟାଲ ନର୍ସିଂ ଡ୍ୟୁଟି ରୁମ୍‌ରେ ହୋଇଥିବା ଭଙ୍ଗାରୁଜା।

ଜଣେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସୋମବାର ରଣକ୍ଷେତ୍ର ପାଲଟିଥିଲା। ଚିକିତ୍ସା ଅବହେଳା ଅଭିଯୋଗ କରି ମୃତ ରୋଗୀଙ୍କ ପରିଜନମାନେ ହସ୍ପିଟାଲର ପୁରୁଷ ଭେଷଜ ୱାର୍ଡର ନର୍ସିଂ ଡ୍ୟୁଟି ରୁମ୍‌ରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏଥିସହିତ ଡାକ୍ତର ଓ ନର୍ସଙ୍କୁ ସେମାନେ ମାରପିଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଆକ୍ରମଣକାରୀ ଦର୍ଶାଇ ରୋଗୀ ପରିଜନଙ୍କୁ ପୋଲିସ ନିଘୁଙ୍କ ମାଡ ମାରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ହୋଇଛି । ଏହି ଘଟଣାରେ ଟାଉନ୍ ଥାନା ପୋଲିସ ୯ ଜଣଙ୍କୁ ଅଟକ ରଖିଛି ।

ପୁଇଁତଲା ଥାନା ଭୁର୍ଷିପାଲି ଗ୍ରାମର ସୁମନ୍ତ ବେହେରା (୨୫) ଅସୁସ୍ଥ ହୋଇପଡିବାରୁ ରବିବାର ତାଙ୍କୁ ପରିବାର ଲୋକେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭେଷଜ ୱାର୍ଡରେ ଭର୍ତ୍ତି କରିଥିଲେ। ରାତିରେ ସୁମନ୍ତଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇପଡିଥିଲେ ମଧ୍ୟ ଡାକ୍ତର ତାଙ୍କୁ ଦେଖିବାକୁ ଆସି ନ ଥିବା ଅଭିଯୋଗ ହୋଇଛି । ସୋମବାର ପୂର୍ବାହ୍ନ ୧୦ଟାରେ ୱାର୍ଡ ପରିଦର୍ଶନ କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ରୋଗୀ ପରିଜନମାନେ ଉତ୍ତ୍ୟକ୍ତ ହୋଇପଡିଥିଲେ। ସେମାନେ ନର୍ସିଂ ଡ୍ୟୁଟି ରୁମ୍‌କୁ ଯାଇ ସେଠାରେ ଥିବା ଡାକ୍ତର ଓ ଷ୍ଟାଫ୍‌ନର୍ସଙ୍କ ସହ ଯୁକ୍ତିତର୍କ କରିବା ସହ ଭଙ୍ଗାରୁଜା କରିଥିଲେ। ଡାକ୍ତର ଛୋଟରାୟ ମାରାଣ୍ଡି, ଡା. ସଂଗ୍ରାମ ଖଟୁଆ, ଡା. ସାଧନା ସାହୁଙ୍କ ସମେତ ୫ଜଣ ଷ୍ଟାଫନର୍ସଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରାଯାଇଛି। ଘଟଣା ସମାଧାନ ପାଇଁ ୱାର୍ଡକୁ ଆସି କଥାବାର୍ତ୍ତ କରୁଥିବାବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ହସ୍ପିଟାଲ ସହକାରୀ ଅଧୀକ୍ଷକ ଡା. ପ୍ରଭାତ କୁମାର ରଥ କହିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଟାଉନ୍ ଥାନା ପୋଲିସ ପହଞ୍ଚି ଆକ୍ରମଣକାରୀଙ୍କୁ କାବୁ କରିଥିଲା। ତେବେ ପୋଲିସ ମାଡରେ ମୃତ ରୋଗୀଙ୍କ ପରିଜନ ଅର୍ଜୁନ ବେହେରା, ମଞ୍ଜୁ ବେହେରା, କସ୍ତୁରୀ ବେହେରା ଆହତ ହୋଇଛନ୍ତି। ହସ୍ପିଟାଲ ୱାର୍ଡରେ ପ୍ରାୟ ଅଧଘଣ୍ଟା ଧରି ଏଭଳି ଚାଲିବା ଫଳରେ ଅନ୍ୟ ରୋଗୀ ଓ ପରିଜନମାନେ ଭୟଭୀତ ହୋଇପଡିଥିଲେ। ଷ୍ଟାଫ୍‌ନର୍ସମାନେ ଭୟଭୀତ ହୋଇ ଲାଟ୍ରିନ୍ ଭିତରେ ପଶି ଆତ୍ମଗୋପନ କରିଥିଲେ । ପରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଉତ୍ତ୍ୟକ୍ତ ଲୋକେ ଡ୍ୟୁଟି ରୁମ୍‌ରେ ରୋଗୀଙ୍କ ଫାଇଲପତ୍ର, ଚୌକି ଟେବୁଲ ଓ ଝରକା କାଚ ଭାଙ୍ଗି ଦେଇଛନ୍ତି । ଡାକ୍ତରଖାନା ପକ୍ଷରୁ ସହକାରୀ ଅଧୀକ୍ଷକ ଡା. ରଥ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚିକିତ୍ସା ଅବହେଳା ନୁହେଁ, ବ୍ଲଡ କ୍ୟାନସରରେ ଆକ୍ରାନ୍ତ ଥିବାରୁ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି ବୋଲି ସେ ସୂଚନା ଦେଇଥିଲେ। ରୋଗୀ ପରିଜନଙ୍କ ତରଫରୁ ମଧ୍ୟ ଚିକିତ୍ସା ଅବହେଳା କରିଥିବା ଡାକ୍ତର, ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଅଭିଯୋଗ ପତ୍ର ଦିଆଯାଇଛି। ଦୀର୍ଘ ସମୟ ଧରି ହସ୍ପିଟାଲ ଶଯ୍ୟାରେ ପଡିରହିଥିବା ସୁମନ୍ତଙ୍କ ମୃତଦେହକୁ ଶବାଗାର ଫ୍ରିଜରରେ ରଖାଯାଇଛି। ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭାବେ ଉନ୍ନୀତ କରାଯାଇଥିଲେ ମଧ୍ୟ ଏଠାରେ ଚିକିତ୍ସା ଅବହେଳାକୁ ନେଇ ବାରମ୍ବାର ଅଘଟଣ ଓ ଉତ୍ତେଜନା ଘଟୁଛି । ରୋଗୀଙ୍କ ଚିକିତ୍ସା ଅବହେଳାକୁ ନେଇ ରୋଗୀ ଓ ପରିଜନ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣକୁ ନେଇ ଡାକ୍ତର ଓ ନର୍ସ ଗଭୀର ଚିନ୍ତା ପ୍ରକଟ କରିଛନ୍ତି।



ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲାନ ଅନେକ ସ୍ମରଣୀୟ ଚରିତ୍ରରେ ଅଭିନୟ କରିଛନ୍ତି। ସେଥିମଧ୍ୟରୁ 'ଦ ଡାର୍ଟି ପିକ୍ଚର୍ସ'ରେ ସିଲ୍କ ସ୍ମିତାଙ୍କ ଚରିତ୍ର ଅନ୍ୟତମ। ଏହି ଫିଲ୍ମ ପାଇଁ ବିଦ୍ୟା ଓଜନ ବଢ଼ାଇଥିଲେ। ମୋଟା ପଣ ଯୋଗୁ ସେ ଅନେକ ଥର ଟ୍ରୋଲ ବି ହୋଇଛନ୍ତି। ଶରୀରର ଓଜନ ବୃଦ୍ଧିକୁ ନେଇ ବିଦ୍ୟା କହିଛନ୍ତି, ଏପରି ଏକ ସମୟ ଥିଲା ଯେତେବେଳେ ସେ ନିଜ ଶରୀରକୁ ଘୃଣା କରିବା ଆରମ୍ଭ କରିଥିଲେ। ତାଙ୍କ ବର୍ଦ୍ଧିତ ଓଜନ ଏକ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଥିଲା। ଧୀରେ ଧୀରେ ସେ ଏହା ସହିତ ଖାପଖୁଆଇ ପାରିଛନ୍ତି। ଲୋକମାନଙ୍କ କଥାକୁ ସେ ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ବେଳେବେଳେ ଏହା ମନକୁ ଆଘାତ ଦିଏ।

# ଅନାବଶ୍ୟକ ଅଙ୍ଗପ୍ରତ୍ୟଙ୍ଗ

**ଜୀବମଣ୍ଡଳରେ ଅଦ୍ୟାବଧି ଠାବ ହୋଇଥିବା ପ୍ରାଣୀଙ୍କ ଭିତରେ ସବୁଠାରୁ ବିକଶିତ ହେଉଛି ମଣିଷ। ପ୍ରତିକୂଳ ପରିବେଶ ସହିତ ଖାପଖୁଆଇବା ଏବଂ କ୍ରମବିବର୍ତ୍ତନର ଆହ୍ୱାନକୁ ଗ୍ରହଣ କରିବା ପରେ ମଣିଷ ଭିତରେ ବୌଦ୍ଧିକ, ଶାରୀରିକ ବିକାଶରେ ଏଭଳି ଅଭୂତପୂର୍ବ ପରିବର୍ତ୍ତନ ହୋଇଛି। ଜଙ୍ଗଲୀ ପ୍ରବୃତ୍ତି ହ୍ରାସ ପାଇବା ସହିତ ମାନବର ବାହ୍ୟ ଏବଂ ଆଭ୍ୟନ୍ତରୀଣ ଅଙ୍ଗରେ ଅନେକ ପରିବର୍ତ୍ତନ ଆସିଛି। ତେବେ ଆଧୁନିକ ମଣିଷ ଶରୀରରେ ଏଭଳି କେତେକ ଅଙ୍ଗପ୍ରତ୍ୟଙ୍ଗ ରହିଛି, ଯାହା କୌଣସି କାମକୁ ଯୋଗ୍ୟ ନୁହେଁ। ଅର୍ଥାତ୍ ଏହାକୁ ହଟାଇଦେଲେ ବି କୌଣସି ପ୍ରଭାବ ସ୍ୱାସ୍ଥ୍ୟାବସ୍ଥା ଉପରେ ପଡ଼ିବ ନାହିଁ।**



**ନୂଆଦିଲ୍ଲୀ:** ପୂର୍ବଜଙ୍କ ତୁଳନାରେ ଆଧୁନିକ ମଣିଷର ସମ୍ବେଦୀ ଅଙ୍ଗ ସଂଖ୍ୟା କମିଯାଇଛି ଅବା ଏହା ଆଉ ସେତେଟା ସକ୍ରିୟ ହୋଇ ବ୍ୟବହାରରେ ଆସୁନାହିଁ। ପୁରାତନ ମଣିଷ ଶିକାର କରୁଥିଲା। ପ୍ରତିକୂଳ ପରିବେଶରେ ରହୁଥିଲା। ତଦନୁଯାୟୀ ଶରୀରର ପ୍ରତ୍ୟେକ ଅଙ୍ଗ କାମରେ ଲାଗୁଥିଲା। ହେଲେ ବିକାଶ ଧାରାରେ ସାମିଲ ହେବା, ନିଆଁର ବ୍ୟବହାର, ସଭ୍ୟତା ଗଢ଼ି ଉଠିବା ପରେ ମଣିଷ ଧୀରେ ଧୀରେ ଜୀବନ ବଞ୍ଚିବା ଲାଗି ସମ୍ମୁଖୀନ ହେଉଥିବା ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବାକୁ ଆରମ୍ଭ କଲା। ଦୀର୍ଘଦିନର କ୍ରମବିକାଶ ଫଳରେ ଅନେକ ଅଙ୍ଗ ଗାଏବ ହୋଇଯାଇଛି। କେତେକ ଆଉ କାମରେ ଲାଗୁନାହିଁ।

**ଆପେଣ୍ଡିକ୍ସ:** ବୃହଦନ୍ତ୍ର ଏବଂ କ୍ଷୁଦ୍ରାନ୍ତ୍ର ମଝିରେ ଅବସ୍ଥିତ ଏହି ଛୋଟିଆ ଅଙ୍ଗଟି ମଣିଷ ଶରୀର ପାଇଁ ଅନାବଶ୍ୟକ। ଓଲଟି କୌଣସି କାରଣରୁ ସଂକ୍ରମଣ ହେଲେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଏହାକୁ ତତ୍କାଳ ଅସ୍ତ୍ରୋପଚାର କରି ବାହାର କରିବାକୁ ପଡ଼ିଥାଏ। ଏପରି କି ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହିଛି। ତେବେ କେତେକ ସ୍ୱାସ୍ଥ୍ୟବିଜ୍ଞାନୀ ଏହାକୁ ଖଣ୍ଡନ କରିଛନ୍ତି।

**ଟନ୍ସିଲ:** ମୁହଁର ଆଭ୍ୟନ୍ତରୀଣ ଅଂଶ ଏବଂ ଦୁଇ ପାର୍ଶ୍ୱର ଜ୍ଞାନଦାନ୍ତ ମଧ୍ୟବର୍ତ୍ତୀ ସ୍ଥାନରେ ରହିଥିବା ମାଂସ ହେଉଛି ଟନ୍ସିଲ। କଥା କହିବା, ଶୁଣିବା ଏବଂ ପାଟିର କାର୍ଯ୍ୟକଳାପରେ ଏହାର ଯୋଗଦାନ ନାହିଁ। ଓଲଟି ଥଣ୍ଡା, ସର୍ଦ୍ଦିରେ ସଂକ୍ରମଣ ହେଲେ ମଣିଷ ଯନ୍ତ୍ରଣା ଭୋଗିଥାଏ। ଖାଇବା ପିଇବାରେ ରୋଗୀଙ୍କୁ କଷ୍ଟ ଭୋଗିବାକୁ ପଡ଼େ। ଲଗାତର ଟନ୍ସିଲ ବଢ଼ିଲେ ଡାକ୍ତରମାନେ ଅପରେଶନ କରି ଏହାକୁ ବାହାର କରିଦେବାକୁ ପରାମର୍ଶ ଦେଇଥାନ୍ତି।

**ଜ୍ଞାନଦାନ୍ତ:** ଜ୍ଞାନଦନ୍ତ ବା ୱିଜ୍‌ଡମ ଟିଥ୍‌କୁ ମଣିଷର ଅନାବଶ୍ୟକ ଅଙ୍ଗ ତାଲିକାଭୁକ୍ତ କରାଯାଇଛି। ପୂର୍ବଜମାନେ କଞ୍ଚା ମାଂସ ଖାଉଥିବାବେଳେ ଏହା ବହୁତ କାମରେ ଆସୁଥିଲା। ଆଧୁନିକ ଯୁଗରେ ଖାଦ୍ୟକୁ ସିଝାଇ ଖିଆଯିବା ପରେ ଏହାର ଆବଶ୍ୟକତା ଅନୁଭବ ହେଉନାହିଁ। ପରିବର୍ତ୍ତିତ ସମୟରେ ଏବେ ଜ୍ଞାନଦାନ୍ତ ଉଠିବା ଦେଖାଯାଉନାହିଁ। ତଥାପି ଅନେକ ସମୟରେ ଖାଦ୍ୟ ଖାଇବା ବେଳେ କଳପାଟିରେ ଥିବା ଜ୍ଞାନଦାନ୍ତରେ ଅଟକିଯାଇ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ, ଯାହାକୁ ସାଧାରଣତଃ ଦାନ୍ତ ପୋକ ଖାଇଯିବା କୁହାଯାଏ। ଏପରି ହେଲେ ରୋଗୀ ଅକଥନୀୟ ଯନ୍ତ୍ରଣା ଭୋଗିଥାଏ। ସ୍ଥଳ ବିଶେଷରେ ଦାନ୍ତକୁ ଉପାଡ଼ିବାକୁ ପଡ଼ିଥାଏ।

**ପାରାନାସାଲ ସାଇନସ୍:** ନାକର ଚତୁଃପାର୍ଶ୍ୱରେ ପାରାନାସାଲ ସାଇନସ୍ ଅବସ୍ଥିତ। ଶୀତଦିନେ ଏହି ଆଭ୍ୟନ୍ତରୀଣ ଅଙ୍ଗରେ ସଂକ୍ରମଣ ହେବା ଭୟ ଲାଗି ରହିଥାଏ। ଏହି ଅଙ୍ଗକୁ ନେଇ ବୈଜ୍ଞାନିକଙ୍କ ମଧ୍ୟରେ ଦ୍ୱିମତ ରହିଛି। କେତେଜଣ ଏହାକୁ ଅନାବଶ୍ୟକ କହୁଥିବାବେଳେ ଆଉ କେତେକ ଏହାକୁ ଜରୁରୀ ବୋଲି କହୁଛନ୍ତି। ସେମାନଙ୍କ ମତରେ ମୁହଁର ମାଂସପେଶୀଗୁଡ଼ିକର ସନ୍ତୁଳନ ରକ୍ଷା ଏବଂ ସ୍ପଷ୍ଟ ସ୍ୱର ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ଦାବି କରିଛନ୍ତି।

**ଟେଲବୋନ୍:** ମେରୁଦଣ୍ଡର ନିମ୍ନଭାଗରେ ଅବସ୍ଥିତ ଟେଲବୋନ୍। ଏହାର କାର୍ଯ୍ୟ ଏକପ୍ରକାର ଶେଷ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଆଦି ମାନବମାନଙ୍କ ମାଙ୍କଡ଼ ଭଳି ଲାଞ୍ଜ ରହିଥିଲା। ଏହା ସହାୟତାରେ ସେମାନେ ଗଛ ଚଢ଼ିବା ବେଳେ ସନ୍ତୁଳନ ବଜାୟ ରଖୁଥିଲେ। କ୍ରମବିକାଶ ପରେ ମଣିଷର ଲାଞ୍ଜ ବିଖଣ୍ଡିତ ହୋଇଯାଇଛି। ହେଲେ ଏହାର ଏକ ଅଂଶ ଟେଲବୋନ୍ ଭାବେ ଏବେ ବି ଶରୀର ମଧ୍ୟରେ ରହିଛି।

**ଅରିକ୍ୟୁଲର ମାଂସପେଶୀ:** କାନ ଚାରିପାଖରେ ରହିଛି ଅରିକ୍ୟୁଲର ମାଂସପେଶୀ। ସାଧାରଣତଃ ଜୀବଜନ୍ତୁଙ୍କ କାନରେ ଏହା ଏବେ ବି ଦେଖିବାକୁ ମିଳେ। ସେମାନେ ଏହାର ସହାୟତାରେ କାନକୁ ହଲାଇଥାଆନ୍ତି, ଯାହା ସେମାନଙ୍କୁ ଦୂରବର୍ତ୍ତୀ ଇଲାକାର ଶବ୍ଦ ଶୁଣିବା ସହ ଆସନ୍ନ ବିପଦରୁ ରକ୍ଷା କରିବାରେ ସହାୟତା କରିଥାଏ। ହେଲେ ମଣିଷ ପାଇଁ ଏହା କୌଣସି କାମରେ ଆସୁନାହିଁ।

## ବିଲେଇ ନେଉଛି ସ୍ପା



**ନୂଆଦିଲ୍ଲୀ:** କେହି କେହି ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ତ କେହି ନିଜକୁ ସୁସ୍ଥ ରଖିବା ଲାଗି ସ୍ପା ସେଣ୍ଟରକୁ ଯାଇଥାନ୍ତି। ଯୋଗ କିମ୍ବା ଏକ ଥେରାପି ଭଳି ଏବେ ଲୋକେ ସ୍ପା କରିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଲୋକଙ୍କ ଭଳି ବିଲେଇ ସ୍ପା ସେଣ୍ଟରରେ ଟ୍ରିଟମେଣ୍ଟ ନେଉଥିବା କେବେ ଶୁଣିଛନ୍ତି! ବୋଧହୁଏ ଏପରି କଥା କେହି କେବେ ଶୁଣି ନ ଥିବେ। କିନ୍ତୁ ସୋସିଆଲ ମିଡିଆରେ ଏବେ ଏଭଳି ଏକ ଭିଜୁଆଲ ଭାଇରାଲ ହେଉଛି, ଯେଉଁଥିରେ ଜଣେ ମଣିଷ ସହିତ ସମାନ ଢଙ୍ଗରେ ବିଲେଇ ମଧ୍ୟ ସ୍ପା ନେଉଛି। ଇନଷ୍ଟାଗ୍ରାମର 'ଡୋଣ୍ଟ ଷ୍ଟପ ମିଉଁଇଂ' ନାମକ ଏକ ପ୍ରୋଫାଇଲରେ ଏଭଳି ଏକ ଭିଜୁଆଲ ପ୍ରଥମେ ଶେୟାର କରାଯାଇଥିଲା। ଭିଜୁଆଲରେ ପ୍ରଥମେ ଜଣେ ବ୍ୟକ୍ତି ରୁମ୍ ଭିତରେ ସ୍ପା ନେଉଛି ଏବଂ ତାଙ୍କ ପାଖରେ ଏକ ବିଲେଇ ମଧ୍ୟ ସମାନ ଢଙ୍ଗରେ ସ୍ପା ନେଉଥିବାର ଦେଖିବାକୁ ମିଳୁଛି। ଏମିତି କି ମଣିଷଙ୍କ ଭଳି ପ୍ରତି ଷ୍ଟେପରେ ବିଲେଇର ଟ୍ରିଟ୍‌ମେଣ୍ଟ କରାଯାଉଛି। ସ୍ପା ଟ୍ରିଟ୍‌ମେଣ୍ଟ ଅନୁସାରେ କିଛି ସମୟ ପରେ ବିଲେଇଟି ଉଠି ଆସୁଥିବା ସମୟରେ ତା'ର ଦୁଇ ଆଖିରେ କାକୁଡି ଦିଆଯାଉଛି। ଏହାପରେ ବିଲେଇଟି ପୁଣି ପାଖରେ ଥିବା ବ୍ୟକ୍ତିଙ୍କ ଭଳି ଶୋଇ ରହୁଛି। ବିଲେଇଟିର ଏଭଳି ଢଙ୍ଗରେ ସ୍ପା ଟ୍ରିଟ୍‌ମେଣ୍ଟକୁ ନେଇ ହୋଇଥିବା ଏହି ଭିଜୁଆଲଟିକୁ ଦେଖିଲେ ଯେ କେହି ବି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯିବ। ଏଥିପାଇଁ ଭିଜୁଆଲଟି ଶେୟାର ହେବା ପରେ ଏବେ ଏହାକୁ ଏକ ଲକ୍ଷରୁ ଅଧିକ ଲୋକ ଲାଇକ୍ କରି ସାରିଛନ୍ତି ଏବଂ ହଜାର ହଜାର ସଂଖ୍ୟାରେ କମେଣ୍ଟ ମିଳି ସାରିଛି।




## ଏଲିଙ୍କ ସହ ରୋମାନ୍ସ କରିବେ ଆମିର

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଏଲି ଆବ୍ରମଙ୍କ ଭାଗ୍ୟ ଫିଟିଯାଇଛି। କାରଣ ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ୍ ଏଲିଙ୍କ ସହ ସ୍କ୍ରିନ ଶେୟାର କରିବେ। ସେଥିପାଇଁ ଏଲି ବହୁତ ଖୁସି। ଶନିବାର ହଠାତ୍ ଆମିରଙ୍କ ଏକ ପୋଷ୍ଟର ସାମ୍ନାକୁ ଆସିବା ପରେ ଏବେ ଚର୍ଚ୍ଚା ଯୋର ଧରିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏଲିଙ୍କ ପୋଷ୍ଟରରୁ ଜଣାପଡିଛି ଯେ ଆମିର ଏଥର ଏଲି ଆବ୍ରମଙ୍କ ସହ ରୋମାନ୍ସ କରିବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥିବା ଏହି ପୋଷ୍ଟରକୁ ଟି-ସିରିଜ ଏହାର ଇନଷ୍ଟାଗ୍ରାମ ୱାଲରେ ଶେୟାର କରିଛି। ଏହି ପୋଷ୍ଟରକୁ ଦେଖିବା ପରେ ସୋସିଆଲ ମିଡିଆ ଭ୍ୟୁୟର୍ସ ଖୁବ କମେଣ୍ଟ କରୁଛନ୍ତି। ଏହାସହ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା ରଖିଛନ୍ତି କେବେ ଏହା ରିଲଜ ହେବ। ଟି-ସିରିଜ ଏହାକୁ ଶେୟାର କରିବା ପରେ କ୍ୟାପଶନରେ ଲେଖିଛି 'ଚାରୋ ତରଫ ଫନ ହୈ' ଏହା ମାର୍ଚ୍ଚ ୧୦ରେ ରିଲିଜ ହେବ। ଏଥିରେ ଆମିରଙ୍କ ବନ୍ଧୁ ଅମିନ ହାଜି ଡାଇରେକ୍ଟର ଭାବେ ଡେବ୍ୟୁ କରୁଛନ୍ତି। ଭୂଷଣ କୁମାର ଏହାର ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି। କୁହାଯାଉଛି କି ଏହା ଏକ ସାଇକୋଥ୍ରୀଲର ଫିଲ୍ମ।

## ଦୁର୍ଲଭ ବତକ

**ଇଟାନଗର:** ଅରୁଣାଚଳ ପ୍ରଦେଶରେ ପଶ୍ଚିମ ୟୁରୋପ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ମାଣ୍ଡାରିନ ବତକ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଏକ ଭିଡିଓ ଶେୟାର କରି ସୂଚନା ଦେଇଛନ୍ତି। ନିଜେ ଏହି ବତକକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିବା କହିଛନ୍ତି। ମାଣ୍ଡାରିନ ବତକ ମୂଳ ପରିଚିଙ୍ଗ ପ୍ରଜାତିର। ଯାହା ଏହି ସପ୍ତାହରେ ଅରୁଣାଚଳ ପ୍ରଦେଶରେ ଦେଖିବାକୁ ମିଳିଛି। ଭିଡିଓଟିକୁ ମିନିଷ୍ଟ୍ରି ଅଫ ଏନ୍ଭାଏରନ୍ମେଣ୍ଟ, ଫରେଷ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ'ଟୁଇଟର ପେଜ୍ରେ ଶେୟାର କରାଯାଇଛି। ଏହା ପରେ ମୁଖ୍ୟମନ୍ତ୍ରୀ ଏହି ଭିଡିଓକୁ ପୋଷ୍ଟ କରି ଲେଖିଛନ୍ତି, ସେ ବହୁତ ଖୁସି। ବନବିଭାଗ ଏବଂ ସ୍ଥାନୀୟ ଲୋକ ଏମାନଙ୍କର ସଂରକ୍ଷଣ ପାଇଁ ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ବତଖର ଫଟୋ ଶେୟାର କରି କ୍ୟାପଶନ ଲେଖିଛନ୍ତି, ଏହା ଖୁବ ଭଲ ଏବଂ ଦେଖି ବହୁତ ଖୁସି ଅନୁଭବ କରୁଛି।



## ଗରିବଙ୍କ ଦେବଦୂତ ଭାଗ୍ୟଶ୍ରୀ



**ଭୋପାଳ:** ନାରୀମାନେ ସାହସିକତା ଦେଖାଇ ସମାଜରେ ଭିନ୍ନତା ପ୍ରତିପାଦନ କରିପାରନ୍ତି। ଆଉ ସେମାନେ ସକ୍ଷମ ହେବା ସହିତ ଏକ ବିରାଟ ପରିବର୍ତ୍ତନର ସୂତ୍ରଧର ହୋଇପାରନ୍ତି। ଠିକ୍ ଏମିତି ଜଣେ ମହିଳା ହେଉଛନ୍ତି ଭାଗ୍ୟଶ୍ରୀ। ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେ ଏବେ ନିଜକୁ ବାଜି ଲଗାଇ ଦେଉଛନ୍ତି।

ଇନ୍ଦୋର ସହରର ରୁହନ୍ତି ସାମାଜିକ କର୍ମୀ ଭାଗ୍ୟଶ୍ରୀ ଖର୍ଖାଡିଆ। ବାସହରା ଗରିବ ଓ ଅସହାୟ ମଣିଷଙ୍କ ପାଇଁ ସେ ଦେବଦୂତ ଭଳି କାମ କରୁଛନ୍ତି। ଅସହାୟ ଲୋକଙ୍କୁ ପୁନଃ ଥଇଥାନ କରିବା ସହ ସେମାନଙ୍କ ଭଲମନ୍ଦ ବୁଝି ବଞ୍ଚିବାର ଭିନ୍ନ ମାର୍ଗ ଦେଖାଇ ପାରୁଛନ୍ତି। ଖାଲି ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ଥିବା ପରିତ୍ୟକ୍ତ ମୃତଦେହ ମଧ୍ୟ ସେ ସଂସ୍କାର କରିବା ପାଇଁ ଆଗେଇ ଆସୁଛନ୍ତି। ଜଣେ ମହିଳା ହୋଇ ଏଭଳି ମହନୀୟ କାମ କରି ଏବେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

ଭାଗ୍ୟଶ୍ରୀ ଏବେ ଆର୍କିଓଲୋଜିରେ ପିଏଚ.ଡି ଡିଗ୍ରୀ କରୁଛନ୍ତି। ତା' ସହିତ ସମାଜସେବାରେ ନିଜକୁ ନିୟୋଜିତ କରି ଉଦାର ହୃଦୟର ପରିଚୟ ଦେଇପାରିଛନ୍ତି। ଭାଗ୍ୟଶ୍ରୀ କୁହନ୍ତି, ଏଭଳି କାମ କରିବା ପାଇଁ ସେ ଇନ୍ଦୋରର ଫାଦର ଟେରେସା କୁହାଯାଉଥିବା ଅମରଜିତ୍ ସିଂହଙ୍କଠାରୁ ପ୍ରଥମେ ପ୍ରେରଣା ପାଇଥିଲେ। ଏବେ ସେ ନାହାନ୍ତି ସତ, କିନ୍ତୁ ତାଙ୍କ ଆଦର୍ଶପଥରେ ସେ ଚାଲୁଛନ୍ତି। ଗରିବ ଓ ଅସହାୟ ଲୋକଙ୍କୁ ଥଇଥାନ କରିବା, ସେମାନଙ୍କ ଚିକିତ୍ସା ଏପରିକି ଅସହାୟ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମରଶରୀରକୁ ଦାହ ସଂସ୍କାର ମଧ୍ୟ କରୁଛନ୍ତି। ଏଭଳି କାମ କରିବା ପାଇଁ ବାପା ବ୍ରଜମୋହନ ଲୋଡେଟ୍ରିୟା ଏବଂ ସ୍ୱାମୀ ନବୀନ ଖର୍ଖାଡିଆ ସବୁବେଳେ ସହଯୋଗ କରୁଛନ୍ତି। ଫଳରେ କରୋନା ଜନିତ ଲକ୍‌ଡାଉନ୍ ସମୟରେ ସେ ବହୁ ଲୋକଙ୍କର ସେବା କରିପାରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମହିଳାଙ୍କୁ ଉପହାର ଦେଲେ ନୀତା



**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରିଲାଏନ୍ସ ଫାଉଣ୍ଡେସନର ଚେୟାରମ୍ୟାନ ନୀତା ଅମ୍ବାନୀ ମହିଳାମାନଙ୍କ ପାଇଁ ଏକ ଡିଜିଟାଲ ପ୍ଲାଟଫର୍ମ 'ହର୍ ସର୍କଲ' ଆରମ୍ଭ କରିଛନ୍ତି। ଏଥିରେ ମହିଳାଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହେବ। ଏହି ଡିଜିଟାଲ ପ୍ଲାଟଫର୍ମକୁ ଉନ୍ମୋଚନ କରି ନୀତା କହିଛନ୍ତି, ଯେତେବେଳେ ମହିଳାମାନେ ନିଜର ଯତ୍ନ ନିଅନ୍ତି ସେତେବେଳେ ଏହା ଅବିଶ୍ୱସନୀୟ ଲାଗେ। ସେ ନିଜେ ଶକ୍ତିଶାଳୀ ମହିଳାମାନଙ୍କ ମଧ୍ୟରେ ରହିଆସିଛି। ଏହାଦ୍ୱାରା ଅନେକ ସକାରାତ୍ମକ କଥା ଶିଖିଛନ୍ତି ଅନ୍ୟମାନଙ୍କୁ ପ୍ରେରଣା ଦେବାକୁ ଚେଷ୍ଟା କରୁଛନ୍ତି। ୨୪ ଘଣ୍ଟିଆ ଗ୍ଲୋବାଲ ନେଟୱାର୍କିଂ, ଡିଜିଟାଲ ବିପ୍ଳବ ଏବଂ ସମସ୍ତଙ୍କ ସାହାଯ୍ୟରେ, 'ହର୍ ସର୍କଲ' ସମସ୍ତ ସଂସ୍କୃତି, ସମ୍ପ୍ରଦାୟ, ଦେଶର ମହିଳାଙ୍କ ଧାରଣା ଏବଂ ପଦକ୍ଷେପକୁ ସ୍ୱାଗତ କରିବ। ପ୍ଲାଟଫର୍ମରେ ରିଲାଏନ୍ସର ବିଶେଷଜ୍ଞ ପ୍ୟାନେଲ ମହିଳାମାନଙ୍କୁ ସ୍ୱାସ୍ଥ୍ୟ, କଲ୍ୟାଣ, ଶିକ୍ଷା, ଉଦ୍ୟୋଗୀତା, ଅର୍ଥ, ଏବଂ ନେତୃତ୍ୱ ଉପରେ ମାଗଣା ପରାମର୍ଶ ପ୍ରଦାନ କରିବେ। ଫିଟନେସ, ଗର୍ଭଧାରଣ ଏବଂ ପିତାମାତା ସମ୍ବନ୍ଧୀୟ ସୂଚନା ମଧ୍ୟ ଏହି ପ୍ଲାଟଫର୍ମରେ ଉପଲବ୍ଧ ହେବ। ମହିଳାମାନଙ୍କୁ ସେମାନଙ୍କ ସଫଳତା-ସଂଗ୍ରାମର କାହାଣୀ ବାଣ୍ଟିବାକୁ ଗୁରୁତ୍ୱ ଦେବ।

## ବୁର୍ଖା ଉପରେ କଟକଣା

**ଜୁରିଚ:** ସ୍ୱିଜରଲାଣ୍ଡରେ ବୁର୍ଖା ପିନ୍ଧିବା ନେଇ କଟକଣା ଲଗାଯିବାକୁ ହୋଇଥିବା ଜନମତ ସଂଗ୍ରହରେ ୫୧ ପ୍ରତିଶତ ସହମତି ମିଳିଛି। ସର୍ବସାଧାରଣ ସ୍ଥଳରେ ବୁର୍ଖା ପିନ୍ଧିବା କିମ୍ବା ମୁହଁକୁ ଢାଙ୍କିବା ବିରୋଧରେ ରବିବାର ଜନମତ ସଂଗ୍ରହ କରାଯାଇଥିଲା। ଏହି ଆଧାରରେ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। କିଛି ଦିନ ତଳେ ଫ୍ରାନ୍ସରେ ବୁର୍ଖା ପିନ୍ଧିବା ଉପରେ ପ୍ରତିବନ୍ଧକ ଲଗା ଯାଇଥିଲା। ପୂର୍ବରୁ ବେଲଜିୟମ ଏବଂ ଅଷ୍ଟ୍ରିଆରେ ମଧ୍ୟ ଏଭଳି କଟକଣା ଜାରି ହୋଇଛି। ସ୍ୱିଜରଲାଣ୍ଡରେ ହୋଇଥିବା ଜନମତରେ ୫୦.୮ ପ୍ରତିଶତ ଲୋକ ଅଂଶଗ୍ରହଣ କରିଥିଲେ। ୧,୪୨୬,୯୯୨ ଜଣ କଟକଣା ସପକ୍ଷରେ ଏବଂ ୧,୩୫୯,୬୨୧ ଜଣ ଏହାର ବିରୋଧରେ ମତ ଦେଇଥିଲେ।

ମନେ ପଡ଼ନ୍ତି
ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ଇଂ. ରମେଶ ଚନ୍ଦ୍ର ମହାପାତ୍ର
ପୂର୍ବତନ ମୁଖ୍ୟଯନ୍ତ୍ରୀ ଜାତୀୟ ରାଜପଥ
କାନନବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ।
ଧ-୨୦୧୮୨



**କେତେକ ମହିଳା ଅଛନ୍ତି ଦିନବେଳେ ତ୍ୱଚାର ଯତ୍ନ ନିଅନ୍ତି କିନ୍ତୁ ରାତିରେ ତ୍ୱଚା ପ୍ରତି ଧ୍ୟାନ ଦିଅନ୍ତି ନାହିଁ କିନ୍ତୁ ପ୍ରତିଦିନ ଶୋଇବା ପୂର୍ବରୁ ତ୍ୱଚା ପାଇଁ କିଛି ସମୟ ନିଶ୍ଚୟ ବାହାର କରନ୍ତୁ...**

# ନାଇଟ୍ କେୟାର ରୁଟିନ୍

ସୌନ୍ଦର୍ଯ୍ୟ

➤ଦିନସାରାର ମେକଅପ୍ ପରେ ଶରୀର ଭଳି ତ୍ୱଚା ବି ରାତି ବେଳକୁ ଥକି ଯାଇଥାଏ। ତେଣୁ ରାତିରେ ଶୋଇବା ପୂର୍ବରୁ ତ୍ୱଚାର ଯତ୍ନ ନେବା ନିହାତି ଦରକାର। ଫଳରେ ତ୍ୱଚା ଅଧିକ ଗ୍ଲୋ କରିବ।

➤ନାଇଟ୍ କେୟାର ରୁଟିନ୍ ଅନୁସାରେ ସର୍ବପ୍ରଥମେ ତ୍ୱଚାରେ ଥିବା ମେକଅପ୍‌କୁ ଛଡାନ୍ତୁ। ଏହାପରେ ତ୍ୱଚାକୁ ଭଲଭାବେ ଧୋଇ ଦିଅନ୍ତୁ।

➤ତ୍ୱଚାରୁ ମେକଅପ୍ ଛଡାଇବା ପରେ ନିଜ ପସନ୍ଦର ଟୋନର ଲଗାନ୍ତୁ। ଯଦି କେମିକାଲ୍ ଥିବା ଟୋନର ଲଗାଇବାକୁ ଚାହୁଁ ନାହାନ୍ତି ତେବେ ଗୋଲାପ ଜଳ ଲଗାନ୍ତୁ।

➤ତ୍ୱଚା ବିଶେଷଜ୍ଞଙ୍କ ଅନୁସାରେ ରାତିରେ ବ୍ୟୁଟି କ୍ରିମ୍ ନିଶ୍ଚୟ ଲଗାନ୍ତୁ। ଏହାଫଳରେ ତ୍ୱଚାର ଥକ୍କାପଣ ଦୂର ହୋଇଯାଇଥାଏ ଏବଂ ସକାଳୁ ଉଠିବା ବେଳକୁ ଫ୍ରେଶ୍ ଲାଗିବ।

➤ଶୋଇବା ପୂର୍ବରୁ ନିଜ ହାତରେ କିଛି ସମୟ ତ୍ୱଚାର ମସାଜ୍ କରନ୍ତୁ। ଫଳରେ ରକ୍ତ ସଞ୍ଚାଳନ ଠିକ୍ ରହିବ ଏବଂ ତ୍ୱଚାର ଚମକ ବୃଦ୍ଧି ହେବ।



**ବିବାହ ପରେ ନାରୀ ଜୀବନରେ ଆସିଥାଏ ଅନେକ କିଛି ପରିବର୍ତ୍ତନ। ପରିବର୍ତ୍ତିତ ସମୟ ସହ କେତେଜଣ ସାଲିସ କରି ନିଅନ୍ତି ତ ଆଉ କେତେଜଣ ନିଜେ ଗଢିଥିବା କ୍ୟାରିୟରକୁ ବାଛନ୍ତି କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ଜୀବନସାଥୀଙ୍କ ପ୍ରେରଣାରେ ନୂଆ କରି ଆରମ୍ଭ କରନ୍ତି କ୍ୟାରିୟର...**

# ବିବାହ ପରେ କ୍ୟାରିୟର







ଗୋଟିଏ ପଟେ ଶୈଶବରୁ ଯୌବନ ମଧ୍ୟରେ ଭବିଷ୍ୟତର ଯୋଜନା ତ ଅନ୍ୟ ପଟେ ଭାଗ୍ୟକୁ ଅପେକ୍ଷା। ଅର୍ଥାତ ବିବାହର ପୂର୍ବ ପର ଦୁଇ ଅବସ୍ଥାରେ ବହୁତ କିଛି ପରିବର୍ତ୍ତନ ଆସେ ନାରୀ ଜୀବନରେ। ହେଲେ ଆଧୁନିକ ନାରୀ ଆଜି ବିବାହ ଆଗରୁ ପ୍ରଥମେ ନିଜ ଗୋଡରେ ଛିଡା ହେବାକୁ ପସନ୍ଦ କରୁଛି। କିନ୍ତୁ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ପରିବର୍ତ୍ତନକୁ ସ୍ୱୀକାର କରି ତା'ପରେ ଆରମ୍ଭ କରନ୍ତି କ୍ୟାରିୟର।

ଏକ ବିଚିତ୍ର ଲକ୍ଷ୍ୟ ନେଇ ଜୀବନ ଆରମ୍ଭ କରେ ନାରୀଟିଏ। ପ୍ରଥମେ ସମସ୍ତଙ୍କ ଭଳି ଧୂଳିଖେଳରୁ ଆରମ୍ଭ କରି ପାଠ ପଢି ନିଜକୁ ଯୋଗ୍ୟ କରି ଗଢି ତୋଳିବାକୁ ଭରପୂର ପ୍ରୟାସ କରେ। ଆଉ ପରିବାରର ସହଯୋଗରେ ସେ ଢେର୍ ବାଟ ଆଗେଇ ଯାଏ। କିନ୍ତୁ ଝିଅଟିଏ ଯେ ଦିନେ ବିବାହ କରି ଅନ୍ୟ ଏକ ପରିବାରର ସଦସ୍ୟ ହେବ ଏକଥାକୁ ବାରମ୍ବାର ତାକୁ ମନେ ପକେଇବାକୁ ହୁଏ। ଯୌବନ ଅବସ୍ଥା ଆସିଲେ କ୍ୟାରିୟର ଗଢା ହୋଇଥାଉ କି ନାହିଁ ବିବାହ ଖୋଜା ଆରମ୍ଭ ହୁଏ।

**କ୍ୟାରିୟର ପ୍ରାଥମିକତା:** ଆଜିକାଲିର ଉଚ୍ଚଶିକ୍ଷିତା ଝିଅମାନେ ପ୍ରଥମେ ଚାକିରି କରି ନିଜ ଗୋଡରେ ନିଜେ ଛିଡା ହେବା ପାଇଁ ଉଦ୍ୟମ କରୁଛନ୍ତି। ଏଥିପାଇଁ ଚାକିରି ଲକ୍ଷ୍ୟରେ ହିଁ ବିଭିନ୍ନ ପ୍ରକାରର ପାଠ ପଢୁଛନ୍ତି। ବିବାହ ହେଉ କି ନ ହେଉ କିନ୍ତୁ କ୍ୟାରିୟର କରି ଚାକିରି କରିବା ସବୁ ଝିଅଙ୍କ ପ୍ରାଥମିକତା ହେଉଛି। ଅବଶ୍ୟ କେତେଜଣ ବିଭିନ୍ନ କାରଣରୁ ବିବାହ ପୂର୍ବରୁ ଚାକିରି କରି ପାରି ନ ଥାନ୍ତି କିନ୍ତୁ ଚାକିରି କରିବା ନିମନ୍ତେ ଯୋଗ୍ୟତା ନିଶ୍ଚୟ ହାସଲ କରିଥାନ୍ତି।

**ସବୁବେଳେ ସମ୍ମତି ମିଳେନି:** ଝିଅମାନେ ଏବେ ସବୁକ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରୁଛନ୍ତି। ତେଣୁ କେତେଜଣ ଏମିତି କିଛି କ୍ୟାରିୟର ବାଛୁଛନ୍ତି ଯେଉଁଥିପାଇଁ ସେମାନଙ୍କୁ ଘର ଛାଡି ଦୂରକୁ ଯିବାକୁ ପଡୁଛି। ତେଣୁ ଅନେକ ସମୟରେ ପରିବାର ଲୋକେ ଝିଅମାନଙ୍କୁ ଘର ଠାରୁ ଦୂରକୁ ଛାଡିବା ପାଇଁ ରାଜି ହୁଅନ୍ତି ନାହିଁ। ସେହି କାରଣରୁ କିଛି ଯୁବତୀ ବିବାହ ପୂର୍ବରୁ ଚାକିରି ବି କରି ପାରି ନ ଥାନ୍ତି।

**ଊଣା ହୁଏ ସମ୍ମାନ:** ବେଳେବେଳେ ଝିଅକୁ ପାଠ ପଢାଇ ସମ୍ପୂର୍ଣ୍ଣ ଯୋଗ୍ୟ କରିବାକୁ ସବୁ ପ୍ରକାରର ସହଯୋଗ କରିଥାନ୍ତି ପରିବାର ଲୋକେ। କିନ୍ତୁ ଚାକିରି କରିବା ସମୟ ଆସିଲେ ସେମାନେ ପ୍ରତିବନ୍ଧକ ସାଜିଥାନ୍ତି। ଝିଅମାନେ ଚାକିରି କରି ରୋଜଗାର କରିବାକୁ ଅନେକେ ସମ୍ମାନରେ ଆଞ୍ଚ ଆସିବା ଭଳି ମନେ କରିଥାନ୍ତି। ଏହି କାରଣରୁ ବି ବିବାହ ପୂର୍ବରୁ ଚାକିରି କରିବାର ସୁଯୋଗ ପାଆନ୍ତି ନାହିଁ କିଛି ଯୁବତୀ।

**ଶାଶୁଘର କେଉଁଠି:** ବିବାହ ପରେ ଝିଅ ଶାଶୁଘର କେଉଁଠି ହେବ ସେକଥା ଅନେକଙ୍କୁ ଜଣା ନ ଥାଏ। ତେଣୁ ବିବାହ ପରେ ଅନେକ ସମୟରେ ଝିଅମାନଙ୍କୁ ଚାକିରି ଛାଡିବାକୁ ପଡିଥାଏ। କିନ୍ତୁ ବେଳେବେଳେ ଭଲ ଚାକିରି ଛାଡି ହୁଏନି କି ଭଲ ବିବାହ ପ୍ରସ୍ତାବକୁ ବି ଛାଡିହୁଏନି। ତେଣୁ ଏଭଳି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କେତେକ ପରିବାରରେ ଝିଅମାନଙ୍କୁ ବିବାହ ପୂର୍ବରୁ ଚାକିରି କରିବା ପାଇଁ ପ୍ରାୟତଃ ମନା କରିଥାନ୍ତି।

## ଏମାନେ କ'ଣ କହନ୍ତି



### ଘରେ ମନା କରିଥିଲେ

ଇକୋନୋମିକ୍ସରେ ପିଜି ସରିବା ପରେ ମତେ ଚାକିରି କରିବାର ବହୁତ ସୁଯୋଗ ମିଳିଥିଲା। କିନ୍ତୁ ସେତେବେଳେ ବିବାହ ହୋଇ ନ ଥିବାରୁ ଘରେ ଚାକିରି କରିବାକୁ ମନା କରିଥିଲେ। ଆଉ ବାପାଙ୍କ କଥା ଅନୁସାରେ ସେତେବେଳେ ମୁଁ ଏମ୍. ଫିଲ୍ କରିବା ପରେ ବି ଚାକିରି କରି ନ ଥିଲି। କିନ୍ତୁ ବିବାହ ପରେ ଚାକିରି କରିବା ପାଇଁ ମୋ ସ୍ୱାମୀ ହିଁ ମତେ ପ୍ରଥମେ ପ୍ରେରଣା ଦେଇଥିଲେ। ତା'ପରେ ସେ ମତେ ଭୁବନେଶ୍ୱରରେ ପିଏଚ.ଡି କରିବାର ସୁଯୋଗ ଦେବା ସହିତ ବିଭିନ୍ନ ଇଣ୍ଟରଭ୍ୟୁ ଦେବା ପାଇଁ ସହଯୋଗ କରିଥିଲେ। ତାଙ୍କ ସମର୍ଥନ ଆଉ ସହଯୋଗରେ ଏବେ ମୁଁ ପିଏଚ୍.ଡି ଶେଷ କରିବା ସହ ଅଧ୍ୟାପିକା ହୋଇପାରିଛି।

***–ଡକ୍ଟର ଦୀପ୍ତିରେଖା ନାୟକ***

*ସହକାରୀ ଅଧ୍ୟାପିକା, ବିପିୟୁଟି ଅଧୀନସ୍ଥ ଏନ୍ଏମ୍ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର*



### କ୍ୟାରିୟର ଗଢ଼ିପାରିଛି

ଚାକିରି କରିବା ଉଦ୍ଦେଶ୍ୟରେ ମତେ ଘରେ ପାଠ ପଢ଼ିବା ପାଇଁ ସବୁ ପ୍ରକାରର ସୁଯୋଗ ଦେଇଥିଲେ। କିନ୍ତୁ ଶାଶୁଘର ଲୋକେ ଅନୁମତି ଦେଲେ ଚାକିରି କରିବୁ କହି ବିବାହ ଆଗରୁ ଚାକିରି କରିବାକୁ ଦେଇ ନ ଥିଲେ। ଅବଶ୍ୟ ମୋର ଭାଗ୍ୟ ବହୁତ ଭଲ ଯେ ଶାଶୁ ଘରେ ମତେ ଚାକିରି କରିବାକୁ କେହି ବି ବାରଣ କରି ନ ଥିଲେ। ସ୍ୱାମୀ ତଥା ଶାଶୁ ଶ୍ୱଶୁରଙ୍କ ସମର୍ଥନରେ ମୁଁ ଏବେ ମୋ କ୍ୟାରିୟର ଗଢ଼ିବାର ସ୍ୱପ୍ନ ପୂରଣ କରିପାରିଛି।

***–ସାଇପଦ୍ମା ପରିଜା,*** *ଅଧ୍ୟାପିକା, କୋରୁଆ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା*



### ସମସ୍ତଙ୍କର ସହଯୋଗ ମିଳିଲା

ପାଠ ପଢା ସରିବା ପରେ ପରେ ମୋର ବିବାହ ହୋଇ ଯାଇଥିଲା। ତେଣୁ ଚାକିରି କରିବାର ସୁଯୋଗ ପାଇ ପାରି ନ ଥିଲି। କିନ୍ତୁ ବିବାହ ପରେ ମତେ ଶାଶୁଘରର ସମସ୍ତେ ଚାକିରି କରିବା ପାଇଁ ଉତ୍ସାହିତ କରିଥିଲେ। ମୋର ଶିକ୍ଷାଗତ ଯୋଗ୍ୟତା ଥିବାରୁ ମୋ ସ୍ୱାମୀ ମତେ ଚାକିରି କରିବା ପାଇଁ ସମସ୍ତ ପ୍ରକାରର ସହଯୋଗ କରିଥିଲେ। ସେଥିପାଇଁ ମୁଁ ଆଜି ଆତ୍ମନିର୍ଭରଶୀଳ ହେବା ସହିତ ନିଜର ଏକ ପରିଚୟ ସୃଷ୍ଟି କରିପାରିଛି।

***–ରାଜଶ୍ରୀ ଧଳ, ସେଲ୍ସ କନ୍‌ସଲଟାଣ୍ଟ, ଟାଟା ମୋଟର୍ସ***

# ଫ୍ୟାଶନ ଟିପ୍ସ

**ଋତୁ ଅନୁସାରେ ସବୁବେଳେ ଫ୍ୟାଶନ ଟ୍ରେଣ୍ଡ ବି ବଦଳିଥାଏ। ଏବେ ଖରାଦିନ ଆସିଯାଉଥିବାରୁ ଫ୍ୟାଶନ ଟ୍ରେଣ୍ଡରେ ଅପଡେଟ୍ ରହିବା ପାଇଁ ଜାଣି ରଖନ୍ତୁ କିଛି ଟିପ୍ସ..**





➥ସମର ଫ୍ୟାଶନରେ ଫ୍ଲୋରାଲ ପ୍ରିଣ୍ଟର ଚାହିଦା ବହୁତ ରହିଥାଏ। ତେଣୁ ବାହାରକୁ ଯାଉଥିଲେ କିମ୍ବା କୌଣସି ଟ୍ରିପରେ ଯାଉଥିଲେ ଆଖି ବନ୍ଦ କରି ଯେକୌଣସି ପ୍ରକାରର ଫ୍ଲୋରାଲ ପ୍ରିଣ୍ଟ ପିନ୍ଧନ୍ତୁ, ଷ୍ଟାଇଲିସ୍ ଦେଖାଯିବେ।

➥ଫ୍ଲୋରାଲ ପ୍ରିଣ୍ଟ ସହିତ ନାଚୁରାଲ ବେବି ହେୟାର ଷ୍ଟାଇଲ୍ କରନ୍ତୁ ଭଲ ଲାଗିବ।

➥ସ୍କର୍ଟ ଏବଂ ପ୍ଲାଜୋ ମଧ୍ୟ ଏହି ସିଜନରେ ବେଶ୍ ଭଲ ମାନିବ। ତେଣୁ ଯେକୌଣସି ପ୍ରକାରର ଟପ୍ ସହିତ ସ୍କର୍ଟ କିମ୍ବା ପ୍ଲାଜୋ ପିନ୍ଧନ୍ତୁ।

➥ଯେକୌଣସି ଡ୍ରେସରେ ଷ୍ଟାଇଲିସ୍ ଦେଖାଯିବା ପାଇଁ ହେଲେ ଡ୍ରେସ ଉପରେ ଛୋଟ ଜ୍ୟାକେଟ୍ ପିନ୍ଧନ୍ତୁ। ଷ୍ଟାଇଲିସ୍ ଲାଗିବେ।

➥ଟ୍ରାଡିଶନାଲ ଫଙ୍କ୍‌ସନ୍ ହେଉ କି ଇଭେଣ୍ଟ ହେଉ ଫ୍ୟାଶନ ଟ୍ରେଣ୍ଡରେ ଶାଢି ସବୁଠୁ ଭଲ ଅପସନ୍। ଏହି ଫ୍ୟାଶନ କେବେ ପୁରୁଣା ହୁଏନି। ତେଣୁ କେବେକେବେ ଶାଢି ସହିତ ହେଭି ଜୁଏଲେରି ମେକଅପ୍ ନିଅନ୍ତୁ, ପରଫେକ୍ଟ ଲୁକ୍ ମିଳିବ।

➥ଯଦି ସିମ୍ପଲ ଡିଜାଇନ୍ ଡ୍ରେସ ପିନ୍ଧୁଛନ୍ତି ତେବେ ସେହିଭଳି ଟ୍ରାଡିଶନାଲ ହେୟାର ଷ୍ଟାଇଲ୍ କରନ୍ତୁ।

**ଖାଦ୍ୟ ରୁଚି**

# ପନିର ପକୋଡ଼ା



**ଆବଶ୍ୟକ ସାମଗ୍ରୀ–**

ପନିର– ୨୦୦ ଗ୍ରାମ୍, ଧଳା ରାଶି– ୪ ବଡ଼ ଚାମଚ, ମଇଦା– ୪ ବଡ଼ ଚାମଚ, ରସୁଣ– ୫–୭ଟି, ଅଦା– ଛୋଟ ଖଣ୍ଡ, କଞ୍ଚାଲଙ୍କା– ୨ଟି, ଗରମ ମସଲା ଗୁଣ୍ଡ– ୧ ଚାମଚ, ଚାଟ ମସଲା ଗୁଣ୍ଡ– ୧ ଚାମଚ, ବ୍ରେଡ ଖଣ୍ଡ– ୧ କପ୍, ଚାଉଳ ଗୁଣ୍ଡ– ୨ ବଡ଼ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ଲଙ୍କାଗୁଣ୍ଡ, ଆବଶ୍ୟକ ଅନୁସାରେ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ପନିରକୁ ବଡ଼ ବଡ଼ ଖଣ୍ଡ କରି କାଟି ଦିଅନ୍ତୁ। ରସୁଣ ଓ ଅଦାକୁ ମଧ୍ୟ ଛୋଟ ଛୋଟ କରି କାଟି ରଖନ୍ତୁ। ମଇଦାରେ ଲୁଣ ଏବଂ ଅନ୍ୟ ସମସ୍ତ ପ୍ରକାରର ମସଲା ଗୁଣ୍ଡକୁ ମିଶାଇ ଏକ ଘୋଳ ତିଆରି କରି ଦିଅନ୍ତୁ। ଘୋଳକୁ ବେଶି ପତଳା କରନ୍ତୁ ନାହିଁ। ପନିର ଖଣ୍ଡଗୁଡ଼ିକୁ ଏହି ଘୋଳରେ ପକାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଚାଉଳ ଗୁଣ୍ଡ, ବ୍ରେଡ ଖଣ୍ଡ ଏବଂ ଲୁଣକୁ ମିଶାଇ ରଖନ୍ତୁ। ଏବେ ପନିର ଖଣ୍ଡଗୁଡିକୁ ସେହି ଘୋଳରୁ ବାହାର କରି ଏହି ଶୁଖିଲା ମିଶ୍ରଣରେ ଗଡାଇ ତେଲରେ ଛାଣି ନିଅନ୍ତୁ। ବାଦାମୀ ରଙ୍ଗ ହେଲା ପରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ପନିର ପକୋଡା। ଏହାକୁ ଗରମ ଗରମ ସସ୍ ସହିତ ଖାଆନ୍ତୁ।

**ଗାର୍ଡେନିଂ କରିବା ପାଇଁ ଅଧିକାଂଶ ମହିଳାଙ୍କୁ ଭଲ ଲାଗିଥାଏ। ସେଥିପାଇଁ କିଏ କିଚେନ୍ ଗାର୍ଡେନ କରନ୍ତି ତ କିଏ ବିଭିନ୍ନ ପ୍ରକାରର ଫୁଲ ଗଛ ସବୁ ଲଗାଇଥାନ୍ତି। ତେବେ ବାଡିବଗିଚା କିମ୍ବା କୁଣ୍ଡରେ ଗଛ ଲଗାଇଥିଲେ ସେସବୁର କିଭଳି ଯତ୍ନ ନେବେ ସେନେଇ ଜାଣି ରଖନ୍ତୁ...**

# ଗାର୍ଡେନିଂ କରୁଥିଲେ...



➔ଘରେ ଯେକୌଣସି ଗଛ ଲଗାନ୍ତୁ ସେଥିରେ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କରନ୍ତୁ।

➔ଘରେ ତିଆରି ହୋଇ ସାରିବା ପରେ ଫିଙ୍ଗା ହେଉଥିବା ଚା' ପତି ଏକ ଭଲ ଜୈବିକ ସାରଭାବେ କାମ ଦେଇଥାଏ। ତେଣୁ ଚା' ସରିବା ପରେ ଚା'ପତିକୁ ଶୁଖାଇ ତାକୁ ଗଛ ମୂଳରେ ଦିଅନ୍ତୁ।

➔ବିଭିନ୍ନ ପ୍ରକାରର ପରିବା ଚୋପାକୁ ମଧ୍ୟ ସାର ତିଆରି କରି ଗଛ ମୂଳରେ ଦେଇପାରିବେ।

➔ପିଆଜ ଚୋପାକୁ ଆପଣ କୀଟନାଶକଭାବେ ବ୍ୟବହାର କରିପାରିବେ। ଏଥିପାଇଁ ଏକ ବୋତଲରେ ପାଣି ସହିତ ପିଆଜ ଚୋପାକୁ ପକାଇ ତିନି ଦିନ ରଖି ଦିଅନ୍ତୁ। ଏହାପରେ ଏହି ପାଣିକୁ ବାହାର କରି ଗଛରେ ସ୍ପ୍ରେ କରନ୍ତୁ। ଗଛରେ ପୋକ ଲାଗିବେ ନାହିଁ।

➔ଗଛର ବୃଦ୍ଧି ଅନୁସାରେ ସେସବୁକୁ ଉପଯୁକ୍ତ ସ୍ଥାନରେ ଲଗାନ୍ତୁ। ଯଦି ବଡ ଗଛକୁ ଛୋଟ କୁଣ୍ଡରେ ଲଗାଇବେ ତେବେ ତାହା ଠିକ୍ ଭାବେ ବଢି ପାରିବ ନାହିଁ। ତେଣୁ ଗଛକୁ ଏକ ସ୍ପେଶ୍ ଦିଅନ୍ତୁ।

➔ବେଳେବେଳେ ଭିଟାମିନ୍ କିମ୍ବା କ୍ୟାଲସିୟମ୍ ଭଳି ଔଷଧ ଅଧିକ ଦିନ ରହିବା ଫଳରେ ତାହା ଏକ୍ସପାୟାର ହୋଇଯାଏ। ଏହି ସବୁ ଔଷଧକୁ ଡଷ୍ଟବିନରେ ଫିଙ୍ଗନ୍ତୁ ନାହିଁ, ବରଂ ଏହାକୁ ସିଧାସଳଖ ଗଛ ଲଗାଇଥିବା କୁଣ୍ଡରେ ପକାଇ ଦିଅନ୍ତୁ। ଏହା ଫଳରେ ଗଛର ଭଲ ଗ୍ରୋଥ ହେବା ସହିତ ଗଛରେ ପୋକ ଲାଗିବେ ନାହିଁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ମାର୍ଚ୍ଚ ୯/୨୦୨୧ Dhenkanal, Tuesday, March 9/ 2021


# ସ୍ୱସ୍ତି ସିଂଙ୍କୁ ସ୍ୱର୍ଣ୍ଣପଦକ

ଜାତୀୟ ସିନିୟର ରୋଡ୍ ରେସ୍ ସାଇକ୍ଲିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୮।୩ (କ୍ରୀଡ଼ା ପ୍ରତିନିଧି)

ସାଇକ୍ଲିଂ ପ୍ରତିଭା ସ୍ୱସ୍ତି ସିଂ ନିଜ ପ୍ରଦର୍ଶନ ମାଧ୍ୟମରେ ପୁଣି ଓଡ଼ିଶାକୁ ଗର୍ବିତ କରିଛନ୍ତି। ମହାରାଷ୍ଟ୍ରର ନଭି ମୁମ୍ବାଇରେ ୫ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ୨୫ତମ ଜାତୀୟ ସିନିୟର, ଏଲିଟ, ଜୁନିୟର ଓ ୟୁଥ୍ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ମହିଳା ୬୦ କିଲୋମିଟର ରେସ୍‌ରେ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ୱସ୍ତି ୧୯ ବର୍ଷରୁ କମ୍ ହୋଇଥିଲେ ହେଁ ସିନିୟର ବିଭାଗରେ ରେସ୍ କରି ସଫଳତା ପାଇଥିଲେ। ସେ ୦୨:୦୦:୨୫.୪୬୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କର୍ନାଟକର ଦନାମ୍ମା ଚିଚାଖଣ୍ଡି ରୌପ୍ୟ ଏବଂ ଆରଏସ୍‌ପିବିର କୋମଲ ଦେଶମୁଖ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରେସ୍ ପ୍ରକୃତରେ ୧୦୦ କିଲୋମିଟର ବିଶିଷ୍ଟ ଥିଲା। ମାତ୍ର ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହାକୁ ୬୦ କିମି ବିଶିଷ୍ଟ କରାଯାଇଥିଲା। ସ୍ୱସ୍ତିଙ୍କ ରକ୍ତଚାପ ବହୁତ ବଢ଼ି ଯାଇଥିଲା। ଏହା ସତ୍ତ୍ୱେ ସେ ସାହସର ସହ ରେସ୍ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ ବୋଲି ସ୍ୱସ୍ତିଙ୍କ କୋଚ୍ ସୁଶୀଲ କୁମାର ଦାସ ପ୍ରକାଶ କରିଛନ୍ତି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ କ୍ୟାଡେଟ ସ୍ୱସ୍ତିଙ୍କର ସାଇକେଲ ଚାଳନା ବେଗ ଘଣ୍ଟାପ୍ରତି ୨୯.୮୯ କିମି ଥିଲା। ସ୍ୱସ୍ତି ଚଳିତ ମାସରେ ହାଇଦ୍ରାବାଦରେ ହେବାକୁଥିବା ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଭାଗନେବେ। ଏହା ବ୍ୟତୀତ ନଭେମ୍ବରରେ ହେବାକୁଥିବା ଖେଲୋ ଇଣ୍ଡିଆ ଜାତୀୟ କ୍ରୀଡ଼ାରେ ମଧ୍ୟ ସେ ଅଂଶଗ୍ରହଣ କରିବେ।

ଉମା ଦେବୀ ଓ ଅମର ସିଂଙ୍କ କନ୍ୟା ସ୍ୱସ୍ତି ସୁଶୀଲ କୁମାର ଦାସଙ୍କଠାରୁ କୋଚିଂ ନେଇ କ୍ୟାରିୟର ଆଗକୁ ବଢ଼ାଇଛନ୍ତି। ୨୦୧୫ରେ ସାଇକ୍ଲିଂ କ୍ୟାରିୟର ଆରମ୍ଭ କରିଥିବା ଏହି ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ଇତିମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବେଶ୍ କିଛି ସଫଳତା ମଧ୍ୟ ଅର୍ଜନ କରିସାରିଛନ୍ତି। ୨୦୨୦ ଜାନୁୟାରୀରେ ଗୁଆହାଟୀରେ ଅନୁଷ୍ଠିତ ୩ୟ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା କାଟେଗୋରିରେ ସେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ପାଇଥିଲେ। ଏହାପୂର୍ବରୁ ୨୦୧୮ରେ ହରିୟାଣାରେ ଅନୁଷ୍ଠିତ ୨୩ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୧୫ କିମି ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ଏସିଆନ୍ କପ୍ ଟ୍ରାକ୍ ସାଇକ୍ଲିଂର ଜୁନିୟର ମହିଳା ୨ କିମି ବ୍ୟକ୍ତିଗତ ପର୍ଶୁ୍ୟଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଅନ୍ତର୍ଜାତୀୟ କ୍ୟାରିୟରକୁ ଋଦ୍ଧିମନ୍ତ କରିଥିଲେ ସ୍ୱସ୍ତି। ୨୦୧୯ରେ ନୂଆଦିଲ୍ଲୀରେ ଆୟୋଜିତ ଏସିଆ କପ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିମି ବ୍ୟକ୍ତିଗତ ପର୍ଶୁ୍ୟଟ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଅବସରରେ ସେ ୨:୩୫.୧୬୧ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ୨୦୧୯ରେ ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ୧୩ତମ ଦକ୍ଷିଣ ଏସୀୟ କ୍ରୀଡ଼ାର ମହିଳା ବ୍ୟକ୍ତିଗତ ରୋଡ୍‌ରେସ୍ ଇଭେଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଜୁନିୟର ସ୍ତରରୁ ପ୍ରଦର୍ଶନର ଛାପ ଛାଡ଼ି ସ୍ୱସ୍ତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି।


ପୋଡିୟମରେ ସ୍ୱର୍ଣ୍ଣପଦକ ଗ୍ରହଣ ଅବସରରେ ସ୍ୱସ୍ତି ସିଂ (ମଝି)।


ସ୍ୱସ୍ତି ସିଂ

# ଲର୍ଡ୍ସ ନୁହେଁ, ସାଉଥାମ୍ପଟନ

ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ

**ନୂଆଦିଲ୍ଲୀ,୮।୩ (ପି.ଟି.):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସାଉଥାମ୍ପଟନର ଏଜାସ୍ ବାଓଲ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସୋମବାର ସ୍ପଷ୍ଟ କରିଛନ୍ତି। ଫାଇନାଲ ମ୍ୟାଚ ପ୍ରକୃତରେ ଲର୍ଡ୍ସଠାରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସାଉଥାମ୍ପଟନରେ ଷ୍ଟାଡିୟମ ଭିତରେ ୫ତାରକା ହୋଟେଲର ସମସ୍ତ ସୁବିଧା ଉପଲବ୍ଧ। ତେଣୁ ଦୁଇଟି ଦଳ ପାଇଁ ବାୟୋ-ବବଲ ପ୍ରସ୍ତୁତ କରିବା ପାଇଁ ଉଭୟ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଇସିସି ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷେ ସହଜ ହେବ। ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୩-୧ରେ ଜିତିବା ପରେ ଭାରତ ଫାଇନାଲରେ ପ୍ରବେଶ କରିଛି। ବାଇପାସ୍ ସର୍ଜରି ପରେ ବିସିସିଆଇ ସଭାପତି ଏବେ ମେଡିକାଲ ବ୍ରେକ୍‌ରେ ଅଛନ୍ତି। ଫାଇନାଲ ମ୍ୟାଚ ଦେଖିବା ଲାଗି ସେ ୟୁନାଇଟେଡ୍ କିଂଡମ୍ (ୟୁକେ) ଯାଇପାରନ୍ତି ବୋଲି ଆଶା କରାଯାଉଛି। ସାଉଥାମ୍ପଟନ ଏକ ସ୍ଲୋ ଟ୍ରାକ୍ ହୋଇଥିବାରୁ ସ୍ପିନରମାନଙ୍କ ଭୂମିକା ରହିବ। ନ୍ୟୁଜିଲାଣ୍ଡକୁ ହରାଇ ଆମେ ଚାମ୍ପିୟନ ହୋଇପାରିବା ବୋଲି ଗାଙ୍ଗୁଲି ଆଶା ପ୍ରକାଶ କରି କହିଛନ୍ତି। ଅବଶ୍ୟ ଫାଇନାଲ ପୂର୍ବରୁ ନ୍ୟୁଜିଲାଣ୍ଡ ଇଂଲଣ୍ଡରେ ପହଞ୍ଚି ସାରିଥିବ। ସେଠାରେ ଘରୋଇ ଦଳ ସହ ଦୁଇଟି ଟେଷ୍ଟ ମ୍ୟାଚ ଖେଳି ସାରିଥିବ। ବିଦେଶରେ ଅଷ୍ଟ୍ରେଲିଆ ଏବଂ ସ୍ୱଦେଶରେ ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଗାଙ୍ଗୁଲି ଭାରତୀୟ ଦଳର ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି। ରିଷଭ ପନ୍ତଙ୍କୁ ଜଣେ ମ୍ୟାଚ ବିଜୟୀ ଖେଳାଳି ମାନ୍ୟତା ପ୍ରଦାନ କରିଛନ୍ତି। ବୀରେନ୍ଦ୍ର ସେହ୍ୱାଗ, ୟୁବରାଜ ସିଂ ଓ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଏକାକୀ ମ୍ୟାଚ ଜିତାଇବାର ସାମର୍ଥ୍ୟ ଏହି ଖେଳାଳିଙ୍କ ନିକଟରେ ରହିଛି। ପନ୍ତ ମୋଟେରାଠାରେ ଚାପରେ ଥାଇ ଶତକ ହାସଲ କରିଥିଲେ। ଏହା ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା।






# ବଜରଙ୍ଗଙ୍କୁ ସ୍ୱର୍ଣ୍ଣ ସହ ନମ୍ବର ୱାନ୍ ର୍ୟାଙ୍କିଙ୍ଗ୍


ଭାରତୀୟ ରେସ୍‌ଲର ବଜରଙ୍ଗ ପୁନିଆ।

ରୋମ୍, ୮।୩ (ପି.ଟି.)

ଆସନ୍ତା ଅଲିମ୍ପିକ୍ସରେ ଭାଗ ନେବାକୁଥିବା ଭାରତୀୟ ରେସ୍‌ଲର ବଜରଙ୍ଗ ପୁନିଆ ଏଠାରେ ଚାଲିଥିବା ମାଟେଓ ପେଲିକୋନ୍ ର୍ୟାଙ୍କିଙ୍ଗ ସିରିଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ସହ ତାଙ୍କ ଟାଇଟଲ ବଜାୟ ରଖିଛନ୍ତି। ୬୫ କେଜି ଶ୍ରେଣୀ ଫାଇନାଲରେ ସେ ମଙ୍ଗୋଲିଆର ତୁଲ୍‌ଗା ତୁମୁର ଓଚିରଙ୍କୁ ହରାଇ ଦେଇଛନ୍ତି। ତାଙ୍କର ଏହି ପ୍ରଦର୍ଶନ ପାଇଁ ସେ ବିଶ୍ୱର ର୍ୟାଙ୍କିଙ୍ଗର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। କରୋନା ମହାମାରୀ ଯୋଗୁ ୧ବର୍ଷ ବ୍ରେକ୍ ପରେ ପ୍ରତିଯୋଗିତାକୁ ଫେରିଥିବା ୨୭ ବର୍ଷୀୟ ବଜରଙ୍ଗଙ୍କ ଲେଗ୍ ଡିଫେନ୍ସରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏକ୍ଷେତ୍ରରେ ତାଙ୍କୁ ଆହୁରି ଉନ୍ନତି ଆଣିବାକୁ ପଡ଼ିବ ବୋଲି ଟୋକିଓ ଗେମ୍ସରେ ଏକ ପଦକ ଲକ୍ଷ୍ୟରେ ଥିବା ଭାରତୀୟ ରେସ୍‌ଲର କହିଛନ୍ତି। ୬୫ କେଜି କାଟେଗୋରିରେ ପ୍ରତିଯୋଗିତା ଜୋର୍‌ଦାର ହୋଇଥାଏ। ମଙ୍ଗୋଲିଆର ଓଚିର ମଧ୍ୟ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବଜରଙ୍ଗ ବର୍ତ୍ତମାନ ଜାତୀୟ କ୍ୟାମ୍ପକୁ ଫେରିବେ। କିନ୍ତୁ ଏପ୍ରିଲ ୯ରୁ ୧୧ ପର୍ଯ୍ୟନ୍ତ କାଜାଖସ୍ତାନରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପୂର୍ବରୁ ସେ ବିଦେଶରେ ଟ୍ରେନିଂ ନେବାକୁ ଚାହାନ୍ତି। ଇଭେଣ୍ଟରେ ଭାଗ ନେବା ପୂର୍ବରୁ ବଜରଙ୍ଗ ର୍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ମାତ୍ର ବର୍ତ୍ତମାନ ୧୪ ପଏଣ୍ଟ ସହ ସେ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛନ୍ତି।

# ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ମ୍ୟାଚ ଖେଳିବ ଭାରତୀୟ ମହିଳା ଦଳ

**ମୁମ୍ବାଇ, ୮।୩ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ଇଂଲଣ୍ଡ ବିପକ୍ଷରେ ଭାରତ ଏକ ମାତ୍ର ଟେଷ୍ଟ ମ୍ୟାଚ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ସୋମବାର ଏହା ଘୋଷଣା କରିଛନ୍ତି। ଏହାପୂର୍ବରୁ ୨୦୧୪ ଡିସେମ୍ବରରେ ମହୀଶୂରରେ ମିଥାଲି ରାଜ ଏବଂ ତାଙ୍କ ଦଳ ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ ଖେଳିଥିଲେ। ୬ ବର୍ଷ ବ୍ୟବଧାନରେ ଆଉ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଯାଉଛି। କୋଭିଡ୍ ଯୋଗୁ ୧୨ ମାସ ବ୍ରେକ୍ ପରେ 'ଓମେନ୍ ଇନ୍ ବ୍ଲୁ' ବର୍ତ୍ତମାନ ଲକ୍ଷ୍ନୌରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳୁଛି। ଏହାପରେ ଟି୨୦ ସିରିଜ ଖେଳାଯିବ।

# କୋଭିଡ୍ ପାଇଁ ପିସିବି କାର୍ଯ୍ୟାଳୟ ଶଟ୍ ଡାଉନ୍

**କରାଚୀ, ୮।୩ (ପି.ଟି.):** ଜଣେ ସିନିୟର ଅଫିସିଆଲ କୋଭିଡ୍ ପଜିଟିଭ ଜଣାପଡ଼ିବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଲାହୋରସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟକୁ ଶଟ୍‌ଡାଉନ୍ କରିଛି। କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟକରିବାକୁ ନିର୍ଦ୍ଦେଶ ହୋଇଛି। ୬ଜଣ କ୍ରିକେଟର ଏବଂ ଜଣେ ସପୋର୍ଟ ଷ୍ଟାଫ୍ କରୋନା ପଜିଟିଭ୍ ଜଣାପଡ଼ିବା ପରେ ପିସିବି କିଛିଦିନ ପୂର୍ବେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)କୁ ଅଧାରୁ ସ୍ଥଗିତ ରଖିବାକୁ ବାଧ ହୋଇଛି। ଏଥିପାଇଁ ବୋର୍ଡକୁ ସମାଲୋଚିତ ହେବାକୁ ପଡ଼ିଛି। ଷ୍ଟାଡିୟମ ଓ ହୋଟେଲରେ ବାୟୋ-ବବଲ ପରାଚାଳନାରେ କୌଣସି ତ୍ରୁଟି ଯୋଗୁ ଏହି ପରିସ୍ଥିତି ଉପୁଜିଥିବା କୁହାଯାଉଛି। ଏଣେ ପିସିବି ଚେୟାରମ୍ୟାନ ଏହେସାନ ମନି ତ୍ରୁଟି ଖୋଜି ବାହାର କରିବା ଲାଗି ଏକ ସ୍ୱାଧୀନ କମିଟି ଗଠନ କରିଛନ୍ତି। ଏହି ମାମଲାରେ ପିସିବି ମେଡିକାଲ ଓ ସ୍ପୋର୍ଟ୍ସ ସାଇନ୍ସ ଡିପାର୍ଟମେଣ୍ଟ ମୁଖ୍ୟ ଡକ୍ଟର ସୋହେଲେ ସଲିମ ତାଙ୍କ ଇସ୍ତଫାପତ୍ର ଚେୟାରମ୍ୟାନଙ୍କ ନିକଟକୁ ପଠାଇ ଦେଇଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ